# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଡିସେମ୍ବର ୩୦/୨୦୨୦ (୧୬ ପୃଷ୍ଠା) | Bhubaneswar, Wednesday, December 30/2020 | ★★★★★★

୪୭ଶ ଭାଗ ୩୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## ଟିମ୍ ସୌଦିଙ୍କୁ ୩୦୦ ଟେଷ୍ଟ ଉଇକେଟ

ପାକିସ୍ତାନ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ନ୍ୟୁଜିଲାଣ୍ଡ ବୋଲର ଟିମ୍ ସୌଦି ୩୦୦ ଉଇକେଟ ସଫଳତା ହାସଲ କରିଛନ୍ତି।

୧୫

୧୪

## ବେଳାଭୂମିରେ ତାରା

ବଲିଉଡ୍ ଅଭିନେତ୍ରୀ ହ୍ୱାଇଟ୍ ବିକିନିରେ ସମୁଦ୍ର କୂଳରେ ବୁଲୁଥିବାର ନଜର ଆସିଛନ୍ତି। ଏହି ଫଟୋ ଏବେ ଇନ୍ଷ୍ଟାରେ ଭାଇରାଲ ହେବାରେ ଲାଗିଛି।






# ନୂଆ ଷ୍ଟ୍ରେନ୍: ଭାରତରେ ୮

## ନୂଆ ଷ୍ଟ୍ରେନ୍ ବିରୋଧରେ କାମ ଦେବ କୋଭିଡ୍ ଟିକା

**ନୂଆଦିଲ୍ଲୀ, ୨୯।୧୨**

୮ ବ୍ରିଟେନ ଫେରନ୍ତା ସଂକ୍ରମିତଙ୍କଠାରେ କରୋନାର ନୂଆ ଷ୍ଟ୍ରେନ୍ ଚିହ୍ନଟ ହୋଇଛି। ବେଙ୍ଗାଲୁରୁସ୍ଥିତ ନ୍ୟାଶନାଲ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଣ୍ଟାଲ ହେଲ୍ଥ ଆଣ୍ଡ ନ୍ୟୁରୋସାଇନ୍ସ, ହାଇଦ୍ରାବାଦର ସେଣ୍ଟର ଫର୍ ସେଲୁଲାର ଆଣ୍ଡ ମଲିକ୍ୟୁଲାର ବାୟୋଲୋଜି ଏବଂ ପୁଣେର ନ୍ୟାଶନାଲ ଇନ୍ଷ୍ଟିଚ୍ୟୁଟ ଅଫ୍ ଭାଇରୋଲୋଜିରେ ନମୁନା ପରୀକ୍ଷା ବେଳେ ବ୍ରିଟେନର ନୂଆ ଷ୍ଟ୍ରେନ୍ ଜଣାପଡିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେମାନଙ୍କୁ ନିର୍ଦ୍ଦିଷ୍ଟ ସ୍ୱାସ୍ଥ୍ୟସେବା କେନ୍ଦ୍ରର ସିଙ୍ଗଲ୍ ରୁମ୍ ଆଇସୋଲେଶନରେ ଓ ସେମାନଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କୁ କ୍ୱାରାଣ୍ଟାଇନରେ ରଖାଯାଇଛି। ଉକ୍ତ ଯାତ୍ରୀଙ୍କ ସହ ଅନ୍ୟ କେଉଁମାନେ ଆସିଥିଲେ ଓ ସେମାନେ କାହା ସଂସ୍ପର୍ଶରେ ଆସିଛନ୍ତି, ଖୋଜି ବାହାର କରିବା ଲାଗି ଉଦ୍ୟମ ଜାରି ରହିଛି। ଯାଞ୍ଚ, କଣ୍ଟେନ୍‌ମେଣ୍ଟ, ପରୀକ୍ଷା ବଢ଼ାଇବା ପାଇଁ ରାଜ୍ୟଗୁଡ଼ିକୁ ପରାମର୍ଶ ଦିଆଯାଇଛି। ସେହିପରି ନମୁନା ଭାରତୀୟ ସାର୍ସ-ସିଓଭି-୨ ଜିନୋମିକ୍ କନ୍‌ସୋର୍ଟିୟମ୍‌କୁ ପଠାଇବା ଲାଗି କୁହାଯାଇଛି।

ଅନ୍ୟପକ୍ଷରେ ବ୍ରିଟେନ୍ ଓ ଦକ୍ଷିଣ ଆଫ୍ରିକାରେ ଦେଖାଦେଇଥିବା କରୋନା ଭୂତାଣୁର ନୂଆ ଷ୍ଟ୍ରେନ୍ ବିରୋଧରେ ଭାରତ ଓ ଅନ୍ୟ ଦେଶରେ ପ୍ରସ୍ତୁତ କୋଭିଡ୍‌ଟିକା କାମ ଦେବ ବୋଲି ସରକାରଙ୍କ ପ୍ରମୁଖ ବୈଜ୍ଞାନିକ ଉପଦେଷ୍ଟା (ପିଏସ୍ଏ) ପ୍ରଫେସର କୃଷ୍ଣସ୍ୱାମୀ ବିଜୟ ରାଘବନ କହିଛନ୍ତି। ଭୂତାଣୁର ନୂଆ ଭାରିଆଣ୍ଟ ବିରୋଧରେ ସୁରକ୍ଷା ଦେବାରେ କୋଭିଡ୍ ଟିକା ବିଫଳ ହୋଇଥିବାର କୌଣସି ପ୍ରମାଣ ନାହିଁ ବୋଲି ସେ ଗଣମାଧ୍ୟମକୁ କହିଛନ୍ତି।

ବର୍ତ୍ତମାନ ସୁଦ୍ଧା ୮ ବ୍ରିଟେନ୍ ଫେରନ୍ତାଙ୍କଠାରେ ଭୂତାଣୁର ନୂଆ ରୂପ ଚିହ୍ନଟ ହେଲାଣି। ତେବେ ଟିକାକୁ ନେଇ ଚିନ୍ତା କରିବାର କାରଣ ନାହିଁ ବୋଲି ସରକାର କହିଛନ୍ତି। ବ୍ରିଟେନରେ ନୂଆ ଭାରିଆଣ୍ଟ ଚିହ୍ନଟ ପୂର୍ବରୁ ଲାବରେଟୋରିରେ ପାଖାପାଖି ୫ ହଜାର ଜିନୋମ ସିକ୍ୱେନ୍ସ କରାଯାଇଥିଲା। ଏବେ ଏହାର ସଂଖ୍ୟାକୁ ଆହୁରି ବଢ଼ାଇବା ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବୁ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ କହିଛନ୍ତି।

ପ୍ରଥମ ପର୍ଯ୍ୟାୟରେ ଭାରତ ସରକାର ୩୦ କୋଟି ଲୋକଙ୍କୁ କୋଭିଡ୍ ଟିକା ଦେବା ଲାଗି ଜୋର୍‌ଦାର ପ୍ରସ୍ତୁତି ଚଳାଇଥିବା ବେଳେ ୪ଟି ରାଜ୍ୟରେ ଡ୍ରାଏ ରନ୍ କରାଯାଇଛି। ବିଶାଳ ଜନସଂଖ୍ୟା ବିଶିଷ୍ଟ ଦେଶରେ ☞ପୃଷ୍ଠା-୪



## 'ବ୍ରିଟେନ ଫେରନ୍ତା ନିଜ ତଥ୍ୟ ଦିଅନ୍ତୁ'

### ତୀବ୍ର ସଂକ୍ରମଣ ଆଶଙ୍କା

**ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)**

ବ୍ରିଟେନ୍ ଫେରନ୍ତାଙ୍କୁ ନେଇ ଚିନ୍ତା ବଢ଼ୁଛି। ପତ୍ତା ମିଳୁ ନ ଥିବା ବ୍ରିଟେନ ଫେରନ୍ତାଙ୍କୁ ନିଜ ନିଜର ତଥ୍ୟ ଦେବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିବେଦନ କରାଯାଇଛି। ନିଜ ଆଡୁ ସରକାରଙ୍କ ପାଖରେ ତଥ୍ୟ ରଖିବାକୁ ଜନସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର ଅନୁରୋଧ କରିଛନ୍ତି। ସେ କହିଛନ୍ତି ଯେ, ବ୍ରିଟେନରୁ ଫେରିଥିବା ୧୮୧ ଜଣ ଯାତ୍ରୀଙ୍କ ମଧ୍ୟରୁ ୧୧୯ ଜଣଙ୍କ ପତ୍ତା ମିଳିଥିବା ବେଳେ ସେମାନଙ୍କ ମଧ୍ୟରୁ ୬ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। କିନ୍ତୁ ବାକି ୬୨ଜଣ ଭୁଲ୍ ନମ୍ବର ଓ ଠିକଣା ଦେଇଥିବାରୁ ସେମାନଙ୍କ ସମ୍ପର୍କରେ ସୂଚନା ମିଳିନାହିଁ। ତେବେ ନୂଆ ଷ୍ଟ୍ରେନ୍‌କୁ ନେଇ ଭୟ କରିବାର କୌଣସି କାରଣ ନାହିଁ। ବ୍ରିଟେନ୍‌ରେ ଦେଖାଦେଇଥିବା ନୂଆ କରୋନା ଆକ୍ରାନ୍ତ କେସ୍ ଦ୍ୱାରା କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ହୋଇନାହିଁ। ତେଣୁ ଏଥିରେ ବିଚଳିତ ନ ହୋଇ ଏହାର ମୁକାବିଲା କରିବାକୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି। ଯଦି ବି ସେମାନଙ୍କ ମଧ୍ୟରୁ କିଏ ପଜିଟିଭ୍ ଚିହ୍ନଟ ହେବେ, ସେମାନଙ୍କର ଜେନମ୍ ସିକ୍ୱେନ୍ସିଂ ଦେଖିବୁ ଏବଂ ଆକାଡେମିକ୍ ରିସର୍ଚ୍ଚ କରିବୁ ବୋଲି ମିଶ୍ର କହିଛନ୍ତି।

ଅନ୍ୟପକ୍ଷରେ ଭାରତରେ ନୂଆ କରୋନା ଷ୍ଟ୍ରେନକୁ ☞ପୃଷ୍ଠା-୪

## ରାଜନୀତି କରିବେନି ରଜନୀକାନ୍ତ



**ନୂଆଦିଲ୍ଲୀ, ୨୯।୧୨**

ନୂଆ ଦଳ ଗଢ଼ିବେ ବୋଲି କିଛିଦିନ ପୂର୍ବରୁ ଘୋଷଣା କରିଥିବା ସୁପରଷ୍ଟାର ରଜନୀକାନ୍ତ ଶେଷରେ ରାଜନୀତିକୁ ନା କହିଛନ୍ତି। ସ୍ୱାସ୍ଥ୍ୟଗତ କାରଣରୁ ସେ ରାଜନୀତିରେ ଯୋଗ ନ ଦେବାକୁ ମଙ୍ଗଳବାର ନିଷ୍ପତ୍ତି ନେଇଛନ୍ତି। ରକ୍ତଚାପରେ ଅନିୟମିତତା ଦେଖାଦେବାରୁ ରଜନୀକାନ୍ତ ହାଇଦ୍ରାବାଦର ଆପୋଲୋ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ନିର୍ବାଚନୀ ରାଜନୀତିରେ ପ୍ରବେଶ ନ କରି ଲୋକଙ୍କ ☞ପୃଷ୍ଠା-୪

## କୋରାପୁଟରେ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ

**କୋରାପୁଟ/ଜୟପୁର,୨୯।୧୨(ସ୍ୱ.ପ୍ର./ଡି.ଏନ୍.ଏ.)**

କୋରାପୁଟ ନିକଟ ମାଳିଗୁଡା ଓ ଜରଟି ରେଳଷ୍ଟେଶନ ମଧ୍ୟରେ ଥିବା ଟନେଲରେ ମଙ୍ଗଳବାର ଭୋରରୁ ଏକ ଲୁହାପଥର ବୋଝେଇ ମାଲବାହୀ ଟ୍ରେନ ଲାଇନଚ୍ୟୁତ ହୋଇଛି। ଫଳରେ ଏହି ରୁଟ୍‌ରେ ସମସ୍ତ ଟ୍ରେନ ଚଳାଚଳ ପ୍ରଭାବିତ ହୋଇଛି । ଖବରରୁ ଜଣାପଡିଛି ଏକ ଲୁହାପଥର ବୋଝେଇ ମାଲବାହୀ ଟ୍ରେନ ଛତିଶଗଡର କିରନ୍ଦୁଲରୁ ବାହାରି ବିଶାଖାପାଟଣା ଯାଉଥିଲା। ମାଳିଗୁଡା ଓ ଜରାଠି ଷ୍ଟେଶନ ମଧ୍ୟରେ ☞ପୃଷ୍ଠା-୪



ଲାଇନଚ୍ୟୁତ ହୋଇପଡିଥିବା ମାଲବାହୀ ଟ୍ରେନ।


**ଆଜିର ସମ୍ପାଦକୀୟ**

**ନିଅଁ ନାହିଁ**


## ଅରୁଣ ବୋଥ୍ରାଙ୍କୁ ଏଡିଜିପି ପାହ୍ୟା

**ଭୁବନେଶ୍ୱର,୨୯।୧୨(ବ୍ୟୁରୋ)**



ଅରୁଣ ବୋଥ୍ରା

**ସଞ୍ଜୟ କୁମାର ସିଂ, ସୁନୀତା କାକରନ୍‌ଙ୍କୁ ମଧ୍ୟ ଏଡିଜିପି ପାହ୍ୟା**

**୫ ଜଣଙ୍କୁ ଆଇଜିପି ଭାବେ ପଦୋନ୍ନତି**

ବହୁଚର୍ଚ୍ଚିତ ନୟାଗଡ଼ ନାବାଳିକା ପରୀ ହତ୍ୟା ଘଟଣାର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍(ଏସ୍ଆଇଟି) ମୁଖ୍ୟ ଭାବେ ଯାଞ୍ଚ ଦାୟିତ୍ୱରେ ଥିବା ୧୯୯୬ ବ୍ୟାଚ୍ ଆଇପିଏସ୍ ଅଫିସର ଅରୁଣ ବୋଥ୍ରାଙ୍କୁ ରାଜ୍ୟ ସରକାର ଆଡିଶନାଲ ଡାଇରେକ୍ଟର ଜେନେରାଲ ଅଫ୍ ପୋଲିସ(ଏଡିଜିପି) ଭାବେ ପଦୋନ୍ନତି ଦେଇଛନ୍ତି। ଏଥିସହିତ ଅନ୍ୟ ୭ ଜଣ ଆଇପିଏସ୍ ଅଫିସରଙ୍କୁ ପଦୋନ୍ନତି ଦିଆଯାଇଛି। ମଙ୍ଗଳବାର ଏ ନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ୧୯୯୬ ବ୍ୟାଚ୍ ଆଇପିଏସ୍ ଅଫିସର ସଞ୍ଜୟ କୁମାର ସିଂ ଏବଂ ସୁନୀତା କାକରନ୍‌ଙ୍କୁ ଏଡିଜିପି ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ୨୦୦୩ ବ୍ୟାଚ୍ ଆଇପିଏସ୍ ଅଫିସର କବିତା ଜଲାନ, ☞ପୃଷ୍ଠା-୪

## ୩୧ରୁ ବଢ଼ିବ ଶୀତ

**ଭୁବନେଶ୍ୱର,୨୯।୧୨(ବ୍ୟୁରୋ)**

ରାଜ୍ୟରେ ଶୀତ କମିଯାଇଛି। ଗୋଟିଏ ଦୁଇଟି ସ୍ଥାନକୁ ବାଦ୍ ଦେଲେ ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲ୍‌ସିୟସ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୫.୫ ଡିଗ୍ରୀ ସେଲ୍‌ସିୟସ ଥିବାବେଳେ ଦାରିଙ୍ଗବାଡିରେ ୬.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ସେହିପରି ବାରିପଦାରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲ୍‌ସିୟସ ଥିବା ବେଳେ ସୁନ୍ଦରଗଡ଼ରେ ୧୦.୫, କୋରାପୁଟ ୧୦, ବୌଦ୍ଧ ୧୦.୫, ରାୟଗଡ଼ା ୧୦, ଝାରସୁଗୁଡ଼ା ୧୧.୨ ଏବଂ କେନ୍ଦୁଝରରେ ୧୧.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ ☞ପୃଷ୍ଠା-୪

# ଚାଷୀଙ୍କୁ ଲାଠିମାଡ଼



ପାଟନାରେ ଚାଷୀଙ୍କୁ ପୋଲିସ ଲାଠିମାଡ଼ କରୁଛି।

### କୃଷି ଆଇନ ପ୍ରତ୍ୟାହାର ଦାବିରେ ରାଜଭବନ ଯାଉଥିଲେ

**ପାଟନା, ୨୯।୧୨**

କେନ୍ଦ୍ରର ନୂଆ କୃଷି ଆଇନ ପ୍ରତିବାଦରେ ବିହାରର ହଜାର ହଜାର ଚାଷୀ ରାଜଭବନ ଅଭିମୁଖେ ଶୋଭାଯାତ୍ରାରେ ବାହାରିଥିବାବେଳେ ପୋଲିସ ସେମାନଙ୍କ ଉପରେ ଲାଠିଚାଳନା କରିବା ସହ ପାଣିମାଡ଼ କରିଛି। ଲାଠିମାଡ଼ରେ ଅନେକ ଚାଷୀ ଆହତ ହୋଇଛନ୍ତି। ଅଖିଳ ଭାରତୀୟ କିଷାନ ସଂଘର୍ଷ ସମନ୍ୱୟ ସମିତି ଓ ଅନ୍ୟ ବାମ ଦଳ ବ୍ୟାନରରେ ଚାଷୀମାନେ ମଙ୍ଗଳବାର ସକାଳୁ ବିହାର ରାଜଧାନୀ ପାଟନାରେ ଏକଜୁଟ୍ ହୋଇଥିଲେ। ସେମାନେ ୧୦ଟା ବେଳେ ଐତିହାସିକ ଗାନ୍ଧୀ ମଇଦାନର ୬ ନମ୍ବର ଗେଟ୍ ତାଲା ଓ ବ୍ୟାରିକେଡ୍ ଭାଙ୍ଗି ସେଠାରୁ ଜନଗହଳିପୂର୍ଣ୍ଣ ଡାକବଙ୍ଗଳା ଛକ ଦେଇ ରାଜଭବନ ଅଭିମୁଖେ ଶୋଭାଯାତ୍ରାରେ ବାହାରିଥିଲେ। ଅଧାବାଟରେ ପୋଲିସ ସେମାନଙ୍କୁ ଅଟକାଇବାରୁ ଧସ୍ତାଧସ୍ତି ହୋଇଥିଲା। ଆନ୍ଦୋଳନକାରୀ ଚାଷୀଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ପାଣିମାଡ଼ କରିବା ସହ ମୃଦୁ ଲାଠିଚାଳନା କରିଥିଲା ବୋଲି କହିଛି। ଲାଠିମାଡ଼ରେ କେତେଜଣ ଚାଷୀ ଆହତ ହୋଇଥିବାବେଳେ ଅନ୍ୟମାନେ ଏଣେତେଣେ ଧାଉଁଥିବା ଦେଖାଯାଇଥିଲା।

କେନ୍ଦ୍ର ସରକାର ବିବାଦୀୟ କୃଷି ଆଇନ ପ୍ରତ୍ୟାହାର କରିନେବା ପାଇଁ ଚାଷୀମାନେ ଦାବି କରିଥିଲେ। କୃଷି ଆଇନ ବିରୋଧରେ ଦେଶର ବିଭିନ୍ନ ସ୍ଥାନରେ ଚାଷୀ ଆନ୍ଦୋଳନ ଜାରି ରହିଛି।

# ଭାରତ ଜିତିଲା ମେଲବୋର୍ନ ଟେଷ୍ଟ

## ଅଷ୍ଟ୍ରେଲିଆକୁ ୮ ଉଇକେଟରେ ହରାଇଲା

- ସିରିଜ ୧-୧ ସ୍ଥିତିରେ
- ରାହାନେ ଜିତିଲେ ସର୍ବପ୍ରଥମ ମୁଲାଘ ମେଡାଲ

**ମେଲବୋର୍ନ, ୨୯।୧୨**

ବକ୍ସିଂ ଡେ' ଟେଷ୍ଟରେ ଅଷ୍ଟ୍ରେଲିଆ କ୍ରିକେଟ ଦଳକୁ ନକ୍‌ଆଉଟ କରିଛି ଟିମ୍ ଇଣ୍ଡିଆ। ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟରେ ଘରୋଇ ଦଳକୁ ୮ ଉଇକେଟରେ ହରାଇ ଭାରତ ପ୍ରଥମ ଟେଷ୍ଟ ପରାଜୟର ମଧୁର ପ୍ରତିଶୋଧ ନେଇଛି। ଆଡିଲେଡରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଭାରତକୁ ସମାନ ୮ ଉଇକେଟରେ ଅଷ୍ଟ୍ରେଲିଆ ହରାଇଥିଲା। ଏଥିସହ ସିରିଜ ୧-୧ ସ୍ଥିତିରେ ପହଞ୍ଚିଛି। ଏଠାରେ ୭୦ ରନର ବିଜୟ ଲକ୍ଷ୍ୟ କଷ୍ଟସାଧ୍ୟ ନ ଥିଲା। ମାତ୍ର ୧୦ ଦିନ ପୂର୍ବରୁ ଘଟିଥିବା ବିପର୍ଯ୍ୟୟ ମନକୁ ଆନ୍ଦୋଳିତ କରିଥିଲା।



ଅଜିଙ୍କ୍ୟ ରାହାନେ

ଆଡିଲେଡ ଟେଷ୍ଟର ଦ୍ୱିତୀୟ ଇନିଂସରେ ଭାରତ ଏହାର ଟେଷ୍ଟ ଇତିହାସରେ ସର୍ବନିମ୍ନ ୩୬ ରନରେ ଅଲ୍‌ଆଉଟ ହୋଇଥିଲା। ଅନ୍ୟପକ୍ଷରେ ଟାର୍ଗେଟ୍ ଛୋଟ ଥିଲେ ମଧ୍ୟ ଅଷ୍ଟ୍ରେଲିଆ ବୋଲରମାନେ ଉତ୍ସାହୀ ବୋଲିଂ କରିଥିଲେ। ଦୁଇ ଫାଷ୍ଟ ବୋଲର ମିଚେଲ ଷ୍ଟାର୍କ ଓ ପ୍ୟାଟ୍ କୁମିନ୍ସ ୧୯ ରନ ମଧ୍ୟରେ ୨ଟି ଉଇକେଟ ପକାଇ ଭାରତକୁ ଶକ୍ତ ଝଟ୍‌କା ମଧ୍ୟ ଦେଇଥିଲେ। ମାତ୍ର ଯୁବ ଓପନର ଶୁବମନ ଗିଲ୍ ଓ କାମଚଳା ଅଧିନାୟକ ଅଜିଙ୍କ୍ୟ ରାହାନେ ଧୈର୍ଯ୍ୟର ସହିତ କ୍ରିଜ୍‌ରେ ତିଷ୍ଠିରହି ଭାରତ ବିଜୟକୁ ସ୍ମରଣୀୟ କରିଥିଲେ। ଗିଲ୍ ୩୬ ବଲରୁ ୩୫(୭ ଚୌକା) ଓ ରାହାନେ ୪୦ ବଲରୁ ୨୭(୩ ଚୌକା) ରନରେ ଅପରାଜିତ ରହିଥିଲେ। ଅସମାପ୍ତ ୩ୟ ଉଇକେଟରେ ଦୁହେଁ ୪୯ ରନ ଯୋଗ କରିଥିଲେ। ପ୍ରଥମ ଇନିଂସରେ ୧୧୨ ରନର ଇନିଂସ ଖେଳିଥିବା ରାହାନେ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇ ସର୍ବପ୍ରଥମ ମୁଲାଘ ମେଡାଲ ହାସଲ କରିଥିଲେ। ଅଷ୍ଟ୍ରେଲିଆର ମୂଳ ☞ପୃଷ୍ଠା-୪



**ମିଳନ ମୁହୂର୍ତ୍ତ:** ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ମଙ୍ଗଳବାର ବାଘୁଣୀ ଓ ବାଘ। **(ଫଟୋ: ବିକାଶ ନାୟକ)**

## କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ କୁମାରଙ୍କୁ କରୋନା

ନୂଆଦିଲ୍ଲୀ: କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ କରୋନାରେ ସଂକ୍ରମିତ ହୋଇଛନ୍ତି। ଟେଷ୍ଟ ରିପୋର୍ଟ ପଜିଟିଭ ଆସିବା ପରେ ସେ ନିଜକୁ ଆଇସୋଲେଶନରେ ରଖିଥିବା ନେଇ ଟୁଇଟ୍ କରି ଜଣାଇଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ସେ କହିଛନ୍ତି।



## ସଂକ୍ଷେପରେ

### ମହିଳା ଅଧିକାର କର୍ମୀଙ୍କୁ ୬ ବର୍ଷ ଜେଲ

**ଦୁବାଇ, ୨୯।୧୨:** ଜଣେ ଜଣାଶୁଣା ମହିଳା ଅଧିକାର କର୍ମୀ ଲୁଜେନ ଲଲ୍-ହାଥଲୁଲଙ୍କୁ ୫ ବର୍ଷ ୮ ମାସ ଜେଲ ଦଣ୍ଡ ଶୁଣାଇଛନ୍ତି ସୌଦି ଆରବର ଏକ କୋର୍ଟ। ମାନବ ଅଧିକାର ପାଇଁ ଲଢୁଥିବା ଜଣେ ମହିଳାଙ୍କୁ ଏଭଳି ଦଣ୍ଡାଦେଶ ବିଭିନ୍ନ ଦେଶର ଦୃଷ୍ଟି ଆକର୍ଷଣ କରିଛି। ସୌଦି କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ଆମେରିକାର ନବ ନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ ସମାଲୋଚନା କରିଛନ୍ତି। ୩୧ ବର୍ଷୀୟା ହାଥଲୁଲଙ୍କୁ ୨୦୧୮ରେ ଗିରଫ କରାଯାଇଥିଲା। ସୌଦି ରାଜନୈତିକ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ଏବଂ ଜାତୀୟ ନିରାପତ୍ତାକୁ କ୍ଷତି ପହଞ୍ଚାଇବା ପାଇଁ ହାଥଲୁଲ ଉଦ୍ୟମ କରୁଥିଲେ ବୋଲି ଅଭିଯୋଗ ରହିଥିଲା।

### କର୍ଣ୍ଣାଟକ ଉପବାଚସ୍ପତିଙ୍କ ମୃତଦେହ ଜବତ



ଏସ୍. ଏଲ୍. ଧର୍ମେଗୌଡ଼ା

**ବେଙ୍ଗାଲୁରୁ, ୨୯।୧୨:** କର୍ଣ୍ଣାଟକ ବିଧାନ ପରିଷଦର ଉପବାଚସ୍ପତି ଏସ୍. ଏଲ୍. ଧର୍ମେଗୌଡ଼ା(୬୪)ଙ୍କ ମୃତଦେହ ମଙ୍ଗଳବାର ଚିକାମାଗାଲୁରୁର ଏକ ରେଳଧାରଣାରୁ ଜବତ କରାଯାଇଛି। ମୃତଦେହ ନିକଟରୁ ଏକ ସୁଇସାଇଡ ନୋଟ୍ ମିଳିଥିବାବେଳେ ପୋଲିସ ଏହାକୁ ଆତ୍ମହତ୍ୟା ବୋଲି କହିଛି। ତେବେ ଏହା ପଛର କାରଣ ଜଣାପଡିନାହିଁ। ଧର୍ମେଗୌଡ଼ା ସୋମବାର ରାତିରେ ଫାର୍ମ ହାଉସ୍‌ରୁ କାର୍ ଯୋଗେ ବାହାରିଥିଲେ ହେଁ ଘରକୁ ଯାଇ ନ ଥିଲେ। ଖୋଜାଖୋଜି ପରେ ତାଙ୍କ ମୃତଦେହ ରେଲୱେ ଟ୍ରାକ୍‌ରୁ ମିଳିଥିଲା। ମୁଖ୍ୟମନ୍ତ୍ରୀ ବି ଏସ୍ ୟେଦୁରପ୍ପା ଏହାକୁ ଦୁର୍ଭାଗ୍ୟଜନକ କହିବା ସହ ଘଟଣାରେ ଶୋକବ୍ୟକ୍ତ କରିଛନ୍ତି। ଧର୍ମେଗୌଡ଼ାଙ୍କ ଏପରି ମୃତ୍ୟୁ ଆଶ୍ଚର୍ଯ୍ୟ କରିଛି ବୋଲି ଜେଡିଏସ୍ ନେତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍ ଡି ଦେବେଗୌଡ଼ା କହିଛନ୍ତି। ସେ ଜଣେ ଭଦ୍ରବ୍ୟକ୍ତି ଥିଲେ ଏବଂ ତାଙ୍କ ମୃତ୍ୟୁ ସମଗ୍ର ରାଜ୍ୟ ପାଇଁ ବଡ଼ କ୍ଷତି ବୋଲି ଦେବେଗୌଡ଼ା ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି।

### ଚାଷୀଙ୍କୁ ମିଳିବ ମାଗଣା ୱାଇଫାଇ

**ନୂଆଦିଲ୍ଲୀ, ୨୯।୧୨:** କେନ୍ଦ୍ରର କୃଷି ଆଇନ ପ୍ରତିବାଦରେ ଦିଲ୍ଲୀ ସିଂଘୁ ସୀମାରେ ଆନ୍ଦୋଳନ ଚଳାଇଥିବା ଚାଷୀଙ୍କୁ ମିଳିବ ମାଗଣା ୱାଇଫାଇ। ଏହି ସୁବିଧା ଉପଲବ୍ଧ କରାଯିବ ବୋଲି କହିଛନ୍ତି ଆମ୍ ଆଦମୀ ପାର୍ଟି(ଏଏପି) ନେତା ରାଘବ ଚଢ଼ା। ସେ କହିଥିଲେ, ଦୀର୍ଘଦିନ ହେଲା ଘରୁ ବାହାରେ ଥିବା ଚାଷୀମାନେ ସେମାନଙ୍କ ପରିବାର ସହ ଯୋଗାଯୋଗ ରଖିବା ପାଇଁ ୱାଇଫାଇ ହଟ୍‌ସ୍ପଟର ଆବଶ୍ୟକତା ରହିଥିବାରୁ ମୁଖ୍ୟମନ୍ତ୍ରୀ କେଜରିୱାଲ ଏହି ନିଷ୍ପତ୍ତି ନେଇଛନ୍ତି।

# କ୍ଷମା ମାଗିଲେ ଅମିତାଭ



**ମୁମ୍ବାଇ, ୨୯।୧୨:** ସୋସିଆଲ ମିଡିଆରେ ସକ୍ରିୟ ରହୁଥିବା ବଲିଉଡ୍ ବିଗ୍ ବି ଅମିତାଭ ବଚ୍ଚନ ଟୁଇଟରରେ କ୍ଷମା ପ୍ରାର୍ଥନା କରିଛନ୍ତି। ସେ ଏକ କବିତା ପୋଷ୍ଟ କରିବା ପରେ କବିଙ୍କୁ କ୍ରେଡିଟ ନ ଦେବାରୁ ତାଙ୍କୁ ଭୁଲ୍ ମାଗିବାକୁ ପଡିଛି। ଅମିତାଭ ହାତରେ ଚା' କପ୍ ଧରିଥିବାର ଫଟୋ ସହ ଏକ କବିତା ଲେଖି ଟୁଇଟରେ ଶେୟାର କରିଥିଲେ। ପରେ ତିଶା ଅଗ୍ରୱାଲ ନାମ୍ନୀ ଜଣେ ମହିଳା ସେହି କବିତା ଲେଖିଥିବା ଦାବି କରିଥିଲେ। ଏପରିକି ଅମିତାଭ ବଚ୍ଚନ ସେଥିରେ ତିଶାଙ୍କୁ କ୍ରେଡିଟ୍ ଦେବାକୁ ମଧ୍ୟ ଟୁଇଟ୍ କରି କହିଥିଲେ। ବିଗ୍ ବି ଏହାର ଉତ୍ତରରେ ତିଶାଙ୍କୁ କ୍ଷମା ମାଗିଥିଲେ। କବିତାଟି ମୂଳ ରୂପରେ ତିଶାଙ୍କର ବୋଲି ସେ ଜାଣି ନ ଥିବା ବଚ୍ଚନ କହିଥିଲେ। ତାଙ୍କ ନିକଟକୁ କେହି ହ୍ୱାଟ୍ସ ଆପ୍‌ରେ ତାହାକୁ ପଠାଇଥିଲେ। ଏହା ପସନ୍ଦ ଆସିବାରୁ ଅମିତାଭ ତାହାକୁ ଟୁଇଟରରେ ପୋଷ୍ଟ କରିଥିଲେ ବୋଲି କହିଥିଲେ। ଏଥିସହ ଶେଷରେ ତିଶା ଅଗ୍ରୱାଲଙ୍କୁ କ୍ରେଡିଟ୍ ମଧ୍ୟ ଦେଇଥିଲେ।

# ଗୋପାଳକରୁ ଜଜ୍ ସୋନଲ ଶର୍ମା



**ଉଦୟପୁର, ୨୯।୧୨:** ଜଣେ ଗୋପାଳକରୁ ରାଜସ୍ଥାନ ନ୍ୟାୟିକ ସେବା(ଆର୍‌ଜେଏସ୍) ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି ଉଦୟପୁରର ସୋନଲ ଶର୍ମା। ୨୦୧୮ରେ ଦ୍ୱିତୀୟ ଥର ପରୀକ୍ଷା ଦେବା ପରେ ସେ ଏଥିରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏକ ଗରିବ ପରିବାରରେ ଜନ୍ମ ଜଣେ ଗୋପାଳକଙ୍କ ଝିଅର ଏଭଳି ସଫଳତା ନେଇ ଚାରିଆଡୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ୨୬ ବର୍ଷୀୟା ସୋନଲଙ୍କ ବାପା ଜଣେ ଗୋପାଳକ ହୋଇଥିବାବେଳେ ସୋନଲ ମଧ୍ୟ ଗୋରୁଙ୍କ ଯତ୍ନ ନିଅନ୍ତି। ଏପରିକି ଅନେକ ସମୟରେ ସେ ଗୁହାଳରେ କାମ କରିବା ସମୟରେ ସେଠାରେ ହିଁ ପାଠ ପଢ଼ନ୍ତି ବୋଲି ତାଙ୍କ ବାପା କହିଛନ୍ତି। ଆର୍ଥିକ ଅସୁବିଧା ସତ୍ତ୍ୱେ ସେ ବିଏ, ଏଲ୍‌ଏଲ୍‌ବି, ଏଲ୍‌ଏଲ୍‌ଏମ୍ ଡିଗ୍ରୀ ହାସଲ କରିଛନ୍ତି। ଗତ ବର୍ଷ ପରୀକ୍ଷା ଫଳ ପ୍ରକାଶିତ ହୋଇଥିଲେ ହେଁ କିଛି ନମ୍ବର କମ୍ ଥିବାରୁ ତାଙ୍କୁ ୱେଟିଂ ଲିଷ୍ଟରେ ରଖାଯାଇଥିଲା। ରାଜସ୍ଥାନର ଏକ ସେସନ୍ସ କୋର୍ଟରେ ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ୍ ଦାୟିତ୍ୱ ତାଙ୍କୁ ମିଳିବ ବୋଲି ରିପୋର୍ଟରୁ ଜଣାପଡିଛି।

# ସଂକ୍ରମିତଙ୍କ ହେବ ଜିନୋମ୍ ସିକ୍ୱେନ୍ସିଂ

ନୂଆଦିଲ୍ଲୀ, ୨୯।୧୨



ଡିସେମ୍ବର ୯ରୁ ୨୨ ମଧ୍ୟରେ ଭାରତ ଫେରିଥିବା ସମସ୍ତ ଅନ୍ତର୍ଜାତୀୟ ଯାତ୍ରୀ, ଯେଉଁମାନଙ୍କଠାରେ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛି ସେମାନଙ୍କର ଜିନୋମ୍ ସିକ୍ୱେନ୍ସିଂ କରାଯିବ। ନିକଟରେ ବ୍ରିଟେନରେ କରୋନା ଭୂତାଣୁର ନୂଆ ରୂପ ଦ୍ରୁତ ସଂକ୍ରମିତ ହେଉଥିବାରୁ ଏଭଳି ଷ୍ଟ୍ରେନ୍ ଚିହ୍ନଟ କରିବା ଲାଗି କେନ୍ଦ୍ର ସରକାର ସମସ୍ତ ବିଦେଶ ଫେରନ୍ତା ପଜିଟିଭ୍‌ଙ୍କ ଜିନୋମ୍ ସିକ୍ୱେନ୍ସିଂ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ଏହା ବ୍ୟତୀତ ରାଜ୍ୟ ଓ ଜିଲା ପର୍ଯ୍ୟବେକ୍ଷଣ ଅଧିକାରୀମାନେ ଆଇସିଏମ୍‌ଆର୍ ଗାଇଡ୍‌ଲାଇନ ଅନୁଯାୟୀ ଅନ୍ୟ ଯାତ୍ରୀମାନଙ୍କ ପରୀକ୍ଷା କରାଇବେ। ଏପରିକି ଫେରିବାର ୫ମରୁ ଦଶମ ଦିନ ମଧ୍ୟରେ ଯାତ୍ରୀଙ୍କଠାରେ କୌଣସି ଲକ୍ଷଣ ନ ଥିଲେ ମଧ୍ୟ ସେମାନଙ୍କ ପରୀକ୍ଷା କରିବାକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବ୍ରିଟେନରେ ଦେଖାଦେଇଥିବା କରୋନା ଭୂତାଣୁର ନୂଆ ରୂପ ବର୍ତ୍ତମାନ ସୁଦ୍ଧା ଡେନ୍‌ମାର୍କ, ନେଦରଲାଣ୍ଡସ୍, ଅଷ୍ଟ୍ରେଲିଆ, ଇଟାଲୀ, ସ୍ୱିଡେନ, ଫ୍ରାନ୍ସ, ସ୍ପେନ୍, ସୁଇଜରଲାଣ୍ଡ, ଜର୍ମାନୀ, କାନାଡ଼ା, ଜାପାନ, ଲେବାନନ୍ ଓ ସିଙ୍ଗାପୁରକୁ ବ୍ୟାପିସାରିଲାଣି। ସେଥିପାଇଁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଭାରତୀୟ ସାର୍ସ-ସିଓଭି-୨ ଜିନୋମିକ୍ସ କନ୍‌ସର୍ଟିୟମ(ଆଇଏନ୍‌ଏସ୍‌ଏସିଓଜି) ସ୍ଥାପନ କରିଛନ୍ତି। ୧୦ଟି ଲାବରେଟୋରିରେ ଜିନୋମ୍ ସିକ୍ୱେନ୍ସିଂ ବ୍ୟବସ୍ଥା କରାଯାଇଛି।

- ବିଦେଶ ଫେରନ୍ତାଙ୍କୁ ନେଇ ଚିନ୍ତା
- ବ୍ରିଟେନ୍‌କୁ ବିମାନ ଚଳାଚଳ ବନ୍ଦ ସମୟସୀମା ବଢ଼ିବ

ଭୂତାଣୁର ନୂଆ ଭାରିଆଣ୍ଟ ଭାରତରେ ଯେପରି ପ୍ରବେଶ ନ କରେ ସେଥିପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ବ୍ରିଟେନକୁ ବିମାନ ଚଳାଚଳ ଡିସେମ୍ବର ୨୩ରୁ ୩୧ ପର୍ଯ୍ୟନ୍ତ ବନ୍ଦ କରାଯାଇଥିବାବେଳେ ଏହି ସମୟସୀମାକୁ ବୃଦ୍ଧି କରାଯିବ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀ କହିଛନ୍ତି। ବ୍ରିଟେନରୁ ଫେରିଥିବା ସମସ୍ତ ବିମାନଯାତ୍ରୀଙ୍କର ଆର୍‌ଟି-ପିସିଆର୍ ପରୀକ୍ଷା ବାଧ୍ୟତାମୂଳକ କରାଯାଇଛି। କେନ୍ଦ୍ର ଦ୍ୱାରା ଚିହ୍ନଟ ୧୦ଟି ଆଞ୍ଚଳିକ ଲାବରେଟୋରିକୁ ରାଜ୍ୟଗୁଡ଼ିକ ୫ ପ୍ରତିଶତ କୋଭିଡ୍ ପଜିଟିଭ୍ ନମୁନା ଜିନୋମ ସିକ୍ୱେନ୍ସିଂ ପାଇଁ ପଠାଇବାକୁ କୁହାଯାଇଛି। ସେହିପରି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସଂକ୍ରାମକ ରୋଗ ଅନୁଧ୍ୟାନ ଓ ପ୍ରତିକ୍ରିୟା ପାଇଁ ଏସ୍‌ଓପି ଜାରି କରାଯାଇଛି।

## ୭୦% କୋଭିଡ୍ ମୃତକ ପୁରୁଷ

ନୂଆଦିଲ୍ଲୀ, ୨୯।୧୨



ରାଜେଶ ଭୂଷଣ

ଭାରତରେ କରୋନା ମହାମାରୀରେ ଯେତେ ଲୋକଙ୍କର ମୃତ୍ୟୁ ଘଟିଛି ତା'ର ୭୦ ପ୍ରତିଶତ ହେଉଛନ୍ତି ପୁରୁଷ। ସେହିପରି ମୋଟ ଆକ୍ରାନ୍ତଙ୍କ ମଧ୍ୟରେ ୬୩ ପ୍ରତିଶତ ପୁରୁଷ ରହିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ କହିଛନ୍ତି, ଦେଶରେ ମୋଟ ସଂକ୍ରମିତଙ୍କ ମଧ୍ୟରୁ ୬୩ ପ୍ରତିଶତ ପୁରୁଷ ହୋଇଥିବାବେଳେ ୩୭ ପ୍ରତିଶତ ମହିଳା। ୧୭ ବର୍ଷରୁ କମ୍ ବୟସର ଆକ୍ରାନ୍ତଙ୍କ ସଂଖ୍ୟା ୮ ପ୍ରତିଶତ ଥିବାବେଳେ ୧୮ରୁ ୨୫ ବର୍ଷ ବୟସ ବର୍ଗରେ ୧୩%, ୨୬ରୁ ୪୪ ବର୍ଷ ବର୍ଗରେ ୩୯%, ୪୫ରୁ ୬୦ ବର୍ଷ ବର୍ଗରେ ୨୬% ଏବଂ ୬୦ ବର୍ଷରୁ ଊର୍ଦ୍ଧ୍ୱ ବର୍ଗରେ ୧୪ ପ୍ରତିଶତ ଆକ୍ରାନ୍ତ ରହିଛନ୍ତି। ସେହିପରି ମୋଟ ମୃତକଙ୍କ ମଧ୍ୟରୁ ୪୫ ପ୍ରତିଶତଙ୍କ ବୟସ ୬୦ ବର୍ଷରୁ କମ୍ ଥିଲା। ୬ ମାସ ପରେ ଏବେ ଦେଶରେ ସକ୍ରିୟ ମାମଲା ସଂଖ୍ୟା ୨.୭ ଲକ୍ଷ ରହିଛି। ମହାରାଷ୍ଟ୍ର, କେରଳ, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ ଓ ଛତିଶଗଡ଼ରେ ୬୦ ପ୍ରତିଶତ ସକ୍ରିୟ ମାମଲା ରହିଥିବା ସ୍ୱାସ୍ଥ୍ୟ ସଚିବ କହିଛନ୍ତି।

## ଚାଷୀଙ୍କ ସହ ଆଲୋଚନା ପୂର୍ବରୁ ଶାହାଙ୍କୁ ଭେଟିଲେ ତୋମାର, ଗୋୟଲ

ନୂଆଦିଲ୍ଲୀ, ୨୯।୧୨

କୃଷି ଆଇନ ବିରୋଧରେ ଆନ୍ଦୋଳନ ଚଳାଇଥିବା ଚାଷୀ ସଂଗଠନ ସହ ବୁଧବାର ସରକାରଙ୍କର ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଥିବାବେଳେ ଏହା ପୂର୍ବରୁ କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଏବଂ ପୀୟୂଷ ଗୋୟଲ ମଙ୍ଗଳବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟିଛନ୍ତି। ବୁଧବାର ବୈଠକ ପାଇଁ ସରକାରଙ୍କ ଆଭିମୁଖ୍ୟ କ'ଣ ରହିବ ତାହା ସେମାନେ ଚୂଡ଼ାନ୍ତ କରିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଚାଷୀଙ୍କ ସହ ଆଲୋଚନା ବେଳେ ସରକାରଙ୍କ ପକ୍ଷରୁ କୃଷିମନ୍ତ୍ରୀ ତୋମାର, ରେଳମନ୍ତ୍ରୀ ଗୋୟଲ ଏବଂ ବାଣିଜ୍ୟ ଓ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ସୋମ ପ୍ରକାଶ ପ୍ରତିନିଧିତ୍ୱ କରିବେ। ଦିଲ୍ଲୀ ସୀମାରେ ଚାଷୀ ଆନ୍ଦୋଳନ ଦ୍ୱିତୀୟ ମାସରେ ପହଞ୍ଚିଥିବାବେଳେ ୩୦ ତାରିଖରେ ଆଲୋଚନା ପାଇଁ ସୋମବାର ୪୦ଟି କୃଷକ ସଂଗଠନକୁ ପତ୍ର ଲେଖି ଆମନ୍ତ୍ରଣ କରିଥିଲେ। ପୂର୍ବରୁ ୫ ପର୍ଯ୍ୟାୟ ଆଲୋଚନା ବିଫଳ ହୋଇଥିଲା। ତେଣୁ ବୁଧବାର ଆଲୋଚନା ଅଚଳାବସ୍ଥା ଦୂର କରିବାରେ କେତେଦୂର ସମର୍ଥ ହେବ ତାହା ଉପରେ ସମସ୍ତଙ୍କ ନଜର ରହିଛି।

# ନୀତୀଶଙ୍କୁ ପ୍ରଧାନମନ୍ତ୍ରୀ ପଦ ଥୋପ

ପଟନା, ୨୯।୧୨



ବିହାର ସରକାର ଭାଙ୍ଗିବାକୁ ଆର୍‌ଜେଡିର ଉଦ୍ୟମ

ଅରୁଣାଚଳପ୍ରଦେଶ ସଂଯୁକ୍ତ ଜନତା ଦଳ (ଜେଡିୟୁ)ର ୬ ବିଧାୟକ ଭାଜପାରେ ଯୋଗଦେବା ପରେ ଏହାର ପ୍ରଭାବ ବିହାର ଏନ୍‌ଡିଏ ମେଣ୍ଟ ଉପରେ ପଡ଼ିଛି। ଜେଡିୟୁର କମ୍ ସଂଖ୍ୟା ଥାଇ ଭାଜପା ସମର୍ଥନରେ ସରକାର ଗଢ଼ିଥିବା ନୀତୀଶ କୁମାର ସୋମବାର ଖୋଲାଖୋଲି ନିଜର ଅସନ୍ତୋଷ ପ୍ରକାଶ କରିଥିଲେ। ତାଙ୍କର ମୁଖ୍ୟମନ୍ତ୍ରୀ ହେବାର ଇଚ୍ଛା ନ ଥିଲା। ଭାଜପା ଚାହିଁଲେ ନିଜ ନେତାଙ୍କୁ ଏହି ପଦରେ ବସାଇପାରିବ ବୋଲି ଜେଡିୟୁ ଜାତୀୟ କାର୍ଯ୍ୟକାରିଣୀ ବୈଠକରେ ନୀତୀଶ ମତ ରଖିଥିଲେ। ଏଥିରୁ ମେଣ୍ଟରେ ସବୁକିଛି ଠିକ୍‌ଠାକ୍ ନ ଥିବା ଜଣାପଡୁଥିଲା। ଏବେ ଏହି ଗୋଳିଆ ପାଣିରୁ ମାଛ ଧରିବା ଲାଗି ବିରୋଧୀ ଦଳ ଆର୍‌ଜେଡି ଉଦ୍ୟମ ଆରମ୍ଭ କରିଛି। ଏନ୍‌ଡିଏ ମେଣ୍ଟ ଭାଙ୍ଗି ଜେଡିୟୁ ସମର୍ଥନରେ ସରକାର ଗଢ଼ିବା ଲାଗି ଆର୍‌ଜେଡି ନେତା ନୀତୀଶଙ୍କ ଆଗରେ ଥୋପ ରଖିଛନ୍ତି। ମୁଖ୍ୟମନ୍ତ୍ରୀ ପଦ ଲାଗି ଜେଡିୟୁ ତେଜସ୍ୱୀ ଯାଦବଙ୍କୁ ସମର୍ଥନ ଦେଲେ ଆର୍‌ଜେଡି ନୀତୀଶଙ୍କୁ ୨୦୨୪ ନିର୍ବାଚନରେ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହେବାରେ ସହାୟତା କରିବ ବୋଲି କହିଛି। ବରିଷ୍ଠ ଆର୍‌ଜେଡି ନେତା ଉଦୟ ନାରାୟଣ ଚୌଧରୀଙ୍କ ଏହି ପ୍ରସ୍ତାବ ପରେ ଏନ୍‌ଡିଏ ଶିବିରରେ ଚିନ୍ତା ବଢ଼ିଯାଇଛି। ଚୌଧରୀଙ୍କ ପ୍ରସ୍ତାବ ଉପରେ ପ୍ରତିକ୍ରିୟା ରଖି ଜେଡିୟୁ କହିଛି, କ୍ଷମତା ହାତେଇବା ଲାଗି ବିରୋଧୀ ଦଳ ଯେକୌଣସି ସ୍ତରକୁ ଯାଇପାରେ ଏହା ପ୍ରମାଣିତ ହୋଇଯାଇଛି। ଭାଜପା ଏବଂ ଜେଡିୟୁ ମଧ୍ୟରେ ସାମାନ୍ୟ ମତପାର୍ଥକ୍ୟ ଥିଲେ ମଧ୍ୟ ନୀତୀଶ ୫ ବର୍ଷ ମୁଖ୍ୟମନ୍ତ୍ରୀ ପଦରେ ରହିବେ ବୋଲି ଦଳର ମୁଖପାତ୍ର ରାଜୀବ ରଞ୍ଜନ କହିଛନ୍ତି।



କଶ୍ମୀରର ବାରମୁଲା ଜିଲା ଅନ୍ତର୍ଗତ ତଙ୍ଗମାର୍ଗରେ ତୁଷାରପାତ: ଲୋକେ ବରଫାବୃତ ରାସ୍ତାରେ ଯାତାୟାତ କରୁଛନ୍ତି।

## ଟିଏମ୍‌ସିକୁ କିଣିପାରିବ ନାହିଁ

ନୂଆଦିଲ୍ଲୀ, ୨୯।୧୨



ଭାଜପା ଉପରେ ବର୍ଷିଲେ ମମତା

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଙ୍ଗଳବାର ଭାଜପା ଉପରେ ଜୋର୍‌ଦାର ବର୍ଷିଛନ୍ତି। ଗୈରିକ ଦଳ କେତେଜଣ ବିଧାୟକଙ୍କୁ କିଣିନେଇପାରେ କିନ୍ତୁ ଟିଏମ୍‌ସିକୁ କଦାପି କିଣିପାରିବ ନାହିଁ ବୋଲି ବୋଲପୁରଠାରେ ଏକ ରାଲିକୁ ସମ୍ବୋଧିତ କରି ମମତା କହିଥିଲେ। ଜନସାଧାରଣଙ୍କ ସମର୍ଥନ ଥିବା ପର୍ଯ୍ୟନ୍ତ ଦଳବଦଳର ଟିଏମ୍‌ସି ଉପରେ କୌଣସି ପ୍ରଭାବ ପକାଇପାରିବ ନାହିଁ। ବିଶ୍ୱଭାରତୀର କୁଳପତି ବିଦ୍ୟୁତ୍ ଚକ୍ରବର୍ତ୍ତୀ ଜଣେ ଭାଜପା ଲୋକ ଓ ସେ ରାଜ୍ୟର ଗୌରବମୟ ଐତିହ୍ୟ ଓ ସଂସ୍କୃତିକୁ ନଷ୍ଟ କରିବାକୁ ଯୋଜନା କରୁଛନ୍ତି। ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଭେଦଭାବପୂର୍ଣ୍ଣ ଓ ସାମ୍ପ୍ରଦାୟିକ ରାଜନୀତି ଚାଲିଥିବା ଟିଏମ୍‌ସି ଅଧକ୍ଷା ଅଭିଯୋଗ କରିଥିଲେ। ଯେଉଁମାନେ ମହାତ୍ମା ଗାନ୍ଧୀ ଓ ଦେଶର ଅନ୍ୟ ମହାନ ବ୍ୟକ୍ତିମାନଙ୍କୁ ସମ୍ମାନ ଦିଅନ୍ତି ନାହିଁ, ସେମାନେ ସୁନାର ବଙ୍ଗଳା ଗଢ଼ିବା କଥା କହୁଛନ୍ତି। ରବୀନ୍ଦ୍ର ନାଥ ଟାଗୋର ବହୁ ଦଶନ୍ଧି ପୂର୍ବରୁ ସୁନାର ବଙ୍ଗଳା ଗଢ଼ିଛନ୍ତି, ସାମ୍ପ୍ରଦାୟିକ ଶକ୍ତି ଭାଜପାଠାରୁ ଏହାର ସୁରକ୍ଷା କରିବା ଆବଶ୍ୟକ ବୋଲି ମମତା କହିଥିଲେ।

# ଟେଲି ମେଡିସିନରେ ଅଶ୍ଳୀଳତା

**କରୋନା ସଂକ୍ରମଣବେଳେ ଅନ୍‌ଲାଇନ ସେବାକୁ ମିଳିଛି ପ୍ରାଥମିକତା। ଦିନକୁ ଦିନ ବଢ଼ୁଛି ୱେବସାଇଟ୍, ଆପ୍‌ର ମାତ୍ରା ଏବଂ ଅଧିକ ସଂଖ୍ୟାରେ ଲୋକଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରି ବେପାର ବଢ଼ାଇବାକୁ ଚାଲିଛି ପ୍ରତିଯୋଗିତା। ସ୍ୱାସ୍ଥ୍ୟସେବାର ଗୁରୁତ୍ୱ ବଢ଼ିଥିବାରୁ ଡାକ୍ତରଙ୍କ ସହ ଘରେ ବସି ପରାମର୍ଶ ନେବାର ସୁବିଧା ମଧ୍ୟ ଏବେ ଉପଲବ୍ଧ। ଏଥିପାଇଁ ମାଲମାଲ ୱେବସାଇଟ୍ ଓ ଆପ୍ଲିକେଶନ କିଛି ମାତ୍ରାରେ ଟଙ୍କା ନେଇ ଲୋକଙ୍କୁ ସିଧାସଳଖ ଡାକ୍ତରଙ୍କ ସହ ଯୋଡୁଛନ୍ତି। କିନ୍ତୁ ଏଥିରେ ପ୍ରିଭେସି ଓ ସିକ୍ୟୁରିଟିକୁ ଅଣଦେଖା ଯୋଗୁ ଏହାର ଦୁରୁପଯୋଗ ବଢ଼ୁଛି। ରୋଗ ସମ୍ପର୍କିତ କଥା ହେବା ଆଳରେ ଅସାମାଜିକମାନେ ମହିଳା ଡାକ୍ତରଙ୍କ ସହ ଅଶ୍ଳୀଳ ଆଚରଣ କରୁଛନ୍ତି। ଏଥିଯୋଗୁ ଫୋନ୍ ଯୋଗେ ସେବା ପ୍ରଦାନ ପାଇଁ ଇଚ୍ଛା କମୁଥିବା ସେମାନେ କୁହନ୍ତି।**

ନୂଆଦିଲ୍ଲୀ, ୨୯।୧୨



- ଯୌନ ଉତ୍ପୀଡ଼ନର ଶିକାର ମହିଳା ଡାକ୍ତର
- ଭୁଲ୍ ପରିଚୟରେ ନାଁ ପଞ୍ଜୀକରଣ
- ରୋଗ ଆଳରେ କଥା ହେଉଛନ୍ତି ପଞ୍ଜୀକୃତ
- ୱେବସାଇଟ୍‌ରେ ପଲିସିକୁ ଅଣଦେଖା

ଡାକ୍ତରଖାନା ଯିବାକୁ ଇଚ୍ଛା କରୁ ନ ଥିବା ଲୋକଙ୍କ ପାଇଁ ଉତ୍ତମ ମାଧ୍ୟମ ପାଲଟିଛି ଇ-କନ୍‌ସଲଟେଶନ। ହେଲେ ଏଭଳି ସୁବିଧାର ଦୁରୁପଯୋଗ ଏବେ ବଢ଼ିବାରେ ଲାଗିଛି, ଯାହା କି ଚିନ୍ତାର ବିଷୟ। କୌଣସି ସାଇଟ୍ ଯୋଗେ ଡାକ୍ତରଙ୍କ ସହ ପରାମର୍ଶ କରିବା ପୂର୍ବରୁ ପ୍ରଥମେ ସମ୍ପୃକ୍ତ ରୋଗୀଙ୍କ ନାଁ ଠିକଣା ପଞ୍ଜୀକରଣ କରିବାକୁ ପଡେ। ଧାର୍ଯ୍ୟ ଦେୟ ଦେବା ପରେ ପଞ୍ଜୀକରଣ କରାଇଥିବା ୱେବସାଇଟ୍ ରୋଗୀଙ୍କୁ ନିର୍ଦ୍ଦିଷ୍ଟ ବିଭାଗର ଡାକ୍ତରଙ୍କ ସହ ଯୋଡିଥାଏ। କେତେକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟାର ନିରାକରଣ ଏଥିଯୋଗେ ହୋଇପାରୁଥିବାରୁ ବହୁ ସଂଖ୍ୟାରେ ଲୋକ ଏବେ ଟେଲିମେଡିସିନ ସେବା ଉପରେ ନିର୍ଭରଶୀଳ। କିନ୍ତୁ ଅନେକ ରୁଗ୍ଣ ମାନସିକଧାରୀ ବ୍ୟକ୍ତି ମହିଳା ଡାକ୍ତରଙ୍କ ସହ ଅଶ୍ଳୀଳ ବ୍ୟବହାର କରିବା ପାଇଁ ଏଭଳି ସାଇଟ୍‌କୁ ବାଛୁଛନ୍ତି। ପ୍ରଥମେ ଉକ୍ତ ସାଇଟ୍‌ରେ ନିଜର ଭୁଲ ନାଁ ଓ ପରିଚୟ ଦେଇ ପଞ୍ଜୀକରଣ କରାଇବା ପରେ ମହିଳା ଡାକ୍ତରଙ୍କ ସହ ଖରାପ ଆଚରଣ କରୁଛନ୍ତି। ଏପରିକି ଡାକ୍ତରଙ୍କୁ ଯୌନ ନିବେଦନ କରୁଥିବା ଅଭିଯୋଗ ବଢ଼ିବାରେ ଲାଗିଛି। କେତେଜଣ ବ୍ୟକ୍ତି ନିଜକୁ ମହିଳା ଦର୍ଶାଇ କଥା ହେଉଛନ୍ତି। ବିଶେଷକରି ରାତିରେ ଏଭଳି ଫୋନ୍ କଲ ଅଧିକ ମାତ୍ରାରେ ଆସୁଥିବା ଇ-କନ୍‌ସଲଟାନ୍ସିରେ ସେବା ଯୋଗାଉଥିବା କେତେଜଣ ଡାକ୍ତର ପ୍ରକାଶ କରିଛନ୍ତି। ଫୋନ କଲ୍ କାଟି ନମ୍ବର ବ୍ଲକ କରିବା ପରେ ଅନ୍ୟ ଜଣେ ଡାକ୍ତରଙ୍କ ସହ ଏପରି କରୁଛନ୍ତି ଦୁର୍ବୃତ୍ତ। ଏଥିଯୋଗୁ ଡାକ୍ତରଙ୍କ ମାନସିକ ସ୍ଥିତି ବିଗୁଡୁଥିବାରୁ ଅନେକ ସମୟରେ ସେମାନଙ୍କ କାର୍ଯ୍ୟ ମଧ୍ୟ ବାଧାପ୍ରାପ୍ତ ହେଉଛି। ଏଭଳି ପରିସ୍ଥିତିର ସାମ୍ନା କରିପାରୁ ନ ଥିବା ଡାକ୍ତରମାନେ ସେବା ଯୋଗାଇବାକୁ ଇଚ୍ଛା କରୁ ନ ଥିବା ଜଣାଯାଇଛି। କେତେକ ୱେବସାଇଟ୍ ଅଧିକ ଟଙ୍କା ଅଫର କରୁଥିଲେ ମଧ୍ୟ ଏହାକୁ ପ୍ରତ୍ୟାଖ୍ୟାନ କରିବାକୁ ପଡୁଥିବା ସେମାନେ ପ୍ରକାଶ କରିଛନ୍ତି।

ଅପରପକ୍ଷରେ ସମ୍ପୃକ୍ତ ୱେବସାଇଟ୍‌ଗୁଡ଼ିକ ନିୟମ ପାଳନ କରୁ ନ ଥିବା ଅଭିଯୋଗ ଆସିବାରେ ଲାଗିଛି। ଅଧିକାଂଶ ସମୟରେ କୌଣସି ରୋଗୀ ନିଜକୁ ପଞ୍ଜୀକୃତ କରିବା ପରେ ତାହା ଠିକ୍ ପରିଚୟ କି ନା ତାହା ଯାଞ୍ଚ କରାଯାଉ ନାହିଁ। ପରିଚୟ ପତ୍ର ସ୍ଥାନରେ ଯେ କୌଣସି ଡକ୍ୟୁମେଣ୍ଟ ଏଭଳି ବ୍ୟକ୍ତିମାନେ ଦାଖଲ କରୁଥିଲେ ହେଁ ତାହାକୁ ଖାରଜ କରାଯାଉନାହିଁ। ଏପରି ଘଟଣାକୁ କେତେକ ୱେବସାଇଟ୍ ଗୁରୁତ୍ୱର ସହ ନ ନେଇ ଏହାକୁ ଚାପି ଦେବାକୁ ଉଦ୍ୟମ କରୁଛନ୍ତି। ମହିଳା ଡାକ୍ତରଙ୍କ ପକ୍ଷରୁ ଆପତ୍ତି ପରେ ବି ସାଇଟ୍‌ଗୁଡ଼ିକ ସେପରି କୌଣସି ପଦକ୍ଷେପ ନେଉ ନ ଥିବା ସେମାନେ କହିଛନ୍ତି। ତେବେ ଏ ସବୁ ଦିଗପ୍ରତି ନଜର ରଖାଯାଉଛି ବୋଲି ଅଗାଧାଡ଼ିର ୱେବସାଇଟ୍ ପକ୍ଷରୁ କୁହାଯାଇଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୮,୧୯,୧୪,୯୪୨ | ୧୭,୮୭,୦୦୪ | ୫,୮୦,୨୫,୮୮୩ |
| ଭାରତ | ୧,୦୨,୪୨,୩୦୬ | ୧,୪୮,୪୭୩ | ୯୮,୨୮,୦୫୭ |
| ଓଡ଼ିଶା | ୩,୨୯,୦୦୧ | ୧୮୬୮(+୫୩) | ୩,୨୪,୭୭୫ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

**ସଂକ୍ଷେପରେ**

## ତେଲନଦୀରୁ ବିରଳ ମାଛ ଉଦ୍ଧାର



**ସୋନପୁର,୨୯।୧୨(ନି.ପ୍ର.):** ସୋନପୁର ସହର ପାର୍ଶ୍ୱ ଦେଇ ପ୍ରବାହିତ ତେଲ ନଦୀରୁ ମଙ୍ଗଳବାର ଏକ ବିରଳ ମାଛ ଉଦ୍ଧାର ହୋଇଛି। ଏହାର ଓଜନ ପ୍ରାୟ ୩୦୦ ଗ୍ରାମ ହେବ। ଥନାପତିପଡାର ପ୍ରମୋଦ ନାଏକ ଓ ଧୀବର ପଡାର ସଞ୍ଜୟ ଅଧିକାରୀ ନଦୀକୁ ଗାଧୋଇବାକୁ ଯାଇଥିବା ସମୟରେ ଏହି ବିରଳ ମାଛକୁ ଦେଖିଥିଲେ। ତେବେ ଉତ୍ସୁକତାର ସହ ଦୁହେଁ ମାଛଟିକୁ ଧରି ପଡାକୁ ଆଣିଥିଲେ। ମତ୍ସ୍ୟଜୀବୀ କିମ୍ବା ନଦୀକୂଳିଆ ସୋନପୁର ସହରବାସୀ ପୂର୍ବରୁ କେଉଁଠି ଏ ପ୍ରକାର ମାଛ ଦେଖି ନ ଥିଲେ। ପରେ ସେମାନେ ଏହି ଜୀବନ୍ତ ମାଛକୁ ପଡାର ବୟସ୍କଙ୍କୁ ଦେଖାଇଥିଲେ। ମାତ୍ର ବୟସ୍କ ମତ୍ସ୍ୟଜୀବୀମାନେ ମଧ୍ୟ ଏଭଳି ମାଛ କେବେ ଦେଖି ନ ଥିବା କହିଥିଲେ। ମାଛକୁ ଦେଖିବା ପାଇଁ ପଡାରେ ଭିଡ ଜମିଥିଲା। ସମସ୍ତଙ୍କ ନିଷ୍ପତ୍ତି ପରେ ମାଛକୁ ଜୀବନ୍ତ ଅବସ୍ଥାରେ ତେଲନଦୀରେ ଛାଡି ଦିଆଯାଇଛି। କଳା ରଙ୍ଗର ମାଛର ଦେହରେ ଚିତା ପରି ଚିହ୍ନ ରହିଛି। ତଳ ପଟେ ମୁହଁ ଅଛି। ସେହିପରି ପିଠି ଓ ପେଟରେ ଦନ୍ତୁରିତ କଣ୍ଟା ଅଛି। ପ୍ରକାଶ ଯେ, ସୋନପୁର ସହର ପାର୍ଶ୍ୱ ଦେଇ ପ୍ରବାହିତ ମହାନଦୀର ତେନ୍ତୁଳିଘାଟରୁ ଗତ ଅକ୍ଟୋବର ମାସ ୩୧ ତାରିଖରେ ଏଭଳି ଏକ ବିରଳ ମାଛକୁ ମତ୍ସ୍ୟଜୀବୀମାନେ ଉଦ୍ଧାର କରିଥିଲେ।

## ପରୀ ହତ୍ୟାକାଣ୍ଡର ତଦନ୍ତ ତ୍ୱରାନ୍ୱିତ

**ଗାଁକୁ ନ ଯାଇ ନୟାଗଡରେ ଜେରା କରୁଛି ଏସ୍ଆଇଟି**

**ନୟାଗଡ ଅଫିସ,୨୯।୧୨:** କିଛି ଦିନର ନୀରବତା ପରେ ଏସ୍ଆଇଟି ପୁଣି ତଦନ୍ତକୁ ତ୍ୱରାନ୍ୱିତ କରିଛି। ଏସ୍ଆଇଟି ଯଦୁପୁର ଗାଁକୁ ନ ଯାଇ ନୟାଗଡରେ ଯଦୁପୁରର କିଛି ଲୋକଙ୍କୁ ଡକାଇ ଜେରା କରୁଛି। ଏଭଳି ସ୍ଥଳେ ଜେରା କରାଯାଉଥିବା ଲୋକମାନେ ଗଣମାଧ୍ୟମ ସମ୍ମୁଖରେ ମୁହଁ ଖୋଲୁ ନାହାନ୍ତି। ପଚାରିଲେ ଉତ୍ତର ମିଳୁଛି କେବଳ ଡାକିଥିଲେ କିନ୍ତୁ ପଚାରିଲେ ନାହିଁ, ବସି ବସି ଫେରିବାକୁ ପଡିଲା। କିନ୍ତୁ ଜଣେ ବ୍ୟକ୍ତି ନିଜ ନାମ ଗୋପନ ରଖି କହିଛନ୍ତି ଜେରା ବେଳେ ଏସ୍ଆଇଟିର ସଦସ୍ୟମାନେ ବିଭିନ୍ନ ପ୍ରକାର ପ୍ରଶ୍ନ ପଚାରି ଅସ୍ତବ୍ୟସ୍ତ କରି ପକାଉଛନ୍ତି। ଅନ୍ୟପକ୍ଷେ ଯଦୁପୁର ଗାଁର ୧୦ଜଣ ଦାଦନ ଯିବାକୁ ପ୍ରସ୍ତୁତି ଚଳାଇଛନ୍ତି। ପରୀ ହତ୍ୟାକାଣ୍ଡର ତଦନ୍ତରେ ସହାୟତା କରିବାକୁ ଯାଇ ଅଧିକାଂଶ ଲୋକଙ୍କ ଘର ଚଳିବା ମୁସ୍କିଲ ହୋଇଗଲାଣି। ଏଣୁ ରୋଜଗାର ଉଦ୍ଦେଶ୍ୟରେ କେରଳ ଯିବାକୁ ପ୍ରସ୍ତୁତି ହେଉଛନ୍ତି। ଏନେଇ ଗାଁର ସଭାପତି ଜୟକୃଷ୍ଣ ପରିଡା କୁହନ୍ତି, ମୁଁ ଓ ମୋ ସହ ୧୦ ଜଣ କେରଳ ଯିବୁ। କେବଳ ଅପେକ୍ଷା ରହିଛି ଜାନୁୟାରୀ ୧୨ ତାରିଖ। ଆମେ ଗାଁ ତରଫରୁ ଏସ୍ଆଇଟିକୁ ସବୁ ପ୍ରକାରର ସହଯୋଗ କରି ଆସିଛୁ। ଏଣୁ ତଦନ୍ତ ଶୀଘ୍ର ଶେଷ କରି ଦୋଷକୁ ଦଣ୍ଡ ଦେବା ପାଇଁ ଅନୁରୋଧ କରୁଛୁ। ତେବେ ତଦନ୍ତରେ ନିର୍ଦ୍ଦୋଷକୁ ଫସା ନ ଯାଉ ବୋଲି ସେ କହିଛନ୍ତି।

## ସଜନା ଗଛରୁ ପଡ଼ି ଜୀବନ ଗଲା

**ରାଇରଙ୍ଗପୁର,୨୯।୧୨(ଡି.ଏନ.ଏ):** ମୟୁରଭଞ୍ଜ ଜିଲା ବାଦାମପାହାଡ଼ ଥାନା ସୁଲେରପାଟ ଫାଣ୍ଡି ଅନ୍ତର୍ଗତ କେଶରଗଡ଼ିଆ ଗ୍ରାମରେ ସଜନା ଗଛରୁ ପଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖୁରମାଲ ମୁର୍ମୁ। ମଙ୍ଗଳବାର ସଜନାଗଛରେ ଚଢ଼ି ଶାଗ ତୋଳୁଥିବା ବେଳେ ଭାରସାମ୍ୟ ହରାଇ ତଳକୁ ଖସି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୨୩/୨୦) ରୁଜୁ ହୋଇଛି।

# ଅସ୍ତ୍ରୋପଚାର ବେଳେ ରହିଗଲା ଛୁଞ୍ଚି

**ନୟାଗଡ଼ ଅଫିସ,୨୯।୧୨**



ଡାକ୍ତରଖାନାରେ ଲତା ବାହୁକ।

- ୫ ଦିନ ହେଲା ଯନ୍ତ୍ରଣା ଭୋଗୁଛନ୍ତି ପ୍ରସୂତି
- କଟକ ସ୍ଥାନାନ୍ତର ପାଇଁ ପଦକ୍ଷେପ
- ଷ୍ଟାଫ୍‌ନର୍ସଙ୍କ ଖାମଖିଆଲ ଯୋଗୁ ବିପଦ

ନିରାପଦ ପ୍ରସବ ପାଇଁ ଜଣେ ମହିଳାଙ୍କୁ ତାଙ୍କ ପରିବାର ଲୋକେ ନୟାଗଡ଼ ଜିଲା ଖଣ୍ଡପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ନର୍ମାଲ ଡେଲିଭରି ବି ହେଲା। ହେଲେ ଏହି ପ୍ରସବ ପାଇଁ ମହିଳାଙ୍କ ପରିସ୍ରା ଦ୍ୱାରକୁ ସାମାନ୍ୟ କାଟିବାକୁ ପଡିଥିଲା। ପ୍ରସବ ପରେ କଟାଯାଇଥିବା ସ୍ଥାନକୁ ଷ୍ଟିଚ୍ କରାଯାଇଥିଲା। ହେଲେ ଦାୟିତ୍ୱରେ ଥିବା ଷ୍ଟାଫ୍‌ନର୍ସଙ୍କ ଖାମଖିଆଲ ମନୋଭାବ ଯୋଗୁ ଏକ ଛୁଞ୍ଚି ଷ୍ଟିଚ୍ ଭିତରେ ରହିଯାଇଥିବା ଅଭିଯୋଗ ହୋଇଛି। ଏଥିପାଇଁ ୫ ଦିନ ହେଲା ଯନ୍ତ୍ରଣା ଭୋଗୁଛନ୍ତି ସମ୍ପୃକ୍ତା ମହିଳା। ଗରିବ ପରିବାରର ଏହି ମହିଳା ଅର୍ଥାଭାବ ଯୋଗୁ ଅସ୍ତ୍ରୋପଚାର ପାଇଁ ସରକାରୀ ଚିକିତ୍ସାଳୟ ଉପରେ ନିର୍ଭର କରିଛନ୍ତି। ଇତିମଧ୍ୟରେ ତାଙ୍କୁ ଖଣ୍ଡପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ମାତୃ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ଗତ ୨୫ ତାରିଖରେ ଖଣ୍ଡପଡା ବ୍ଲକ୍ ଗୋଛାବାରୀ ଗାଁର ପ୍ରଭାତ ବାହୁକଙ୍କ ସ୍ତ୍ରୀ ଲତାଙ୍କ ଗର୍ଭଯନ୍ତ୍ରଣା ହୋଇଥିଲା। ତାଙ୍କୁ ତୁରନ୍ତ ଖଣ୍ଡପଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ତେବେ ପ୍ରସବ ପାଇଁ ଲତାଙ୍କ ପରିସ୍ରାଦ୍ୱାରକୁ ସାମାନ୍ୟ କଟାଯିବା ପରେ ଷ୍ଟିଚ କରାଯାଇଥିଲା। ହେଲେ ସେହି ଷ୍ଟିଚ୍ ଭିତରେ ଏକ ଛୁଞ୍ଚି ରହି ଯାଇଥିଲା। ଏ କଥା ଜଣାପଡ଼ିବା ପରେ ଛୁଞ୍ଚିକୁ କାଢ଼ିବା ପାଇଁ ଷ୍ଟାଫ୍‌ନର୍ସ ଓ ଡାକ୍ତର ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ପରେ ଲତାଙ୍କୁ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ମଧ୍ୟ ଛୁଞ୍ଚିକୁ କାଢ଼ିବା ପାଇଁ ଉଦ୍ୟମ କରାଯାଇଥିଲା। ହେଲେ ସେହି ଉଦ୍ୟମ ବି ସଫଳ ହୋଇ ନ ଥିଲା। ଏନେଇ ପ୍ରଭାତ କୁହନ୍ତି, ଛୁଞ୍ଚିଟିକୁ କାଢ଼ିବା ପାଇଁ ଡାକ୍ତରଙ୍କ ପକ୍ଷରୁ ପ୍ରୟାସ କରାଯାଇଛି। ଏଥିପାଇଁ ଏକାଧିକବାର ଷ୍ଟିଚ୍ ଫିଟା ଯାଇ ପୁଣି ଷ୍ଟିଚ୍ କରାଯାଇଛି। ହେଲେ ଛୁଞ୍ଚି ବାହାରି ନାହିଁ। ସେଥିପାଇଁ ଲତାଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଇବା ପାଇଁ ଡାକ୍ତରମାନେ କହିଛନ୍ତି। ହେଲେ କେଉଁ ଦିନ ଲତା କଟକ ଯିବେ ମୁଁ ଜାଣିନି ବୋଲି ସେ କହିଛନ୍ତି। ପ୍ରଭାତ ପୁଣି କହିଛନ୍ତି, ମୁଁ ଜଣେ ଗରିବ ଲୋକ। ନୟାଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ଚିକିତ୍ସା କରାଇବା ମୋ ପାଇଁ କଷ୍ଟକର ହୋଇପଡିଛି। କଟକ ଯାଇ କେମିତି ସ୍ତ୍ରୀର ଚିକିତ୍ସା କରାଇବି ମୁଁ ଜାଣି ପାରୁନାହିଁ। ଖଣ୍ଡପଡା ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର କହିଛନ୍ତି, ସିଡିଏମ୍ଓଙ୍କ ସହ ଆଲୋଚନା ପରେ ପଦକ୍ଷେପ ନିଆଯିବ। ଏବେ ଲତା ଖଟରୁ ଉଠି ପାରୁନାହାନ୍ତି। ପ୍ରଥମେ ଛୁଞ୍ଚି ସିଧା ଅବସ୍ଥାରେ ଥିଲା। ଏବେ ତାହା ବୁଲି ଗଲାଣି। ଛୁଞ୍ଚି ରହିଥିବା ସ୍ଥାନ ପାଚି ଗଲାଣି ବୋଲି ସେ କହିଛନ୍ତି। ଏନେଇ ସିଡିଏମ୍ଓ ଶକ୍ତି ମିଶ୍ର କୁହନ୍ତି, ଏହି ଘଟଣାକୁ ଆମେ ଗୁରୁତର ସହ ନେଇଛୁ। ସମ୍ପୃକ୍ତା ମହିଳାଙ୍କ ଚିକିତ୍ସା ଆମେ କଟକ କିମ୍ବା ଭୁବନେଶ୍ୱରରେ କରାଇବୁ। ଛୁଞ୍ଚିଟି ଯେପରି ସୁବିଧାରେ ବାହାରିବ, ସେ ନେଇ ପଦକ୍ଷେପ ନିଆଯାଉଛି। ଏଥିରେ କିଛି ଅସୁବିଧା ହେବ ନାହିଁ ବୋଲି ସେ କହିଛନ୍ତି।

### ସହାୟତା କେନ୍ଦ୍ର ଚୌକି ଖାଲି

ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ସେବା ଦେବା ପାଇଁ ସହାୟତା କେନ୍ଦ୍ର (ହେଲ୍‌ପ ଡେକ୍ସ) ରହିଛି। ଏଥିପାଇଁ କର୍ମଚାରୀ ନିୟୋଜିତ ଅଛନ୍ତି। ତେବେ ସେଠାରେ ଅଧିକାଂଶ ସମୟ ଚୌକି ଖାଲି ପଡୁଥିବା ଦେଖିବାକୁ ମିଳୁଛି। ଏଥିପାଇଁ ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ ହେଲ୍ପ ଡେକ୍ସର ସୁବିଧା ନ ପାଇ ହଇରାଣ ହେଉଛନ୍ତି। ପ୍ରାୟ ୧୦ ଦିନ ହେଲା ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ଦେଖିବାକୁ ମିଳୁଛି। ଆମେ ଏନେଇ ହେଲ୍ପ ଡେକ୍ସର କର୍ମଚାରୀଙ୍କୁ ସିଟ୍‌ରେ ବସୁ ନ ଥିବାର କାରଣ ମଙ୍ଗଳବାର ପଚାରିଥିଲୁ। ହେଲେ ସେ ହସି ଦେଇ କିଛି ନ କହି ଚାଲି ଯାଇଥିଲେ। ପୁଣି ଅଧ ଘଣ୍ଟା ପରେ ଆସି ଚୌକିରେ ବସିଥିଲେ। ପରେ ପୁଣି ଚାଲି ଯାଇଥିଲେ। ଏନେଇ ସିଡିଏମ୍ଓଙ୍କୁ ପଚାରିବାରୁ ଏହାର ତଦନ୍ତ ହେବ, ତୁରନ୍ତ ଏପରି ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ।

## ୪ ଏଏନ୍ଏମ୍ ଦାୟିତ୍ୱରୁ ହଟିଲେ

**ପୁରୀ ଅଫିସ,୨୯।୧୨**

**ନିୟମ ଭାଙ୍ଗି ଶ୍ରୀମନ୍ଦିରରେ ପ୍ରବେଶ କରିବା ମହଙ୍ଗା ପଡ଼ିଲା**

ପ୍ରଶାସନର ନିୟମ ଉଲ୍ଲଂଘନ କରି ଶ୍ରୀମନ୍ଦିରରେ ପ୍ରବେଶ କରିବା ୪ଜଣ ଏଏନ୍ଏମ୍‌ଙ୍କୁ ମହଙ୍ଗା ପଡ଼ିଛି। ସମ୍ପୃକ୍ତ ୪ଜଣ ଏଏନ୍ଏମ୍‌ଙ୍କୁ ମଙ୍ଗଳବାର ଦାୟିତ୍ୱରୁ ହଟାଇ ଦିଆଯାଇଛି। ପ୍ରଶାସନର ସୂଚନାନୁଯାୟୀ, ଗତ ୨୭ତାରିଖରେ ୪ଜଣ ଏଏନ୍ଏମ୍ ଆଇନ ଉଲ୍ଲଂଘନ କରି ବଡ଼ଦେଉଳରେ ପଶି ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଦର୍ଶନ ବ୍ୟବସ୍ଥାରେ ଭକ୍ତଙ୍କ ଥର୍ମାଲ ସ୍କ୍ରିନିଂ ଦାୟିତ୍ୱରେ ଏମାନଙ୍କୁ ନିଯୋଜିତ କରାଯାଇଥିଲା। ମନ୍ଦିର ଭିତରକୁ ଯିବା ପାଇଁ ସମ୍ପୃକ୍ତ ସ୍ୱାସ୍ଥ୍ୟକର୍ମୀମାନଙ୍କ ପାଖରେ କୌଣସି ପରିଚୟ ପ୍ରମାଣପତ୍ର ନ ଥିଲା। ଏ ନେଇ ଅଭିଯୋଗ ପରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅବଗତ କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନୀଳକଣ୍ଠ ମିଶ୍ର କହିଛନ୍ତି, ସମ୍ପୃକ୍ତ ୪ଜଣ ଏଏନ୍ଏମ୍‌ଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବା ସହ ଦାୟିତ୍ୱରୁ ହଟାଇ ଦିଆଯାଇଛି। ସୂଚନାଯୋଗ୍ୟ, ଏହି ଏଏନ୍ଏମ୍‌ମାନେ କୋଭିଡ୍ ମୁକାବିଲା ପାଇଁ ଠିକା ନିଯୁକ୍ତି ପାଇଥିଲେ। ଆସନ୍ତା ୩୧ ତାରିଖରେ ଏମାନଙ୍କର ଠିକା ନିଯୁକ୍ତିର ସମୟ ଶେଷ ହେଉଛି।

## ୨ ସୁପରଭାଇଜରଙ୍କୁ ଅପହରଣ

**ପାଲଲହଡ଼ା, ୨୯।୧୨(ଡି.ଏନ.ଏ.):** ଅନଗୁଳ ଜିଲା ପାଲଲହଡ଼ା ବ୍ଲକ ଶିଗଡ଼ ପଞ୍ଚାୟତ କମ୍ପରକେଳାରେ ଥିବା ଏକ ଠିକାସଂସ୍ଥା କ୍ୟାମ୍ପରୁ ୨ ସୁପରଭାଇଜରଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ସେମାନେ ହେଲେ ସନାତନ ବେହେରା ଏବଂ ନରୋତ୍ତମ ବିଶ୍ୱାଳ। କେତେଜଣ ଦୁର୍ବୃତ୍ତ ବନ୍ଧୁକ ମୁନରେ ଭୟଭୀତ କରାଇ ସେମାନଙ୍କୁ ଉଠାଇ ନେଇଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, କମ୍ପରକେଳା ଗ୍ରାମ ନିକଟ ମାଙ୍କଡ଼ା ନାଳ ଉପରେ 'ସ୍ୱାଇଁ ଆଣ୍ଡ କୋ' ଠିକାସଂସ୍ଥା ପକ୍ଷରୁ ବ୍ରିଜ ନିର୍ମାଣ କାର୍ଯ୍ୟ ଜାରି ରହିଛି। ସୋମବାର ବିଳମ୍ବିତ ରାତି ପ୍ରାୟ ୧ଟାରେ ୧୦-୧୨ ଜଣ ଦୁର୍ବୃତ୍ତ ଦୁଇଟି ଗାଡ଼ିରେ କ୍ୟାମ୍ପରେ ପହଞ୍ଚିଥିଲେ। କର୍ମଚାରୀଙ୍କୁ ଧମକଚମକ ଦେବାସହ ବନ୍ଧୁକ ଦେଖାଇ ସନାତନ ଓ ନରୋତ୍ତମଙ୍କୁ ଉଠାଇ ନେଇଥିଲେ। ନଂ. ୨୫୮/୨୦ରେ ଏକ ମାମଲା ରୁଜୁ ହୋଇଛି। ଏସ୍‌ଡିପିଓ ଯଶୋବନ୍ତ ସାମଲ, ଥାନାଧିକାରୀ କିଶୋର ସାମଲ ତଦନ୍ତ କରିଛନ୍ତି।



ସମୁଦ୍ର କୂଳ ଦେଇ ଯାଉଛନ୍ତି ହାତୀପଲ।



ଛୁଆ ହାତୀକୁ ଉଦ୍ଧାର କରୁଛନ୍ତି ଗ୍ରାମବାସୀ।

## ମାଛଘେରି ନଷ୍ଟ କଲେ ହାତୀପଲ

**ଚିକିଟି,୨୯।୧୨(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଚିକିଟି ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ଗତ କିଛିଦିନ ହେଲା ହାତୀପଲ ଉପଦ୍ରବ ଚଳାଇଛନ୍ତି। ୧୫ ଦିନ ତଳେ ବ୍ଲକ୍ ଅନ୍ତର୍ଗତ ଗୋବିନ୍ଦନଗର, ପିତାତଳି, ରାମଚନ୍ଦ୍ରପୁର ପଞ୍ଚାୟତର ବିଭିନ୍ନ ଗ୍ରାମାଞ୍ଚଳରେ ହାତୀପଲ ପଶି ଧାନଫସଲ ସମେତ ପାନବରଜ ଆଦି ନଷ୍ଟ କରିଥିଲେ। ବନବିଭାଗ ପକ୍ଷରୁ ହାତୀପଲଙ୍କୁ ଘଉଡ଼ାଇ ଦିଆଯାଇଥିଲା। ତେବେ ସେଠାରୁ ହାତୀପଲ ଜାତୀୟ ରାଜପଥ ଅତିକ୍ରମ କରି ଓଡ଼ିଶା-ଆନ୍ଧ୍ର ସୀମାନ୍ତ ଇନ୍ଦପୁର, ଅନନ୍ତରାୟପୁର ଓ ପାତିସୁନୁପୁର ଦେଇ ସମୁଦ୍ର କୂଳେ କୂଳେ ବ୍ରହ୍ମପୁର ବନାଞ୍ଚଳକୁ ଆସିଥିଲେ। ସୋମବାର ରାତିରେ ହାତୀପଲ ସୋରଳ ନିକଟ ବାହୁଦା ନଦୀରେ ପଶି ମାଛଘେରି ନଷ୍ଟ କରିଛନ୍ତି। ମତ୍ସ୍ୟଜୀବୀ ଓ ଗ୍ରାମବାସୀ ସେମାନଙ୍କୁ ଘଉଡାଇ ଥିଲେ। ମାତ୍ର ଗୋଟିଏ ଛୁଆହାତୀ ପାଣିରେ ଫସି ରହିଥିଲା। ଛୁଆହାତୀକୁ ଲୋକେ ଉଦ୍ଧାର କରି କିଛି ଦୂରରେ ଥିବା ହାତୀପଲ ନିକଟକୁ ଘଉଡାଇଥିଲେ। ତେବେ ହାତୀମାନେ ତାକୁ ପଲରେ ମିଶାଇ ନ ଥିବା ଜଣାପଡ଼ିଛି। ଖବରପାଇ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଅମ୍ଲାନ ନାୟକଙ୍କ ନେତୃତ୍ୱରେ ୪୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀପଲ ଗତିବିଧି ଉପରେ ନଜର ରଖିଛନ୍ତି। ବନଖଣ୍ଡ ଅଧିକାରୀ କହିଛନ୍ତି, ହାତୀପଲ ଭଞ୍ଜନଗର ନିକଟସ୍ଥ ଘୁମୁସର ଜଙ୍ଗଲରେ ବର୍ଷସାରା ରହୁଛନ୍ତି। ଖାଦ୍ୟ ଅନ୍ୱେଷଣରେ ଏହି ଅଞ୍ଚଳକୁ ଆସିଯାଇଛନ୍ତି। ଚାଷୀଙ୍କ କ୍ଷତି ଆକଳନ କରି କ୍ଷତିପୂରଣ ପ୍ରଦାନ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଯିବ ବୋଲି ସେ କହିଛନ୍ତି।

## ସ୍ତ୍ରୀକୁ ମାରି ପୋତିଦେଲେ ସ୍ୱାମୀ



ମହିଳାଙ୍କୁ ପୋତାଯାଇଥିବା ସ୍ଥାନରେ ପୋଲିସ ଛାନଭିନ କରୁଛି।

**ସବଡେଗା, ୨୯।୧୨ (ଡି.ଏନ.ଏ)**

- ତିନିଦିନ ପରେ ମୃତଦେହ ଉଦ୍ଧାର
- ମୃତା ମହିଳାଙ୍କ ସ୍ୱାମୀ ସମେତ ଦୁଇ ଗିରଫ

ସୁନ୍ଦରଗଡ ଜିଲା ତଳସରା ଥାନା ସବଡେଗା ରୁନିପଡାରେ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ହତ୍ୟା କରି ବାଡ଼ିରେ ପୋତି ଦେଇଥିଲେ। ତିନି ଦିନ ପରେ ତାଙ୍କ ମୃତଦେହକୁ ପୋଲିସ ମଙ୍ଗଳବାର ଉଦ୍ଧାର କରିଛି। ମୃତା ମହିଳା ହେଲେ ଶକୁନ୍ତଳା ନାଏକ (୫୦)। ଏହି ଘଟଣାରେ ମହିଳାଙ୍କ ସ୍ୱାମୀ ଖଇରୁ ନାଏକ(୫୫) ଏବଂ ଅନ୍ୟ ଜଣେ ମହିଳାଙ୍କୁ ଗିରଫ କରାଯାଇଛି। ଏକ ହତ୍ୟା ମାମଲା (ନଂ.୨୧୪/୨୦) ରୁଜୁ କରି ତଦନ୍ତ ଜାରି ରହିଛି ବୋଲି ଆଇଆଇସି ଗୀତାଞ୍ଜଳି ସୁବୁଦ୍ଧି କହିଛନ୍ତି।

ପୋଲିସ ସୂଚନା ଅନୁସାରେ, ସବଡ଼େଗା ରୁନିପଡ଼ାର ଖଇରୁଙ୍କ ଘରକୁ ସେଠାକାର ଅନ୍ୟ ଜଣେ ମହିଳା ଆସୁଥିଲେ। ଏହାକୁ ନେଇ ଖଇରୁ ଏବଂ ଶକୁନ୍ତଳାଙ୍କ ମଧ୍ୟରେ ପ୍ରତିଦିନ ଝଗଡ଼ା ହୋଇଥାଏ। ଗତ ଶନିବାର ସନ୍ଧ୍ୟାରେ ଉକ୍ତ ମହିଳା ଖଇରୁଙ୍କ ଘରକୁ ଆସିଥିଲେ। ତାଙ୍କ ଆସିବାକୁ ନେଇ ଖଇରୁ ଓ ଶକୁନ୍ତଳାଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହି ସମୟରେ ଖଇରୁ ଶକୁନ୍ତଳାଙ୍କୁ ଏକ ଶକ୍ତ ଚାପୁଡା ମାରିବାରୁ ତାଙ୍କ ମୁଣ୍ଡ କାନ୍ଥରେ ପିଟି ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ଶକୁନ୍ତଳାଙ୍କ ମୃତ୍ୟୁ ଘଟିଥିଲା। ପରେ ଖଇରୁ ଉକ୍ତ ମହିଳାଙ୍କ ସହ ମିଶି ଘର ପଛପଟ ବାଡିରେ କଦଳୀ ଗଛ ମୂଳରେ ଗାତ ଖୋଳି ଶକୁନ୍ତଳାଙ୍କ ମୃତଦେହକୁ ପୋତି ଦେଇଥିଲେ ଏବଂ କିଛି ନ ଜାଣିଲା ବୋଲି ଅଭିନୟ କରି ବୁଲୁଥିଲେ। ଶକୁନ୍ତଳା ଅନ୍ୟ ଜଣଙ୍କ ଘରେ କାମଧନ୍ଦା କରନ୍ତି। ସେ କାମ କରିବାକୁ ନ ଯିବାରୁ ପଡ଼ୋଶୀଙ୍କ ସନ୍ଦେହ ହୋଇଥିଲା। ଖବରପାଇ ପୋଲିସ ପହଞ୍ଚି ଖଇରୁଙ୍କୁ ପଚରାଉଚୁରା କରିଥିଲା। ପଚରାଉଚୁରା ବେଳେ ଖଇରୁ ଶକୁନ୍ତଳାଙ୍କୁ ମାରି ବାଡ଼ିରେ ପୋତି ଦେଇଥିବା ସ୍ୱୀକାର କରିଥିଲେ। ପରେ ସାଇଣ୍ଟିଫିକ୍ ଟିମ୍, ସବଡ଼େଗା ତହସିଲଦାର ସୁଦୀପ ଟପ୍ପୋ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ମାଟି ଖୋଳି ମୃତଦେହକୁ ବାହାର କରାଯାଇଥିଲା। ମୃତଦେହ ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ଼ ଡାକ୍ତରଖାନାକୁ ପଠାଯାଇଛି।

## ମାଛଧରା ବୋଟରୁ ଖସି ମତ୍ସ୍ୟଜୀବୀ ମୃତ

**ପାରାଦୀପ, ୨୯।୧୨(ସ୍ୱ.ପ୍ର.)**

ପାରାଦୀପ ମାଛଧରା ବନ୍ଦର ପୋତାଶ୍ରୟରେ ଥିବା ଏକ ମାଛଧରା ବୋଟରୁ ଖସି ମଙ୍ଗଳବାର ଜଣେ ମତ୍ସ୍ୟଜୀବିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭଦ୍ରକ ଜିଲା ବାସୁଦେବପୁର ଅଞ୍ଚଳର ଯୁଧିଷ୍ଠିର ମଲ୍ଲିକ(୪୦)। ସେ ଦେବୀଶଙ୍କର ନାମକ ଏକ ବୋଟରେ ଥିଲେ। ଅପରାହ୍ନରେ ଅସାବଧାନତା ବଶତଃ ପାଣିକୁ ଖସି ପଡ଼ିଥିଲେ। ତାଙ୍କୁ ଉଦ୍ଧାର କରାଯାଇ ପାରାଦୀପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ଯୁଧିଷ୍ଠିରଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପାରାଦୀପ ସାମୁଦ୍ରିକ ଥାନାରେ ଅଭିଯୋଗ ହେବାପରେ ପୋଲିସ ପକ୍ଷରୁ ଅପମୃତ୍ୟୁ ମାମଲା (ନଂ.୭/୨୦)ରୁଜୁ ହୋଇଛି।

## ମହିଳା କମିଶନରେ ପକ୍ଷ ରଖିଲେ ବର୍ଷା, ଅନୁଭବ

**ଭୁବନେଶ୍ୱର,୨୯।୧୨(ବ୍ୟୁରୋ)**

**ପାରିବାରିକ ବିବାଦ ମାମଲା**

ପାରିବାରିକ ବିବାଦକୁ ନେଇ ଗତ କିଛି ମାସ ହେଲା କେନ୍ଦ୍ରାପଡ଼ା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି ଓ ତାଙ୍କ ସହଧର୍ମିଣୀ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ଚର୍ଚ୍ଚାରେ ରହିଛନ୍ତି। କିଛିଦିନ ତଳେ ଅନୁଭବଙ୍କ ବିରୋଧରେ ବର୍ଷା ଘରୋଇ ହିଂସାର ଅଭିଯୋଗ ଆଣି ନ୍ୟାୟ ପାଇଁ ରାଜ୍ୟ ମହିଳା କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାରେ ଅନୁଭବ ଓ ବର୍ଷା ମଙ୍ଗଳବାର କମିଶନଙ୍କ ନିକଟରେ ହାଜର ହୋଇଛନ୍ତି। କମିଶନ ଉଭୟ ସ୍ୱାମୀ-ସ୍ତ୍ରୀଙ୍କୁ ସାମ୍ନାସାମ୍ନି ବସାଇ କାଉନ୍‌ସେଲିଂ କରିଥିବା ବେଳେ ଦୁହେଁ ନିଜ ନିଜ ପକ୍ଷ ରଖିଛନ୍ତି। ତେବେ ବର୍ଷାଙ୍କ ଅଭିଯୋଗ କ୍ରମେ କମିଶନ ଅନୁଭବ ଓ ତାଙ୍କ ବାପା, ମା'ଙ୍କୁ ୨୯ରେ ବ୍ୟକ୍ତିଗତ ଭାବେ ହାଜର ହୋଇ ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ସୋମବାର କେବଳ ଅନୁଭବ ଉପସ୍ଥିତ ହୋଇଥିଲେ। ତାଙ୍କ ବାପା, ମା'ଙ୍କ ସ୍ୱାସ୍ଥ୍ୟଜନିତ ସମସ୍ୟା ଯୋଗୁ ସେମାନେ ଉପସ୍ଥିତ ହୋଇପାରି ନ ଥିଲେ ବୋଲି ସୂଚନା ମିଳିଛି। ପ୍ରଥମେ ବର୍ଷା ଓ ପରେ ଅନୁଭବ ଆସି କମିଶନଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। କମିଶନରଙ୍କ ଆଗରେ ଉଭୟ ସ୍ୱାମୀ-ସ୍ତ୍ରୀ କ'ଣ ପକ୍ଷ ରଖିଛନ୍ତି ତାହା ଜଣାପଡିନାହିଁ, ହେଲେ ସେମାନଙ୍କୁ ପରେ ପୁଣିଥରେ ହାଜର ହେବାକୁ ନୋଟିସ୍ ଦିଆଯିବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଅନୁଭବ ବାହାରକୁ ଆସିବା ପରେ ଗଣମାଧ୍ୟମରେ ନିଜ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି, ମହିଳା କମିଶନଙ୍କ ପାଇଁ ମୋର ଯଥେଷ୍ଟ ସମ୍ମାନ ରହିଛି। ତେଣୁ କମିଶନଙ୍କ ନିର୍ଦ୍ଦେଶ କ୍ରମେ ମୁଁ ହାଜର ହୋଇ ମୋ' ପକ୍ଷ ରଖିଛି। କମିଶନ ମୋତେ ଯାହା ପଚାରିଛନ୍ତି, ତାଙ୍କ ନିକଟରେ ମୁଁ ତା'ର ଉତ୍ତର ରଖିଛି। ତେବେ କମିଶନଙ୍କ ସହ ହୋଇଥିବା ଆଲୋଚନା ବାହାରେ କହିବା ଉଚିତ ହେବନାହିଁ।

ସୂଚନାଯୋଗ୍ୟ, ଅନୁଭବ- ବର୍ଷାଙ୍କ ବିବାଦ ଏବେ ବି କୋର୍ଟରେ ବିଚାରାଧୀନ ରହିଛି। ଏହା ସତ୍ତ୍ୱେ ଉଭୟଙ୍କ ବିବାଦ ଚରମ ସୀମାରେ ପହଞ୍ଚିଛି। ତାଙ୍କୁ ହଇରାଣ କରାଯାଉଥିବା ନେଇ ବର୍ଷା କଟକର ପୁରୀଘାଟ ଥାନାରେ ଅନୁଭବ ଓ ତାଙ୍କର ୨ ସହଯୋଗୀଙ୍କ ନାଁରେ ଅଭିଯୋଗ କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଅନୁଭବ ତାଙ୍କୁ ଘରେ ଠିକ୍‌ରେ ରହିବାକୁ ଦେଉ ନ ଥିବା ମଧ୍ୟ ବର୍ଷା ଅଭିଯୋଗରେ ଦର୍ଶାଇଥିଲେ। ପରେ ଘରୋଇ ହିଂସାର ଶିକାର ହୋଇଥିବା ଅଭିଯୋଗ ଆଣି ବର୍ଷା ମହିଳା କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ବର୍ଷା, ଅନୁଭବ ଓ ତାଙ୍କ ମା', ବାପାଙ୍କୁ ୨୯ ତାରିଖରେ ଉପସ୍ଥିତ ରହି ପକ୍ଷ ରଖିବାକୁ କମିଶନ ନିର୍ଦ୍ଦେଶ ଦେଇଥିଲେ।

## ହୀରାକୁଦ ନିଷିଦ୍ଧାଞ୍ଚଳରେ ଯୁବତୀଯୁବକ

**ସମ୍ବଲପୁର, ୨୯।୧୨ (ବ୍ୟୁରୋ)**

**ଭିଡିଓ ଭାଇରାଲ, ସୁରକ୍ଷା ନେଇ ପ୍ରଶ୍ନ**

ସମ୍ବଲପୁର ହୀରାକୁଦ ଡ୍ୟାମ ନିଷିଦ୍ଧାଞ୍ଚଳରେ କେତେକ ଯୁବତୀଯୁବକ ଚଳପ୍ରଚଳ କରୁଥିବା ଭିଡିଓ ଭାଇରାଲ ହୋଇଛି। ଭିଡିଓରେ ସେମାନେ ସେଲ୍ଫି ନେବା ସହ ଫଟୋ ଉତ୍ତୋଳନ କରୁଛନ୍ତି। ଏହାପରେ ହୀରାକୁଦ ଡ୍ୟାମରେ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଭିନ୍ନ ମହଲରେ ଏହାକୁ ନିନ୍ଦା କରାଯାଉଛି। ଏ ସମ୍ପର୍କରେ ଓଏଚ୍‌ପିସି ଅଧିକାରୀ ଦେବାଶିଷ ମିଶ୍ର କହିଛନ୍ତି ଯେ, ଭିଡିଓରେ ଭିସୁଟ ଛାତ୍ରୀଛାତ୍ର ଅଛନ୍ତି। ସେମାନଙ୍କ ପାଠ୍ୟକ୍ରମରେ ପ୍ରାକ୍ଟିକାଲ୍ କରିବା ପାଇଁ ପାୱାର ପ୍ଲାଣ୍ଟକୁ ପରିଦର୍ଶନ ଲାଗି ଆସିଥିଲେ। ପାୱାର ପ୍ଲାଣ୍ଟରେ ସିଡୀ ଚଢ଼ିବା ସହ ବିଭିନ୍ନ ଯନ୍ତ୍ରାଂଶ ବୁଲି ଦେଖିବା ପାଇଁ ସେମାନଙ୍କୁ ଅନୁମତି ଦିଆଯାଇଥିଲା। ହେଲେ ଫଟୋ ଉତ୍ତୋଳନ କରୁଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ବୁଧବାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।



ହୀରାକୁଦ ଡ୍ୟାମ ନିଷିଦ୍ଧାଞ୍ଚଳରେ ଯୁବତୀଯୁବକମାନେ।

**ଆଜିର ମନ୍ତବ୍ୟ**

"ରାଜ୍ୟ ସହ ପରାମର୍ଶ ନ କରି କେନ୍ଦ୍ର ସରକାର ୩ ନୂଆ କୃଷି ଆଇନ ଲଦି ଦେଇଛନ୍ତି। ଦିଲ୍ଲୀରେ ବସି କୃଷି କରାଯାଇପାରିବ ନାହିଁ। **–ଶରଦ ପାୱାର, ଏନ୍‌ସିପି ଅଧ୍ୟକ୍ଷ**


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:.................................
ଜନ୍ମ ତାରିଖ: ...............................


ଖୁସି
ପରିବାରବର୍ଗ


ସ୍ୱାଲେହା ନିଶାତ୍
ପରିବାରବର୍ଗ


ଶୁଭଶ୍ରୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସିବିଆଇ ଜାଲରେ ଜିଏସ୍‌ଟି, ସେଣ୍ଟ୍ରାଲ ଏକ୍ସାଇଜ୍‌ର ୩ ଅଧିକାରୀ

## ୧୦ଲକ୍ଷ ଲାଞ୍ଚ ନେବାବେଳେ ଧରାପଡ଼ିଲେ

ଭୁବନେଶ୍ୱର,୨୯।୧୨(ବ୍ୟୁରୋ)

ଏକ ଘରୋଇ ଶିକ୍ଷାନୁଷ୍ଠାନର ଜିଏସ୍‌ଟି ମାମଲା ସମାଧାନ ନିମନ୍ତେ ୧୦ଲକ୍ଷ ଟଙ୍କା ଲାଞ୍ଚ ନେଉଥିବାବେଳେ ଜିଏସ୍‌ଟି ଓ ସେଣ୍ଟ୍ରାଲ ଏକ୍ସାଇଜ୍‌ର ୩ଜଣ ସୁପରିଣ୍ଟେଣ୍ଡେଣ୍ଟ ଓ ଉକ୍ତ ଶିକ୍ଷାନୁଷ୍ଠାନର ଜଣେ କର୍ମଚାରୀ ସିବିଆଇ ହାତରେ ଧରାପଡିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଏକ୍ସାଇଜ୍ ସୁପରିଣ୍ଟେଣ୍ଡେଣ୍ଟ ଆର୍ତ୍ତଭଞ୍ଜନ କର, ପ୍ରଦୀପ କୁମାର ଆଚାର୍ଯ୍ୟ, ଏନ୍.ଏନ୍ ସାହୁ ଏବଂ ଲାଞ୍ଚ ଦେଉଥିବା ଶିକ୍ଷାନୁଷ୍ଠାନର କର୍ମଚାରୀ। ଏନେଇ ସିବିଆଇ, ଏସିବି ଭୁବନେଶ୍ୱର ଏକ ମାମଲା(ନଂ. ୧୦(କ)/୨୦୨୦) ରୁଜୁ କରିଛି। ଗିରଫ ଅଭିଯୁକ୍ତଙ୍କ ବାସଭବନ ଏବଂ କାର୍ଯ୍ୟାଳୟରେ ଚଢ଼ାଉ କରାଯାଇ ଅଧିକ ଖୋଳତାଡ଼ କରାଯାଉଛି।

ସୂଚନାନୁଯାୟୀ, ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅଞ୍ଚଳରେ ଥିବା ଏକ ଘରୋଇ କଲେଜ ନାଁରେ ଥିବା ଜିଏସ୍‌ଟି ସମ୍ପର୍କିତ ମାମଲାର ସମାଧାନ ନିମନ୍ତେ ଭୁବନେଶ୍ୱର ସର୍କଲ ଜିଏସ୍‌ଟି ଏବଂ ସେଣ୍ଟ୍ରାଲର ୩ ସୁପରିଣ୍ଟେଣ୍ଡେଣ୍ଟ ୧୦ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ଦାବି ମୁତାବକ ଟଙ୍କା ଦେଲେ ସମସ୍ତ ମାମଲାର ସମାଧାନ କରିଦେବା ପାଇଁ ଉକ୍ତ ଅଧିକାରୀମାନେ କହିଥିଲେ। ଏଥିପାଇଁ ମଙ୍ଗଳବାର ଭୁବନେଶ୍ୱର ରାମମନ୍ଦିର ନିକଟସ୍ଥ ହୋଟେଲ ନ୍ୟୁ ମାରିଅନ୍‌ରେ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଜିଏସ୍‌ଟି ଅଫିସରମାନେ ପ୍ରଥମେ ସେଠାରେ ପହଞ୍ଚିଥିଲେ। ପରେ ସେଠାରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନର କର୍ମଚାରୀ ଟଙ୍କା ନେଇ ପହଞ୍ଚିଥିଲେ। ଏହି ଟଙ୍କା କାରବାର ସମ୍ପର୍କରେ ସିବିଆଇ ଅଧିକାରୀମାନେ ବିଶେଷ ସୂତ୍ରରୁ ଖବର ପାଇ ଏକ ଟିମ୍ ପୂର୍ବରୁ ଉକ୍ତ ହୋଟେଲରେ ନିକଟରେ ଉପସ୍ଥିତ ଥିଲେ। ଟଙ୍କା କାରବାର ସମୟରେ ସିବିଆଇ ଅଫିସରମାନେ ୩ଜଣ ଜିଏସ୍‌ଟି ସୁପରିଣ୍ଟେଣ୍ଡେଣ୍ଟଙ୍କ ସମେତ ଶିକ୍ଷାନୁଷ୍ଠାନ କର୍ମଚାରୀଙ୍କୁ କାବୁ କରିଥିଲେ। ଏହାପରେ ସେମାନଙ୍କୁ ଗିରଫ କରି ସିବିଆଇ କାର୍ଯ୍ୟାଳୟକୁ ନେଇଯାଇଥିଲେ। ସିବିଆଇ ସେଠାରେ ସମସ୍ତ ଅଭିଯୁକ୍ତଙ୍କୁ ଜେରା କରୁଛି।

## ପ୍ରଥମ ପୃଷ୍ଠାରୁ...

### ରାଜନୀତି କରିବେନି ...

ସେବା କରିବେ ବୋଲି ସେ କହିଛନ୍ତି। ଏଭଳି ନିଷ୍ପତ୍ତି ପ୍ରଶଂସକ ଓ ଅନ୍ୟମାନଙ୍କୁ ଦୁଃଖିତ କରିଥିବାରୁ ସେମାନେ ତାଙ୍କୁ କ୍ଷମା ଦେବା ଲାଗି ରଜନୀକାନ୍ତ ଅନୁରୋଧ କରିଛନ୍ତି। ଆଧାତ୍ମିକ ରାଜନୀତିର ପ୍ରତିଶ୍ରୁତି ନେଇ ଦୁଇବର୍ଷ ତଳେ ସେ ରଜନୀ ମକ୍କଲ ମନ୍ଦରମ୍ ଗଠନ କରିଥିଲେ। ତେବେ ହସ୍ପିଟାଲରେ ଭର୍ତ୍ତି ହେବା ତାଙ୍କ ପାଇଁ ଭଗବାନଙ୍କ ଚେତାବନୀ ଥିଲା, ଯେଉଁଥିପାଇଁ ସେ ରାଜନୀତିରେ ଯୋଗ ନ ଦେବାକୁ ନିଷ୍ପତ୍ତି ନେଲେ ବୋଲି କହିଛନ୍ତି।

### କୋରାପୁଟରେ ମାଲବାହୀ ...

ଥିବା ଟନେଲରେ ଲାଇନଚ୍ୟୁତ ହୋଇପଡିବାରୁ ମାଲବାହୀ ଟ୍ରେନର ୧୩ଟି ବଗି ରେଳଧାରଣାରୁ ତଳକୁ ଖସିଯାଇଛି। ଫଳରେ କରଣ୍ଡୁଲ-ବିଶାଖାପାଟାଣା ଏକ୍ସପ୍ରେସ ଟ୍ରେନ ଚଳାଚଳ ବାତିଲ ହୋଇଛି। ବିଶାଖାପାଟଣା-କରଣ୍ଡୁଲ ଟ୍ରେନ କୋରାପୁଟରୁ ଫେରିବ ବୋଲି ଜଣାପଡିଛି। ଘଟଣା ସ୍ଥଳରେ ବୈଷୟିକ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଟ୍ରେନଟି ଅଧିକ ବେଗରେ ଆସୁଥିବାରୁ ଏପରି ହେଲା ବୋଲି କୁହାଯାଉଛି। କୋରାପୁଟ-କିରଣ୍ଡୁଲ ଲାଇନରେ କେବଳ ଗୋଟିଏ ରେଳଧାରଣା ଥିବାରୁ ଧାରଣାରେ କୌଣସି ସମସ୍ୟା ସୃଷ୍ଟି ହେଲେ ଜଗଦଲପୁର ଓ କୋରାପୁଟ ମଧ୍ୟରେ ଚଳାଚଳ କରୁଥିବା ସମସ୍ତ ଯାତ୍ରୀବାହୀ ଓ ମାଲବାହୀ ଟ୍ରେନ ପ୍ରଭାବିତ ହୋଇଥାଏ। ରେଳ ଧାରଣା ମରାମତି ପରେ ଏହି ରୁଟ୍‌ରେ ଟ୍ରେନ ଚଳାଚଳ ସ୍ୱାଭାବିକ ହେବ ବୋଲି ଷ୍ଟେସନ ମ୍ୟାନେଜର ଏନ.କେ. ଭିତରେ କହିଛନ୍ତି।

### ଅରୁଣ ବୋଥ୍ରାଙ୍କୁ ...

ହିମାଂଶୁ ଲାଲ, ସଞ୍ଜୟ କୁମାର କୌଶଲ, ନିଖିଲ କୁମାର କାନୋଡିଆ, ସାଫିନ କେ. ଅହମ୍ମଦଙ୍କୁ ଇନ୍ସପେକ୍ଟର ଜେନେରାଲ ଅଫ୍ ପୋଲିସ (ଆଇଜିପି) ଭାବେ ପଦୋନ୍ନତି ଦିଆଯାଇଛି। ସୁନୀତା କାକରନ ଏବଂ ନିଖିଲ କାନୋଡିଆ ଏବେ ସେଣ୍ଟ୍ରାଲ ଡେପୁଟେଶନରେ ଅଛନ୍ତି। ୨୦୨୧ ଜାନୁୟାରୀ ପହିଲାରୁ ଉକ୍ତ ପଦୋନ୍ନତି ବ୍ୟବସ୍ଥା ଲାଗୁ କରାଯିବ।

## ପ୍ରଥମ ପୃଷ୍ଠାରୁ...

### ଭାରତ ଜିତିଲା ...

ଅଧିବାସୀ ମୁଲାଘ ୧୮୬୮ରେ ଦଳର ନେତୃତ୍ୱ ନେଇ ୟୁନାଇଟେଡ କିଙ୍ଗଡମ୍ (ୟୁକେ) ଯାତ୍ରା କରିଥିଲେ। ବକ୍ସିଂ ଡେ' ଟେଷ୍ଟର ମ୍ୟାନ୍ ଅଫ୍ ଦି ମ୍ୟାଚ ବିଜେତାଙ୍କୁ ମୁଲାଘ ମେଡାଲ ପ୍ରଦାନ କରାଯିବ ବୋଲି ପୂର୍ବରୁ କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ପକ୍ଷରୁ ପ୍ରକାଶ କରାଯାଇଥିଲା।

ତୃତୀୟ ଦିନର ଅସାମାପ୍ତ ସ୍କୋର ୧୩୩/୬ରୁ ଖେଳ ଆରମ୍ଭ କରିଥିବା ଅଷ୍ଟ୍ରେଲିଆ ମୋଟ ୨୦୦ ରନରେ ଅଲ୍‌ଆଉଟ ହୋଇଥିଲା। ଆହତ ଉମେଶ ଯାଦବଙ୍କ ଅନୁପସ୍ଥିତିକୁ ଅନୁଭବ ହେବାକୁ ଦେଇ ନ ଥିଲେ ଟେଷ୍ଟ ପଦାର୍ପଣକାରୀ ମହମ୍ମଦ ସିରାଜ। ସେ ଚମତ୍କାର ବୋଲିଂ କରି ସେଟ୍ ବ୍ୟାଟ୍ସମ୍ୟାନ କାମେରନ ଗ୍ରୀନ୍ (୧୪୬ ବଲରୁ ୪୫) ଓ ନାଥାନ ଲିୟନ(୩)ଙ୍କ ଉଇକେଟ ନେଇଥିବାବେଳେ ପ୍ୟାଟ୍ କମିନ୍ସ(୨୨)ଙ୍କୁ ପ୍ୟାଭିଲିୟନ ପଠାଇଥିଲେ ଯଶପ୍ରୀତ୍ ବୁମ୍‌ରା। ଶେଷରେ ଷ୍ଟାର୍କ (୧୪*) ଓ ଜୋଶ୍ ହାଜେଲଉଡ୍ କିଛି ସମୟ ଭାରତୀୟ ବୋଲରଙ୍କ ଧୈର୍ଯ୍ୟର ପରୀକ୍ଷା ନେଇଥିଲେ। ମାତ୍ର ୧୦୨ତମ ଓଭରର ପ୍ରଥମ ବଲରେ ହାଜେଲଉଡ୍‌ଙ୍କୁ କ୍ଲିନ୍ ବୋଲ୍ଡ କରି ରବିଚନ୍ଦ୍ରନ ଅଶ୍ୱିନ ପ୍ରତୀକ୍ଷାର ଅବସାନ ଘଟାଇଥିଲେ। ସିରାଜଙ୍କୁ ୩ଟି, ବୁମ୍‌ରା, ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜାଙ୍କୁ ୨ଟି ଲେଖାଏ ଏବଂ ଉମେଶ ଯାଦବ ଗୋଟିଏ ଉଇକେଟ ନେଇଥିଲେ।

### ନୂଆ ଷ୍ଟ୍ରେନ୍: ଭାରତରେ...

ଟିକା ପହଞ୍ଚାଇବା ଏବେ ଚିନ୍ତାର ବିଷୟ ହୋଇଛି। ଟିକା ପରିବହନ ପାଇଁ ଦିଲ୍ଲୀ ଅନ୍ତର୍ଜାତୀୟ ବିମାନବନ୍ଦରକୁ ପ୍ରସ୍ତୁତ ରଖାଯାଇଛି। ପର୍ଯ୍ୟାପ୍ତ ଉପକରଣ ଓ କଣ୍ଟେନର ନ ଥିବା ଗ୍ରାମାଞ୍ଚଳରେ ଟିକାକରଣ ନେଇ ସମସ୍ୟା ସୃଷ୍ଟି ହୋଇପାରେ। ବିଭିନ୍ନ ଅଞ୍ଚଳରେ କୋଲ୍ଡ ଚେନ୍ ଉପଲବ୍ଧ କରାଇବା ଚ୍ୟାଲେଞ୍ଜ ହୋଇପାରେ ବୋଲି କୁହାଯାଉଛି। ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ୨ରୁ ୮ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରାରେ ୨.୭ ନିୟୁତ ଭାଏଲ୍ ଟିକା ରଖିବା ଲାଗି ବ୍ୟବସ୍ଥା ହୋଇଛି। ଏଥିସହିତ ବିୟୁକ୍ତ ୨୦ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରାରେ କେତେକ ଟିକା ରଖିବାକୁ ପଡୁଥିବାରୁ ଏଥିପାଇଁ କୁଲିଂ ଚାମ୍ବର ବ୍ୟବସ୍ଥା କରାଯାଇଛି।

### 'ବ୍ରିଟେନ ଫେରନ୍ତା ...

ନେଇ ଡିଏମ୍‌ଇଟି ନିର୍ଦ୍ଦେଶକ ଡା. ସି.ବି.କେ. ମହାନ୍ତି କହିଛନ୍ତି ଯେ, ଏହି ଭୂତାଣୁ ପୂର୍ବ ଭୂତାଣୁଠାରୁ କ୍ଷିପ୍ର ଗତିରେ ସଂକ୍ରମିତ ହେବ। ଅଧିକ ଲୋକ ମଧ୍ୟ ସଂକ୍ରମଣର ଶିକାର ହେବେ। ଓଡ଼ିଶାରେ ପଜିଟିଭ୍ ଚିହ୍ନଟ ଲୋକଙ୍କ ଜେନମ୍ ସିକ୍ୱେନ୍ସିଂ ଜାଣିବା ପାଇଁ ସେମାନଙ୍କ ନମୁନା ପୁଣେକୁ ପଠାଯାଇଛି। ଏହି ନୂଆ ଭାଇରସ ସୁପର ସ୍ପ୍ରେଡର ହେବ କି ନାହିଁ ତାହା ଜଣାପଡ଼ିନାହିଁ। କିନ୍ତୁ ଜ୍ୱର, ଝାଡ଼ା ଓ କାଶ ଏହି ନୂଆ ଭୂତାଣୁର ଲକ୍ଷଣ ବୋଲି ଡିଏମ୍‌ଇଟି ନିର୍ଦ୍ଦେଶକ କହିଛନ୍ତି।

୧୮ଟି ଜିଲାର ବ୍ରିଟେନ ଫେରନ୍ତାଙ୍କ ମଧ୍ୟରୁ ଅଧିକାଂଶ ଭୁବନେଶ୍ୱର ବାସିନ୍ଦା ହୋଇଥିବାରୁ ବିଏମ୍‌ସି ପକ୍ଷରୁ ସେମାନଙ୍କୁ ଠାବ କରିବାକୁ ପ୍ରୟାସ ଜାରି ରହିଛି। ବ୍ରିଟେନରୁ ଭୁବନେଶ୍ୱର ଫେରିଥିବା ୩ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ପରୀକ୍ଷା ପାଇଁ ସେମାନଙ୍କ ନମୁନା ପୁଣେ ପଠାଯାଇଥିବା ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୨୮ ବ୍ରିଟେନ୍ ଫେରନ୍ତାଙ୍କ ତାଲିକା ଆସିଥିଲା। ସେମାନଙ୍କ ମଧ୍ୟରୁ ୩ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନେ ନୂଆ ଷ୍ଟ୍ରେନ ଦ୍ୱାରା ଆକ୍ରାନ୍ତଙ୍କ କି ନାହିଁ ରିପୋର୍ଟ ଆସିଲା ପରେ ଜଣାପଡ଼ିବ। ଦ୍ୱିତୀୟ ପର୍ଯ୍ୟାୟରେ ୬୦ରୁ ୭୦ ଫେରନ୍ତାଙ୍କ ତାଲିକା ଆସିଛି। ସେମାନଙ୍କ ଫୋନ ନମ୍ବର ଓ ଅନ୍ୟାନ୍ୟ ତଥ୍ୟ ସଂଗ୍ରହ କରାଯାଉଛି। ଏଥିପାଇଁ ୩ଟି ଜୋନ ପାଇଁ ୬ଟି ଟିମ୍ ଗଠନ କରାଯାଇ ଯାଞ୍ଚ ଆରମ୍ଭ ହୋଇଥିବା କମିଶନର ସୂଚନା ଦେଇଛନ୍ତି।

### ୩୧ରୁ ବଢ଼ିବ ...

କରାଯାଇଛି। ତେବେ ଡିସେମ୍ବର ୩୧ରୁ ପୁଣି ଶୀତ ବଢ଼ିବ। ଏ ନେଇ ଜାନୁୟାରୀ ୨ ଯାଏ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଡିସେମ୍ବର ୩୧ରୁ ୨୦୨୧ ଜାନୁୟାରୀ ୨ ତାରିଖ ଯାଏ ଝାରସୁଗୁଡା, ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, ବୌଦ୍ଧ ଓ କନ୍ଧମାଳ ଜିଲାରେ ଶୀତ ଲହରି ଦେଖାଦେବ। ସେହି ଜିଲାଗୁଡ଼ିକ ପାଇଁ ପାଣିପାଗ ବିଭାଗ ପକ୍ଷରୁ ସତର୍କତା ଜାରି କରାଯାଇଛି। ଏହି ସମୟରେ ଘରେ ରହିବାକୁ ପରାମର୍ଶ ଦିଆଯାଇଛି। ଗୃହପାଳିତ ପ୍ରାଣୀଙ୍କୁ ଘରଭିତରେ କିମ୍ବା ଛପର ତଳେ ରଖିବାକୁ କୁହାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଘରର ବାକି ରହିଥିବା କାମକୁ ଅଗ୍ରାଧିକାର ଭିତ୍ତିରେ ସମ୍ପୂର୍ଣ୍ଣ କରିବାକୁ ବାଧ ହେବେ। ପୂର୍ବ ସ୍ଥିରୀକୃତ ଯାନ ବାହନ, ଯାନ୍ତ୍ରିକ ଜିନିଷ ତଥା ଗୃହୋପକରଣ କିଣିବାକୁ ମନ ବଳାଇପାରନ୍ତି। ଅଭାବ ନ ଥିଲେ ମଧ୍ୟ ଧାରକରଜ କରିପାରନ୍ତି। କିଛି ନୂଆ ତଥ୍ୟ ଓ ଅନୁସନ୍ଧାନ କ୍ଷେତ୍ରରେ ପ୍ରେରଣା ଦେଇ ପ୍ରଶଂସିତ ହେବେ।

**ବୃଷ** ପାରିବାରିକ ମତାନ୍ତର ଗୋଳମାଳିଆ ପରିସ୍ଥିତି ସୃଷ୍ଟି କରିପାରେ। ଅଫିସ୍ କାମରେ ବ୍ୟସ୍ତ ରହି ଘରୁ ବରାଦ ପାଇଥିବା ଜିନିଷଟି ଆଣିବାକୁ ଭୁଲିଯାଇପାରନ୍ତି। ବନ୍ଧୁ ଗହଣରେ ମଉଜିଆ କଥା କହି ପରିସ୍ଥିତିକୁ ହାଲ୍‌କା କରିବେ। ଖଳ ଲୋକଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି।

**ମିଥୁନ** ଜଣେ ସମ୍ପର୍କୀୟଙ୍କ ନିକଟରୁ କୌଣସି ନୂଆ ଖବର ପାଇ ଖୁସି ହୋଇପାରନ୍ତି। ବହୁ ଦିନରୁ ସମାଧାନ ହୋଇପାରୁ ନ ଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି। ମନ ଭଲ ନ ଥିବା କାରଣରୁ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ।

**କର୍କଟ** କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନେଇ ବ୍ୟସ୍ତ ହୋଇପାରନ୍ତି। ମନରେ ଅସ୍ଥିରତା ଲାଗି ରହିଲେ ମଧ୍ୟ କିଛି ଆଶା ନେଇ ଦୌଡ଼ିପାରନ୍ତି। କେତେକ କ୍ଷେତ୍ରରେ ବିରକ୍ତିଜନିତ ବାକ୍ ଅସଂଯମତା ଯୋଗୁଁ ବନ୍ଧୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବ୍ୟବସାୟ, ପରିବହନ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**ସିଂହ** ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ଭଲରେ କଟିବ। କେତେକ କ୍ଷେତ୍ରରେ ଅନୁତାପ କରିବେ ସିନା କିଛି ଲାଭ ହେବନି। ବନ୍ଧୁଙ୍କ ମିଥ୍ୟା ଅଭିଯୋଗକୁ ପରୋକ୍ଷ ସମର୍ଥନ ଦେବା କାରଣରୁ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ବନ୍ଧୁ କିମ୍ବା ସହକର୍ମୀଙ୍କ ସହ ଆଳାପ ଆଲୋଚନା ମଧ୍ୟରେ ସମୟ ଅତିବାହିତ ହେବ।

**କନ୍ୟା** ପରିବର୍ତ୍ତିତ ସମୟର କେତେକ ବ୍ୟତିକ୍ରମକୁ ନେଇ ଦୋଷୀ ରୂପେ ପରିଗଣିତ ହୋଇପାରନ୍ତି। ଅନ୍ୟମାନଙ୍କ ଭୁଲ୍ ଧାରଣା ବୃଦ୍ଧି ଦିଗରେ କେତେକ ନିକଟତମ ବନ୍ଧୁ ଖୋରାକ ଯୋଗାଇବେ। ଅଫିସ ସମୟରେ ହଠାତ୍ କୌଣସି ଖବର ପାଇ ହତଚକିତ ହେବେ। କଳା ଓ ସାହିତ୍ୟ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ତୁଳା** କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ ଓ ଅନ୍ୟମାନେ ଆପଣଙ୍କୁ ପ୍ରଶଂସା କରିବେ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିପାରେ। ଶାରୀରିକ ଅସୁସ୍ଥତା ହେତୁ ବ୍ୟସ୍ତ ବିବ୍ରତ ରହି ପାରନ୍ତି। ଆର୍ଥିକ ଦିଗଟି ଦୁର୍ବଳ ରହିଥିବାରୁ ସବୁ କାମରେ ପଛେଇ ଯିବେ।

**ବିଛା** ମନ କଥା ମନରେ ରଖି ସମସ୍ୟାର ସରଳ ସମାଧାନ କରିବେ। ବାଣିଜ୍ୟ, ଶିଳ୍ପ କ୍ଷେତ୍ରରେ ଲାଭବାନ ହେବେ। ଭାବୁଥିବା କାମଟିକୁ ଶେଷ କରିପାରିବେନି, ଯଦିଓ ଏଥିପାଇଁ ଆଜି ବହୁତ ଚେଷ୍ଟା ଓ ପରିଶ୍ରମ କରିବାକୁ ପଡିବ। ପାରିବାରିକ କ୍ଷେତ୍ରରେ ଆପୋଷ ଆଲୋଚନା ଦ୍ୱାରା ବାତାବରଣ ଉତ୍ସାହଜନକ ରହିବ।

**ଧନୁ** ପ୍ରତ୍ୟେକ କ୍ଷେତ୍ରରେ ସଫଳତାର ଅଭାବ ଓ ସଂଘର୍ଷମୟ ସ୍ଥିତି ହେତୁ ଚିନ୍ତିତ ରହିବେ। ଅତି ଭଲ ପାଉଥିବା ବ୍ୟକ୍ତିଟି ପ୍ରତି ସମ୍ପର୍କ ହାନି ଯୋଗୁଁ ଚିନ୍ତା ପ୍ରକଟ କରିବେ। କଠିନଶ୍ରମ ଓ ଭ୍ରମଣଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ମଧ୍ୟ ଅନୁଭବ କରିବେ। ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ ଓ କାମ ହାସଲ କରିବେ।

**ମକର** ଚିନ୍ତା କରିଥିବା କୌଣସି ନୂତନ ବନ୍ଧଙ୍କ ସହ ସମ୍ପର୍କ ସ୍ଥାପିତ ହେବାର ଉଜ୍ଜ୍ୱଳ ଆଶା ରହିଛି। ଆଜି ଯେତିକି ପାଇବେ ତାହାଠାରୁ ଅଧିକ ଖର୍ଚ୍ଚ କରିବାକୁ ବାଧ ହେବେ। ପ୍ରେସ୍, ପବ୍ଲିକେଶନ, ଆଇନ ଅଦାଲତ, ଗବେଷଣା, ଅନୁସନ୍ଧାନ, ନିର୍ମାଣ କାମରୁ ସୁଫଳ ମିଳିବ।

**କୁମ୍ଭ** କର୍ମକ୍ଷେତ୍ରରେ ବିଭିନ୍ନ ସମସ୍ୟା କିମ୍ବା ବିଶୃଙ୍ଖଳାକୁ ନେଇ ମନ ଭାରାକ୍ରାନ୍ତ ରହିପାରେ। ମାନସିକ ଚାପଗ୍ରସ୍ତ ହୋଇ ପାରିବାରିକ ସମସ୍ୟା ପ୍ରତି ବୀତସ୍ପୃହ ରହିପାରନ୍ତି। କେତେକ କ୍ଷେତ୍ରରେ ନିଜର ସ୍ୱକୀୟ ମତ ପୋଷଣ କରି ସମାଲୋଚିତ ହେବେ। ପିଲାଙ୍କ ବିବାହ ସମ୍ପର୍କୀୟ ପ୍ରସ୍ତୁତି ଲାଗି ବନ୍ଧୁଙ୍କ ସହ ଆଲୋଚନା କରିବେ।

**ମୀନ** ବାସ୍ତବତାକୁ ପ୍ରାଧାନ୍ୟ ଦେଉଥିବାରୁ ଅନ୍ୟମାନଙ୍କ କଥାକୁ ସହଜରେ ଗ୍ରହଣ କରିପାରିବେ ନାହିଁ। ବନ୍ଧୁଙ୍କ ବିରୋଧାତ୍ମକ କଥାରେ ମନ୍ତବ୍ୟ ଦେଇ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବିବାଦୀୟ ଘଟଣାର ଦିଗ ବଦଳି ଯାଇପାରେ। ସ୍ୱତନ୍ତ୍ର ଭାବେ ଆମନ୍ତ୍ରିତ ହୋଇ ପଡୋଶୀଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ମାତିରହି ପାରନ୍ତି।

ଆଜି ମାର୍ଗଶିର ପୂର୍ଣ୍ଣିମା ବୁଧବାର, ଦିବା ଘ.୦୮.୫୮ମି. ଗତେ ପୌଷକୃଷ୍ଣ ପ୍ରତିପଦା, ଡିସେମ୍ବର ୩୦ ତାରିଖ, ରାଶି ନକ୍ଷତ୍ର- ଆରଦ୍ରା/ମିଥୁନ, କନ୍ୟା ରାଶିର ଘାତଚନ୍ଦ୍ର, କର୍କଟ ରାଶିର ଘାତବାର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬.୨୪ମି. ଗତେ ଘ.୦୭.୦୭ମି. ମଧ୍ୟେ, ଘ.୦୭.୫୧ମି. ଗତେ ଘ.୦୮.୩୪ମି. ମଧ୍ୟେ, ଘ.୧୦.୪୪ମି. ଗତେ ଘ.୧୨.୫୪ମି. ମଧ୍ୟେ ଅମୃତବେଳା। ସକାଳ ଘ.୦୭.୦୭ମି. ଗତେ ଘ.୦୭.୫୧ମି. ମଧ୍ୟେ, ଘ.୦୧.୩୭ମି. ଗତେ ଘ.୦୩.୪୭ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ. ୧୧.୪୯ମି. ଗତେ ଘ.୦୧.୧୦ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**BRIDE WANTED**

Karan 45/170cm, B.Com, PGDCA, Businessman having bright social and financial background. Contact No.- 9178112177 and 9078746644. D-19350

Son Age 31 B.Tech M.Tech NIT Hamirpur currently Working in mnc company Bangalore salary 20-lakhs 6372748613. D-19376

Son Age 30 B.Tech IGIT Sarang MBA XIMB Bbsr work in govt of India as assistant manager RBI grade B manager cast no bar 8144589551. D-19377

ବ୍ରାହ୍ମଣ, ଗୁଡ଼ିଆ, ଖଣ୍ଡାୟତ, ତେଲି, ବେଙ୍ଗଲୀ, କରଣ ଜାତିର କନ୍ୟାପାତ୍ରୀ ଆବଶ୍ୟକ। 7978736177. D-68266

**GROOM WANTED**

ବୟସ-28, Nurse ଥିବା ଦରମା 27000/- divorcee ବ୍ରାହ୍ମଣ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର। 7077495623. D-19375

Age-32 ବର୍ଷ, ପାଟରା ଜାତିର ଝିଅଙ୍କ ପାଇଁ ପୁଅ ଦରକାର। ଯୋଗାଯୋଗ:- 08269207019, 07587880435. D-69035

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




**SALE**

950 sqft. 2BHK flat at Sundarpada BBSR with Vitrified Tiles Flooring and 2 Balconies @22 lakhs. Contact: 7008411490. D-19401

**1000sqft 2BHK flat for sale at Kalyan Plaza-2, Sundarpada @30lakhs. Genuine Buyers Please Contact. 9437581042.** D-19402

Bhubaneswar ସୁନ୍ଦରପଦାରେ ଆଜି ଘର କରିବା ପ୍ଲଟ୍ sqft.-950/- investment plot near Xavier University-299/-, Deras (Kateni) 650/- Lipsa- 9938016295. D-70139

**Plot For Sale, 2000sqft (10nos) per Sq.ft.- 1700, Gharabari Plot and Sarada-2 (15nos) per sqft- 1500 main road side, infront of Tata Ariana, Mouza- Sankarpur, Ghatikia, BBSR. Electricity, Supply Water available. Contact: 8114744495, 8328943165.** D-19368

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 9776974912, 9348232008. D-70133

କଟକ ନନ୍ଦନକାନନ ମଧ୍ୟରେ ସ୍ଥିତିବାନ ପ୍ଲଟ୍ ବର୍ଗଫୁଟ ୪୯୯/-ରେ ମିଳୁଛି। **9776862716, 7008068622.** D-69358

ଭୁବନେଶ୍ୱର ଗୋଠପାଟଣା **IIIT, Birla Global University** ପାଖରେ ଘରବାରି **yellowzone, 30' road,** ଇଲେକ୍ଟ୍ରିସିଟି ଥାଇ **plot** ମିଳୁଛି। **1st possession/ registration. 9937819395.** D-70125

Bank Approved Plot, Saivihar Colony, Rangabazar 1500 Sq.ft. @ 6,75,000/- 9437522338, 9437522339. D-19367

**Booking open for 3BHK/ 2BHK luxurious & premium flat at Surya Nagar, Bhubaneswar, genuine buyer please Contact- (D.K.ASSOCIATES). 9937329999.** D-69951

**Immediate construction with** ଘରବାରି ବାଉଣ୍ଡ୍ରିୱାଲ୍, ଇଲେକ୍ଟ୍ରିସିଟି ଥାଇ ହଂସପାଳ କେନାଲ ରୋଡ୍ ପାଖରେ ଜାଗା ବିକ୍ରିହେବ। **7978998868.** D-70135

BBSR ସୁନ୍ଦରପଦାରେ 1150/- KEC ପାଖରେ 1250/- ପିପିଲି NHକୁ ଲାଗି 800/-ରେ 30ft. road ଘରବାରି plot ବାଉଣ୍ଡରୀ ଥାଇ କିଣନ୍ତୁ। 7978641199. D-69599

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




**Don't hurry for construction or renovation compare quality and price from others before start your work talk with engineering experts for latest techniques call OHM Construction & research centre. 9938640133, 9938709146.** D-70068




Excellent furnished 2BHK prime S.S. Vihar single stay 7000/- twin 14000/- suitable family corporate employees. 9937502162, 7382983171. D-67778




Christmas Offer@ 899/- all types massage gives by Swarna SPA. 9556978408. D- 70069

Newly open evergreen SPA Offer@799/- Jaydev Vihar. 7846814019. D-59973

Rejuvenate and Ayurvedic full body massage by smart therapist. 9348123330. D-70071

Get refreshment body massage by expert therapist contact for 7205084157. D-70070

Revitalize your self with our ayurvedic massage and refreshment, Call: 7381239385. D-70075

Experience full body massage with expert therapists. Call: 7377048581. D-70076




**AB roadlinesର new project ପାଇଁ ହାଇୱା ଆବଶ୍ୟକ। Mo-: 9337731351, 7077061630.** D-19336




ନିଜ ଘରେ ପୂଜା ସ୍ଥାନରେ (Siyar singhi) (Business love service you can check it internet) ନାମ ଗୋତ୍ରରେ ସ୍ଥାପନ କରିବା ଦ୍ୱାରା ନିଜ ଘରର ସକଳ ଉନ୍ନତି ହୋଇଥାଏ। 8895588392. D-19384

**ଅଧ୍ୟାପିକାଙ୍କ ସଂସ୍କୃତରେ ଡକ୍ଟରେଟ୍ (ପିଏଚ୍.ଡି) ଲାଭ**



ମୟୂରଭଞ୍ଜ ସ୍ଥିତ କୃଷ୍ଣଚନ୍ଦ୍ରପୁର ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସଂସ୍କୃତ ଅଧ୍ୟାପିକା ମନ୍ଦାକିନୀ ସାହୁ ବାରିପଦାସ୍ଥିତ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରୁ ସଂସ୍କୃତରେ ଡକ୍ଟରେଟ୍ (ପିଏଚ୍.ଡି) ଲାଭ କରିଛନ୍ତି। ବେତନଟୀ ମହାବିଦ୍ୟାଳୟର ସଂସ୍କୃତ ବିଭାଗୀୟ ମୁଖ୍ୟ ଡ. ପ୍ରବୀର କୁମାର ନନ୍ଦ ଗୋସ୍ୱାମୀ ଓ ପଶ୍ଚିମ ମେଦିନୀପୁର ସ୍ଥିତ ଖଡ଼ଗପୁର ମହାବିଦ୍ୟାଳୟର ସଂସ୍କୃତ ବିଭାଗୀୟ ମୁଖ୍ୟ ଡ. ଜଗମୋହନ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ "ଅଳଂକାରଶାସ୍ତ୍ରଦୃଷ୍ଟ୍ୟା ପ୍ରଫୁଲ୍ଲମିଶ୍ରସ୍ୟ କାବ୍ୟ ସମୀକ୍ଷା" ଶୀର୍ଷକ ଶୋଧପ୍ରବନ୍ଧଟି ଗୁଜରାଟ ପ୍ରଦେଶ ସ୍ଥିତ ଶ୍ରୀ ସୋମନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୋପବନ୍ଧୁ ମିଶ୍ର ଓ ପଶ୍ଚିମବଙ୍ଗ ସ୍ଥିତ ବିଶ୍ୱଭାରତୀ ଶାନ୍ତିନିକେତନର ସଂସ୍କୃତ, ପାଲି, ପ୍ରାକୃତ ବିଭାଗୀୟ ମୁଖ୍ୟ ଡ. ହରେକୃଷ୍ଣ ମିଶ୍ରଙ୍କ ଦ୍ୱାରା ପରୀକ୍ଷିତ ହୋଇ ଉକ୍ତ ପ୍ରଶଂସିତ ହୋଇଅଛି।
ଡ. ସାହୁ ମୟୂରଭଞ୍ଜ ଜିଲାର ବେତନଟୀ ବ୍ଲକ ଅଧୀନ ମୁଖ୍ୟାପୁର ଗ୍ରାମର ପିତା ସ୍ୱର୍ଗତ ନବୀନ ସାହୁ, ମାତା ସ୍ୱର୍ଗତା ମାଳତୀ ସାହୁଙ୍କ ମଧ୍ୟମା କନ୍ୟା ଓ ପରମେଶ୍ୱର ସାହୁଙ୍କ ଭଗିନୀ ତଥା ପୁରୁଣା ବାରିପଦା ଗ୍ରାମର କେଶବଚନ୍ଦ୍ର ପୃଷ୍ଟି ଓ ସ୍ୱର୍ଗତା ସୀତାମଣି ପୃଷ୍ଟିଙ୍କର ପୁତ୍ରବଧୂ ଏବଂ ଇଞ୍ଜିନିୟର କିଶୋର ଚନ୍ଦ୍ର ପୃଷ୍ଟିଙ୍କର ସହଧର୍ମିଣୀ। ଏହି ସଫଳତା ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଥିବା କହିବା ସହିତ ସେ ମାର୍ଗଦର୍ଶକ ବିଶ୍ୱବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା, ଅଧକ୍ଷ ଓ ସହକର୍ମୀବନ୍ଧୁ, ଗୁରୁ, ଗୁରୁଜନ, ପରିବାରବର୍ଗ, ବନ୍ଧୁବାନ୍ଧବ ତଥା ଶୁଭେଚ୍ଛୁଙ୍କୁ କୃତଜ୍ଞତା ଜଣାଇବା ସହ ସୌମ୍ୟା ସ୍ୱତସ୍ମିତା, ସୌମ୍ୟା ସୁରେଖା ଓ ପ୍ରତିଭା ମଞ୍ଜରୀକୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।
ଧ-୧୯୪୦୬

**୧୪ତମ ଜନ୍ମଦିନ ଶୁଭେଚ୍ଛା**



**ଅରୋଲିପ୍ସା ପ୍ରିୟଦର୍ଶିନୀ ଗୁରୁ (ଖୁସି)**
ବୋତଲମା ମେଡିକାଲ ପାର୍ଶ୍ୱ ପାଟଣାହାଟ, ଖୋର୍ଦ୍ଧା
ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା କରୁଛି, ତୋର ପ୍ରତିଟି ମୁହୂର୍ତ୍ତ ଶୁଭମୟ ହେଉ।
**-:ଶୁଭେଚ୍ଛା ସହ:-**
ବାପା, ବୋଉ, ଭାରତୀ ମା', କିସୁ ଦାଦା, ଖୁଡୀ, ମଉସା, ମାଉସୀ, ପପୁ ଭାଇ, ମିଲି ନାନୀ, ଟିକି ନାନୀ, ବୁଟୁ, ପୁପୁଲ, ଗୁନୁ, ବନ୍ଧୁ ଓ ପରିବାରବର୍ଗ।
ଧ-୧୯୪୦୭

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



କମ୍ପ୍ରୋଲର ଆଣ୍ଡ୍ ଅଡିଟର ଜେନେରାଲ ଗିରୀଶ ଚନ୍ଦ୍ର ମୁର୍ମୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ସାକ୍ଷାତ କରୁଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଗିରୀଶ ମୁର୍ମୁ

**ଭୁବନେଶ୍ୱର,୨୯।୧୨(ବ୍ୟୁରୋ)**

କମ୍ପ୍ରୋଲର ଆଣ୍ଡ୍ ଅଡିଟର ଜେନେରାଲ(ସିଏଜି) ଗିରୀଶ ଚନ୍ଦ୍ର ମୁର୍ମୁ ମଙ୍ଗଳବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ସାକ୍ଷାତ୍ କରିଛନ୍ତି। ଏହା ଏକ ସୌଜନ୍ୟମୂଳକ ସାକ୍ଷାତ୍କାର ଥିଲା। ନବୀନ ମୁର୍ମୁଙ୍କୁ ସ୍ୱାଗତ କରିବା ସହ ଉଭୟଙ୍କ ମଧ୍ୟରେ କିଛି ସମୟ ଆଲୋଚନା ହୋଇଥିଲା। ତେବେ କେଉଁ ପ୍ରସଙ୍ଗରେ ଆଲୋଚନା ହୋଇଛି ତାହା ଜଣାପଡ଼ି ନାହିଁ। ମୟୂରଭଞ୍ଜ ଜିଲାର ବେତନଟୀରେ ଜନ୍ମିତ ମୁର୍ମୁ କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀରର ପ୍ରଥମ ଲ୍ୟୁଟନାଣ୍ଟ ଗଭର୍ଣ୍ଣର ଭାବେ ଦାୟିତ୍ୱ ତୁଲାଇଥିଲେ। ସିଏଜି ନିଯୁକ୍ତ ହେବା ପରେ ପ୍ରଥମ ଥର ଲାଗି ସେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କରିଛନ୍ତି।

# ଝାରପାଲିରୁ ଇସ୍ରୋ ବୈଜ୍ଞାନିକ

**ବରଗଡ଼ ଅଫିସ୍,୨୯।୧୨**



ନିହାର ରଞ୍ଜନ ପ୍ରଧାନ।

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଝାରପାଲି ଗ୍ରାମର ନିହାର ରଞ୍ଜନ ପ୍ରଧାନ ଇସ୍ରୋ ବୈଜ୍ଞାନିକ ଭାବେ ମନୋନୀତ ହୋଇଛନ୍ତି। ସେ ଆସନ୍ତା ଜାନୁୟାରୀ ମାସରେ ଇସ୍ରୋରେ ଯୋଗଦେବେ ବୋଲି କହିଛନ୍ତି। ପଙ୍କଜିନୀ ଓ ରାଜକୁମାରଙ୍କ ସାନପୁଅ ନିହାର ଏକ ଚାଷୀ ପରିବାରର। ସେ ପିଲାବେଳେ ନୂଆ ନୂଆ ଜିନିଷ ତିଆରି କରିବା ପାଇଁ ଆଗ୍ରହ ପ୍ରକାଶ କରୁଥିଲେ। ନିହାର ଗାଁ ସ୍କୁଲରେ ପ୍ରଥମରୁ ସପ୍ତମ ଶ୍ରେଣୀ ଏବଂ ଅମ୍ବାଭୋନାସ୍ଥିତ କେଦାରନାଥ ଆଦିବାସୀ ହାଇସ୍କୁଲରେ ଅଷ୍ଟମରୁ ଦଶମ ଶ୍ରେଣୀ ଯାଏ ପଢ଼ିଥିଲେ। ଏହାପରେ ସେ ବରଗଡ଼ସ୍ଥିତ ବିକାଶ ଜୁନିୟର କଲେଜରେ ଯୁକ୍ତଦୁଇ ବିଜ୍ଞାନ ପଢ଼ିଥିଲେ। ଜେଇଇ ମେନ୍ସ ଏବଂ ଆଡଭାନ୍ସର ଫଳାଫଳକୁ ନେଇ ସେ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ସ୍ପେସ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି(ଆଇଆଇଏସ୍‌ଟି)ର ଏରୋସ୍ପେସ୍ ଇଞ୍ଜିନିୟରିଂ ବିଭାଗରେ ବି-ଟେକ୍‌ରେ ଆଡ୍‌ମିଶନ କରିଥିଲେ। ଚଳିତବର୍ଷ ସେଥିରେ ଗ୍ରାଜୁଏଶନ ଶେଷ ହୋଇଥିଲା ଏବଂ ଆଇଆଇଏସ୍‌ଟି-ଆବଜର୍ପଶନରେ ପାରଙ୍ଗମ ହୋଇଥିବାରୁ ତାଙ୍କୁ ଇସ୍ରୋର ଜଣେ ବୈଜ୍ଞାନିକ ଭାବେ ମନୋନୀତ କରାଯାଇଥିବା ନିହାର କହିଛନ୍ତି। ମା' ବାପା, ଭାଇ, ଭଉଣୀ ତାଙ୍କୁ ଚାପହୀନ, ମୁକ୍ତ ବାତାବରଣରେ ମନ ପସନ୍ଦର ପାଠ୍ୟକ୍ରମ ପଢ଼ିବାର ସୁଯୋଗ ଦେଇଥିବାରୁ ତାଙ୍କୁ ଏଭଳି ସଫଳତା ମିଳିଛି ବୋଲି ନିହାର ପ୍ରକାଶ କରିଛନ୍ତି।

# ଓଡ଼ିଶାକୁ ଆସିଲା ଟିକାକରଣ ସରଞ୍ଜାମ

**ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)**

କରୋନାର ନୂଆ ଷ୍ଟ୍ରେନ୍‌କୁ ଆଶଙ୍କା ଲାଗି ରହିଥିବାବେଳେ ରାଜ୍ୟବାସୀଙ୍କୁ ମିଳିଛି ଖୁସି ଖବର। ଓଡ଼ିଶାକୁ କରୋନା ଟିକାକରଣ ସରଞ୍ଜାମ ଆସିଯାଇଛି। ଟିକାକରଣ ପାଇଁ ପ୍ରଥମ ପର୍ଯ୍ୟାୟରେ ୨୧ ଲକ୍ଷ ସିରିଞ୍ଜ୍ ଆସିଛି। ଏ ନେଇ ମଙ୍ଗଳବାର ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ (ଭାକ୍ସିନ ଇନଚାର୍ଜ) ସୂଚନା ଦେଇଛନ୍ତି। ଏଥିସହ ଟିକାକୁ ରଖିବା ପାଇଁ ୨୬ଟି ଆଇଏଲ୍‌ଆର୍ ବା ବରଫଯୁକ୍ତ ରେଫ୍ରିଜରେଟର ଆସିଛି। ଆଗକୁ ଆହୁରି ୩୩୯ଟି ଆଇଏଲ୍‌ଆର୍ ଆସିବ। ବର୍ତ୍ତମାନ ରାଜ୍ୟରେ ୩ଲକ୍ଷ ୨୬ ହଜାର ସ୍ୱାସ୍ଥ୍ୟକର୍ମୀଙ୍କୁ ଟିକା ଦେବା ପାଇଁ ଡାଟାବେସ୍ ପ୍ରସ୍ତୁତ ହୋଇଥିବା ପାଣିଗ୍ରାହୀ କହିଛନ୍ତି।

ଅନ୍ୟପକ୍ଷରେ କରୋନା ଟିକାକରଣ ପାଇଁ ଦେଶରେ ଡ୍ରାଏ ରନ୍ ଚାଲିଥିବାବେଳେ ରାଜ୍ୟରେ ମଧ୍ୟ ଏ ନେଇ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ରାଜ୍ୟର ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡ଼ି କର୍ମୀ ଓ ବରିଷ୍ଠ ନାଗରିକଙ୍କୁ ମିଶାଇ ସମୁଦାୟ ୩ ଲକ୍ଷ ୨୬ ହଜାରଙ୍କୁ ଟିକା ଦିଆଯିବ। ଏଥିପାଇଁ ପଞ୍ଜୀକରଣ ସରିଛି। ତେବେ କେଉଁ କମ୍ପାନୀର ଟିକା ଓ ଡୋଜ୍ ଦିଆଯିବ ତାହା ସ୍ପଷ୍ଟ ହୋଇନାହିଁ। କେନ୍ଦ୍ର ସରକାରଙ୍କ ପକ୍ଷରୁ ୦.୫ ମିଲିର ସ୍ୱୟଂ ନଷ୍ଟ ବା ଏଡି ୨୧ ଲକ୍ଷ ସିରିଞ୍ଜ ଏବଂ ୨୬ ଆଇଏଲ୍‌ଆର୍ ଯୋଗାଇ ଦିଆଯାଇଛି। ଆଗକୁ ଆହୁରି ୩୩୯ ଆଇଏଲ୍‌ଆର୍ ଆସିବ। ମାତ୍ର ଡିପ୍ ଫ୍ରିଜର ଆସିନାହିଁ। ତେବେ ଟିକାକରଣ ପାଇଁ ଆବଶ୍ୟକ ଜିନିଷପତ୍ର ପର୍ଯ୍ୟାୟ କ୍ରମେ ଆସିବ। ଟିକାକରଣ ସମୟରେ ଭିତ୍ତିଭୂମିର କୌଣସି ସମସ୍ୟା ହେବ ନାହିଁ ବୋଲି ରାଜ୍ୟ ସରକାର ଆଶା ପ୍ରକାଶ କରିଛନ୍ତି। ଟିକାକରଣ ପାଇଁ ରାଜ୍ୟରେ ଗୋଟିଏ ରାଜ୍ୟସ୍ତରୀୟ ଭାକ୍ସିନ ଷ୍ଟୋର ଥିବାବେଳେ ୯ଟି ଆଞ୍ଚଳିକ ଭ୍ୟାକ୍ସିନ ଷ୍ଟୋର ଓ ୩୨ଟି ଷ୍ଟୋର ଜିଲାସ୍ତରରେ ରହିଛି। ଟିକାକରଣ କେନ୍ଦ୍ରରେ ପ୍ରତୀକ୍ଷାଳୟ, ନିରୀକ୍ଷଣ କୋଠରି ଓ ଟିକାକରଣ କୋଠରିକୁ ମିଶାଇ ସମୁଦାୟ ୩ଟି କକ୍ଷ ରହିବ। ଟିକାକରଣ ପରେ ଜଣକୁ ୩୦ ମିନିଟ ଯାଏ ନିରୀକ୍ଷଣରେ ରଖାଯିବ ଓ ପରେ ସାର୍ଟିଫିକେଟ ପ୍ରଦାନ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# 'ଖୁସି' ସଫ୍ଟୱେର ଉନ୍ମୋଚିତ

## ଯୋଜନାର ପରିଚାଳନା ସୁବ୍ୟବସ୍ଥିତ ହୋଇପାରିବ

**ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)**




ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର 'ଖୁସି' ସଫ୍ଟୱେରକୁ ଉନ୍ମୋଚନ କରୁଛନ୍ତି।

ରାଜ୍ୟର ସମସ୍ତ ସରକାରୀ ବିଦ୍ୟାଳୟରେ ପାଠ ପଢ଼ୁଥିବା କିଶୋରୀମାନଙ୍କ ମାସିକ ଋତୁକାଳୀନ ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟରକ୍ଷା ନିମନ୍ତେ ସାନିଟାରି ନାପ୍‌କିନ୍ ବଣ୍ଟନ ପାଇଁ ସରକାର 'ଖୁସି' ଯୋଜନା ଆରମ୍ଭ କରିଥିଲେ। ୨୦୧୯ରେ ଆରମ୍ଭ ହୋଇଥିବା ଏହି ଯୋଜନାରେ ରାଜ୍ୟର ୩୧୪ଟି ବ୍ଲକ୍ ଓ ୫ଟି ମ୍ୟୁନିସିପାଲ୍ କର୍ପୋରେଶନ୍ ଅଧୀନ ୨୯,୫୭୭ଟି ସ୍କୁଲର ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୧୬,୮୧,୬୯୦ ଛାତ୍ରୀ ଅନ୍ତର୍ଭୁକ୍ତ। ମଙ୍ଗଳବାର ଲୋକସେବା ଭବନଠାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର 'ଖୁସି' ସଫ୍ଟୱେରକୁ ଉନ୍ମୋଚନ କରିଛନ୍ତି। ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର ଦ୍ୱାରା ପ୍ରସ୍ତୁତ ଏହି ସଫ୍ଟୱେର ମାଧ୍ୟମରେ ଯୋଜନାର ପରିଚାଳନା ଶୃଙ୍ଖଳିତ ଓ ସୁବ୍ୟବସ୍ଥିତ ହୋଇପାରିବା ସହ ପ୍ରତ୍ୟେକ ହିତାଧିକାରୀଙ୍କ ନିକଟରେ ପହଞ୍ଚିପାରିବ ବୋଲି ମହାପାତ୍ର କହିଛନ୍ତି। ସେହିପରି ବର୍ତ୍ତମାନର ବ୍ୟବସ୍ଥା ଅନୁସାରେ ସାନିଟାରି ନାପ୍‌କିନ୍ ଯୋଗାଣକାରୀମାନେ ଠିକ୍ ସମୟରେ ସାମଗ୍ରୀ ଯୋଗାଣ ସହ ବ୍ଲକ୍‌ର ନୋଡାଲ୍ ଅଫିସରମାନେ ଏସବୁକୁ ସ୍କୁଲରେ ପହଞ୍ଚାଇବେ ଓ ପ୍ରତ୍ୟେକ ଛାତ୍ରୀଙ୍କ ନିକଟରେ ଏହା ନିଶ୍ଚିତ ଭାବେ ପହଞ୍ଚିପାରିବ।

ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ସମସ୍ତ ସରକାରୀ ବିଦ୍ୟାଳୟ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସମସ୍ତ ସ୍କୁଲର ଛାତ୍ରୀଙ୍କୁ ମାସିକ ୧୮ଟି ଲେଖାଏ ସାନିଟାରି ନାପ୍‌କିନ୍ ଯୋଗାଇ ଦିଆଯାଉଛି। ଏଥିପାଇଁ ପ୍ରତ୍ୟେକ ବିଦ୍ୟାଳୟରେ ଜଣେ ମହିଳା ନୋଡାଲ ଶିକ୍ଷକଙ୍କୁ ଦାୟିତ୍ୱ ଦିଆଯାଇଛି। ୨୦୨୦-୨୧ ମସିହା ପାଇଁ ଟେଣ୍ଡର ପ୍ରକ୍ରିୟା ଚୂଡ଼ାନ୍ତ ହୋଇ ସାମଗ୍ରୀ ଯୋଗାଣ ପ୍ରକ୍ରିୟା ଚାଲୁ ରହିଛି। ଏଥିପାଇଁ ଚଳିତ ବର୍ଷ ୩୦ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା ହୋଇଛି। ଏହି ଅବସରରେ ଓଡ଼ିଶା ରାଜ୍ୟ ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶିକା ଯାମିନୀ ଷଡ଼ଙ୍ଗୀ 'ଖୁସି'ର ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ରର ଡେପୁଟି ଡାଇରେକ୍ଟର ଜେନେରାଲ୍ ଓ ରାଜ୍ୟ ଇନ୍‌ଫରମେଟିକ୍ସ ଅଫିସର କବିତା ରାୟ ଦାସ, ବରିଷ୍ଠ ବୈଷୟିକ ନିର୍ଦ୍ଦେଶିକା ନିରୁପମା ମହାପାତ୍ର, ବରିଷ୍ଠ ବୈଷୟିକ ନିର୍ଦ୍ଦେଶକ ବିଭାସ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଖୁବ୍‌ଶୀଘ୍ର ଏହି ବ୍ୟବସ୍ଥା ମୋବାଇଲ୍ ଆପ୍ ମାଧ୍ୟମରେ ମଧ୍ୟ ଉପଲବ୍ଧ ହେବ। ଫଳରେ ଯୋଜନାର ପରିଚାଳନା ସହଜ ଓ ସୁବିଧାଜନକ ହୋଇପାରିବ।

BALARAM
Bhoomihina Agriculturist Loan And Resources Augmentation Model

ମିଳିତ ଦେୟ ଗୋଷ୍ଠୀ / ଭାଗଚାଷୀଙ୍କୁ ଅର୍ଥ ଯୋଗାଇଦେବା ସମ୍ବନ୍ଧୀୟ ଯୋଜନା

ବଳରାମ

ଭୂମିହୀନ କୃଷି ଜୀବିଙ୍କୁ ଋଣ ଦ୍ୱାରା ସମ୍ବଳ ବୃଦ୍ଧିର ଆଦର୍ଶିକା

ଭାଗଚାଷୀଙ୍କୁ ସହଜ ଓ ସୁବିଧାରେ ଋଣ ଯୋଗାଇ ଦେବା ନିମନ୍ତେ ନାବାର୍ଡ (ରାଷ୍ଟ୍ରୀୟ କୃଷି ଓ ଗ୍ରାମୀଣ ବିକାଶ ବ୍ୟାଙ୍କ) ସହାୟତାରେ 'ବଳରାମ' ନାମକ ଏକ ଯୋଜନା ପ୍ରସ୍ତୁତ କରାଯାଇଛି। ଏହି ଯୋଜନାରେ ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଆତ୍ମା ଭିତ୍ତିଭୂମୀ ଉପଯୋଗ କରାଯାଇ ୫ଲକ୍ଷ ଭାଗଚାଷୀଙ୍କୁ ନେଇ ୧ ଲକ୍ଷ 'ମିଳିତ ଦେୟ ଗୋଷ୍ଠୀ' (ଜେ.ଏଲ୍.ଜି.) ଗଠନ କରିବାର ଲକ୍ଷ୍ୟ ରଖାଯାଇଛି।

ସାଧାରଣତଃ ଭାଗଚାଷୀମାନଙ୍କ ମଧ୍ୟରେ ଥିବା ଭୂମିହୀନ ବା ନାମମାତ୍ର ଚାଷୀ ମାନେ ଅନେକ ସରକାରୀ ସୁବିଧା ବା ସହାୟତା ପାଇପାରି ନଥାନ୍ତି। ରାଜ୍ୟରେ ପ୍ରଚଳିତ ଧାରାରେ ମିଳିତ ଦେୟ ଗୋଷ୍ଠୀ ଯାହା ଏକ କୃଷକ ଗୋଷ୍ଠୀ (ସର୍ବନିମ୍ନ ୫ଜଣ) (Joint Liability Groups) ଗଠନ କରି ସେମାନଙ୍କୁ ଋଣ ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଛି।

DSPL-136

ମୁଖ୍ୟ ବୈଶିଷ୍ଟ୍ୟ

- 'ମିଳିତ ଦେୟ ଗୋଷ୍ଠୀ' ପ୍ରକାରେ ଚାଷ କରୁଥିବା ଭାଗଚାଷୀଙ୍କୁ ଫସଲ ଋଣ ଯୋଗାଇ ଦିଆଯିବ।
- ବ୍ୟାଙ୍କ ଦ୍ୱାରା ଗୋଷ୍ଠୀ ପ୍ରତି ସର୍ବାଧିକ ୧.୬୦ ଲକ୍ଷ ଟଙ୍କାର ଫସଲ ଋଣ (ଆର.ବି.ଆଇ ନିୟମ ଅନୁସାରେ) ଯୋଗାଇ ଦିଆଯିବ।
- କୃଷକ ସାଥୀମାନେ ସ୍ଥାନୀୟ ଅଞ୍ଚଳର ଅଗ୍ରଣୀ କୃଷକ ହୋଇଥିବାରୁ ଏମାନେ 'ମିଳିତ ଦେୟ ଗୋଷ୍ଠୀ' ଗଠନରେ ନିଜ ଗ୍ରାମପଞ୍ଚାୟତରେ ଭାଗଚାଷୀ ମାନଙ୍କର ଚାଷ କାର୍ଯ୍ୟ ପାଇଁ (ଭାଗରେ ଆଣିଥିବା ଜମି ନିମନ୍ତେ) ଆବଶ୍ୟକ ହେଉଥିବା ଋଣ ପରିମାଣ ଆକଳନ କରିବେ ଓ ସର୍ବନିମ୍ନ ୫ଜଣ ଚାଷୀଙ୍କୁ ନେଇ ଏଭଳି ଏକ ଗୋଷ୍ଠୀ ଗଠନ କରିବେ।
- ନାବାର୍ଡ ବିଭିନ୍ନ ସ୍ତରରେ ସମ୍ପୃକ୍ତ ଥିବା ଅଧିକାରୀମାନଙ୍କର ଦକ୍ଷତା ବୃଦ୍ଧି କରିବାରେ ସହାୟକ ହେବ।
- ମିଳିତ ଦେୟ ଗୋଷ୍ଠୀଙ୍କୁ ଫସଲ ଋଣ ଯୋଗାଇ ଦେବାରେ ବ୍ୟାଙ୍କ ଗୁଡ଼ିକର ଧାର୍ଯ୍ୟ ଲକ୍ଷ୍ୟ ରହିବ।
- କ୍ଷେତ୍ର ପରିଦର୍ଶନ କରି ଆକଳନ କରାଯାଇଥିବା ଜମି ନିମନ୍ତେ ଭାଗଚାଷୀଙ୍କୁ "ଚାଷ ପ୍ରମାଣ ପତ୍ର" ପ୍ରଦାନ କରିବେ। ଏହି "ଚାଷ ପ୍ରମାଣ ପତ୍ର" କେବଳ ବଳରାମ ଯୋଜନାରେ ଭାଗଚାଷୀଙ୍କୁ ଋଣ ଦେବା ନିମନ୍ତେ ଉଦ୍ଦିଷ୍ଟ।
- ପ୍ରଯୁକ୍ତିବିଦ୍ୟା ନିହିତ ଏକ ଉଦ୍ଦିଷ୍ଟ ପୋର୍ଟାଲର ବିକାଶ କରାଯିବ। ମୋବାଇଲ ଆପ୍ ଓ ସୁଦୂର ସମ୍ବେଦନ ଜ୍ଞାନକୌଶଳ ମାଧ୍ୟମରେ ସମସ୍ତ ଭାଗିଦାର ଓ ଫସଲ ଅବସ୍ଥାର ପ୍ରକୃତ ସମୟ ଅନୁଯାୟୀ ଆକଳନ କରାଯିବ।
- କୃଷି ସମ୍ପ୍ରସାରଣ ପରିଚାଳନା ପ୍ରତିଷ୍ଠାନ (ଇମେଜ) କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ପାଇଁ ରାଜ୍ୟ ପ୍ରମୁଖ ସଂସ୍ଥା ଭାବେ କାର୍ଯ୍ୟ କରିବ।

ଅଧିକ ବିବରଣୀ ପାଇଁ ସ୍ଥାନୀୟ ବ୍ଲକ କୃଷି ଅଧିକାରୀ / ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରିବାକୁ ଅନୁରୋଧ।



କୃଷି ଓ କୃଷକ ସଶକ୍ତିକରଣ ବିଭାଗ,
ଓଡ଼ିଶା ସରକାର

OIPR-01034/13/0021/2021

# ରାଶନ କାର୍ଡଧାରୀଙ୍କୁ ଠକି ଜରିମାନା ଗଣିଲେ ୨୬୧ ଦୋକାନ

## ଓଜନ ମାପରେ ଅନିୟମିତତା

**ଭୁବନେଶ୍ୱର,୨୯।୧୨(ବ୍ୟୁରୋ):** ସୁଲଭ ମୂଲ୍ୟ ଦୋକାନରେ ଖାଉଟିମାନେ ଯେପରି ଠକାମିର ଶିକାର ନ ହୁଅନ୍ତି ଏବଂ ଠିକ୍ ଓଜନର ଦ୍ରବ୍ୟ ପାଆନ୍ତି ସେଥିଲାଗି ଯାଞ୍ଚ ବ୍ୟବସ୍ଥା କରାଯାଇଛି। ଏହାକୁ କଡ଼ାକଡ଼ି କରିବା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନିର୍ଦ୍ଦେଶ ମୁତାବକ ଜିଲାଗୁଡିକରେ ଯାଞ୍ଚ ବ୍ୟବସ୍ଥା କଡାକଡି କରାଯାଇ ଖିଲାପକାରୀଙ୍କଠାରୁ ୪ଲକ୍ଷ ୯୬ ହଜାର ୮୦୦ ଟଙ୍କା ଜରିମାନା ଆଦାୟ ହୋଇଛି। ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧୀନ ବୈଧ ମାପ ବିଜ୍ଞାନ ନିର୍ଦ୍ଦେଶାଳୟ ପକ୍ଷରୁ ସୁଲଭ ମୂଲ୍ୟ ଦୋକାନରେ ଦ୍ରବ୍ୟ ଓଜନ ନିମନ୍ତେ ବ୍ୟବହୃତ ଓଜନ ଯନ୍ତ୍ର ଏବଂ ଉପକରଣଗୁଡିକର ବ୍ୟାପକ ଯାଞ୍ଚ କରାଯାଇଛି। ଏଥିଲାଗି ନିର୍ଦ୍ଦେଶାଳୟ ପକ୍ଷରୁ ଜିଲା ଓ ଆର୍‌ଡିସି ଜୋନ୍ ସ୍ତରରେ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ ହୋଇ ଯାଞ୍ଚ କରାଯାଇଛି। ଯାଞ୍ଚ କାର୍ଯ୍ୟର ତଦାରଖ ନିମନ୍ତେ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ନୋଡାଲ ଅଫିସରଭାବେ ନିଯୁକ୍ତ ହୋଇଛନ୍ତି। ମେ ମାସରୁ ଆରମ୍ଭ ହୋଇଥିବା ଏହି ସ୍ୱତନ୍ତ୍ର ଯାଞ୍ଚବେଳେ ୩୬୦୦ଟି ସୁଲଭ ମୂଲ୍ୟ ଦୋକାନ ଯାଞ୍ଚ କରାଯାଇଛି। ଏହି ସମୟରେ ୨୬୧ଟି ଦୋକାନରେ ଓଜନ ମାପରେ ଅନିୟମିତତା ଜଣାପଡିଥିଲା। ଆଇନ ଅନୁଯାୟୀ ସେମାନଙ୍କଠାରୁ ଜରିମାନା ଅର୍ଥ ଆଦାୟ କରାଯାଇଛି। ସ୍କ୍ୱାଡ୍ ପକ୍ଷରୁ ମାପ ଓଜନ ଯନ୍ତ୍ର ପରୀକ୍ଷା ବାବଦକୁ ୪ଲକ୍ଷ ୮୬ ହଜାର ୬୧୫ ଟଙ୍କା ଆଦାୟ କରାଯାଇଥିବା ବେଳେ ଖିଲାପକାରୀଙ୍କଠାରୁ ଜରିମାନା ବାବଦକୁ କମ୍ପାଉଣ୍ଡିଂ ଫି ଆକାରରେ ୪ଲକ୍ଷ ୯୬ ହଜାର ୮୦୦ ଟଙ୍କା ଆଦାୟ ହୋଇଥିଲା। ଯାଞ୍ଚ ସମୟରେ ଅଧିକାରୀମାନେ ଉପସ୍ଥିତ ଥିବା ଖାଉଟିମାନଙ୍କୁ ଓଜନ ଯନ୍ତ୍ରର ସଠିକତା ଓ ଏଥିରେ ସରକାରୀ ମୋହର ଓ ପ୍ରାମାଣିକତା ସମ୍ପର୍କରେ ସଚେତନ କରାଇବା ସହିତ ଗ୍ରାହକମାନେ ସର୍ବଦା ଜିନିଷ କିଣିବା ଆଗରୁ ଓଜନ ମାପ ଯନ୍ତ୍ରକୁ ଭଲଭାବେ ପରୀକ୍ଷା କରାଇବା ଉପରେ ଗୁରୁତ୍ୱ ଦେଇଛନ୍ତି। ଓଜନ ମାପ ଯାଞ୍ଚ ପ୍ରକ୍ରିୟା ନିୟମିତ ଚାଲୁ ରହିଛି ବୋଲି ବୈଧ ମାପ ବିଜ୍ଞାନ ନିର୍ଦ୍ଦେଶକ ସତ୍ୟନାରାୟଣ ଦାଶ କହିଛନ୍ତି।

Required Home Loan Sales Officer for Bhubaneswar & Cuttack
Maruti Associate, Bhubaneswar (An authorised DSA for Home & Mortgage Loan) (Minimum 1 year experience in relevant field should only send resume in maruti.associate8080@gmail.com).
Mob. No.-7846907309
Lan. No.-0674-2386045

JOB VACANCY
ଭୁବନେଶ୍ୱର ପାଇଁ ଷ୍ଟାଫ୍ ଆବଶ୍ୟକ।
Post : Front Office Executive, Computer Operator, Reception, Gym Trainer, Aerobic, Jumba Trainer, Gym Manager
ଡ୍ରାଇଭର, ରୋଷେୟା, ଘର କାମ କରିବାପାଇଁ ମେଡ୍, ଆୟା, ଫାର୍ମ ହାଉସ୍ ପାଇଁ ଲେବର, ଅଫିସ ବୟ
Contact: 8249630985

Required for an ISO 9001:2015 Certified Organisation in the field of Service & Repair of Turbochargers
Headquarters at Mumbai with workshops at Vizag, Singapore, Bangladesh & Dubai, UAE.
- Trainee Diploma Engineers (Diploma in Mechanical/Industrial Engineering)
- Trainee Technicians (ITI- Fitter, Turner & Welder)
- Trainee Marketing Executives (Good communication skills with English speaking)

Maximum 1 year experience and freshers also can apply. Please send your complete resume with all details by January 2021 to below mentioned address or email id.
DALWIN MARINE
R-307, Rabale, TTC Industrial Area, MIDC, Navi Mumbai - 400701
E-mail: dalwin@dalwin.com, Mob: +91-9820044878
Online interviews will be conducted for only shortlisted candidates.
Remuneration and perks are attractive in the industry.

SPOT ADMISSION(SUIIT) : 2020-21
Sambalpur University Institute of Information Technology
A Constituent and Autonomous Institution of Sambalpur University
Advt. No.: 784 / SUIIT Date: 28.12.2020

| Sl.No | Programme Name | Date |
| --- | --- | --- |
| 1. | • B. Tech (Spot Admission For Vacant Seats in CSE/ECE/EEE )<br>• Lateral B.Tech (Spot Admission For Vacant Seats in CSE/ECE/EEE ) | 31/12/2020 |
| 2. | • M. Sc Electronics(All Categories)<br>• M.Sc Computer Sc. (All Categories)<br>• M. Tech Computer Sc. and Engg. (All Categories)<br>• M.Tech Communication System Engg. (All Categories) | 04/01/2021 |

INSTRUCTIONS
Interested candidates for spot admission should report to the Administrative Officer, SUIIT within 10AM to 12:00 PM (positively) B.Tech admission will be based on JEE-MAIN / OJEE ranks only .There will be an entrance examination of one hour duration for M.Sc and M.Tech students at 12.30 PM for all programmes following COVID-19 guidelines. Selection will be done on same day, as per rule.
FOR DETAIL INFORMATION, ELIGIBILITY CRITERIA
VISIT: www.suiit.ac.in
Contact: Dr. S. Jena, HOD, CSE&A -8247679467 Dr. N. K. Barpanda, HOD, EL -9438074077 , Mrs. S. Kar, HOD ,ECE -9439657668, Dr A.Panda HOD ,EEE-7381111459
Email: admin.office@suiit.ac.in
Sd/
Director , SUIIT

ଏ ପର୍ଯ୍ୟନ୍ତ ତୁମେ ଯାହା ହୋଇଛ– ସେ ସମ୍ବନ୍ଧରେ ଚିନ୍ତା କରନାହିଁ। କିନ୍ତୁ ତୁମେ ଯାହା ହେବାକୁ ଚାହଁ (ମାନେ, ଯାହା ତୁମର ହେବା ଉଚିତ।) କେବଳ ସେହି ବିଷୟରେ ଚିନ୍ତା କର। ନିଶ୍ଚିତରୂପେ ତୁମର ଉନ୍ନତି ହେବ। –ଶ୍ରୀମା

# ନିଅଁ ନାହିଁ

ଜମି କିଣିବା ପରେ ଏବଂ ଘର ତିଆରି ଆରମ୍ଭ ହେବା ପୂର୍ବରୁ ନିଅଁ ଖୋଳିବା ପ୍ରଥମ କାର୍ଯ୍ୟ ହୋଇଥାଏ। ଘର ଯେତିକି ଉଚ୍ଚା ଓ ନିଦା କରିବାର ଇଚ୍ଛା ଥାଏ, ସେତିକି ଗଭୀର ନିଅଁ ଖୋଳିବାକୁ ହୋଇଥାଏ। ଏପରିକି ପାଣି ଭିତରେ ଘର କରିବାକୁ ଇଚ୍ଛା ଥିଲେ ଭିତରୁ ଖମ୍ବ ଉଠାଇବାକୁ ପଡ଼ିଥାଏ। ଏହା ହେଉଛି ପୃଥିବୀର ବ୍ୟବସ୍ଥା। ସମାଜ ନିର୍ମାଣ କରିବା ଲାଗି ସେହିଭଳି ଗଭୀରକୁ ଯିବାକୁ ପଡ଼େ। ସେଥିପାଇଁ କୁହାଯାଏ ଯେ, ଏକ ସାମାଜିକ ଚରିତ୍ର ଗଠନ ସକାଶେ ଅନେକ ପିଢ଼ିର ଚେଷ୍ଟା ଆବଶ୍ୟକ। ମଣିଷ ଜାତିର ବୁଦ୍ଧି ଜାଗିବା ସମୟରୁ ଶିକ୍ଷାର ଚାହିଦା ବୃଦ୍ଧି ପାଇବାରେ ଲାଗିଛି।

ଓଡ଼ିଶାର ସରକାରୀ ସ୍କୁଲରେ ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ାଇବା ପାଇଁ ଡାକ୍ତରୀ ଓ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମ ଲେଖାଇବା ସକାଶେ ଓଡ଼ିଶା ସରକାର ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବାକୁ ନିଷ୍ପତ୍ତି ନେଇଛନ୍ତି। ୨୮ ଡିସେମ୍ବରରେ ରାଜ୍ୟ କ୍ୟାବିନେଟର ଏକ ବୈଠକରେ ଏ ନେଇ ଏକ ସଙ୍କଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏହାକୁ ଚୂଡ଼ାନ୍ତ ରୂପ ଦେବା ନିମନ୍ତେ ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଗଠନ କରାଯିବ। ସର୍ବଭାରତୀୟ ସ୍ତରରେ ଏନ୍‌ଇଇଟି ଏବଂ ଜେଇଇ ଭଳି ଏକକ ପରୀକ୍ଷା ପ୍ରବର୍ତ୍ତନ ହେବା ପରେ ଡାକ୍ତରୀ ଓ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ରାଜ୍ୟର ସରକାରୀ ହାଇସ୍କୁଲର ଛାତ୍ରୀଛାତ୍ରଙ୍କ ସଂଖ୍ୟା ହ୍ରାସ ପାଉଥିବାରୁ ସରକାର ଏଭଳି ଏକ ସଂକଳ୍ପ ଅଣିଥିବା କହିଛନ୍ତି।

ଓଡ଼ିଶାର ଶିକ୍ଷା ବ୍ୟବସ୍ଥାକୁ ଦେଖିଲେ ଅଧିକାଂଶ ସ୍କୁଲରେ ଭଲ ଶ୍ରେଣୀକକ୍ଷ, ପାଠାଗାର ଓ ପାଇଖାନା ଭଳି ସର୍ବନିମ୍ନ ଭିତ୍ତିଭୂମିର ଘୋର ଅଭାବ ରହିଛି। ଶିକ୍ଷକଙ୍କ ସଂଖ୍ୟା ଏତେ ନଗଣ୍ୟ ଯେ ଜଣେ ଶିକ୍ଷକ ଏକାଧିକ ବିଷୟ ପଢ଼ାଇବାକୁ ବାଧ୍ୟ ହେଉଛନ୍ତି। କେବଳ ଯେ ଏକାଧିକ ବିଷୟ ପଢ଼ାଉଛନ୍ତି ତାହା ନୁହେଁ, ଏକାକୀ ଏକାଧିକ ଶ୍ରେଣୀରେ ତଦାରଖ କରୁଛନ୍ତି। ଶୁଣିବାକୁ ମିଳେ ଶାରୀରିକ ଶିକ୍ଷା ଶିକ୍ଷକ (ପିଇଟି)ମାନେ ସ୍ଥଳବିଶେଷରେ ବିଜ୍ଞାନ ଓ ଗଣିତ ଭଳି ମୁଖ୍ୟ ବିଷୟ ପଢ଼ାଉଛନ୍ତି। ଏଭଳି ଏକ ସ୍ଥିତିରେ ପାଠପଢ଼ା କିଭଳି ହେଉଥିବ ସହଜରେ ଅନୁମେୟ। ସ୍କୁଲକୁ ପିଲାମାନଙ୍କୁ ଆକର୍ଷିତ କରିବା ସକାଶେ ସରକାର ଡାକ୍ତରୀ ଓ ଇଞ୍ଜିନିୟରିଂ ପାଠରେ ସଂରକ୍ଷଣ ସୁବିଧା ସୃଷ୍ଟି କରିଛନ୍ତି। କିନ୍ତୁ ଦୁଃଖର ବିଷୟ ହେଉଛି ରାଜ୍ୟର ସ୍କୁଲ ବ୍ୟବସ୍ଥାରେ ଆବଶ୍ୟକ ନିଅଁ ଖୋଳାଯାଇ ନାହିଁ। ଦିଲ୍ଲୀରେ ଆମ୍ ଆଦ୍‌ମୀ ପାର୍ଟି ସରକାର ଆସିବା ପରେ ସରକାରୀ ବିଦ୍ୟାଳୟ ଉପରେ ଦୃଷ୍ଟି ପକାଇଲେ। କେବଳ ଭିତ୍ତିଭୂମି ନୁହେଁ, ତା'ସହିତ ପାଠ୍ୟକ୍ରମ, ଯଥେଷ୍ଟସଂଖ୍ୟକ ଶିକ୍ଷୟିତ୍ରୀଶିକ୍ଷକ ଏବଂ ତତ୍‌ସହିତ ଖେଳ ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ସ୍କୁଲଗୁଡ଼ିକର ମାନ ଅତ୍ୟନ୍ତ ଉଚ୍ଚସ୍ତରକୁ ନେଲେ। ସେଠାକାର ସରକାରୀ ସ୍କୁଲଗୁଡ଼ିକରେ ସ୍ଥିତିର ସୁଧାର ଦେଖି ଅନେକ ଅଭିଭାବକ ସେମାନଙ୍କ ପିଲାଙ୍କୁ ଘରୋଇ ସ୍କୁଲରୁ ଆଣି ସରକାରୀ ସ୍କୁଲରେ ନାମ ଲେଖାଉଛନ୍ତି। ରାଜନୈତିକ ଦୃଷ୍ଟିକୋଣରୁ ଦେଖିଲେ କେଜ୍‌ରିୱାଲଙ୍କ ସରକାର ଦ୍ୱିତୀୟ ଥର ପାଇଁ ଜିତିବା ପଛରେ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଏକ ମୂଳ କାରଣ ଭାବେ ଦର୍ଶାଯାଉଛି।

ବାସ୍ତବ ପରିସ୍ଥିତିକୁ ଦେଖିଲେ ଇଞ୍ଜିନିୟର ଏବଂ ଡାକ୍ତର ହେବା ପାଇଁ ଯେଉଁ ସ୍ତରର ଶିକ୍ଷାର ଆବଶ୍ୟକତା ରହିଛି, ତାହା ଆଜି ଓଡ଼ିଶାର ସରକାରୀ ସ୍କୁଲରେ ମିଳିବା ଅସମ୍ଭବ। ଯେଉଁ ଛାତ୍ରୀଛାତ୍ର ଭଲ ସଂଖ୍ୟାରେ ଉତ୍ତୀର୍ଣ୍ଣ ହେଉଛନ୍ତି ସେମାନେ ନିଜ ପ୍ରଚେଷ୍ଟାରେ ଆଗଉଛନ୍ତି। ସେଥିରେ ସ୍କୁଲ ପରିଚାଳନାର କୌଣସି ଅବଦାନ ନ ଥାଏ। ଓଡ଼ିଶାର ଗ୍ରାମାଞ୍ଚଳରେ ପୂର୍ବର ପରିଚାଳନା କମିଟି ହେଉ ବା ଏବର ପରିବର୍ତ୍ତିତ ପରିସ୍ଥିତିରେ ଅଭିଭାବକଙ୍କ ଗୋଷ୍ଠୀ ହେଉ, କାହାରି ଗୋଟେ ଶିକ୍ଷା ପ୍ରତି ଆକର୍ଷଣ ଥିବାର ନଜର ଦେଖିବାକୁ ମିଳେନାହିଁ। ହାତଗଣତି ବିଦ୍ୟାଳୟଗୁଡ଼ିକୁ ବାଦ୍ ପକାଇଲେ ସାଧାରଣରେ ଗ୍ରାମବାସୀ ସ୍କୁଲକୁ ମିଳୁଥିବା ସରକାରୀ ଅର୍ଥ ଉପରେ ନଜର ପକାଇ ଥାଆନ୍ତି। ପୁରୁଷଙ୍କ ପରିବର୍ତ୍ତେ ଗ୍ରାମୀଣ ମହିଳାଙ୍କର ସ୍କୁଲଗୁଡ଼ିକ ପ୍ରତି ଅଧିକ ଯତ୍ନବାନ ହେଉଥିବାର ଦେଖିବାକୁ ମିଳେ। ସରକାରୀ ବ୍ୟବସ୍ଥାରେ ସର୍କଲ ଇନ୍ସପେକ୍ଟର ଏବଂ ଅନ୍ୟ କର୍ମଚାରୀମାନେ କ୍ୱଚିତ୍ ଶିକ୍ଷାର ମାନ ପ୍ରତି ଦୃଷ୍ଟି ଦେଇଥାନ୍ତି। ଗୋଟିଏପଟେ ଜିଲାପାଳଙ୍କୁ ଖୁସି କରିବା ସହିତ ଏହି କର୍ମଚାରୀମାନେ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଅନେକ ପ୍ରକାର ଯନ୍ତ୍ରଣା ଦେଉଥିବାର ଦୃଷ୍ଟାନ୍ତ ରହିଛି। ଏହିଭଳି ଅନେକ ବିନ୍ଦୁକୁ ଏକାଠି କଲେ ଗୋଟିଏ କଥା ସ୍ପଷ୍ଟ ବୁଝାପଡ଼େ। ସେହି କଥାଟି ହେଲା, ଶିକ୍ଷାର ମାନକୁ କୌଣସି ଗୁରୁତ୍ୱ ଦିଆଯାଏ ନାହିଁ। ଏବେ କରୋନା ଏକ ନୂଆ ଶିକ୍ଷାଯୁଗ ଆରମ୍ଭ କରିଛି। ଅନ୍‌ଲାଇନ୍ ପାଠପଢ଼ା ହେତୁ ଗ୍ରାମାଞ୍ଚଳରେ ଅନେକ ଛାତ୍ରୀଛାତ୍ର ବାଦ୍ ପଡ଼ିଯାଉଛନ୍ତି। ଅର୍ଥାତ୍ ଏହି ସମୟ ପରେ ସରକାରଙ୍କୁ ଏକ ନୂତନ ଶିକ୍ଷା ବ୍ୟବସ୍ଥା ସୃଷ୍ଟି କରିବାର ସୁବର୍ଣ୍ଣ ସୁଯୋଗ ଖୁବ୍‌ଶୀଘ୍ର ମିଳିବ। କେବଳ ନୀତି ନୁହେଁ, ପ୍ରକୃତ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଦିଲ୍ଲୀ ଏବଂ ଅନ୍ୟ କେତେକ ସଫଳ ରାଜ୍ୟର ଉଦାହରଣକୁ ଦେଖାଯିବା ଦରକାର। କେବଳ ସଂରକ୍ଷଣ ମାଧ୍ୟମରେ ସରକାରୀ ସ୍କୁଲର ଭାଗ୍ୟ ବଦଳିବ ନାହିଁ। ଅଳ୍ପ କେତେକ ବିଷୟ ଉପରେ ଦୃଷ୍ଟି ପକାଇ ପରିବର୍ତ୍ତନ ଆଣିବାକୁ ପଡ଼ିବ। ମାତୃଭାଷା ସହିତ ଇଂଲିଶ୍ ଶିକ୍ଷାର ମାନବୃଦ୍ଧି କରାଯାଇପାରିଲେ, ଡାକ୍ତର କିମ୍ବା ଇଞ୍ଜିନିୟର ହେବା ସହଜ ହେବ। ଏହା ବ୍ୟତୀତ ପିଲାଙ୍କ ମନ ଏବେ ହ୍ୟୁମାନିଟିଜ୍ ଏବଂ ଲିବେରାଲ୍ ଆର୍ଟ୍ସ ଭଳି ବିଷୟ ପଢ଼ିବାର ସମୟ ଆସିଯାଇଛି। ସେଥିପାଇଁ ଉଚିତ ଶିକ୍ଷାପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କ ଆବଶ୍ୟକତା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହିଭଳି ଅନେକ ବିଷୟ ଉପରେ ଏକାଠି ଧ୍ୟାନ ଦିଆଯାଇ ପାରିଲେ ସରକାରୀ ସ୍କୁଲରେ ପାଠ ପଢ଼ିବାକୁ ପିଲାଙ୍କ ଆଗ୍ରହ ବଢ଼ିବ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | | | | | | | 4 | 8 |
| | | D | | | 7 | | 0 | 9 | | 5 | 2 | | | |
| E | 7 | | | D | | | | 8 | | 4 | | 6 | | A |
| | | | | | | 3 | | | | | 6 | 5 | | 9 |
| | | | | A | | | | | | D | | B | | |
| | | | 1 | 6 | 4 | | | | | | | | | |
| | 9 | | | | 5 | 1 | | | | 2 | | | | 0 |
| 1 | A | | | | | 5 | D | | | | 7 | | | C |
| D | | | 2 | | 9 | | | 0 | | | | | 1 | |
| | | | | | | E | | 6 | 0 | 8 | | | | D |
| 9 | | | C | | 8 | | 2 | | E | | | | 6 | B |
| | C | A | | | 3 | | 7 | B | | | 5 | | 0 | |
| 7 | | 5 | | | 0 | 6 | | | | | 3 | D | | |
| | | 3 | E | | | C | | A | | | 4 | | 7 | |
| B | | | | 9 | | 0 | 8 | | 6 | 7 | | | C | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 7 | C | D | 8 | 9 | E | B | A | 5 | 6 | 1 | 3 | 2 | 4 |
| E | 2 | A | 4 | 6 | 1 | 5 | 3 | C | D | B | 9 | 7 | 8 | 0 |
| 1 | 5 | 4 | 2 | B | 7 | 8 | 0 | 6 | A | 3 | C | E | 9 | D |
| 6 | 8 | D | 3 | C | 0 | 1 | 7 | 9 | 2 | E | 4 | A | 5 | B |
| B | 3 | 9 | A | E | 5 | 4 | 2 | D | 8 | 0 | 7 | 1 | 6 | C |
| A | 1 | 0 | C | 4 | 6 | 9 | D | 3 | 7 | 2 | 5 | 8 | B | E |
| 4 | E | B | 0 | D | 3 | 7 | 6 | 5 | 9 | 1 | 8 | C | A | 2 |
| 3 | 6 | 2 | 5 | 1 | A | C | 8 | B | 0 | D | E | 4 | 7 | 9 |
| 9 | C | 8 | E | 7 | B | 2 | A | 1 | 6 | 4 | 3 | D | 0 | 5 |
| 7 | D | 5 | 8 | 9 | 2 | 0 | 4 | E | B | C | A | 6 | 3 | 1 |
| 2 | 0 | 7 | B | 5 | E | 6 | 1 | 4 | 3 | 8 | D | 9 | C | A |
| 5 | A | 3 | 1 | 2 | 8 | D | E | 0 | C | 9 | 6 | B | 4 | 7 |
| C | B | 1 | 9 | A | D | 3 | 5 | 8 | 4 | 7 | 0 | 2 | E | 6 |
| 8 | 9 | E | 6 | 0 | 4 | B | C | 7 | 1 | A | 2 | 5 | D | 3 |
| D | 4 | 6 | 7 | 3 | C | A | 9 | 2 | E | 5 | B | 0 | 1 | 8 |

ଗତକାଲିର ଉତ୍ତର

# ଜାତୀୟତାର ଯଜ୍ଞପୀଠ: ଉତ୍କଳ ସମ୍ମିଳନୀ



ଡ. ପ୍ରଫୁଲ୍ଲ କୁମାର ସାହୁ

ଆଜି ଡିସେମ୍ବର ୩୦, ଓଡ଼ିଆ ଜାତି ପାଇଁ ଏକ ଐତିହାସିକ ଦିବସ। ଉତ୍କଳୀୟତାର ମୁଗ୍ଧ ଅନୁଭବରେ ଜଡ଼ସଡ଼ ବା ଓଡ଼ିଆ ଅସ୍ମିତାର ଅବବୋଧରେ ବଢୁଥିବା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଦୀର୍ଘ ୧୧୭ ବର୍ଷ ଧରି ଏହି ଦିବସ ବହନ କରି ଆସିଛି ଏକ ସ୍ୱତନ୍ତ୍ର ମର୍ଯ୍ୟାଦା। କାରଣ ୧୯୦୩ ମସିହା ଠିକ୍ ଆଜିର ଦିନରେ ଅନୁଷ୍ଠିତ ହୋଇଥିଲା ଓଡ଼ିଆ ଜାତୀୟତାର ଯଜ୍ଞପୀଠ 'ଉତ୍କଳ ସମ୍ମିଳନୀ'ର ପ୍ରଥମ ଅଧିବେଶନ। ସେଦିନ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୩୨୫ ଜଣ ପ୍ରତିନିଧିଙ୍କୁ ନେଇ ଅନୁଷ୍ଠିତ ଏହି ସମ୍ମିଳନୀରେ ସଭାପତିତ୍ୱ କରିଥିଲେ ମୟୂରଭଞ୍ଜ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ। ସମ୍ମିଳନୀର ମହାମନ୍ତ୍ର ଘୋଷଣା କରି ତା'ର ପ୍ରାଣ ପ୍ରତିଷ୍ଠାତା ଉତ୍କଳ ଗୌରବ ମଧୁସୂଦନ ଦାସ ଲେଖିଥିଲେ – ''ଏହି ସମ୍ମିଳନୀ ଜାତି ପ୍ରାଣ ସିନ୍ଧୁ କୋଟି ପ୍ରାଣ ବିନ୍ଦୁ ଧରେ, ତୋ'ର ପ୍ରାଣ ବିନ୍ଦୁ ମିଶାଇ ଦେ ଭାଇ ଡେଇଁ ପଡ଼ି ସିନ୍ଧୁ ନୀରେ।'' ଏହି ଆହ୍ୱାନର ପ୍ରତିଟି ଅକ୍ଷର ଏଭଳି ଅନୁଭବସିଦ୍ଧ ସତ୍ୟତା ଓ ବିଶ୍ୱାସର ବହ୍ନିରେ ପ୍ରଜ୍ୱଳିତ ଥିଲା ଯେ ତା'ର ଯାଦୁକରୀ ଆକର୍ଷଣରେ ଚେଇଁ ଉଠିଲା ଓଡ଼ିଆ ଜାତି।

ଇତିହାସ କହେ ୧୫୬୮ରେ ଗଜପତି ମୁକୁନ୍ଦଦେବଙ୍କ ପରାଜୟ ଓ ନିଧନ ପରେ ଦୁର୍ବଳ ହୋଇଗଲା ଦୁର୍ଦ୍ଧର୍ଷ ଓ ଅପରାଜିତ ଓଡ଼ିଆ ଜାତି। ମୋଗଲ ଓ ମରହଟ୍ଟାମାନଙ୍କ ଅକଥନୀୟ କଷଣର ତୋଡ଼ମାଡ଼ରେ ନିର୍ବେଦ, ନିଃସହାୟ ଓ ରିକ୍ତ ହୋଇ ଗୁରୁଣ୍ଡି ବୁଲିଲା ଅନ୍ଧାରୀ ଗମ୍ଭୀରା ଭିତରେ। ବିଶେଷ କରି ୧୮୦୩ ମସିହାରେ ଓଡ଼ିଶା ଶାସନ ଭାର ଇଂରେଜମାନଙ୍କ ହାତକୁ ଗଲାପରେ ଖଣ୍ଡ ବିଖଣ୍ଡିତ ହୋଇଗଲା ବିଶାଳ ଓଡ଼ିଶା। କଟକ, ପୁରୀ ଓ ବାଲେଶ୍ୱରକୁ ନେଇ ଗଠିତ ଓଡ଼ିଶା ଡିଭିଜନ ବ୍ୟତୀତ ଅନ୍ୟାନ୍ୟ ଅଞ୍ଚଳକୁ ମିଶାଇ ଦିଆଗଲା ଚାରୋଟି ପ୍ରାନ୍ତୀୟ ରାଜ୍ୟ ସହିତ। କଳାହାଣ୍ଡି, ପାଟଣା, ସୋନପୁର, ସମ୍ବଲପୁର ଓ ବାମଣ୍ଡା ଆଦି ରାଜ୍ୟ ମିଶିଲା ମଧ୍ୟପ୍ରଦେଶରେ। ବଙ୍ଗଳାରେ ରହିଲା ମେଦିନାପୁର। ଛୋଟ ନାଗପୁରରେ ଅନ୍ତର୍ଭୁକ୍ତ ହେଲା ବଣେଇ ଗଡ଼ଜାତ। ଓଡ଼ିଶା ଡିଭିଜନର ଶାସନ ବ୍ୟବସ୍ଥା ବି ସଂଯୁକ୍ତ ହୋଇ ରହିଲା ବିହାର ପ୍ରଦେଶ ସହିତ। ସଙ୍କୁଚିତ ହୋଇଗଲା ଓଡ଼ିଶାର ଭୌଗୋଳିକ ସୀମା ଓ ସାଂସ୍କୃତିକ ପରିଚୟ। ଅନ୍ୟାନ୍ୟ ରାଜ୍ୟରେ ଅନ୍ତର୍ଭୁକ୍ତ ହୋଇ ସଂଖ୍ୟାଲଘୁ ହୋଇଗଲେ ସେଠାକାର ଓଡ଼ିଆମାନେ। ପ୍ରାଦେଶିକ ସରକାରଙ୍କ କ୍ରମାଗତ ଅବହେଳା ତଥା ପକ୍ଷପାତିତା ଯୋଗୁ ଉପେକ୍ଷିତ ହେଲା ସେମାନଙ୍କ ସ୍ୱାର୍ଥ। ବିପର୍ଯ୍ୟସ୍ତ ହୋଇପଡ଼ିଲା ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ତଥା ସାମାଜିକ ଚଳଣି। ବିଲର ଚଷା ଓ ଅନ୍ତପୁରର ଯୋଷା ମୁହଁରୁ ହଜିଗଲା ମଧ୍ୟ ଯୁଗୀୟ ଓଡ଼ିଆ କାବ୍ୟ, ଚଉପଦୀ ଓ ଛନ୍ଦ। ସୁଯୋଗକ୍ରମେ ଚକ୍ରାନ୍ତକାରୀ ପ୍ରତିବେଶୀଙ୍କ ପକ୍ଷରୁ ଆରମ୍ଭ ହେଲା ଓଡ଼ିଆ ଭାଷା ସାହିତ୍ୟକୁ ସମ୍ପୂର୍ଣ୍ଣ ବିଲୋପ କରିଦେବାର ବିଧିବଦ୍ଧ ଉଦ୍ୟମ। ଏପରି ଏକ ଅସହ୍ୟ ଓ ଅସ୍ୱସ୍ତିକର ପରିସ୍ଥିତିରେ ସମ୍ମୁଖୀନ ହୋଇ ଜାତିପ୍ରାଣମାନଙ୍କ ଆଖିରୁ ହଜିଗଲା ନିଦ। ଭାଷା ବିଲୋପ ଚକ୍ରାନ୍ତକୁ ପ୍ରତିହତ କରିବା ପାଇଁ ସେମାନେ ଲଢିଲେ ବୌଦ୍ଧିକ ଲଢେଇ। ସେମାନଙ୍କ ଜାତିପ୍ରାଣତାର ଉଦ୍ଦୀପ୍ତ ଆଭାରେ ଉଷ୍ମ ସ୍ପର୍ଶରେ କଡ଼ ଲେଉଟାଇଲା ଗଭୀର ନିଦ୍ରାରେ ଶାୟିତ ଓଡ଼ିଆ ଜାତି। ଆପଣା ତୁଣ୍ଡର ଭାଷାକୁ ବଞ୍ଚାଇ ରଖିବା ପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଶୁଭିଲା ରଣ ହୁଙ୍କାର। ଏହି ଭାଷା ସୁରକ୍ଷା ଆନ୍ଦୋଳନକୁ ପୂର୍ଣ୍ଣ ପ୍ରାଣରେ ସହଯୋଗ କଲେ ବାଲେଶ୍ୱରର ତତ୍କାଳୀନ କଲେକ୍ଟର ତଥା ବିଶିଷ୍ଟ ଗବେଷକ ଜନ୍ ବିମ୍ସ ସାହେବ। ୧୮୭୦ ମାର୍ଚ୍ଚ ୪ ତାରିଖରେ କଲିକତାସ୍ଥିତ 'ଏସିଆଟିକ' ସୋସାଇଟି ଆନୁକୂଲ୍ୟରେ ଆୟୋଜିତ ସଭାରେ ଓଡ଼ିଆ ଭାଷାର ବୁନିଆଦି ପ୍ରମାଣ କରିବାକୁ ଯାଇ ବିମ୍ସ ସାହେବ ଯେଉଁ ତଥ୍ୟ ସମ୍ବଳିତ ବଳିଷ୍ଠ ଯୁକ୍ତି ଉପସ୍ଥାପନ କଲେ, ସେଥିରେ ଭଣ୍ଡୁର ହୋଇଗଲା ପ୍ରତିବେଶୀ ବଙ୍ଗାଳୀମାନଙ୍କ ଚକ୍ରାନ୍ତ। ବଞ୍ଚିରହିଲା ଓଡ଼ିଆ ଭାଷା। ଭାଷା ସୁରକ୍ଷା ଆନ୍ଦୋଳନର ଏହି ସଫଳତାରୁ ପ୍ରେରଣା ଲାଭ କରି ଦାନା ବାନ୍ଧିଲା ଦେଶମିଶ୍ରଣ ଆନ୍ଦୋଳନ।

ସାଧାରଣତଃ ଜାତି ଯେତେବେଳେ ଗଭୀର ସଙ୍କଟ ଦେଇ ଗତିକରେ, ସେତେବେଳେ ଜାତୀୟ ଜୀବନରେ ଆରମ୍ଭ ହୁଏ ଉଦ୍‌ବେଳନ। ଜାତିପ୍ରାଣମାନେ ଏକାଠି ହୋଇ ଗଠନ କରନ୍ତି ମଞ୍ଚ। ତେଣୁ ଓଡ଼ିଶାର ରାଜନୈତିକ, ସାମାଜିକ ଓ ସାଂସ୍କୃତିକ ତଥା ସର୍ବବିଧ ବିକାଶର ଲକ୍ଷ୍ୟ ନେଇ ଜାତି ଐରାବତ ମଧୁବାବୁଙ୍କ ଆହ୍ୱାନକ୍ରମେ ଏକାଠି ହେଲେ ପାରଳା ମହାରାଜା ଡ. କୃଷ୍ଣଚନ୍ଦ୍ର ଗଜପତି, ବାମଣ୍ଡାର ଆଦର୍ଶ ମହାରାଜା ସାର୍ ସୁତଳ ଦେବ, ଆଧୁନିକ ରାମରାଜ୍ୟର ପ୍ରବର୍ତ୍ତକ ଶ୍ରୀରାମଚନ୍ଦ୍ର ଭଞ୍ଜ, ଖଲ୍ଲିକୋଟର ପ୍ରଜାବତ୍ସଳ ମହାରାଜା ହରିହର ମର୍ଦ୍ଦରାଜ, ବାଲେଶ୍ୱରର ମହାରାଜା ତଥା ଭାଷା ସୁରକ୍ଷା ଆନ୍ଦୋଳନର ଅନ୍ୟତମ ପୁରୋଧା ବୈକୁଣ୍ଠ ନାଥ ଦେଓ, ଜୟପୁରର ମହାରାଜା ଋଷିପ୍ରାଣ ବିକ୍ରମ ଦେବ ବର୍ମା, ଉତ୍କଳମଣି ଗୋପବନ୍ଧୁ, କର୍ମବୀର ଗୌରୀଶଙ୍କର, ବାଗ୍ମୀ ବିଶ୍ୱନାଥ କର, ବ୍ୟାସକବି ଫକୀର ମୋହନ, କବିବର ରାଧାନାଥ ଓ କାନ୍ତକବି ଲକ୍ଷ୍ମୀକାନ୍ତ ପ୍ରମୁଖ ଅନେକ ଦେଶପ୍ରେମୀ ଓ ସାହିତ୍ୟ ସାଧକ। ଏମାନଙ୍କ ସମ୍ମିଳିତ ଉଦ୍ୟମ ଓ ସର୍ବସମ୍ମତ ପ୍ରସ୍ତାବ କ୍ରମେ ୧୯୦୩ ମସିହାରେ ଗଠନ ହେଲା ଓଡ଼ିଆମାନଙ୍କ ଜାତୀୟ ଆକାଂକ୍ଷାର ସଂଗଠିତ ରୂପ ବା ଜାତୀୟ ମହାମଞ୍ଚ ଉତ୍କଳ ସମ୍ମିଳନୀ। ଓଡ଼ିଆ ଅସ୍ମିତାବୋଧର ଜାଗରଣ ନିମନ୍ତେ ଗଢିଉଠିଥିବା ଏହି ଅଣରାଜନୈତିକ ମଞ୍ଚରୁ ପ୍ରବାହିତ ହେଲା ଜାତୀୟତାର ଉତ୍ତାଳ ତରଙ୍ଗ। ବିଚ୍ଛିନ୍ନ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ, ଓଡ଼ିଆ ଭାଷାର ସୁରକ୍ଷା ତଥା ଓଡ଼ିଆ ଜାତିର ସ୍ୱାର୍ଥରକ୍ଷା ନିମନ୍ତେ ଚାଲିଲା ନିରବଚ୍ଛିନ୍ନ ସଂଗ୍ରାମ। ଏହି ଲଢେଇ ଆରମ୍ଭରୁ ମିଳିଲା ସଫଳତାର ସଙ୍କେତ। ବଙ୍ଗ ଭଙ୍ଗ ପାଇଁ ଯେଉଁ ବଡ଼ଲାଟ ଲର୍ଡ଼ କର୍ଜନଙ୍କୁ ଦୁର୍ଜନ ବୋଲି କୁହାଯାଏ, ଓଡ଼ିଶା ପରିପ୍ରେକ୍ଷୀରେ ସେ ସାବ୍ୟସ୍ତ ହେଲେ ସଜ୍ଜନ। ମଧୁବାବୁଙ୍କ ବାଷ୍ପାକୁଳ କଣ୍ଠରୁ ସେ ଓଡ଼ିଶାର କ୍ଷୋଭ, କଷଣ, ଦାବି ଓ ସ୍ପଷ୍ଟ ଦମ୍ଭୋକ୍ତି ଶୁଣିବା ସହିତ କଳା ଭାସ୍କର୍ଯ୍ୟ ସମ୍ବଳିତ ମନ୍ଦିରମୟ ଦେବଭୂମି ଓଡ଼ିଶା ପରିଦର୍ଶନ କରି ଓଡ଼ିଆ ଭାଷାଭାଷୀ ଅଞ୍ଚଳ ମିଶ୍ରଣ ପାଇଁ ଗ୍ରହଣ କଲେ ସିଦ୍ଧାନ୍ତ। କର୍ଜନଙ୍କ ରିଜ୍‌ଲେ ସର୍କୁଲାର ଆଧାରରେ (୧୯୦୫) ମଧ୍ୟପ୍ରଦେଶରୁ ସମ୍ବଲପୁର, କଳାହାଣ୍ଡି, ପାଟଣା, ସୋନପୁର, ବାମଣ୍ଡା, ରେଢାଖୋଲ ଏବଂ ବିହାରର ଛୋଟ ନାଗପୁର ଅଞ୍ଚଳରୁ ଗାଙ୍ଗପୁର, ବଣେଇ, ଷଢ଼େଇକଳା, ଖରସୁଆଁ ଆଦି ଅଞ୍ଚଳ ଆସି ମିଶିଲା ଓଡ଼ିଶା ଡିଭିଜନରେ। ଏହି ପ୍ରାରମ୍ଭିକ ସଫଳତା ଯୋଗୁ ଅଧିକ ଉତ୍ସାହର ସହିତ ଆଗକୁ ବଢିଲା ଉତ୍କଳ ସମ୍ମିଳନୀ। କଟକ, ବାଲେଶ୍ୱର, ପୁରୀ, ବ୍ରହ୍ମପୁର, ପାରଳାଖେମୁଣ୍ଡି, ସମ୍ବଲପୁର, ଚକ୍ରଧରପୁର ଓ ଜଳନ୍ତର ଆଦି ବିଭିନ୍ନ ସ୍ଥାନରେ ଆୟୋଜିତ ହେଲା (୧୯୦୩ ରୁ ୧୯୩୪ ମଧ୍ୟରେ ୨୪ ଥର) ସମ୍ମିଳନୀର ଅଧିବେଶନ। ଓଡ଼ିଆ ଜାତିର ଉନ୍ନତି କଳ୍ପେ ଗ୍ରହଣ କରାଗଲା ବିଭିନ୍ନ ପଦକ୍ଷେପ। ଏହି କ୍ରମରେ ସାଇମନ କମିଶନକୁ ସ୍ୱାଗତ କରିବା ଥିଲା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଦିଗରେ ଏକ ସକାରାତ୍ମକ ନିଷ୍ପତ୍ତି। କଂଗ୍ରେସର ନିଷ୍ପତ୍ତି କ୍ରମେ ସାଇମନ କମିଶନକୁ ସାରାଦେଶ ବିରୋଧ କରୁଥିବା ବେଳେ ପାଟଣା ଷ୍ଟେଶନରେ କମିଶନଙ୍କୁ ସ୍ୱାଗତ କରିଥିଲା ଓଡ଼ିଶାର ଏକ ପ୍ରତିନିଧି ଦଳ। ସେଇବାଟ ଦେଇ ମିଳିଥିଲା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ସୁପାରିସ। ଉତ୍କଳ ସମ୍ମିଳନୀର ଏହି ଲମ୍ବା ଲଢେଇ ଯୋଗୁ ଶେଷରେ ଭାରତ ସରକାରଙ୍କ ଓଡ଼ିଶା ପ୍ରଦେଶ ଗଠନ ଆଇନ୍ ୧୯୩୬ ଅନୁଯାୟୀ ଗଠନ ହେଲା (୧।୪।୧୯୩୬) ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ। ମାତ୍ର ଉତ୍କଳ ସମ୍ମିଳନୀ ଯେଉଁ ଭୌଗୋଳିକ ଓଡ଼ିଶାର ସ୍ୱପ୍ନ ଦେଖିଥିଲା, ସେ ଓଡ଼ିଶା ନୁହେଁ, ଏକ ବିଖଣ୍ଡିତ ଓଡ଼ିଶା।

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେବାଠାରୁ ଆଜିଯାଏ– ବିତିଗଲାଣି ଆଠ ଦଶନ୍ଧିରୁ ଊର୍ଦ୍ଧ୍ୱକାଳ। ଓଡ଼ିଶା ବାହାରେ ରହିଯାଇଥିବା ଅଞ୍ଚଳଗୁଡ଼ିକ ଓଡ଼ିଶାରେ ମିଶିବାର ସମ୍ଭାବନା ତ ଆଉ ନାହିଁ, ବରଂ ଆମ ରାଜନୈତିକ ଉଦାସୀନତା ଯୋଗୁ ସୃଷ୍ଟି ହେଲାଣି ଆଉ କିଛି ଅଞ୍ଚଳ ହାତଛଡ଼ା ହେବାର ଆଶଙ୍କା। ସାଧାରଣତଃ ଗୋଟିଏ ଜାତି ତା' ବୈଭବକୁ ନେଇ ବଞ୍ଚେ ଓ ଆଗକୁ ବଢେ। ଏ ଦୃଷ୍ଟିରୁ ଦେଖିଲେ ପ୍ରାଚୁର୍ଯ୍ୟ ଭିତରେ ଥାଇ ଓଡ଼ିଶା ଆଜି ଦରିଦ୍ର ରାଜ୍ୟ। ଏଠାରେ ଭରପୂର ହୋଇ ରହିଛି ଜଳସମ୍ପଦ, ବନ୍ୟ ସମ୍ପଦ ଓ ଖଣିଜ ସମ୍ପଦ ମୃତ୍ତିକା ବି ଉର୍ବର। ଅଭାବ ନାହିଁ ମାନବ ସମ୍ବଳର। ଅଭାବ କେବଳ ଦୃଢ ସଂକଳ୍ପ ଓ ତାକୁ କାର୍ଯ୍ୟରେ ପରିଣତ କରିବାର ମାନସିକତା। ସେଥିପାଇଁ ବହୁବିଧ ପୌରୁଷ ସତ୍ତ୍ୱେ ଆମେ ଆଜି କର୍ମଭୀରୁ ଓ ଭାଷଣ ପ୍ରବଣ। ଦୁର୍ନୀତି ଏଠି ବିକାଶର ବାଧକ। ଜାତୀୟ ସ୍ୱାର୍ଥକୁ ହତ୍ୟା କରିବା ହୀନମନ୍ୟତା ଯୋଗୁ ଅନେକ ଭୋଗିଲାଣି ଓ ଅନେକ ଅପଯଶ ପାଇଲାଣି ଏ ଜାତି। ଏଭଳି ସ୍ଥିତିରେ ଜାତିକୁ ବିକାଶ ପଥରେ ଆଗେଇ ନେବା ପାଇଁ ଆବଶ୍ୟକ ଲୋକ ଆନ୍ଦୋଳନ। ମାତ୍ର ବିଡ଼ମ୍ବନାର ବିଷୟ ଏକ ଲୋକ ଅନୁଷ୍ଠାନ ଭାବରେ ଲୋକ ଆନ୍ଦୋଳନ ଭଳି ସକ୍ରିୟ କାର୍ଯ୍ୟକ୍ରମ ଆଉ ହାତକୁ ନେଇପାରୁନି ଉତ୍କଳ ସମ୍ମିଳନୀ।

ଅଧ୍ୟକ୍ଷ, ଫୁଲମତୀ ହେମ୍ବ୍ରମ ମହାବିଦ୍ୟାଳୟ,
ମୋ: ୯୪୩୮୮୫୫୦୮୮

# ପିଲାଙ୍କ ଟିକାକରଣ ପ୍ରଭାବିତ



ଡା. ଜ୍ୟୋତିରଞ୍ଜନ ଚମ୍ପତିରାୟ

କରୋନା ସଂକ୍ରମଣ ଯୋଗୁ ସମଗ୍ର ବିଶ୍ୱରେ ପିଲାମାନଙ୍କ ଟିକାକରଣ କାର୍ଯ୍ୟକ୍ରମ ପ୍ରଭାବିତ ହୋଇଛି। ପୋଲିଓ, ମିଳିମିଳା ଓ ଅନ୍ୟ କେତେକ ରୋଗର ନିରାକରଣ ପାଇଁ ପିଲାମାନଙ୍କୁ ଟିକା ଦିଆଯାଇଥାଏ। କିନ୍ତୁ ଏହି କାର୍ଯ୍ୟକ୍ରମ ବନ୍ଦ ହେବା ଯୋଗୁ ପିଲାମାନେ ଏଭଳି ରୋଗର ଶିକାର ହେବାର ସମ୍ଭାବନା ରହିଛି। ଚଳିତ ସପ୍ତାହକୁ ବିଶ୍ୱ ଟିକାକରଣ ସପ୍ତାହ ଭାବେ ପାଳନ କରାଯାଉଥିବା ବେଳେ ପିଲାମାନେ କରୋନା ଦ୍ୱାରା ପ୍ରଭାବିତ ହେବା ଘଟଣା ଉଦ୍‌ବେଗ ସୃଷ୍ଟି କରିଛି। ବିଶ୍ୱର ବିଭିନ୍ନ ଦେଶରେ ଯେଉଁ ଟିକାକରଣ କାର୍ଯ୍ୟକ୍ରମ କରାଯାଉଛି ତାହାଦ୍ୱାରା କୋଡିଏ ପ୍ରକାର ରୋଗକୁ ଅଟକାଇ ଦେବ। କିନ୍ତୁ ସମଗ୍ର ବିଶ୍ୱରେ କରୋନା ସଂକ୍ରମଣ ରୋକିବା ପାଇଁ ଟିକା ପ୍ରସ୍ତୁତ କରିବାରେ ସମସ୍ତ ଦେଶ ଗୁରୁତ୍ୱ ଦେଉଥିବାରୁ ପିଲାଙ୍କ ଟିକାକରଣ କାର୍ଯ୍ୟକ୍ରମ ପାଇଁ ଆବଶ୍ୟକୀୟ ଔଷଧ ପ୍ରସ୍ତୁତି ପ୍ରଭାବିତ ହେଉଛି। ସେହିଭଳି ଯାତାୟାତ ବ୍ୟବସ୍ଥା ଉପରେ କଟକଣା ଯୋଗୁ ସମସ୍ତେ ଏପରି ଯୋଜନାରୁ ଉପକୃତ ବି ହୋଇପାରୁନାହାନ୍ତି। ସମଗ୍ର ବିଶ୍ୱରେ ପ୍ରତିବର୍ଷ ୧୧୬ନିୟୁତ ପିଲାଙ୍କୁ ଟିକାକରଣ କାର୍ଯ୍ୟକ୍ରମରେ ସାମିଲ କରାଯାଉଛି, ଯାହା କି ପ୍ରତିବର୍ଷ ଜନ୍ମ ହେଉଥିବା ଶିଶୁଙ୍କ ସଂଖ୍ୟାର ୮୬%। ତେବେ କରୋନା ସଂକ୍ରମଣ ଯୋଗୁ ପୂର୍ବ ଟିକାରୁ ବଞ୍ଚିତ ହୋଇଥିବା ୧୩ନିୟୁତ ପିଲା ଏହି ସଂକ୍ରମଣକୁ ସାମ୍ନା କରିବାର ସମ୍ଭାବନା ରହିଛି। କେବଳ ଆଫ୍ରିକାରେ ପ୍ରତିବର୍ଷ ୧୨ ନିୟୁତ ପିଲାଙ୍କୁ ପୋଲିଓ ଦାଉରୁ ରକ୍ଷା ପାଇଁ ଟିକା ଦିଆଯାଇଥାଏ। କରୋନା ଯୋଗୁ କେତେକ ଦେଶରେ ଏହି କାର୍ଯ୍ୟକ୍ରମ ସ୍ଥଗିତ ରହିଛି। ସେହିପରି ବହୁ ଅଭିଭାବକ ପିଲାମାନଙ୍କୁ ଟିକା ଦେବାକୁ ଡାକ୍ତରଖାନାକୁ ନେଇ କି ଗଲାବେଳେ କରୋନା ସଂକ୍ରମଣର ଭୟ ରଖି ତାଙ୍କୁ ଟିକା ଦେଉନାହାନ୍ତି। ତେଣୁ କରୋନା ସଂକ୍ରମଣ ପରେ ପୋଲିଓ, ମିଳିମିଳା ଓ ଅନ୍ୟ ରୋଗ ବ୍ୟାପକ ବ୍ୟାପିବାର ସମ୍ଭାବନା ରହିଛି। ୪୧ ଆଫ୍ରିକୀୟ ଦେଶରେ କରୋନା ସଂକ୍ରମଣ ଯୋଗୁ ମ୍ୟାଲେରିଆ ନିରାକରଣ ପାଇଁ କରାଯାଉଥିବା କାର୍ଯ୍ୟକ୍ରମକୁ ରୋକି ଦିଆଯାଇଛି। ସେ ମହାଦେଶରେ ଅଧିକ ସଂଖ୍ୟାରେ ପିଲା ମ୍ୟାଲେରିଆରେ ମୃତ୍ୟୁବରଣ କରିଥାନ୍ତି। ସମଗ୍ର ବିଶ୍ୱର ଅଧିକାଂଶ ଓ ପ୍ରମୁଖ ଦେଶରେ କେବଳ କରୋନା ଟିକା ପାଇଁ ସରକାର ସମସ୍ତ କଳ ଓ ବଳ ଲଗାଇ ଦେଇଥିବାରୁ ପିଲାଙ୍କ ଟିକାକରଣ ପ୍ରସ୍ତୁତି ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି।

ଆଜିକାଲି ଶିଶୁମାନଙ୍କ କ୍ଷେତ୍ରରେ ଦେଖା ଯାଉଥିବା ବହୁ ଅସାଧ୍ୟ ରୋଗର ପ୍ରତିଷେଧକ ଟିକା ବାହାରିଲାଣି ଓ ଅନେକ ନୂଆ ନୂଆ ଟିକା ଉଦ୍ଭାବନ ପାଇଁ ମଧ୍ୟ ନିରନ୍ତର ଗବେଷଣା ଚାଲୁ ରହିଛି। ତେବେ ଯେଉଁ ପ୍ରତିଷେଧକ ବ୍ୟବସ୍ଥା ରୋଗ ମୂଳୋତ୍ପାଟନରେ ସାହାଯ୍ୟ କରେ ସେଗୁଡ଼ିକ ହେଲା – ପୋଲିଓବୁନ୍ଦା, ବିସିଜି, ଡିପିଟି, ମିଳିମିଳା – ମମ୍ପସ୍‌ରୁ ବେଲା, ହେପାଟାଇଟିସ–ବି, ରାବିସ ଭାକ୍‌ସିନ (କୁକୁର କାମୁଡ଼ା ଟିକା), ଟିଟାନସ୍ ଟକ୍ସଏଡ଼, ଡିପ୍‌ଥେରିଆ– ଟିଟାନସ୍ ଟିକା (ଡି.ଟି), ରୁବେଲା ହୋଇଥିବା ଟିକାଗୁଡ଼ିକ ହେଲା – ଏହା ଏକ ଜୀବାଣୁଜନିତ ରୋଗ ଯଥା କାନପାଚିବା, ନିମୋନିଆ, ମସ୍ତିଷ୍କ ମେନିନ୍‌ଜାଇଟସ୍; ଯାହା ଏହି ଜୀବାଣୁ ଦ୍ୱାରା ସାଧାରଣତଃ ହୋଇଥାଏ ତାକୁ ପ୍ରତିରୋଧ କରିଥାଏ। ଏହାର ତିନିମାତ୍ରା ଇଞ୍ଜେକ୍ସନ ୧ ମାସ ବା ୨ମାସ ବ୍ୟବଧାନରେ ଅଲଗା ବା ଅନ୍ୟ ଟିକା ସାଙ୍ଗରେ ଯଥା ଡିପିଟି ଯୁକ୍ତ ହେପାଟାଇଟିସ–ସି ସାଙ୍ଗରେ ମିଶାଇ ନେଇ ହେବ। (ଫାସଭ–ଇନ୍–ଇନ=ୱାନ) ଏହି ଟିକା ଦେଢ଼ ମାସ ବୟସରୁ ଆରମ୍ଭ ହେଲା। ଏହା ଏକ ଭୂତାଣୁଜନିତ ଯକୃତର ଜଣ୍ଡିସ ସୃଷ୍ଟିକାରୀ ରୋଗ, ବର୍ଷାଦିନେ ବହୁଳ ଭାବରେ ଦୂଷିତ ପାଣି ଦ୍ୱାରା ବ୍ୟାପେ। ଏହା ଜଣକୁ ହେଲେ ସହଜରେ ସଂକ୍ରାମକ ରୂପ ଧାରଣ କରେ। ରୋଗୀ ଶରୀର ଆଖି, ପରିସ୍ରା ହଳଦିଆ ଦିଶିବା ସହ ବାନ୍ତି ଓ କାଶ ପେଟବ୍ୟଥା ଏବଂ ଭୋକ ମରିଯାଏ । ଦେଢ଼ମାସ ଶଯ୍ୟାଶାୟୀ ରହିବାକୁ ପଡ଼େ। ଏହାର ଟିକା ୧ବର୍ଷ ବୟସ ପରେ ନେଇ ହୁଏ। ୨ମାତ୍ରା ଇଞ୍ଜେକ୍ସନ ୬ମାସରୁ ୧ ବର୍ଷ ବ୍ୟବଧାନରେ ଦିଆହୁଏ।

ଏହା ଶୀତ ଋତୁରେ ଅଧିକ ହୁଏ। ବଡ଼ ବଡ଼ ଶିଶିର ଟୋପା ଭଳି ଫୋଟକା ବାହାରି ଅତ୍ୟଧିକ ଜ୍ୱର ହୁଏ – ବୟସ୍କ ଲୋକମାନଙ୍କୁ ଏହା ଅଧିକ ତୀବ୍ରତର ହୋଇଥାଏ, ପାଟିରେ ଘା ହୋଇ, ଭୋକ ମରିଯାଏ, ଶରୀର ପୀଡ଼ା ହୁଏ, କାଶ ହୁଏ, ଅଳ୍ପ କେତେକ କ୍ଷେତ୍ରରେ ଘା'ଗୁଡ଼ିକ ପାଚିଯାଏ ଓ ମସ୍ତିଷ୍କକୁ ସଂକ୍ରମଣ କରିବାର ଆଶଙ୍କା ଥାଏ। ପିଲାମାନଙ୍କର ପରୀକ୍ଷା ସମୟରେ ଏହା ହେଉଥିବାରୁ ସେମାନେ ପରୀକ୍ଷାରୁ ବି ବଞ୍ଚିତ ହୁଅନ୍ତି। ଏକମାସ ପର୍ଯ୍ୟନ୍ତ ସ୍କୁଲରୁ ଅନୁପସ୍ଥିତି ରହିବାକୁ ପଡ଼ିଥାଏ। ଏହାର ଟିକା ୧ବର୍ଷ ବା ୨ ବର୍ଷ ବୟସ ପରେ ଦେଇହେବ। ଏହି ଟିକା ଯଦିଓ ପୁରୁଣା ସେଗୁଡ଼ିକ ଅଧିକ ଜ୍ୱର କରୁଥିବାର ଏବେ ନୂତନ ଶୈଳୀରେ କମ୍ ସାଇଡ୍ ଇଫେକ୍ଟ ଥିବା ଟିକା ବାହାରିଛି, ଏହାକୁ ନେଲେ ତିନିରୁ ପାଞ୍ଚବର୍ଷ ପର୍ଯ୍ୟନ୍ତ ପ୍ରୋଟେକ୍ସନ ମିଳିଥାଏ। ଆମ ରାଜ୍ୟରେ ଟାଇଫଏଡ୍ ଅଧିକ ଦିନ ଜ୍ୱର, ଝାଡ଼ା, କାଶର ମୁଖ୍ୟ କାରଣ। ବାହାରେ ଖାଇବା ଦ୍ୱାରା ଏହା ହୋଇଥାଏ। ଏହାର ଟିକା ଦୁଇବର୍ଷ ପରେ ଇଞ୍ଜେକ୍ସନର ଗୋଟିଏ ମାତ୍ରା ଦିଆଯାଏ –୬ବର୍ଷରୁ ଅଧିକ ପିଲା ପାଟିବାଟେ କ୍ୟାପସୁଲ ଆକାରରେ ଟିକା ଖାଇପାରିବେ। ଏହା ପ୍ରତିବର୍ଷ ନେବାକୁ ପଡ଼େ। କେତେକ ଗୋଷ୍ଠୀର ରୋଗୀ ଯଥା ଏଡ୍‌ସ, ସିକିଲ୍‌ସେଲ, ଥାଲାସେମିଆ, କ୍ୟାନ୍‌ସର ରୋଗୀଙ୍କୁ ଟିକା ଦିଆଯାଇଥାଏ। ଅନ୍ୟ ପିଲା ମଧ୍ୟ ଏହି ଟିକା ନେଇପାରିବେ। ଏହା ପ୍ଲୀହା କାଢ଼ି ଦିଆଯାଇଥିବା (ସିକିଲସେଲ ରୋଗୀ) ଶିଶୁମାନଙ୍କୁ, ଏଡ୍‌ସ ରୋଗୀ, ଥାଲାସେମିଆ ରୋଗୀ ଏମାନଙ୍କୁ ଦିଆଯାଇଥାଏ। ଏହାଛଡ଼ା ମେନିଙ୍ଗୋକୋକାଲ ମେନିନ୍‌ଜାଇଟିସ୍ ଓ ଜାପାନିଜ୍ ଏନ୍‌ସେଫାଲାଇଟିସ୍ ଟିକା ମଧ୍ୟ ବାହାରିଛି। ଏଗୁଡ଼ିକ ଏପିଡେମିକ ସମୟରେ ଯଥା – ଦିଲ୍ଲୀ ଓ ଆଖପାଖ ଅଞ୍ଚଳରେ ଖରାଦିନେ ଏବଂ ଆମ ଓଡ଼ିଶାରେ କଳାହାଣ୍ଡିରେ ମେନିଙ୍ଗୋକୋକାଲ ମେନିନଜାଇଟିସ୍‌ର ଏପିଡେମିକ ହୁଏ। ତେଣୁ ଏହି ରୋଗ ଦେଖାଦେଲା ମାତ୍ରେ ଉପରୋକ୍ତ ଟିକା ସମସ୍ତେ ନେବା ଆବଶ୍ୟକ। ଜାପାନିଜ୍ ଏନ୍‌ସେଫାଲାଇଟିସ ଏକ ମାରାତ୍ମକ ରୋଗ– ଏହା ଅଧିକ ଦକ୍ଷିଣ ଭାରତରେ ଦେଖାଯାଏ – ଘୁଷୁରି ଓ ଘୁଷୁରି ଚରାଇବା ଲୋକଙ୍କଠାରେ ଏହାର ଟିକା ଏପିଡେମିକ ସମୟରୁ ଦିଆଯାଏ। ମ୍ୟାଲେରିଆ, ଲେପ୍ରୋସି, ଏଡ୍‌ସ ଓ ବିଭିନ୍ନ ପ୍ରକାର କ୍ୟାନ୍‌ସର ଇତ୍ୟାଦି ଟିକା ପାଇଁ ଗବେଷଣା ଚାଲୁ ରହିଛି। କରୋନାର ପ୍ରକୋପ ସମଗ୍ର ବିଶ୍ୱକୁ କବଳିତ କରୁଥିବାବେଳେ ଛୋଟ ପିଲାମାନେ ଏଥିରୁ ନିସ୍ତାର ପାଉନାହାନ୍ତି। ତେଣୁ କରୋନା ଟିକା ପରି ପିଲାମାନଙ୍କର ଅନ୍ୟାନ୍ୟ ଟିକା ମଧ୍ୟ ପ୍ରସ୍ତୁତି କରିବା ଜରୁରୀ ନଚେତ୍ ଆଗାମୀ ସମୟରେ ଏହା ସମଗ୍ର ବିଶ୍ୱ ପାଇଁ ଏକ ବଡ଼ ସ୍ୱାସ୍ଥ୍ୟ ସମସ୍ୟା ପାଲଟିବ।

ସହଯୋଗୀ ପ୍ରଫେସର, ଶିଶୁ ବିଭାଗ,
ଶିଶୁଭବନ,କଟକ,
ମୋ:୯୪୩୭୧୨୪୦୭୪

## ଏଇ ଭାରତରେ

ଭାରତରେ ଥିବା ସ୍କୁଲଗୁଡ଼ିକରେ ସ୍ପିଚ୍ ଥେରାପୀ, ଓରାଲିଜମ ଏବଂ ଲିପ୍–ରିଡିଂ ଦ୍ୱାରା ବଧିରମାନଙ୍କୁ ଶିକ୍ଷା ଦିଆଯାଉଥିଲେ ମଧ୍ୟ ଶିକ୍ଷାକ୍ଷେତ୍ର ଓ ଏମାନଙ୍କ ମଧ୍ୟରେ ଏକ ବଡ଼ ଦୂରତା ରହିଯାଉଛି। ଏମାନଙ୍କ ଉପରେ ପାଠ୍ୟପୁସ୍ତକ ବୋଝ ବି ରହିଛି। ଏଣୁ ଜାନଭୀ ଜୋଷୀ ଓ ନୂପୁର କିର୍ଲୋସ୍କର ଏକ ଟେକ୍‌ନୋଲୋଜି ବିକାଶ କରି ଏମାନଙ୍କୁ ଶିକ୍ଷାଦାନରେ ସାହାଯ୍ୟ କରି ଆସୁଛନ୍ତି। ସେମାନେ ବ୍ଲିଟେକ୍ ଇନୋଭେଶନ ଷ୍ଟାର୍ଟଅପ୍ ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। ବ୍ଲିଟିଭି, ଯାହା ଏକ ଫ୍ରି ଆଣ୍ଡ୍ରଏଡ ଆପ୍ ଏବଂ ୱେବ୍ ପୋର୍ଟାଲ, ଯେଉଁଥିରେ ରହିଛି ଇଣ୍ଡିଆନ୍ ସାଇନ ଲାଙ୍ଗୁଏଜ୍ ଏବଂ ବ୍ଲିଟିଭି ଲାଇବ୍ରେରୀ ମାଧ୍ୟମରେ ବଧିରମାନଙ୍କ ଶିକ୍ଷାର ବ୍ୟବସ୍ଥା କରିଛନ୍ତି। ବ୍ଲିଟିଭିରେ ସମ୍ବାଦ, ଆର୍ଥିକ କାରବାର ସମ୍ବନ୍ଧୀୟ ଶିକ୍ଷା, ସାମ୍ପ୍ରତିକ ଘଟଣାବଳୀ, ଗଳ୍ପ, ବିଜ୍ଞାନ, ଇଂରାଜୀ ଓ ସ୍ୱାବଲମ୍ବୀ ହେବାର କୌଶଳ ଆଦିକୁ ନେଇ ଭିଡିଓ ରହିଛି। ଏହି ଦୁଇ ବାନ୍ଧବୀ ରହୁଛନ୍ତି ପୁଣେରେ। ଏମାନେ ପୁଣେ ଏମ୍‌ଆଇଟିରେ ପ୍ରଡକ୍ଟ ଡିଜାଇନ୍‌ରେ ଶିକ୍ଷାଲାଭ କରିବା ସମୟରେ ୨୦୧୫ରେ ବ୍ଲିଟେକ୍ ପାଇଁ ନକ୍ସା ପ୍ରସ୍ତୁତ କରିଥିଲେ। ମ୍ୟୁଜିକ ଭାଇବ୍ରେଶନ ମାଧ୍ୟମରେ ବଧିରମାନଙ୍କୁ ଶୁଣିବା ଲାଗି ସେମାନେ ଏକ ସ୍ମାର୍ଟ ୱାଚ୍ ଡିଜାଇନ କରୁଥିବା ସମୟରେ ଉକ୍ତ ଟେକ୍‌ନୋଲୋଜି ବିକାଶ କରିଥିଲେ। ଏବେ ସୁଦ୍ଧା ଏହି ବ୍ଲିଟେକ୍‌ରେ ୧୨,୦୦୦ ବଧିର ସାମିଲ ହୋଇ ସାରିଛନ୍ତି। ଏମାନଙ୍କ ମଧ୍ୟରେ ରହିଛନ୍ତି ୧୨୦୦ ଶିଶୁ। ଏହି ଟେକ୍‌ନୋଲୋଜିରେ ଶିକ୍ଷା ଦେବା ଲାଗି ଜାନଭୀ ଓ ନୂପୁର ୧୦୦ ଜଣ ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦେଇସାରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୩୦ ଡିସେମ୍ବର ୧୯୯୫

- ପ୍ରବଳ ଶୀତ ଲହରୀ ପ୍ରବାହିତ ହେବା ଫଳରେ ଉତ୍ତର ବାଂଲାଦେଶରେ ପ୍ରାୟ ୫୦ ଜଣ ଲୋକଙ୍କ ପ୍ରାଣହାନୀ।
- ଫିଲିପାଇନ୍ସର ପୂର୍ବାଞ୍ଚଳସ୍ଥ ବିକଲ ଅଞ୍ଚଳରେ ଅଜ୍ଞାତ ବନ୍ଧୁକଧାରୀ ଆଖିବୁଜା ଗୁଳିମାଡ଼ କରିବା ଫଳରେ ୨ଟି ପରିବାରର ୧୪ ଜଣ ଲୋକ ପ୍ରାଣ ହରାଇଛନ୍ତି।

## ଚିରନ୍ତନୀ

କହ ଗୋ କହ ଏ ଦୁରଦିନେ
ପାଗଳ ହୋଇ କାହାର ବିନେ
କି ଅଭିସାରେ ନ ମାନି ବନ ପ୍ରାନ୍ତର
ଚଳ ଗୋ ଆଜି ଲଭି କି ମଧୁ ମନ୍ତର ?
–(ବର୍ଷା ନାୟିକା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସୌଭାଗ୍ୟ ନା ହତଭାଗ୍ୟ ଯୋଜନା

ମହାଶୟ,

ଭାରତ ସରକାର ଦେଶର ହିତାଧିକାରୀଙ୍କୁ ସୌଭାଗ୍ୟ ଯୋଜନାରେ ମାଗଣାରେ ବିଦ୍ୟୁତ୍ ସଂଯୋଗ ଦେଇଛନ୍ତି । ଦୁଃଖର କଥା ବିଦ୍ୟୁତ୍ ସଂଯୋଗ ଦିଆଯିବା ପୂର୍ବରୁ ମଧ୍ୟ ବିଦ୍ୟୁତ୍ ବିଲ୍ ଆସିଛି ଏବଂ ତାହା ଆଜି ପର୍ଯ୍ୟନ୍ତ ସଂଶୋଧନ ହୋଇପାରୁନାହିଁ । ସବୁଠାରୁ ସାଂଘାତିକ କଥା, ଯାହାଙ୍କର ୧୨ରୁ ୧୫ୟୁନିଟ ବ୍ୟବହାର ହେଉଛି ସେମାନଙ୍କ ବିଲ୍ ଉପରେ ତଦନ୍ତ କଲେ ଏହା ଜଣାପଡିବ । ହିତାଧିକାରୀମାନଙ୍କୁ ୧୪୪ ୟୁନିଟ ହିସାବରେ ବିଲ୍ ଦିଆଯାଉଛି । ମିଟର ଅଛି,କିନ୍ତୁ ରିଡିଙ୍ଗ ନେଉନାହାନ୍ତି । ଏବିଷୟରେ ସ୍ଥାନୀୟ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ ସୁଫଳ ମିଳୁନାହିଁ। ୧୪୦୦ଟଙ୍କାରୁ ୧୪,୦୦୦ଟଙ୍କାକୁ ବିଲ୍ ଗଲାଣି । ତଥାପି କେହି ଶୁଣୁନାହାନ୍ତି । ଏହି ସମସ୍ୟା କେମିତି ତୁଟିବ ସେ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବାକୁ ଅନୁରୋଧ ।

–ବିବେକାନନ୍ଦ ସୁବୁଦ୍ଧିରାୟ, ଚୌଦ୍ୱାର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ୭ବର୍ଷର ନାବାଳିକାଙ୍କୁ ବଳାତ୍କାର

**ରାଜଧାନୀରେ ଲଜ୍ଜା**

**ଭୁବନେଶ୍ୱର,୨୯।୧୨(ବ୍ୟୁରୋ):** ପରୀ ହତ୍ୟା ଘଟଣା ମନରୁ ଲିଭି ନ ଥିବାବେଳେ ରାଜଧାନୀରେ ପୁଣି ଏକ ଲଜ୍ଜା ଘଟଣା ସାମ୍ନାକୁ ଆସିଛି। ରାଜଧାନୀର ଲିଙ୍ଗରାଜ ଥାନା ଅଞ୍ଚଳରେ ସୋମବାର ରାତିରେ ଜଣେ ୭ବର୍ଷର ନାବାଳିକା ପଡ଼ୋଶୀ ସାଙ୍ଗଙ୍କ ଘରେ ଖେଳୁଥିବାବେଳେ ସମ୍ପୃକ୍ତ ସାଙ୍ଗର ବାପା ନାବଳିକାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ନାବାଳିକାଙ୍କ ପରିବାରର ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ରବି ଦାସଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଙ୍କ ଜାମିନ ଆବେଦନ ଖାରଜ ହେବାପରେ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, ଲିଙ୍ଗରାଜ ଥାନା ଅନ୍ତର୍ଗତ କେଦାର ଲେନ୍‌ରେ ରହୁଥିବା ୭ବର୍ଷର ନାବାଳିକା ତାଙ୍କ ପଡ଼ୋଶୀ ସାଙ୍ଗଙ୍କ ଘରକୁ ପ୍ରାୟତଃ ଖେଳିବାକୁ ଯାଆନ୍ତି। ସୋମବାର ରାତିରେ ପୀଡ଼ିତା ନାବାଳିକା ତାଙ୍କ ଘରକୁ ଖେଳିବାକୁ ଯାଇଥିବାବେଳେ ଅଭିଯୁକ୍ତ ଏକାକି ପାଇ ଛାତ ଉପରକୁ ଡାକି ନେଇଥିଲେ। ସେଠାରେ ଏକ ଘର ଭିତରେ ତାଙ୍କୁ ବଳାତ୍କାର କରିଥିଲେ। ଏନେଇ ନାବଳିକା ଜଣଙ୍କ ପରିବାର ଲୋକଙ୍କୁ ଜଣାଇବା ପରେ ସେମାନେ ବିଳମ୍ବିତ ରାତିରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ମୁତାବକ ପୋଲିସ ଏକ ମାମଲା(ନଂ.୨୫୫/୨୦) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କର ଡାକ୍ତରୀ ମାଇନା କରିଥିଲା।

# ନନ୍ଦନକାନନ ପାଇଁ ୬୦୦ କୋଟିର ଯୋଜନା

**ବାରଙ୍ଗ,୨୯।୧୨(ଡି.ଏନ୍.ଏ.)**

ଦେଶର ବୃହତ୍ତମ ଚିଡିଆଖାନା ନନ୍ଦନକାନନ ଖୁବଶୀଘ୍ର ଅନ୍ତର୍ଜାତୀୟ ସ୍ତରରେ ମାନ୍ୟତା ପାଇବାକୁ ଯାଉଛି। କେନ୍ଦ୍ରୀୟ ଚିଡ଼ିଆଖାନା ପ୍ରାଧିକରଣ ଏଥିପାଇଁ ପ୍ରସ୍ତୁତିପର୍ବ ଆରମ୍ଭ କରିଦେଇଛନ୍ତି। ଏପରିକି ନନ୍ଦନକାନନର ଉନ୍ନତି ସକାଶେ ୬୦୦କୋଟି ଟଙ୍କାର ମାଷ୍ଟରପ୍ଲାନ ପ୍ରସ୍ତୁତ କରାଯାଇଛି ବୋଲି ନନ୍ଦନକାନନର ୬୧ତମ ପ୍ରତିଷ୍ଠା ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ପ୍ରକାଶ କରିଛନ୍ତି। ଏହି ଅବସରରେ ନୂଆକରି ହୋଇଥିବା ପ୍ରସ୍ଥାନପଥ ସହ ସଫାରି ଷ୍ଟାଣ୍ଡର ଲୋକାର୍ପଣ ହୋଇଥିଲା।

ସୂଚନା ଅନୁଯାୟୀ, ପ୍ରାଣୀଉଦ୍ୟାନ ନନ୍ଦନକାନନ ମଙ୍ଗଳବାର ୬୧ବର୍ଷରେ ପାଦ ଥାପିଛି। ୧୧ଟି ବନ୍ୟପ୍ରାଣୀକୁ ନେଇ ଆରମ୍ଭ ହୋଇଥିବା ନନ୍ଦନକାନନ ଏବେ ୨୧୨ ଏନକ୍ଲୋଜରରେ ୧୫୮ପ୍ରଜାତିର ୩୭୮୭ପ୍ରକାରର ପଶୁପକ୍ଷୀଙ୍କ



ସଂଖ୍ୟା ବୃଦ୍ଧି ପାଇଛି। ଏହାବ୍ୟତୀତ ୧୩ଟି ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ, ୧୫ପ୍ରଜାତିର ସରୀସୃପ, ୭୧ପ୍ରଜାତିର ପକ୍ଷୀ, ୨୦ପ୍ରଜାତିର ଉଭୟଚର ପ୍ରାଣୀ, ୮୫ପ୍ରଜାତିର ପ୍ରଜାପତି ଏହାର ପରିସରକୁ ଉପଯୁକ୍ତ ଆବାସସ୍ଥଳୀ ଭାବେ ଚିହ୍ନଟ କରାଯାଇଛି। ନିଃସଙ୍ଗ ଜୀବନ ଜିଉଥିବା ଓ ରକ୍ତ ସମ୍ପର୍କକୁ ପରିବର୍ତ୍ତନ କରିବାପାଇଁ ଚଳିତବର୍ଷ ୨୫ଟି ପଶୁପକ୍ଷୀ ନନ୍ଦନକାନନ ଆସିଥିବାବେଳେ




ଉତ୍ସବରେ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଓ ଅନ୍ୟ ଅତିଥିମାନେ କ୍ୟାଲେଣ୍ଡର ଉନ୍ମୋଚନ କରୁଛନ୍ତି।



ନନ୍ଦନକାନନରେ କର୍ମଚାରୀମାନେ ହାତୀ ଶାବକକୁ ନେଉଛନ୍ତି।

- ୬୧ତମ ପ୍ରତିଷ୍ଠା ଦିବସ ପାଳନ
- ପ୍ରସ୍ଥାନପଥ, ସଫାରି ଷ୍ଟାଣ୍ଡର ଲୋକାର୍ପଣ
- ବାଘୁଣୀ ସ୍ନେହାର ୨ ଛୁଆଙ୍କ ନାମ ରହିଲା ଲବ, କୁଶ

ବଳିଆକୁକୁର ଆସାମିଜ ମାଙ୍କଡ଼ ବବୁନ, ଗୀବନ ଗଧିଆ, ଜିରାଫ, ଗଣ୍ଡା, ଜେବ୍ରା ଆଦି ଆସିବା ପାଇଁ ବ୍ୟବସ୍ଥା ହୋଇଛି। ନନ୍ଦନକାନନର ବିକାଶ ସହ କଳେବର ବୃଦ୍ଧି ପାଇଁ ୬୦୦କୋଟି ଟଙ୍କାକୁ ୨୦ବର୍ଷ ମଧ୍ୟରେ ବିନିଯୋଗ କରାଯିବ ବୋଲି କେନ୍ଦ୍ରୀୟ ଚିଡିଆଖାନା କର୍ତ୍ତୃପକ୍ଷଙ୍କ ପାଖରେ ଉପସ୍ଥାପନା କରାଯାଇଛି। ଖୁବଶୀଘ୍ର ଶିଶୁ ରେଳଗାଡି ଓ ବହୁତଳ ବିଶିଷ୍ଟ ପାର୍କିଂ ପର୍ଯ୍ୟଟକମାନଙ୍କ ପାଇଁ ଉର୍ତ୍ସଗୀକୃତ କରାଯିବ ବୋଲି ମନ୍ତ୍ରୀ ଆରୁଖ କହିଥିଲେ। ନନ୍ଦନକାନନ ଉପନିର୍ଦ୍ଦେଶକ ବିମଳ ପ୍ରସନ୍ନ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ମୋନା ଶର୍ମା ଅତିଥିଭାବେ ଯୋଗଦେଇ ଅକଲାଣ୍ଡ ଚିଡିଆଖାନା ଭଳି ନନ୍ଦନକାନନ ଚିତ୍ର ବଦଳିବା ପାଇଁ ଉଦ୍ୟମ ଆରମ୍ଭ କରାଯାଇଛି ବୋଲି କହିଥିଲେ। ମୁଖ୍ୟ ବନ୍ୟଜୀବ ତତ୍ତ୍ୱାବଧାରକ ହରିଶଙ୍କର ଉପାଧ୍ୟାୟ ଅତିଥିଭାବେ ଯୋଗଦେଇ ନନ୍ଦନକାନନ ବନ୍ଦ ଥିବାବେଳେ ପୋଷ୍ୟଭାବେ ରାଜ୍ୟ ତଥା ରାଜ୍ୟ ବାହାର ଲୋକମାନେ ଅନ୍‌ଲାଇନରେ ବହୁ ଜୀବଜନ୍ତୁଙ୍କୁ ଗ୍ରହଣ କରିଥିବାବେଳେ ସ୍କୁଲପିଲାମାନେ ମଧ୍ୟ ଜୀବଜନ୍ତୁଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିଥିବାରୁ ଏହା ନନ୍ଦନକାନନ ପାଇଁ ଶୁଭ ସୂଚନା ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଟଣୀ ବିଧାୟକ ସୁରେଶ ରାଉତରାୟ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ସ୍ୱତନ୍ତ୍ର ଅତିଥି ଏସ୍‌ବିଆଇର ଭୁବନେଶ୍ୱର ସର୍କଲର ଚିଫ୍ ଉମା ଦେ, ଜିନ୍ଦଲ ଷ୍ଟିଲର ଓଡ଼ିଶା ମୁଖ୍ୟ ରାକେଶ ମିଶ୍ର ଯୋଗଦେଇଥିଲେ।

ନିର୍ଦ୍ଦେଶକ ଶଶିପଲ ବାର୍ଷିକ ବିବରଣୀ ପାଠ ଅବସରରେ ମିଜୋରାମ ଓ ଜୟପୁର ଚିଡିଆଖାନା ସହ ଅନ୍ତର୍ଜାତୀୟ ସ୍ତରରେ ସିଙ୍ଗାପୁର ଓ ଶ୍ରୀଲଙ୍କାରୁ ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟା ଖୁବଶୀଘ୍ର କରାଯିବ ବୋଲି କହିଥିଲେ। ଏହି ଅବସରରେ ନନ୍ଦନକାନନ କର୍ମଚାରୀମାନଙ୍କୁ ଅତିଥିମାନେ ମାନପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ। ଅତିଥିମାନଙ୍କ ଦ୍ୱାରା ବାର୍ଷିକ ବିଶେଷାଙ୍କ, କ୍ୟାଲେଣ୍ଡର ଉନ୍ମୋଚନ ହୋଇଥିଲା। ୨୭ଟି ବାଘକୁ ପୋଷ୍ୟ ଭାବେ ଜିନ୍ଦଲ ଷ୍ଟିଲ ଓ ୮ଟି ଧଳାବାଘ ସହ ୨୦ଟି ଶମ୍ବରକୁ ଏସ୍‌ବିଆଇର ଭୁବନେଶ୍ୱର ସର୍କଲର ଚିଫ୍ ଉମା ଦେ ପୋଷ୍ୟଭାବେ ଗ୍ରହଣ କରିଥିଲେ। ବାଘୁଣୀ ସ୍ନେହାର ୨ଟି ଶାବକର ନାମକରଣ ପାଇଁ ଅନଲାଇନରେ ସଂଗ୍ରହ କରାଯାଇଥିବା ନାମ ମଧ୍ୟରୁ ଅଧିକ ନାମ ଆସିଥିବା ଲବ ଓ କୁଶ ନାମକୁ ଅତିଥିମାନେ ବିଧିବଦ୍ଧ ଭାବେ ଘୋଷଣା କରିଥିଲେ।

### ସରକାରଙ୍କୁ ୯ ପ୍ରସ୍ତାବ ଦେଲା ଓଡ଼ିଶା ଅଭିଭାବକ ମହାସଂଘ

**ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)**

ଡାକ୍ତରୀ ଓ ବୈଷୟିକ ଶିକ୍ଷା କ୍ଷେତ୍ରରେ ସରକାରୀ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ସ୍ଥାନ ସଂରକ୍ଷଣ ନିଷ୍ପତ୍ତିକୁ ଓଡ଼ିଶା ଅଭିଭାବକ ମହାସଂଘ ସ୍ୱାଗତ କରିଛି। ଏଥିସହ ମହାସଂଘ ପକ୍ଷରୁ ସରକାରଙ୍କୁ ୯ଟି ନୂତନ ପ୍ରସ୍ତାବ ଦେଇଛି। ଏ ନେଇ ମହାସଂଘର ଅଧ୍ୟକ୍ଷ ବାସୁଦେବ ଭଟ୍ଟ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି। ସରକାର ଯେଉଁ କମିଟି ଗଠନ କରିବେ ସେଥିରେ ଶିକ୍ଷକ, ଅଭିଭାବକ ମହାସଂଘ, ବେସରକାରୀ ସ୍କୁଲ ସଂଘ, ସରକାରୀ ଶିକ୍ଷକ ସଂଘ, ଶିକ୍ଷାବିତ ଓ ସାମାଜିକ ଶିକ୍ଷାକର୍ମୀଙ୍କୁ ସାମିଲ କରିବା, ଶିକ୍ଷକଙ୍କୁ ଠିକ୍ ଭାବେ ତଦାରଖ ସହ ଏକ ସ୍ୱତନ୍ତ୍ର ମେକାନିଜିମ କରିବା, ବେସରକାରୀ କୋଚିଂ କେନ୍ଦ୍ରକୁ କଣ୍ଟ୍ରୋଲ କରିବା, ଫି'କୁ ସନ୍ତୁଳିତ କରିବାକୁ ନିୟମ ଲାଗୁ, ସରକାରୀ ଶିକ୍ଷକଙ୍କୁ ସମୟନୁସାରେ ଟ୍ରେନିଂ ଓ ଅପଡେଟ୍ କରିବା ଆଦି ପ୍ରସ୍ତାବ ଦିଆଯାଇଛି।

**ଏସ୍.ଇ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୪୨୨୮-ଜିଆର୍‌ସି-ସିଇ-ସି-୦୧-୬୩-୨୦୨୦, ତାରିଖ: ୨୯।୧୨।୨୦୨୦। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଚିଫ୍ ଇଞ୍ଜିନିୟର (ସିଓଏନ୍)/I, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍‌ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଟେଣ୍ଡର ୱେବ୍‌ସାଇଟ୍ www.ireps.gov.inରେ ଅପ୍‌ଲୋଡ୍ କରାଯାଇଛି। ଟେଣ୍ଡରକୁ ଧାର୍ଯ୍ୟ ତାରିଖ ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ। **କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ଦକ୍ଷିଣ ପୂର୍ବ ରେଳପଥର କିରୁବୁରୁ ଓ ବଡ଼ବିଲ (୨୪.୫୦ କି.ମି.) ମଧ୍ୟରେ ଚୂଡ଼ାନ୍ତ ଅବସ୍ଥାନ ସର୍ବେକ୍ଷଣ, ମୃତ୍ତିକା ତଦନ୍ତ, ୟାର୍ଡ ଯୋଜନା ପ୍ରସ୍ତୁତି ଓ ବିଭିନ୍ନ ସବିଶେଷ ଡିଜାଇନ୍ ଓ ଡ୍ରଇଂ ଦାଖଲ। **ଆନୁମାନିକ ମୂଲ୍ୟ:** ₹୨୪.୦୩ ଲକ୍ଷ। **ଇଏମ୍‌ଡି:** ₹୪୮,୧୦୦/- । **ସମାପ୍ତି ଅବଧି:** ୪ ମାସ । **ବନ୍ଦ ହେବା ତାରିଖ:** ତା୨୦।୦୧।୨୦୨୧ରିଖ। । ଟେଣ୍ଡରର ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ସ୍ୱତନ୍ତ୍ରତା ପାଇଁ ତଥା ସେମାନଙ୍କର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ନିମନ୍ତେ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି ସାମଗ୍ରୀ ପାଇଁ କୌଣସି କ୍ଷେତ୍ରରେ ମଧ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ବି.ଦ୍ର.:** ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି। (PR-457)

### ରାଜଧାନୀର ଡୁମୁଡୁମାରେ ଗୁଳିକାଣ୍ଡ

**ଭୁବନେଶ୍ୱର,୨୯।୧୨(ବ୍ୟୁରୋ)**

**ହାଟ ମଝିରେ ଯୁବକଙ୍କୁ ଗୁଳି ମାରି ଦୁର୍ବୃତ୍ତ ଫେରାର**

ରାଜଧାନୀରେ ଆଇନ ଶୃଙ୍ଖଳାକୁ ନେଇ ପୋଲିସ ଛାତି ଫୁଲାଉଥିବାବେଳେ ଅପରାଧୀ ଖୋଲାଖୋଲି ଅପରାଧ ଘଟାଉଛନ୍ତି। ମଙ୍ଗଳବାର ରାତିରେ ଖଣ୍ଡଗିରି ଥାନା ଅଞ୍ଚଳରେ ବିଚ୍ ରାସ୍ତାରେ ଫୁଟିଛି ଗୁଳି। ଡୁମୁଡୁମା ବଜାରରେ ଦୁର୍ବୃତ୍ତମାନେ ଏକ ବାଇକରେ ଆସି ଜଣେ ଯୁବକଙ୍କୁ ଗୁଳି ମାରି ଫେରାର ହୋଇଯାଇଛନ୍ତି। ତେବେ ଗୁଳି ଯୁବକଙ୍କ ଦେହରେ ବାଜି ନ ଥିବାବେଳେ ଦୁର୍ବୃତ୍ତମାନେ ବନ୍ଧୁକରେ ଯୁବକଙ୍କ ମୁଣ୍ଡକୁ ଛେଚି ଦେଇଥିଲେ। ଏଥିରେ ଯୁବକଙ୍କ ମୁଣ୍ଡ ଫାଟିଯାଇ ପ୍ରଚୁର ରକ୍ତ ସ୍ରାବ ହୋଇଥିଲା। ପରେ ତାଙ୍କୁ ଗୁରୁତର ଅବସ୍ଥାରେ ଏମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଆହତ ଯୁବକ ଜଣକ ହାଉସିଂବୋର୍ଡର ଶୁଭମ୍ ସିଂ ବୋଲି ସୂଚନା ମିଳିଛି। ଖବର ପାଇ ଖଣ୍ଡଗିରି ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଘଟଣା ସ୍ଥଳରୁ ଗୋଟିଏ ଖୋକା ଜବତ କରାଯାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଗୁଳିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ପୋଲିସ କହିଛି।

ସୂଚନା ଅନୁଯାୟୀ, ଡୁମୁଡୁମା ବଜାରରେ ଶୁଭମଙ୍କ ଏକ ଜୁସ୍ ଦୋକାନ ରହିଛି। ରାତି ପ୍ରାୟ ୯ଟା ସମୟରେ ଶୁଭମ ବଜାରରେ ବୁଲୁଥିବାସମୟରେ ଦୁଇଟି ବାଇକରେ ୩ଜଣ ଯୁବକ ଅତର୍କିତ ଭାବେ ଆସି ତାଙ୍କ ଉପରକୁ ଗୁଳି ମାରିଥିଲେ। ତେବେ ଗୁଳି ତାଙ୍କ ଦେହରେ ବାଜି ନ ଥିଲା। ଏହା ଦେଖି ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣେ ବନ୍ଧୁକରେ ଶୁଭମଙ୍କ ମୁଣ୍ଡକୁ ଆଘାତ କରିଥିଲେ। ପରେ ଅଭିଯୁକ୍ତମାନେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ।

# ନୂଆ ରୂପ ପାଇବ ରାଜ୍ୟ ସଂଗ୍ରହାଳୟ

**ଭୁବନେଶ୍ୱର,୨୯।୧୨(ବ୍ୟୁରୋ)**

ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ଭର୍ଚୁଆଲ୍ ସଂଗ୍ରହାଳୟ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ସଂଗ୍ରହାଳୟର ୬୩ତମ ପ୍ରତିଷ୍ଠା ଦିବସରେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ପ୍ରତ୍ନତତ୍ତ୍ୱ ବିଭାଗ ଗ୍ୟାଲେରିରୁ ଏହି ଭର୍ଚୁଆଲ୍ ସଂଗ୍ରହାଳୟର ଶୁଭାରମ୍ଭ କରିଛନ୍ତି। ପ୍ରତ୍ନତତ୍ତ୍ୱ ଗ୍ୟାଲେରୀର ୩ଟି କୋଠରୀ ସହ ବ୍ରୋଞ୍ଜ ଗ୍ୟାଲେରୀ ମଧ୍ୟ ଏଥିରେ ସାମିଲ ହୋଇଛି। ତେବେ ଆସନ୍ତା ୨ରୁ ୩ ମାସ ମଧ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ଏହି ସଂଗ୍ରହାଳୟର ସମସ୍ତ ଗ୍ୟାଲେରୀ ଏବଂ ନୂଆ କରି ନିର୍ମାଣ ହେଉଥିବା ଗ୍ୟାଲେରୀର ମଧ୍ୟ ଭର୍ଚୁଆଲ୍ ଟୁର୍ ଆରମ୍ଭ କରାଯିବ ବୋଲି ବିଭାଗୀୟ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ସୂଚନା ଦେଇଛନ୍ତି।

କଟକ ଆନନ୍ଦ ଭବନ ସମେତ ରାଜ୍ୟର ବିଭିନ୍ନ ସଂଗ୍ରହାଳୟକୁ ଭର୍ଚୁଆଲ୍ ସଂଗ୍ରହାଳୟରେ ପରିଣତ କରାଯିବ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ କହିଛନ୍ତି। ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ସେଠୀ କହିଥିଲେ, କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ପର୍ଯ୍ୟଟକଙ୍କ ପାଇଁ ଏହି ସୁବିଧା ଉପଲବ୍ଧ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ବୌଦ୍ଧରେ ଖୁବ୍‌ଶୀଘ୍ର ଜିଲା ସଂଗ୍ରହାଳୟ ଖୋଲାଯିବ। ନିର୍ଦ୍ଦେଶକ ଦାସ ରାଜ୍ୟ ସଂଗ୍ରହାଳୟରେ ବାହ୍ୟ ଆଲୋକୀକରଣ କରାଯାଉଥିବା ସୂଚନା ଦେଇଥିଲେ। ଆଗକୁ ବିଭିନ୍ନ ଦିବସ ଏବଂ ଉତ୍ସବରେ ସଂଗ୍ରହାଳୟକୁ ନୂଆ ରୂପରେ ସଜାଯିବ। ଖୁବ୍‌ଶୀଘ୍ର ଆହୁରି ୫ଟି ନୂଆ ଗ୍ୟାଲେରି ଖୋଲିବ। ସେଥିରେ ସମସାମୟିକ କଳା ଗ୍ୟାଲେରି, ମ୍ୟାନ୍‌କାଇଣ୍ଡ୍ ଅଫ୍ ଏଜେସ୍ ରିଭୋଲ୍ୟୁଶନ୍, ସ୍ୱାଧୀନତା ସଂଗ୍ରାମୀ ଗ୍ୟାଲେରୀ, ମହାତ୍ମାଗାନ୍ଧୀ ଗ୍ୟାଲେରୀ ଓ ପଟ୍ଟଚିତ୍ର ଗ୍ୟାଲେରୀ ରହିବ। ଏଥିସହିତ କାଫେଟେରିଆ ଏବଂ ସୋଭେନିୟର ଶପ୍ ନିର୍ମାଣ ହେବ। ସଂଗ୍ରହାଳୟ ମୁଖ୍ୟ ପ୍ରବେଶ ପଥ ନିକଟରେ ଏକ ଲିଲି ପଣ୍ଡ ପ୍ରସ୍ତୁତ ହେବ। ଶିଶୁଙ୍କ ପାଇଁ କଣ୍ଢେଇ ସଂଗ୍ରହାଳୟ ପ୍ରତିଷ୍ଠା ଲାଗି ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଭାଗୀୟ ମନ୍ତ୍ରୀ, ପ୍ରମୁଖ ଶାସନ ସଚିବ ଓ ନିର୍ଦ୍ଦେଶକ ସଂଗ୍ରହାଳୟ ମୁକ୍ତ ଉଦ୍ୟାନରେ ରୁଦ୍ରାକ୍ଷ ବୃକ୍ଷ ରୋପଣ କରିଥିଲେ। ପରେ ମନ୍ତ୍ରୀଙ୍କ ଦ୍ୱାରା ସଂଗ୍ରହାଳୟ ଲୋଗୋରେ ସ୍ଥାନିତ ଅଶୋକସ୍ତମ୍ଭ ଭଗ୍ନାବଶେଷ, ଖ୍ରୀଷ୍ଟାବ୍ଦ ପ୍ରଥମ/ଦ୍ୱିତୀୟରୁ ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରାଚୀନ ସ୍ୱର୍ଣ୍ଣମୁଦ୍ରାର ପ୍ରଦର୍ଶନୀ, ସଂଗ୍ରହାଳୟ କୋଠା ଏବଂ ଏହାର ପରିସର ଆଲୋକୀକରଣ, ଫାଉଣ୍ଟେନ୍ ଓ ଭର୍ଚୁଆଲ୍ ସଂଗ୍ରହାଳୟ ଉଦ୍‌ଘାଟିତ ହୋଇଥିଲା। ଏହାସହ ଅତିଥିଙ୍କ ଦ୍ୱାରା 'ଓଡ଼ିଶା ହିଷ୍ଟୋରିକାଲ୍ ରିସର୍ଚ୍ଚ ଜର୍ନାଲ୍' ଏବଂ 'ଇନ୍‌ସ୍କ୍ରିପ୍‌ସନ୍ସ ଅଫ୍ ଗଙ୍ଗସ୍ ଅଫ୍ ଶ୍ୱେତକ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଔରଙ୍ଗାବାଦ ସର୍କଲ୍‌ର ଏଏସ୍‌ଆଇ ସୁପରିଣ୍ଟେଣ୍ଡିଙ୍ଗ ଆର୍କୋଲୋଜିଷ୍ଟ ଡ. ମିଲନ୍ ଚାଓ୍ୱଲା ବୌଦ୍ଧଧର୍ମ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସଂଗ୍ରହାଳୟ ଅଧୀକ୍ଷକ ଡ. ଭାଗ୍ୟଲିପି ମଲ୍ଲ ସ୍ୱାଗତ ଭାଷଣ ଦେଇଥିଲେ। ସଂଗ୍ରହାଳୟର ମାଳିଏବଂ ୨ଜଣ କର୍ମଚାରୀଙ୍କୁ କାର୍ଯ୍ୟ ଦକ୍ଷତା ଲାଗି ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ଜୁମ୍ ମାଧମରେ ୱେବିନାର୍ ହୋଇଥିଲା।



ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଏବଂ ଅନ୍ୟ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ପ୍ରତିଷ୍ଠା ଦିବସରେ ଭର୍ଚୁଆଲ୍ ଟୁର୍ ଉଦ୍‌ଘାଟିତ**

- ଆନନ୍ଦ ଭବନ ସହ ଅନ୍ୟ ସଂଗ୍ରହାଳୟ ବି ଭର୍ଚୁଆଲ୍
- ବୌଦ୍ଧରେ ହେବ ଜିଲା ସଂଗ୍ରହାଳୟ

**ପୂର୍ବ ତଟ ରେଳପଥ**

**ଇଂଜିନିୟରିଂ କାର୍ଯ୍ୟ**

ଟେଣ୍ଡର ବିଜ୍ଞପ୍ତି ସଂ. 16/ET/SBP/ENGG/2020-21, ତା: 24.12.2020

1) ଇ-ଟେଣ୍ଡର ବିଜ୍ଞପ୍ତି ସଂ. 25-eT-SDENE-SBP-20

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ସମ୍ବଲପୁର-ଅନୁଗୁଳ ସେକ୍ସନରେ ଡିସ୍‌ଟେମ୍ପରିଙ୍ଗ୍, ସ୍ନୋସେମ୍ (Snowcem) ଏବଂ ପେଣ୍ଟିଙ୍ଗ୍ ଦ୍ୱାରା ଷ୍ଟାଫ୍ କ୍ୱାର୍ଟର, ସର୍ଭିସ୍ ବିଲ୍ଡିଙ୍ଗ୍ ଏବଂ ପାରିପାର୍ଶ୍ୱିକ ଅଞ୍ଚଳର ମରାମତି ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹83,27,504.18, EMD (ଟଙ୍କାରେ): ₹ 1,66,600/-, କାର୍ଯ୍ୟ ଶେଷ ହେବା ଅବଧି : 04 (ଚାରି) ମାସ ।

2) ଇ-ଟେଣ୍ଡର ବିଜ୍ଞପ୍ତି ସଂ. 26-eT-SDENE-SBP-20

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ସମ୍ବଲପୁର-ଅନୁଗୁଳ ସେକ୍ସନରେ ବିଭିନ୍ନ ସ୍ଥାନଗୁଡ଼ିକଠାରେ ଡ୍ରେନ୍ ଜଳ ଯୋଗାଣ, ସ୍ୱଚ୍ଛତା ସଂସ୍ଥାପନ, ରୁଫ୍ ଲିକେଜ୍ (Roof leakage), ୱାଲ ସୋକିଙ୍ଗ୍ (Wall soaking) ଇତ୍ୟାଦି ସହିତ ଷ୍ଟାଫ୍ କ୍ୱାର୍ଟର ଏବଂ ପାରିପାର୍ଶ୍ୱିକ ଅଞ୍ଚଳର ବିବିଧ ମରାମତି ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹1,07,41,961.80, EMD (ଟଙ୍କାରେ): ₹ 2,03,700/-, କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ) :** ତା.07.01.2021 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।

**ଦ୍ରଷ୍ଟବ୍ୟ :** ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ), ସମ୍ବଲପୁର

PR-451/L/20-21

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ଅଗରବତି ମେସିନ**

କମ୍ ଖର୍ଚ୍ଚରେ ନିଜ ଘରେ ଧୂପକାଠି ମେସିନ ବସାଇ ଦୈନିକ ୧୦୦୦ରୁ ୧୫୦୦ ଟଙ୍କା ରୋଜଗାର କରନ୍ତୁ ।

ପ୍ରତ୍ୟେକ ମେସିନ ସହ RAW MATERIAL FREE

Mob.-9078729199, 8018493464

**ବାବା ଅମିଲ୍ ସୁଫି**

ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ

୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ

ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣି

A To Z Problem Solution

କଳାଯାଦୁର ଅଧିକାରୀ

7503449786
8800979262

**GALLERY TOWER COMPANY**

ଦ୍ୱାରା ନିଜର ଖାଲି ଜମି / ଛାତ / କ୍ଷେତ / ପ୍ଲଟ୍ ରେ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ

ଅଗ୍ରିମ 60000 + ଭଡ଼ା 45000

9485687401
8901064681

**ALL EDITION - B/W (Everyday)**

for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ସତ ଓକାଳିଲେ ସର୍ବେଶ୍ୱର

**ଭୁବନେଶ୍ୱର,୨୯।୧୨(ବ୍ୟୁରୋ):** ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ପ୍ରମୁଖ ସହଯୋଗୀ ଭି. ସର୍ବେଶ୍ୱର ରାଓଙ୍କୁ ୨ଦିନିଆ ରିମାଣ୍ଡରେ ନେଇ କ୍ରାଇମବ୍ରାଞ୍ଚ ଜେରା କରିଛି। ଜେରାବେଳେ ସର୍ବେଶ୍ୱର ସତ ଓକାଳିଛନ୍ତି। ଟାଟା କମ୍ପାନୀରେ ନିଯୁକ୍ତି ନାଁରେ ଠକେଇ ସହ ପ୍ରଦୀପଙ୍କ ଆକାଉଣ୍ଟରେ ଟଙ୍କା କାରବାର ନେଇ ଅନେକ ଗୋପନ ତଥ୍ୟ କ୍ରାଇମ୍‌ବ୍ରାଞ୍ଚର ହସ୍ତଗତ ହୋଇଛି। ନିଯୁକ୍ତି ନେଇ ପ୍ରାର୍ଥୀ ପିଛା କେତେ ଟଙ୍କା ଆଦାୟ କରାଯାଉଥିଲା, ଏଥିରେ କେଉଁ ଏଜେଣ୍ଟ ସହଯୋଗ କରୁଥିଲେ ଓ ବେଆଇନ ଟଙ୍କା କାରବାର ସମ୍ପର୍କିତ ତଥ୍ୟ ସମ୍ପର୍କରେ କ୍ରାଇମବ୍ରାଞ୍ଚ ତଥ୍ୟ ପାଇଛି।

**ଠକେଇ ମାମଲା**

ଠକେଇ ସଂକ୍ରାନ୍ତ ତଥ୍ୟ ଓ ପ୍ରମାଣ ହସ୍ତଗତ ହେବା ପରେ ସମ୍ପୃକ୍ତ ଏଜେଣ୍ଟମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କ୍ରାଇମବ୍ରାଞ୍ଚର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଟାଟାରେ ଚାକିରି କରାଇଦେବା ନେଇ ଆକାଶ ଓ ପ୍ରଦୀପଙ୍କ ମଧ୍ୟସ୍ଥ ସାଜିଥିଲେ ସର୍ବେଶ୍ୱର। ଏହାର ସୁରାକ ଉଭୟ ଆକାଶ ଓ ପ୍ରଦୀପଙ୍କଠୁ ପଚରାଉଚରା ବେଳେ ମିଳିଥିଲା। ଉକ୍ତ ସୂଚନା ଆଧାରରେ ପ୍ରମାଣ ଯୋଗାଡ ପରେ ଗତ ୧୭ରେ କ୍ରାଇମବ୍ରାଞ୍ଚ ଟିମ୍ ସର୍ବେଶ୍ୱରଙ୍କୁ ଗିରଫ କରିଥିଲା। ସୋମବାରଠାରୁ ୨ଦିନିଆ ରିମାଣ୍ଡରେ ଆଣି ପଚରାଉଚରା ପରେ ବୁଧବାର କୋର୍ଟ ଚାଲାଣ କରାଯିବ। ପ୍ରକାଶ ଥାଉ କି, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଆଇଏଫ୍‌ଏସ୍ ଅଫିସର ଅଭୟକାନ୍ତ, ଟାଟା କମ୍ପାନୀ ନାଁରେ ନିଯୁକ୍ତି ଜାଲିଆତି ଓ ଠକେଇ ମାମଲାରେ ତାଙ୍କ ପୁଅ ଆକାଶ ଏବଂ ଏସବୁ ଲିଙ୍କ୍ ରେ ପ୍ରଦୀପ ଗିରଫ ହୋଇଥିଲେ। ଏହାପରେ ଠକେଇ ଓ ପ୍ରଦୀପଙ୍କ ଲିଙ୍କ୍‌ରେ ସର୍ବେଶ୍ୱରଙ୍କୁ କ୍ରାଇମ୍‌ବ୍ରାଞ୍ଚ ବ୍ରହ୍ମପୁରରୁ ଗିରଫ କରିଥିଲା। ସେହିଭଳି ଆକାଶଙ୍କ ବ୍ୟକ୍ତିଗତ ସହାୟକ ପିଟର ଡେଭିଡ୍‌ଙ୍କୁ ମଧ୍ୟ ପୁଣେରୁ ଆଣି ପଚରାଉଚରା ବେଳେ ସର୍ବେଶ୍ୱରଙ୍କ ସମ୍ପର୍କରେ ତଥ୍ୟ କ୍ରାଇମବ୍ରାଞ୍ଚ ହାତରେ ଲାଗିଥିଲା।

**THE ASKA CO-OPERATIVE SUGAR INDUSTRIES LTD.**
P.O.: Nuagam (Aska) 761111, Dist. Ganjam, Odisha State
Ph: 06822-273464, 273465, 273737; Fax: 06822-273023
e-mail: askasugar@yahoo.co.in

**TENDER CALL NOTICE**

No.: GAD/4592 Date: 26.12.2020

Sealed tender is invited in prescribed form from the reputed Manpower Service Providing Agency having valid Labour License, EPF, Goods & Service Tax & Statutory code numbers for deployment of about 220 Nos. of Manpower of different categories during the Sugarcane Crushing Season 2020-21.

For details please visit www.askasugar.com under "Tender". Tender documents complete in all respect must reach the undersigned in sealed cover through Speed Post/Registered Post/ Courier on or before Dt.10.01.2021 by 5.00 P.M. The authority reserves the right to reject any / all proposals without assigning any reason thereof.

Sd./- Managing Director

**OFFICE OF THE CHIEF DISTRICT MEDICAL OFFICER, CUTTACK**

Tender Call Notice No.16313 Dtd. 28.12.2020

Sealed tenders are invited from interested / bonafide/ reputed Agencies /Individual having valid GST Registration certificate with PAN/TIN and having adequate experience in Food supply, Catering. The interested bidder may download the tender document from the website www.cuttack.nic.in. The bidders should give the financial proposal in a separate envelope and the financial bid along with the supporting document should be put into another cover superscribed as "Proposal for Supply of Lunch". The last date of receipt of tender will be 07.01.2021 upto 2 P.M. The tender will be opened on the same day at 3.30 P.M. The tender should be sent through registered post/speed post/ courier only. The authority reserves the right to accept or reject any or all the tender without assigning any reason thereof.

Sd./- Chief District Medical & PHO
Cum District Mission Director
Cuttack

**ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ମୟୂରଭଞ୍ଜ**

**ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ନିମ୍ନଲିଖିତ ଶିଶୁଦୁଇଟିକୁ ଉଦ୍ଧାର କରାଯାଇ ଜିଲ୍ଲା ଶିଶୁ କଲ୍ୟାଣ ସମିତି, ମୟୂରଭଞ୍ଜ ନିର୍ଦ୍ଦେଶନାମା ବଳରେ ଜିଲ୍ଲାର ଏକ ଶିଶୁ ଯତ୍ନ ଅନୁଷ୍ଠାନରେ ରଖାଯାଇଅଛି। ଉକ୍ତ ଶିଶୁଦୁଇଟିର ଯଦି କେହି ପିତାମାତା, ଅଭିଭାବକ ବା ଆଇନସିଦ୍ଧ ଦାବିଦାର ଥାନ୍ତି ଏହି ବିଜ୍ଞାପନ ପ୍ରକାଶ ପାଇବାର ତିରିଶ(୩୦) ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ମୟୂରଭଞ୍ଜ, ଫୋନ ନଂ.– 06792-255562 କିମ୍ବା **ଶିଶୁ ମଙ୍ଗଳ ସମିତି**, ମୟୂରଭଞ୍ଜ ଫୋନ ନଂ.– 06792-262246 କୁ ଯୋଗାଯୋଗ କରିପାରିବେ । ଉପରୋକ୍ତ ସମୟ ସୀମା ପରେ କୌଣସି ଦାବିପତ୍ର ଗ୍ରହଣ କରାଯିବ ନାହିଁ ଏବଂ ଶିଶୁଦୁଇଟିକୁ କିଶୋର ନ୍ୟାୟ ଆଇନ୍ ୨୦୧୫ ଅନ୍ତର୍ଗତ ଧାରା ୩୮(୧) ଅନୁଯାୟୀ ପୋଷ୍ୟସନ୍ତାନ ନିମନ୍ତେ ଆଇନତଃ ଯୋଗ୍ୟ ଘୋଷଣା କରାଯିବ ।

ଶିଶୁର ନାମ – **ଚୈତାଳି**
ଲିଙ୍ଗ – ଝିଅ
ବୟସ – ୧୫ ଦିନ
ଉଦ୍ଧାର ହୋଇଥିବା ତାରିଖ – ୧୪.୧୨.୨୦୨୦
ଉଦ୍ଧାର ହୋଇଥିବା ସ୍ଥାନ: ବାରୁଣୀ ଶିବମନ୍ଦିର, ସୁନାମୁହିଁ, ବାରିପଦା, ମୟୂରଭଞ୍ଜ



ଶିଶୁର ନାମ – **ଆନନ୍ଦ**
ଲିଙ୍ଗ – ପୁଅ
ବୟସ – ୧୦ ଦିନ
ଉଦ୍ଧାର ହୋଇଥିବା ତାରିଖ – ୨୦.୧୨.୨୦୨୦
ଉଦ୍ଧାର ହୋଇଥିବା ସ୍ଥାନ: ସାନ୍ୟାସୀ ଏରିୟା, ମୋରଡ଼ା, ମୟୂରଭଞ୍ଜ



ଜିଲ୍ଲାପାଳ, ମୟୂରଭଞ୍ଜ

# ପାୱାର ଲିଷ୍ଟ ୨୦୨୦

୨୦୨୦ ମସିହା କେବଳ ଓଡ଼ିଶା କିମ୍ବା ଭାରତ ନୁହେଁ, ସମଗ୍ର ପୃଥିବୀକୁ ଦୋହଲାଇ ଦେଇଛି। କରୋନା ଭୂତାଣୁ ମଣିଷ ଜାତିକୁ ଅନେକ ନୂଆ ଦିଗ ଦେଖାଇଛି। ଏହି ସମୟରେ ରାଜନୈତିକ ଏବଂ ସାମାଜିକ ନେତୃତ୍ୱର ଗୁରୁତ୍ୱ ବହୁ ପରିମାଣରେ ବୃଦ୍ଧି ପାଇଛି। ଏଭଳି ପ୍ରଚ୍ଛଦପଟରେ ‘ଧରିତ୍ରୀ’ ଏକ କ୍ଷମତା ତାଲିକା ଓଡ଼ିଶା, ଭାରତ ଏବଂ ବିଶ୍ୱକୁ ନେଇ ପ୍ରସ୍ତୁତ କରିଛି। ଏହି ୩ଟି ତାଲିକାରେ କରୋନା, କୋଭିଡ୍‌-୧୯ ଏବଂ କୋଭିଡ୍‌-୧୯ ନ୍ୟୁ ଷ୍ଟ୍ରେନ୍ ସବୁଠାରୁ ଅଧିକ ଶକ୍ତିଶାଳୀ ବୋଲି ପ୍ରମାଣିତ ହୋଇଛି।



**କରୋନା**



**ନବୀନ ପଟ୍ଟନାୟକ**
ମୁଖ୍ୟମନ୍ତ୍ରୀ



**ଭି.କେ. ପାଣ୍ଡିଆନ**
ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ
(୫-ଟି)



**ଧର୍ମେନ୍ଦ୍ର ପ୍ରଧାନ**
କେନ୍ଦ୍ରମନ୍ତ୍ରୀ



**ପ୍ରଣବ ପ୍ରକାଶ ଦାସ**
ବିଜେଡି ସଂଗଠନ ସମ୍ପାଦକ



**ସୁରେଶ ଚନ୍ଦ୍ର ମହାପାତ୍ର**
ନବନିଯୁକ୍ତ ମୁଖ୍ୟ ଶାସନ ସଚିବ



**ମାନସ ମଙ୍ଗରାଜ**
ରାଜ୍ୟ ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା



**ଲିଙ୍ଗରାଜ**
କୃଷକ ନେତା



**ଅରୁଣ ବୋଥ୍ରା**
ନବ ନିଯୁକ୍ତ ଏଡିଜିପି



**କୋଭିଡ୍‌-୧୯**

**ନରେନ୍ଦ୍ର ମୋଦି**
ପ୍ରଧାନମନ୍ତ୍ରୀ

**ମୁକେଶ ଅମ୍ବାନୀ**
ଶିଳ୍ପପତି

**ରାହୁଲ ଗାନ୍ଧୀ**
କଂଗ୍ରେସ ନେତା

**ମୋହନ ଭାଗବତ**
ଆର୍‌ଏସ୍‌ଏସ୍ ମୁଖ୍ୟ

**ପ୍ରମୋଦ କୁମାର ମିଶ୍ର**
ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ପ୍ରମୁଖ ସଚିବ

**ଦର୍ଶନ ପାଲ୍ ସିଂ**
କୃଷକ ନେତା

**ଗୌତମ ଆଦାନୀ**
ଶିଳ୍ପପତି



**ଅମିତ୍ ଶାହା**
ସ୍ୱରାଷ୍ଟ୍ରମନ୍ତ୍ରୀ

**ଉଦ୍ଧବ ଠାକ୍‌ରେ**
ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ

**ମମତା ବାନାର୍ଜୀ**
ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

**ୱାଇଏସ୍ ଜଗନ୍‌ମୋହନ ରେଡ୍ଡୀ**
ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ

**ଗିରିଶ ଚନ୍ଦ୍ର ମୁର୍ମୁ**
ସିଏଜି

**ପ୍ରଶାନ୍ତ ଭୂଷଣ**
ବରିଷ୍ଠ ଆଇନଜୀବୀ

**ଶକ୍ତିକାନ୍ତ ଦାସ**
ଆରବିଆଇ ଗଭର୍ନର



**ସଜ୍ଜନ ଜିନ୍ଦଲ**
ଶିଳ୍ପପତି

**ଶରଦ ଅରବିନ୍ଦ ବୋବ୍‌ଡେ**
ପ୍ରଧାନ ବିଚାରପତି

**ମେହବୁବା ମୁଫ୍‌ତି**
ପିଡିପି ମୁଖ୍ୟ

**ଜେ.ପି. ନଡ୍ଡା**
ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ

**ଯୋଗେନ୍ଦ୍ର ଯାଦବ**
ସାମାଜିକ କର୍ମୀ

**ଅର୍ଣ୍ଣବ ଗୋସ୍ୱାମୀ**
ରିପବ୍ଲିକ ଟିଭି ଏଡିଟର-ଇନ୍-ଚିଫ୍

**ରବିଶ କୁମାର**
ଏନ୍‌ଡି ଟିଭି ସିନିୟର ଏକ୍‌ଜିକ୍ୟୁଟିଭ ଏଡିଟର

**ବିପିନ ରାୱତ**
ସିଡିଏସ୍



**କୋଭିଡ-୧୯ ନ୍ୟୁ ଷ୍ଟ୍ରେନ୍**

**ଜୋ ବାଇଡେନ**
ନବନିଯୁକ୍ତ ଆମେରିକା ରାଷ୍ଟ୍ରପତି

**ସି ଜିନ୍‌ପିଙ୍ଗ**
ଚାଇନା ରାଷ୍ଟ୍ରପତି

**କମଲା ହାରିସ**
ନବନିଯୁକ୍ତ ଆମେରିକା ଉପରାଷ୍ଟ୍ରପତି

**ଡୋନାଲ୍ଡ ଟ୍ରମ୍ପ**
ଆମେରିକା ରାଷ୍ଟ୍ରପତି

**ଭ୍ଲାଡିମିର ପୁଟିନ୍**
ରୁଷିଆ ରାଷ୍ଟ୍ରପତି



**ବୋରିସ୍ ଜନ୍‌ସନ**
ବ୍ରିଟେନ ପ୍ରଧାନମନ୍ତ୍ରୀ

**ଭିକ୍ଟର ଅର୍ବାନ**
ହଙ୍ଗେରୀ ପ୍ରଧାନମନ୍ତ୍ରୀ

**ଇମାନୁଏଲ୍ ମାକଁର୍**
ଫ୍ରାନ୍ସ ରାଷ୍ଟ୍ରପତି

**ଜିମି ଲାଇ**
ହଂକଂ ଗଣତନ୍ତ୍ର ସପକ୍ଷବାଦୀ ନେତା

**ଜେସିଣ୍ଡା ଆର୍ଡନ**
ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ

**ରେସିପ ତାଇପ୍ ଏର୍ଡୋଗାନ୍**
ତୁର୍କୀ ରାଷ୍ଟ୍ରପତି

**ଆୟାତୋଲା ଅଲ୍ଲୀ ଖମେନି**
ଇରାନ୍‌ର ବୈପ୍ଳବିକ ନେତା ତଥା ଧର୍ମଗୁରୁ



**ଜେଫ୍ ବେଜୋସ୍**
ଆମାଜନ ସିଇଓ

**ଏଲନ୍ ମସ୍କ**
ସ୍ପେସ୍‌ଏକ୍ସ ସିଇଓ

**ଜାକ୍ ଡୋର୍ସେ**
ଟୁଇଟର ସିଇଓ

**ମାଇକ୍ ପମ୍ପିଓ**
ଆମେରିକା ପରରାଷ୍ଟ୍ର ସଚିବ

**ଜାକ୍ ମା**
ଚାଇନାର ବିଜ୍‌ନେସ ମାଗାନେଟ୍

**ମାରିୟମ୍ ନୱାଜ**
ପାକିସ୍ତାନ ନାରୀନେତ୍ରୀ

## ସଂକ୍ଷେପରେ

### ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

ପୁରୁଣା ଭୁବନେଶ୍ୱର, ୨୯।୧୨ (ଡି.ଏନ୍.ଏ.): ଏକାମ୍ର ନିର୍ବାଚନମଣ୍ଡଳୀର ୫୪ନଂ. ୱାର୍ଡରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମଙ୍ଗଳବାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ହରଚଣ୍ଡି ବାରିକ ସାହି, ମିଶ୍ର ସାହି, ଚେମେଡି ସାହି, ଗୋଡିପୋଖରୀ ସାହି, କପାଳିଦେବୀ ସାହି, ରାମେଶ୍ୱର ପାଟଣା ଆଦି ଅଞ୍ଚଳର ରାସ୍ତା ଓ ନାଳ ମରାମତି କାର୍ଯ୍ୟର ଶିଳାନ୍ୟାସ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ୱାର୍ଡ ସଭାପତି ଦାଶରଥି ଗରାବଡୁ, ପ୍ରସନ୍ନ ମହାସୁପକାର, ବୀରଞ୍ଚି ନାରାୟଣ ପତି, ପ୍ରଣବ ମହାପାତ୍ର, ମୁନ୍ନା ପଣ୍ଡା, ପୁର୍ଣ୍ଣେନ୍ଦୁ ପୂଜାପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସୋମବାର ଇଟିପୁର ଟିକରପଡ଼ା ପଞ୍ଚାୟତରେ ପ୍ରାୟ ୬୦ଲକ୍ଷ ଟଙ୍କାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ମନ୍ତ୍ରୀ ପଣ୍ଡା ଶୁଭାରମ୍ଭ କରିଥିଲେ।

### ଅଗ୍ନିଶମ ବାହିନୀ ଆଗରେ ହାର୍ ମାନିଥିଲା କରୋନା

ଭୁବନେଶ୍ୱର,୨୯।୧୨(ବ୍ୟୁରୋ): ଓଡ଼ିଶା ଅଗ୍ନିଶମ ସେବା ସଂସ୍ଥା ପାଇଁ ୨୦୨୦ ମସିହା ଏକ ଆହ୍ୱାନ ସଦୃଶ ଥିଲା। ଅଗ୍ନିଶମ ବାହିନୀ ଏହି ସମୟ ମଧ୍ୟରେ ଅନେକ ଉତ୍ଥାନ ପତନ ଦେଇ ଗତି କରିଥିଲା। କରୋନା ମହାମାରୀ ଓ ଅମ୍ଫନ ମହାବାତ୍ୟା ଅଗ୍ନିଶମ ବିଭାଗକୁ ଦୋହଲାଇ ଦେଇଥିଲା। ହେଲେ ଓଡ଼ିଶା ଅଗ୍ନିଶମ ବାହିନୀ ଅଣ୍ଟା ସଳଖି ଏହାର ସାମ୍ନା କରିଥିଲା। ଶେଷରେ କରୋନା ସେମାନଙ୍କ ଆଗରେ ହାର ମାନିଥିଲା। ଓଡ଼ିଶା ଅଗ୍ନିଶମ ସେବା ସଂସ୍ଥାର ବୀର ଅଗ୍ନିକମାନେ ନିଜ ରାଜ୍ୟବାସୀଙ୍କୁ ସୁରକ୍ଷା ପ୍ରଦାନ କରିବା ସହ ପଶ୍ଚିମବଙ୍ଗ ଯାଇ ଅମ୍ଫନର ସଫଳ ମୁକାବିଲା କରିଥିଲେ। କୋଲକାତା ସହର 'କରୋନା' କବଳରେ ଥିବା ବେଳେ ଏମାନେ ନିଜ ସୁରକ୍ଷା ଭୁଲି ଜନସାଧାରଣଙ୍କ ସେବାରେ ସମର୍ପିତ ଥିଲେ। ଓଡ଼ିଶା ଫେରିବା ପରେ ସେମାନଙ୍କ ମଧ୍ୟରୁ ୧୯୩ ଜଣ କରୋନାରେ ଆକ୍ରାନ୍ତ ହୋଇଥିଲେ। ପରେ ସେମାନେ ସୁସ୍ଥ ହୋଇ ଅନ୍ୟ ଗୁରୁତର କରୋନା ରୋଗୀଙ୍କୁ ପ୍ଲାଜମା ପ୍ରଦାନ କରିଥିଲେ। କରୋନା ସମୟରେ ଅଗ୍ନିଶମ ବାହିନୀ ପକ୍ଷରୁ ରାସ୍ତାଘାଟ, ସରକାରୀ କାର୍ଯ୍ୟାଳୟ, କୋଭିଡ୍ ହସ୍ପିଟାଲ ଆଦି ରାଜ୍ୟରେ ୮୨ହଜାର ସ୍ଥାନରେ ୨ଲକ୍ଷ କେ.ଜି. ସୋଡିୟମ୍ ହାଇପୋକ୍ଲୋରାଇଟ୍ ସିଞ୍ଚନ କରାଯାଇଥିଲା। ଏଥିସହିତ ୨୦୨୦ରେ ଅଗ୍ନିଶମ ବାହିନୀ ୧୦,୮୬୪ଟି ଅଗ୍ନିଦୁର୍ଘଟଣା ମୁକାବିଲା କରିଥିବା ବେଳେ ୧୭,୪୭୧ ଅନ୍ୟାନ୍ୟ ଜରୁରୀକାଳିନ ସେବା ଯୋଗାଇଛନ୍ତି। ଏଥିରେ ୮୫୦୯ ଜଣଙ୍କ ଜୀବନ ବଞ୍ଚାଇଥିବା ବେଳେ ୮୮୯୩ ପଶୁଙ୍କୁ ଉଦ୍ଧାର କରିଥିଲେ। ଏଥିସହିତ ୫୯୯ ସ୍ଥାନରେ ଅଗ୍ନି ସଚେତନତା ମକ୍ଡ୍ରିଲ୍ କରାଯାଇଥିଲା। ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନିଶାମ ସେବା ନାମକ ଏକ ପୋର୍ଟାଲ ଖୋଲାଯାଇ ଜନ ସାଧାରଣଙ୍କୁ ସମସ୍ତ ସେବା ଅନ୍‌ଲାଇନରେ ପ୍ରଦାନ କରାଯାଉଛି। ଅଗ୍ନିସୁରକ୍ଷା ପ୍ରମାଣପତ୍ର ପ୍ରଦାନ ନିମନ୍ତେ ମୁଖ୍ୟ ଅଗ୍ନିଶମାଧିକାରୀଙ୍କ କାର୍ଯ୍ୟାଳୟରେ ଏକ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ଜନସାଧାରଣ ଟେଲିଫୋନ୍ ନଂ. ୦୬୭୧-୨୩୦୫୪୦୯ ଜରିଆରେ ନିଜର ଅସୁବିଧା ସମ୍ବନ୍ଧରେ ଅବଗତ କରାଇପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ପ୍ରଶିକ୍ଷଣ, ଗବେଷଣା ଉପରେ ଗୁରୁତ୍ୱ



ସମ୍ମିଳନୀରେ ଡିଜିପି ଅଭୟଙ୍କ ସହ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ।

**୬୨ତମ ବରିଷ୍ଠ ପୋଲିସ ଅଧିକାରୀ ସମ୍ମିଳନୀ**

ଭୁବନେଶ୍ୱର,୨୯।୧୨(ବ୍ୟୁରୋ)

୬୨ତମ ବରିଷ୍ଠ ପୋଲିସ ଅଧିକାରୀ ସମ୍ମିଳନୀର ତୃତୀୟ ଦିନରେ ମଙ୍ଗଳବାର ଇଣ୍ଟରପୋଲ (ସିଙ୍ଗାପୁର)ର ନିର୍ବାହୀ ନିର୍ଦ୍ଦେଶକ ଏମ୍.ଏମ୍. ଓବରୋଇ ଯୋଗ ଦେଇଥିଲେ। ଭର୍ଚୁଆଲ ମାଧ୍ୟମରେ ଚାଲିଥିବା ଏହି ସମ୍ମିଳନୀରେ ଓବରୋଇ କମ୍ବାଟିଂ ସାଇବର କ୍ରାଇମ୍ ଏ ହୋଲିଷ୍ଟିକ ଆପ୍ରୋଚ ବିଷୟବସ୍ତୁ ଉପରେ ବହୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ମୁଖ୍ୟତଃ ବିଶ୍ୱସ୍ତରରେ ସାଇବର ଅପରାଧର ବିସ୍ତାର ଓ ପ୍ରଭାବ ଉପରେ ସେ ଆଲୋକପାତ କରିଥିଲେ। ଜିଲା, ରାଜ୍ୟ ଏବଂ ଜାତୀୟ ସୀମା ନିର୍ବିଶେଷରେ ଗୋଇନ୍ଦା ତଥ୍ୟ ସଂଗ୍ରହ, ଫୋରେନ୍‌ସିକ, ସାମର୍ଥ୍ୟ ବୃଦ୍ଧି, ପ୍ରଶିକ୍ଷଣ, ଯୁଗ୍ମ ସାଇବର ଅପରାଧର ତଦନ୍ତ ଉପରେ ଗୁରୁତ୍ୱାରୋପ କରିବା ସହ ସାଇବର ଅପରାଧକୁ ପ୍ରଭାବୀ ଢଙ୍ଗରେ ସାମ୍ନା କରିବାକୁ ଉନ୍ନତ ମାନର ଗବେଷଣା ଓ ବିକାଶ ଉପରେ ଜୋର ଦେଇଥିଲେ। ଅନ୍ୟପକ୍ଷେ କାନପୁର ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଏ. କରାଣ୍ଡିକର ଟେକ୍ନୋଲୋଜି ଇନ୍ ଏଡ୍ ପଲିସିଂ ଉପରେ ମତାମତ ଦେଇଥିଲେ। ୫ଜି ଓ ଇଣ୍ଟରନେଟ୍ ଅଫ୍ ଥିଙ୍ଗସ୍ ଆଦି ଟେକ୍ନୋଲୋଜି ମାଧ୍ୟମରେ ସନ୍ତ୍ରାସବାଦ, ବାମପନ୍ଥୀ ଉଗ୍ରବାଦ, ବିଶାଳ ଜନସମାଗମ ଓ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଘଟଣାରେ ଥିବା ସାଧାରଣ ସୁରକ୍ଷାଜନିତ ଭୟ ଦୂର କରିବା ସମ୍ପର୍କରେ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏଥିସହିତ ନୂତନ ସମୟର ପ୍ରଯୁକ୍ତିବିଦ୍ୟା କିପରି ପୋଲିସର ଗୋଇନ୍ଦା ତଥ୍ୟ ସଂଗ୍ରହ, ଅପରାଧ ଚିହ୍ନଟ କ୍ଷେତ୍ରରେ ଉପଯୋଗ କରାଯାଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। ପରେ ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ସାମାଜିକ ଗଣମାଧ୍ୟମକୁ ସାମ୍ନା କରିବା, ଅଭିଯୁକ୍ତଙ୍କୁ ଗିରଫ, ହାଜତ ରହଣି ଓ ପଚରାଉଚରା ସମୟରେ କେଉଁ ପ୍ରକାର ଆଇନଗତ ପ୍ରକ୍ରିୟା ଅବଲମ୍ବନ କରାଯିବ ସେ ବାବଦରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହି ସମ୍ମିଳନୀରେ ପୋଲିସ ମହାନିର୍ଦ୍ଦେଶକ ଅଭୟଙ୍କ ସମେତ ସବୁ ଜିଲାର ଏସ୍‌ପି, ସଶସ୍ତ୍ର ବାଟାଲିଅନ କମାଣ୍ଡାଣ୍ଟ, ରେଞ୍ଜ୍ ଆଇଜି, ଡିଆଇଜି ଓ ପ୍ରଶିକ୍ଷଣ ନେଇଥିବା ଆଇପିଏସ ଅଧିକାରୀ, ହୋମଗାର୍ଡ, ଭିଜିଲାନ୍ସ, ଜେଲ୍ ବିଭାଗର ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

# ଯୁବ କଂଗ୍ରେସ ସମାବେଶରେ ଛୁରାମାଡ଼

**ମାହାଙ୍ଗାରେ ଗୋଷ୍ଠୀ କନ୍ଦଳ**

ମାହାଙ୍ଗା/ନିଶ୍ଚିନ୍ତକୋଇଲି, ୨୯।୧୨ (ସ୍ୱ.ପ୍ର.)

ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ଗୋଷ୍ଠୀ କନ୍ଦଳ ମଙ୍ଗଳବାର ପଦାରେ ପଡ଼ିଛି। ଏହି ଥାନା ଅନ୍ତର୍ଗତ ମଣିଯୋରୀସ୍ଥିତ ଶହୀଦ ଭବନରେ ଚାଲିଥିବା ଯୁବ କଂଗ୍ରେସ ସମାବେଶରେ ୨ ଗୋଷ୍ଠୀ ହାତାହାତି ହୋଇଛନ୍ତି। ଏହି ସମୟରେ ଛୁରାମାଡ଼ରେ ଜଣେ କର୍ମୀ ଆହତ ହୋଇଛନ୍ତି। ସେ ହେଲେ କଂଗ୍ରେସର ବରିଷ୍ଠ କର୍ମୀ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଉମେଶଚନ୍ଦ୍ର ସାହୁ। ଏନେଇ ସେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରାକ୍ତନ ପିସିସି ଯୁବକଂଗ୍ରେସ ସମ୍ପାଦକ ପ୍ରଦୀପ୍ତ ଦାସଙ୍କ ନେତୃତ୍ୱରେ କଟକ ଜିଲା ନବନିଯୁକ୍ତ ଯୁବକଂଗ୍ରେସ ସଭାପତି ଆର୍ଯ୍ୟବୀର ଲେଙ୍କାଙ୍କୁ ସମ୍ବର୍ଦ୍ଧିତ କରିବାପାଇଁ ଏକ ସଭା ଆୟୋଜନ କରାଯାଇଥିଲା। ଅପରାହ୍ନରେ ଏହି କାର୍ଯ୍ୟକ୍ରମ ଚାଲିଥିବା ବେଳେ ହଠାତ୍ କେତେଜଣ ଯୁବକ ମଞ୍ଚ ଉପରକୁ ଆସି ଉପସ୍ଥିତ ନେତାମାନଙ୍କୁ ଗାଳିଗୁଲଜ କରି ଠେଲାପେଲା କରିଥିଲେ। ଫଳରେ ସଭା ବନ୍ଦ ହୋଇଯାଇଥିଲା। ଏହି ସମୟରେ ଉମେଶ ଉତ୍ତ୍ୟକ୍ତ ଯୁବକମାନଙ୍କୁ ବୁଝାଶୁଝା କରୁଥିଲେ। ମାତ୍ର ସମ୍ପୃକ୍ତ ଯୁବକମାନେ ତାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରି ପେଟରେ ଛୁରି ଭୁସି ଦେଇଥିଲେ। ତୁରନ୍ତ ଉମେଶଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ଚିକିତ୍ସା କରାଯାଇଥିଲା। ଏ ସମ୍ପର୍କରେ ପ୍ରଦୀପ୍ତ କହିଛନ୍ତି, ସେ କଂଗ୍ରେସ ଦଳ ପାଇଁ ଦୀର୍ଘଦିନ ହେବ ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ କାମ କରିଆସୁଛନ୍ତି। ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକର କଂଗ୍ରେସ କର୍ମୀ ଓ ସାଧାରଣ ଲୋକ ତାଙ୍କ ସାଙ୍ଗରେ ଅଛନ୍ତି। ତାଙ୍କ ଲୋକପ୍ରିୟତାକୁ ସହି ନ ପାରି ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଏପରି କାଣ୍ଡ କରିଛନ୍ତି। ଆଗାମୀ ଦିନରେ ମାହାଙ୍ଗାର ସଚେତନ କଂଗ୍ରେସ କର୍ମୀ ଇଟାର ଜବାବ ପଥରରେ ଦେବେ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି।

# ପଦ୍ମଜ, ଅମରେଶଙ୍କୁ କୋରାପୁଟ ସାହିତ୍ୟ ସମ୍ମାନ


ଉତ୍ସବରେ କଥାଶିଳ୍ପୀ ପଦ୍ମଜ ପାଳ ଓ କବି ଅମରେଶ ପଟ୍ଟନାୟକଙ୍କୁ କୋରାପୁଟ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଉଛି।

**କୋରାପୁଟ ସାହିତ୍ୟ ଉତ୍ସବ ଉଦ୍‌ଘାଟିତ**

ଭୁବନେଶ୍ୱର,୨୯।୧୨(ବ୍ୟୁରୋ)

ଓଡ଼ିଆ ମିଡିଆ ପକ୍ଷରୁ ୩ୟ କୋରାପୁଟ ସାହିତ୍ୟ ଉତ୍ସବ ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପ୍ରସିଦ୍ଧ କଥାଶିଳ୍ପୀ ପଦ୍ମଜ ପାଳ ଓ କବି ଅମରେଶ ପଟ୍ଟନାୟକଙ୍କୁ କୋରାପୁଟ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। ଓଡ଼ିଆ ମିଡିଆ ନିର୍ଦ୍ଦେଶକ ତଥା କଥାକାର ଶୁଭ୍ରାଂଶୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବେ ଔପନ୍ୟାସିକ ବିଭୂତି ପଟ୍ଟନାୟକ ଓ ମୁଖ୍ୟବକ୍ତା ଭାବେ କବି ହରପ୍ରସାଦ ଦାସ ଯୋଗଦେଇଥିଲେ।

ଚଳିତବର୍ଷ ଇଂଲିଶ କବିତା ସଙ୍କଳନ 'ଏ ଲଷ୍ଟ ହେଭେନ୍' ପାଇଁ କବି କଲ୍ପାଶା ଅଙ୍କିତାଙ୍କୁ ପେନ୍ ଇନ୍ ବୁକ୍ସ ବେଷ୍ଟ ସେଲର୍ ପୁରସ୍କାର ପ୍ରଦାନ କରାଯାଇଥିଲା। ପେନ୍ ଇନ୍ ବୁକ୍ସ ପ୍ରକାଶିତ ୫ଟି ବହି ଏହି ଅବସରରେ ଉନ୍ମୋଚିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବ ପରେ କଥାଶିଳ୍ପୀ ପଦ୍ମଜ ପାଳ ଓ କବି ଅମରେଶ ପଟ୍ଟନାୟକଙ୍କ ସହ ଏକ ସାକ୍ଷାତକାର ସଂପାନ ଅନୁଷ୍ଠିତ ହୋଇଥିଲା। ଅମରେଶ ପଟ୍ଟନାୟକଙ୍କ ସହ ବରିଷ୍ଠ କବି ରକ୍ଷକ ନାୟକ ଆଲୋଚନା କରିଥିବାବେଳେ ପଦ୍ମଜ ପାଳଙ୍କ ସହ କବି ଓ ସମାଲୋଚକ ଜ୍ଞାନୀ ଦେବାଶିଷ ମିଶ୍ର ଆଲୋଚନା କରିଥିଲେ। ଏହାପରେ 'ଓଡ଼ିଆ କାହାଣୀ: ସମସାମୟିକ ଓ ଶାଶ୍ୱତୀୟ' ଶୀର୍ଷକ ଏକ ସଂପାନରେ ଦାଶ ବେନହୁର, ଡ. ଗୌରହରି ଦାସ, ସରୋଜିନୀ ସାହୁ ଓ ପରେଶ ପଟ୍ଟନାୟକ ବକ୍ତବ୍ୟ ରଖିଥିଲେ। ଅମରେଶ ବିଶ୍ୱାଳ ଏହାକୁ ପରିଚାଳନା କରିଥିଲେ। ପରେ 'ଓଡ଼ିଆ କବିତା: ବିବିଧତା ନା ବିଭାଜନ' ଶୀର୍ଷକ ଆଲୋଚନାରେ କବି ପ୍ରଦୀପ ବିଶ୍ୱାଳ, ଜ୍ଞାନ ହୋତା ଓ କେଦାର ମିଶ୍ର ଯୋଗଦେଇଥିଲେ। ନବଜ୍ୟୋତି ରାୟ ଏହାକୁ ପରିଚାଳନା କରିଥିଲେ। ଶେଷରେ କବି ଚକ୍ରଧର ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ୨୦ରୁ ଅଧିକ କବି ଭାଗ ନେଇଥିଲେ। କବି ମୃତ୍ୟୁଞ୍ଜୟ ରଥ ଉତ୍ସବ ପରିଚାଳନା କରିଥିଲେ। ବୁଧବାର ଉତ୍ସବର ଦ୍ୱିତୀୟ ଦିନର କାର୍ଯ୍ୟକ୍ରମ କୋରାପୁଟର ଡୁଡୁମା ଜଳପ୍ରପାତ ନିକଟରେ ଅନୁଷ୍ଠିତ ହେବ।

## ଆଜିଠୁ କାର୍ଯ୍ୟକ୍ଷମ ହେବ ଭରତପୁର ନୂତନ ଥାନା

ଭୁବନେଶ୍ୱର,୨୯।୧୨(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମର ୨୨ ନମ୍ବର ୱାର୍ଡ ଭରତପୁରରେ ଆଜିଠାରୁ ନୂଆ ଥାନା କାର୍ଯ୍ୟକ୍ଷମ ହେବ। ଟୁଇନ ସିଟି କମିଶନରେଟ ପୋଲିସର ବିଭିନ୍ନ ଥାନା ଅଞ୍ଚଳରେ କାର୍ଯ୍ୟରତ ୭ଜଣ ଅଧିକାରୀ ଓ କର୍ମଚାରୀ ରିଲିଭ ହୋଇ ନୂତନ ଥାନାରେ ଯୋଗ ଦେବାକୁ ଗୃହ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। କମିଶନରେଟ ପୋଲିସ ପକ୍ଷରୁ ଥାନା ସମସ୍ୟାକୁ ନେଇ ସରକାରଙ୍କୁ ପୂର୍ବରୁ ଚିଠି କରାଯାଇଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ମଞ୍ଜୁରୀ ମିଳିଥିଲା। ଯାହାର ମୁଖ୍ୟ କାରଣ ରହିଥିଲା ଖଣ୍ଡଗିରି ଖଣ୍ଡଗିରି ଥାନା ଉପରୁ ଚାପ କମିବା ସହ ଅପରାଧ ନିୟନ୍ତ୍ରଣ ସହଜ ହେବ। ଖଣ୍ଡଗିରି ଥାନା ଅଞ୍ଚଳର କିଛି ଅଂଶକୁ ଭରତପୁର ଥାନା ଅଞ୍ଚଳର ପରିସରଭୁକ୍ତ କରାଯାଇ ସୀମା ନିର୍ଦ୍ଧାରଣ କରାଯାଇଛି। ଖଣ୍ଡଗିରି ଥାନା ଅଞ୍ଚଳରେ ପାଖାପାଖି ୪ଲକ୍ଷ ଜନସଂଖ୍ୟା ରହିଛି। ସ୍ଥାନୀୟ ଲୋକଙ୍କ ଦାବି ଓ ଅପରାଧ ନିୟନ୍ତ୍ରଣ ଗୁରୁତ୍ୱକୁ ଉପଲବ୍ଧି କରି କମିଶନରେଟ୍ ପୋଲିସ ପକ୍ଷରୁ ସରକାରଙ୍କୁ ଏହି ଥାନାକୁ ଭାଗ କରିବାକୁ ଅନୁରୋଧ କରାଯାଇଥିଲା। ତେଣୁ ଭରତପୁରରେ ଆଉ ଏକ ନୂଆ ଥାନା ପ୍ରତିଷ୍ଠା ପାଇଁ ଉଭୟ ସ୍ଥାନୀୟ ଲୋକ ଓ ପୋଲିସ ବିଭାଗ ପକ୍ଷରୁ ଗୃହ ବିଭାଗକୁ ଅନୁରୋଧ କରାଯାଇଥିଲା। ମଙ୍ଗଳବାର ନୂଆ ଥାନା ପ୍ରତିଷ୍ଠା ପାଇଁ ମଞ୍ଜୁରି ଦେବା ପରେ ସବୁ ମହଲରେ ଏହାକୁ ସ୍ୱାଗତ କରାଯାଇଛି। ଏହି ନୂଆ ଥାନାରେ ଇନ୍ସପେକ୍ଟର ଦୁର୍ଗା ପ୍ରସାଦ ଜେନା, ଏସଆଇ ଗୋବର୍ଦ୍ଧନ ସାହୁ, ଏସ୍ଆଇ ଏମ୍.ଆର୍. ମଲ୍ଲିକ, ଏଏସ୍ଆଇ ଏସ୍.କେ. ମୁଣ୍ଡା, କନଷ୍ଟେବଲ ୟୁ.କେ. ସେଠୀ, ବି.ବି. ମଲ୍ଲିକ ଓ ନଳିନୀ ରଞ୍ଜନ ରାଉତଙ୍କ ସମେତ ଭରତପୁର ବିଟ ହାଉସରେ ପୂର୍ବରୁ ପୋଷ୍ଟିଂ ହୋଇଥିବା ହାବିଲଦାର ଓ କନଷ୍ଟେବଲମାନେ ଯୋଗଦେବେ।

# ନିୟମିତ କ୍ଷେତ୍ର ପରିଦର୍ଶନ କର: ମନ୍ତ୍ରୀ



ସମ୍ମିଳନୀରେ କୃଷି ମନ୍ତ୍ରୀ ଅରୁଣ କୁମାର ସାହୁ ଉଦ୍‌ବୋଧନ ଦେଉଛନ୍ତି।

**ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀ**

ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)

କୃଷିଭବନରେ ମଙ୍ଗଳବାର ଜିଲା କୃଷି ଅଧିକାରୀମାନଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫସଲର ବିବିଧକରଣ, ଡାଲି ଓ ତୈଳବୀଜ ଚାଷ ଉପରେ ଗୁରୁତ୍ୱାରୋପ କରାଯାଇଛି। କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଅରୁଣ କୁମାର ସାହୁ ସମ୍ମିଳନୀରେ ଯୋଗଦେଇ କହିଥିଲେ ଯେ, ଫସଲ ଉତ୍ପାଦନରେ ବିବିଧକରଣ କରାଯାଇ ଡାଲି ଓ ତୈଳବୀଜ ଭଳି ଅର୍ଥକରୀ ଫସଲ ଚାଷ କରାଗଲେ କୃଷକଙ୍କ ଆୟ ବଢ଼ିପାରିବ। ସମନ୍ୱିତ କୃଷି ସମ୍ପର୍କରେ ସଚେତନତା ସୃଷ୍ଟି ସହ ମୃତ୍ତିକା ପରୀକ୍ଷଣ ଓ ଫସଲର ସୁରକ୍ଷା ଦିଗରେ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ସୁବିଧାକୁ ଚାଷୀଙ୍କ ପାଖରେ ପହଞ୍ଚାଇବାକୁ ପଡ଼ିବ। ଚାଷୀ ଯେପରି ଠିକ୍ ସମୟରେ ଓ ଠିକ୍ ପରିମାଣର ଉନ୍ନତ ବିହନ, ସାର ଆଦି ପାଇପାରିବେ ସେଥିଲାଗି ଅଧିକାରୀମାନେ ଅଧିକ ତତ୍ପର ହେବା ଉଚିତ ବୋଲି ପ୍ରକାଶ କରିଥିଲେ।

ଚାଷୀଙ୍କ ସହିତ ସିଧାସଳଖ ସମ୍ପର୍କ ସ୍ଥାପନ ଉଦ୍ଦେଶ୍ୟରେ ଜିଲା ମୁଖ୍ୟ କୃଷି ଅଧିକାରୀମାନେ ନିୟମିତ କ୍ଷେତ୍ର ପରିଦର୍ଶନ କରିବା ସହିତ ବ୍ଲକ୍‌ସ୍ତରରେ ବୈଷୟିକ ବୈଠକ ଆୟୋଜନ ନିମନ୍ତେ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଭିତ୍ତିଭୂମି ନିର୍ମାଣ ବାବଦ ଅର୍ଥକୁ ମାର୍ଚ୍ଚ ସୁଦ୍ଧା ଖର୍ଚ୍ଚ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେବା ସହିତ 'ଆତ୍ମା'ର ପରିଚାଳନା ବୈଠକ ନିୟମିତ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ନିମନ୍ତେ ପ୍ରତ୍ୟେକ ଜିଲାରେ ଆଶାୟୀ କୃଷି ଉଦ୍ୟୋଗୀଙ୍କୁ ଚିହ୍ନଟ କରି ତାଲିକା ପ୍ରସ୍ତୁତ ସହିତ ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ସମସ୍ତ ସହଯୋଗ ଯୋଗାଇ ଦେବା ପାଇଁ ମନ୍ତ୍ରୀ କହିଛନ୍ତି। ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସୌରଭ ଗର୍ଗ ଯୋଗଦେଇ ଚାଷୀଙ୍କୁ ସୋରିଷ, ସୋୟାବିନ୍, ଚିନାବାଦାମ ଏବଂ ଝୋଟ ଚାଷ ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ଅଧିକାରୀମାନଙ୍କୁ କହିଛନ୍ତି। ଏଥିସହିତ ମିଲେଟ୍ ମିଶନ୍‌ରେ ଅଧିକରୁ ଅଧିକ ମାଣ୍ଡିଆଜାତୀୟ ଫସଲ ଚାଷ ଉପରେ ଗୁରୁତ୍ୱ ଦେଇଛନ୍ତି। ବୈଠକରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଏମ୍. ମୁଥୁକୁମାରଙ୍କ ସମେତ ୩୦ଟି ଜିଲାର ମୁଖ୍ୟ କୃଷି ଅଧିକାରୀଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୪୨ ମୋବାଇଲ ଜବତ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୮।୧୨(ବ୍ୟୁରୋ): ମୋବାଇଲ ଚୋରି ଅଭିଯୋଗରେ କ୍ୟାପିଟାଲ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ କଟକ ସିଡିଏରେ ରହୁଥିବା ନୟାଗଡ଼ ସଠାଇପଲ୍ଲୀର କୁଳମଣି ସାହୁ। ତାଙ୍କ ନିକଟରୁ ୪୨ ମୋବାଇଲ ଫୋନ୍ ଜବତ କରାଯାଇଛି। ଗତ ୨୫ ତାରିଖରେ ୟୁନିଟ୍-୧ ହାଟରେ ଥିବା ସୁରେଶ ସାହୁଙ୍କ ଦୋକାନର ଶଟ୍‌ର ତାଡି ପ୍ରାୟ ୫୦ ମୋବାଇଲ ଚୋରି ହୋଇଥିବା ନେଇ ଅଭିଯୋଗ ହେବା ପରେ ପୋଲିସ ମାମଲା(ନଂ.୫୭୯/୨୦) ରୁଜୁ କରି ଚୋରି ମୋବାଇଲ୍‌ଗୁଡ଼ିକୁ ଟ୍ରାକିଂ କରିଥିଲା। ଟ୍ରାକିଂବେଳେ ଦୁଇଟି ମୋବାଇଲ ସିଡିଏ ଅଞ୍ଚଳରେ ଥିବା ଜଣାପଡିଥିଲା। ପରେ ପୋଲିସ ସିଡିଏରେ ରହୁଥିବା କୁଳମଣିଙ୍କ ଘରେ ଚଢାଉ କରି ଧରିଥିଲା।

# ଶିଶୁ ଅନନ୍ତଙ୍କ ସାହିତ୍ୟରେ ଥିଲା ମୋକ୍ଷ ପ୍ରାପ୍ତିର ତତ୍ତ୍ୱ


ଉତ୍ସବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

ବାଲିପାଟଣା,୨୯।୧୨(ଡି.ଏନ୍.ଏ.)

ବାଲିପାଟଣାସ୍ଥିତ ଶିଶୁଅନନ୍ତ ପୀଠରେ ମଙ୍ଗଳବାର ଶିଶୁଅନନ୍ତ ସ୍ମୃତି ସଂସଦ ପକ୍ଷରୁ ମହାପୁରୁଷ ଶିଶୁଅନନ୍ତ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ସ୍ଥାନୀୟ ବିଧାୟକ ଡ.ଅରବିନ୍ଦ ଢାଲି ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶାର ଏହି ୩୦୦ତମ ପର୍ଯ୍ୟଟନସ୍ଥଳୀର ସାମଗ୍ରିକ ବିକାଶ ପାଇଁ କାର୍ଯ୍ୟ କରିବେ ବୋଲି ବିଧାୟକ କହିଥିଲେ। ମୁଖ୍ୟ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ଚଳଚ୍ଚିତ୍ର ସମୀକ୍ଷକ ଦିଲୀପ ହାଲି ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଗବେଷକ ଓ ଆଧ୍ୟାତ୍ମିକ ସମୀକ୍ଷକ ଶରଣାରବିନ୍ଦ ଓଝା ମୁଖ୍ୟ ବକ୍ତା ଭାବେ ଯୋଗଦେଇ କହିଥିଲେ, ଶିଶୁଅନନ୍ତଙ୍କ ସାହିତ୍ୟରେ ଥିଲା ପିଣ୍ଡ, ବ୍ରହ୍ମାଣ୍ଡ ଓ ମୋକ୍ଷର ତତ୍ତ୍ୱ। ଏହି ଉତ୍ସବରେ ପରିବ୍ରାଜକ ପ୍ରମୋଦ କୁମାରଙ୍କୁ 'ଶିଶୁଅନନ୍ତ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପ୍ରାଚୀ ପୀଠର ବାବା ଦାମୋଦର ଦାସଙ୍କୁ 'ବାବା ମଧୁସୂଦନ', ଡ.ଫନୀ ମହାନ୍ତିଙ୍କୁ 'ବାଲିପାଟଣା ଗୌରବ', କ୍ରୀଡା ଖବରଦାତା ସୁରେଶ କୁମାର ସ୍ୱାଇଁଙ୍କୁ 'ସାମ୍ବାଦିକ ଗୌରବ' ଏବଂ ସୁଶ୍ରୀ ସାଇଶ୍ରୁତି ଦାଶଙ୍କୁ 'ବଡ଼ଭାଇ ନଦିଆ ବିହାରୀ ସ୍ମୃତି' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଶେଖ୍ ଗୁଲଜାର ହୁସେନଙ୍କ ପ୍ରଯୋଜିତ 'ଶିଶୁ ଅନନ୍ତ ଗାଥା' ପ୍ରାମାଣିକ ଚଳଚ୍ଚିତ୍ର ଉଦ୍‌ଘାଟନ ହୋଇଥିବା ବେଳେ ବୈଜୟନ୍ତୀ ସାହୁଙ୍କ 'ଅସୀମ ଅନ୍ୱେଷା' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିଶୁଅନନ୍ତ ସ୍ମୃତି ସଂସଦର ସମ୍ପାଦିକା ତନୟା ଦାସ ଗୋସ୍ୱାମୀ, ସଭାପତି ଅଭିମନ୍ୟୁ ନାୟକ, ବାବା ପର୍ଶୁରାମ, ଭାବଗ୍ରାହୀ ଗୋଚ୍ଛାୟତ, ମିଳନ ଶିଶୁ ଗୋସ୍ୱାମୀ, ନରେନ୍ଦ୍ର କୁମାର ଭୋଳ ପ୍ରମୁଖ ଉପସ୍ଥିତ ଥିଲେ।

# ଏକାମ୍ର କ୍ଷେତ୍ର ପୁରାତନ କୀର୍ତ୍ତିରାଜିର ସଂରକ୍ଷଣ ଚିନ୍ତା

**ତଦାରଖ ପାଇଁ ବୈଷୟିକ କମିଟି ଗଠିତ**



ଭୁବନେଶ୍ୱର,୨୯।୧୨(ବ୍ୟୁରୋ)

ଏକାମ୍ର କ୍ଷେତ୍ରରେ ଅଣସଂରକ୍ଷିତ କୀର୍ତ୍ତିରାଜି ଓ ଐତିହ୍ୟର ସୁରକ୍ଷା ନିମନ୍ତେ ରାଜ୍ୟ ସରକାର ଏକ ଉଚ୍ଚସ୍ତରୀୟ ବୈଷୟିକ କମିଟି ଗଠନ କରିଛନ୍ତି। ଏକାମ୍ର କ୍ଷେତ୍ର ପାଇଁ ଐତିହ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତ ଏହି ରାଜ୍ୟସ୍ତରୀୟ କମିଟି ଗଠନ ହୋଇଛି। ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) ଅଧୀନରେ ନ ଥିବା ମନ୍ଦିର, କୀର୍ତ୍ତିରାଜି ଓ ଐତିହ୍ୟଗୁଡ଼ିକ କିଭଳି ସୁରକ୍ଷିତ ରହିବ ସେ ସମ୍ପର୍କରେ ତଦାରଖ ଓ ବିଚାରବିମର୍ଶ ପାଇଁ ଏହି ବୈଷୟିକ କମିଟି ପରାମର୍ଶ ଦେବ। କମିଟି ଅଧ୍ୟକ୍ଷ ଭାବେ ପ୍ରତ୍ନତତ୍ତ୍ୱ ବିଭାଗର ଅବସରପ୍ରାପ୍ତ ନିର୍ଦ୍ଦେଶକ (କୀର୍ତ୍ତିରାଜି) ଡ. ଅଶୋକ ପଟେଲଙ୍କୁ ନିଯୁକ୍ତି ଦିଆଯାଇଛି। ସେହିଭଳି ଏଏସ୍ଆଇର ଅବସରପ୍ରାପ୍ତ ସୁପରିଣ୍ଟେଣ୍ଡିଂ ଆର୍କିଓଲୋଜିଷ୍ଟ ଜୀବନ ପଟ୍ଟନାୟକ, ରାଜ୍ୟ ଆର୍କିଓଲୋଜିର ଅବସରପ୍ରାପ୍ତ ସୁପରିଣ୍ଟେଣ୍ଡେଣ୍ଟ ବି.କେ. ରଥ, ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀ (ଡିଜାଇନ) ଏନ୍.ସି. ପାଲ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ, ଏଏସ୍ଆଇ ଭୁବନେଶ୍ୱର ସର୍କଲ ସୁପରିଟେଣ୍ଡିଂ ଆର୍କୋଲୋଜିଷ୍ଟ ଏବଂ ଓବିସିସି ଜେନେରାଲ ମ୍ୟାନେଜର ଏହି କମିଟିରେ ସଦସ୍ୟ ରହିବେ। ରାଜ୍ୟ ଆର୍କିଓଲୋଜିର ସୁପରିଟେଣ୍ଡେଣ୍ଟଙ୍କୁ ଆବାହକ ସଦସ୍ୟ ଭାବେ କମିଟିରେ ସାମିଲ କରାଯାଇଛି। ଆବଶ୍ୟକ ପଡ଼ିଲେ ଏହି କମିଟି ବିଶେଷଜ୍ଞମାନଙ୍କୁ ନିଯୁକ୍ତି ଦେଇପାରିବ। ପୂର୍ତ୍ତ ବିଭାଗ ପକ୍ଷରୁ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ଜାରି କରାଯାଇଛି। ଏକାମ୍ର କ୍ଷେତ୍ରର ସୌନ୍ଦର୍ଯ୍ୟକରଣ ବେଳେ ଅନେକ ପୁରୁଣା କୀର୍ତ୍ତିରାଜି ଓ ମନ୍ଦିର ଠାବ ହୋଇଥିବାରୁ ସେଗୁଡ଼ିକର ସୁରକ୍ଷା ନିମନ୍ତେ ରାଜ୍ୟ ସରକାର ଏହି ପଦକ୍ଷେପ ନେଇଥିବା କୁହାଯାଇଛି।

ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ୫-ଟି କାର୍ଯ୍ୟକ୍ରମ ଅଧୀନରେ ହେଉଥିବା ଏକାମ୍ର କ୍ଷେତ୍ର ବିକାଶ ପ୍ରକଳ୍ପ ନିର୍ମାଣ କାର୍ଯ୍ୟକୁ ବେଆଇନ ଦର୍ଶାଇ ଏଏସ୍ଆଇ ବିରୋଧ କରିବା ପରେ ପୂର୍ତ୍ତ ବିଭାଗ ଏହି କମିଟି ଗଠନ କରିଥିବା ସୂଚନା ମିଳିଛି। ଏଏସ୍ଆଇ ବିନା ଅନୁମତିରେ କେନ୍ଦ୍ରୀୟ ସଂରକ୍ଷିତ କୀର୍ତ୍ତିରାଜିର ନିଷିଦ୍ଧାଞ୍ଚଳରେ ବେଆଇନ ନିର୍ମାଣ କାର୍ଯ୍ୟ କରାଯାଉଥିବା ଏଏସ୍ଆଇ ଭୁବନେଶ୍ୱର ସର୍କଲର ସୁପରିଟେଣ୍ଡିଂ ଆର୍କିଓଲୋଜିଷ୍ଟ ଅରୁଣ ମଲ୍ଲିକ ରାଜ୍ୟ ପୂର୍ତ୍ତ ବିଭାଗ ସହ ଭୁବନେଶ୍ୱର ଉନ୍ନୟନ ନିଗମ(ବିଏମ୍‌ସି), ପର୍ଯ୍ୟଟନ ବିଭାଗ, ଓବିସିସି ଏବଂ ଖୋର୍ଦ୍ଧା ଜିଲାପାଳଙ୍କୁ ଚିଠି ଲେଖିଥିଲେ। ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ଜେସିବି ମେଶିନ ଏଏସ୍ଆଇ ସଂରକ୍ଷିତ ଐତିହାସିକ ଶାରୀ ଦେଉଳକୁ କ୍ଷତି ପହଞ୍ଚାଇଥିବା ସେ ଅଭିଯୋଗ କରିଥିଲେ। ଆନ୍‌ସିଏଣ୍ଟ ମନୁମେଣ୍ଟସ ଆଣ୍ଡ୍ ଆର୍କିଓଲୋଜିକାଲ ସାଇଟ୍‌ସ ଆଣ୍ଡ୍ ରିମେନ୍‌ସ ଆକ୍ଟ (ଏଏମ୍ଏଏସ୍ଆର୍), ୧୯୫୮ ଏବଂ ଏହାର ସଂଶୋଧିତ ଆଇନ ଅନୁଯାୟୀ ଏଏସ୍ଆଇ ସଂରକ୍ଷିତ ଐତିହ୍ୟସ୍ଥଳୀ ଚାରିପଟେ କୌଣସି ପ୍ରକାର ନିର୍ମାଣ କାର୍ଯ୍ୟକୁ ବେଆଇନ୍ ବୋଲି ଦର୍ଶାଯାଇଛି। ଐତିହ୍ୟସ୍ଥଳୀର ୧୦୦ ମିଟର ପରିସରକୁ ନିଷିଦ୍ଧ ଅଞ୍ଚଳଭାବେ ଘୋଷଣା କରାଯାଇଥିବା ବେଳେ ଏହାମଧ୍ୟରେ କୌଣସି ପ୍ରକାର ନିର୍ମାଣ କାର୍ଯ୍ୟକୁ ଅନୁମତି ଦିଆଯିବ ନାହିଁ। ମାତ୍ର ଏକାମ୍ର କ୍ଷେତ୍ର ଅଞ୍ଚଳରେ ଚାଲିଥିବା ବିକାଶମୂଳକ କାର୍ଯ୍ୟରେ ଏଏମ୍ଏଏସ୍ଆର୍ ଆକ୍ଟର ଉଲ୍ଲଙ୍ଘନ ହେଉଥିବା ଏଏସ୍ଆଇ କର୍ତ୍ତୃପକ୍ଷ ଅଭିଯୋଗ ଆଣିଥିଲେ।

## ବଢ଼ିପାରେ ଘରୋଇ ସାମଗ୍ରୀ ଦର

ନୂଆଦିଲ୍ଲୀ,୨୯।୧୨: ୨୦୨୧ରେ ଟିଭି, ୱାଶିଂମେଶିନ ଏବଂ ଫ୍ରିଜ୍, ଏସି, ରେଫ୍ରିଜରେଟର ଭଳି କିଛି ଘରୋଇ ସାମଗ୍ରୀ ମହଙ୍ଗା ହୋଇପାରେ ବୋଲି ଆକଳନ କରାଯାଇଛି। ଭାରତ ବଜାରରେ ଏଲ୍ଇଡି ଟିଭି ଲୋକପ୍ରିୟ ହୋଇଥିବାରୁ ଏହା ମଧ୍ୟ ସର୍ବାଧିକ ମହଙ୍ଗା ହୋଇଯିବ ବୋଲି ସୂଚନା ମିଳିଛି। ଆସନ୍ତା ବର୍ଷଠାରୁ ଘରୋଇ ଉପକରଣର ଉତ୍ପାଦନ ପାଇଁ ବ୍ୟବହୃତ ତମ୍ବା, ଆଲୁମିନିୟମ ଏବଂ ଷ୍ଟିଲ୍ ଭଳି ସାମଗ୍ରୀ ମୂଲ୍ୟ ବୃଦ୍ଧି ପାଉଥିବାରୁ ଘରୋଇ ଉପକରଣର ମୂଲ୍ୟ ଉପରେ ଏହାର ପ୍ରଭାବ ପଡିବା ସହ ୧୦% ବୃଦ୍ଧି ହୋଇପାରେ ବୋଲି କୁହାଯାଉଛି।

**ସଂକ୍ଷେପରେ**

## ଆପ୍‌ରୁ ଜାଣି ହେବ ବାଲାନ୍ସ ସୁବିଧା

ନୂଆଦିଲ୍ଲୀ,୨୯।୧୨: ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍ଏଚ୍ଏଆଇ) ର 'ମାଇଁ ଫାସ୍‌ଟାଗ୍ ଆପ୍'ରେ ନୂଆ ସୁବିଧା ସାମିଲ କରାଯାଇଛି। ଏହି ଆପ୍ ଜରିଆରେ ବ୍ୟବହାରକାରୀମାନେ ନିଜର ଫାସ୍‌ଟାଗ୍ ଆକାଉଣ୍ଟ ବାଲାନ୍ସ ସମ୍ପର୍କରେ ସବିଶେଷ ସୂଚନା ଜାଣିପାରିବେ। ଫଳରେ ଆବଶ୍ୟକ ବାଲାନ୍ସ ପାଇଁ ବ୍ୟବହାରକାରୀ ଆଗରୁ ସର୍ତ୍ତକତା ଅବଲମ୍ବନ କରିପାରିବେ। ଏହି ଆପ୍‌ରେ 'ଚେକ୍ ବାଲାନ୍ସ ଷ୍ଟାଟସ୍' ସୁବିଧାକୁ ଯୋଡ଼ା ଯାଇଛି। ଏହାଦ୍ୱାରା ବ୍ୟବହାରକାରୀମାନେ ନିଜ ଗାଡ଼ିର ନମ୍ବର ଦେଇ ଆକାଉଣ୍ଟର ବାଲାନ୍ସ ବିଷୟରେ ଜାଣିପାରିବେ। ଏହାଦ୍ୱାରା ଉଭୟ ଗାଡ଼ି ମାଲିକ ଏବଂ ଟୋଲ୍ ପ୍ଲାଜା ଅପରେଟର ଆକାଉଣ୍ଟ ବାଲାନ୍ସକୁ ମଧ୍ୟ ଜାଣିପାରିବେ ବୋଲି ଜଣାପଡିଛି। ଆକାଉଣ୍ଟ ବାଲାନ୍ସକୁ ବିଭିନ୍ନ ରଙ୍ଗ ଜରିଆରେ ପ୍ରଦର୍ଶିତ କରାଯାଉଛି। ବ୍ୟବହାରକାରୀଙ୍କ ଖାତାରେ ପର୍ଯ୍ୟାପ୍ତ ପରିମାଣର ବାଲାନ୍ସ ଥିଲେ ସବୁଜ ରଙ୍ଗ, କମ୍ ବାଲାନ୍ସ ଥିଲେ କମଳା ଓ ବ୍ଲାକ୍ ଲିଷ୍ଟ ଥିବା ଟ୍ୟାଗ୍ ପାଇଁ ଲାଲ୍ ରଙ୍ଗ କୋଡିଂ ବ୍ୟବହାର କରାଯାଉଛି।

# ନଭେମ୍ବରରେ ୩୫ ଲକ୍ଷ ଲୋକ ବେକାର

**ସିଏମ୍ଆଇଇ ସର୍ଭେ ରିପୋର୍ଟ**



ନୂଆଦିଲ୍ଲୀ,୨୯।୧୨

ବର୍ତ୍ତମାନ ସମୟରେ ଭାରତର ନିଯୁକ୍ତି ସ୍ଥିତି ପୁଣି ଖରାପ ଆଡ଼କୁ ଗତି କରୁଥିବା ଜଣାପଡିଛି। ଦେଶରେ ଲକ୍‌ଡାଉନ ଘୋଷଣା ହେବା ପରେ ଏହି ସମସ୍ୟା ଅତ୍ୟନ୍ତ ଗମ୍ଭୀର ଅବସ୍ଥାକୁ ଚାଲିଯାଇଥିଲା। କରୋନାର ପ୍ରଭାବ ସାଙ୍ଗକୁ ନିଯୁକ୍ତି କ୍ଷେତ୍ରରେ ମଧ୍ୟ ଧୀରେ ଧୀରେ ସୁଧାର ଆସୁଥିଲା। ପୁଣିଥରେ ନଭେମ୍ବରରେ ଏହି ସ୍ଥିତି ବିଗିଡ଼ିଯାଇଥିବା ଏକ ସର୍ଭେ ରିର୍ପୋଟରୁ ଜଣାପଡିଛି। ଏହି ମାସରେ ପ୍ରାୟ ୩୫ ଲକ୍ଷ ଲୋକ ବେକାର ହୋଇଛନ୍ତି ବୋଲି ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ ଇକୋନୋମି (ସିଏମ୍ଆଇଇ) ପକ୍ଷରୁ ଆକଳନ କରାଯାଇଛି।

ଗତ ଅକ୍ଟୋବରରେ ଦେଶରେ ୫୦ ହଜାର ଲୋକ ଚାକିରି ହରାଇଥିଲେ। ସିଏମ୍ଆଇଇର କଞ୍ଜୁମର୍ସ ପିରାମିଡସ୍ ହାଉସ୍‌ହୋଲ୍ଡ ସର୍ଭେ ଅନୁଯାୟୀ ନଭେମ୍ବରରେ ନିଯୁକ୍ତିରେ ସକ୍ରିୟ ଥିବା ଲୋକଙ୍କ ସଂଖ୍ୟା ହେଉଛି ୩୯.୯୬ କୋଟି। ଚଳିତ ବର୍ଷ ମାର୍ଚ୍ଚରେ ଏହାଠାରୁ ଅଧିକ ଏକ କୋଟି ଲୋକ ନିଯୁକ୍ତି କ୍ଷେତ୍ରରେ ସକ୍ରିୟ ଥିଲେ। ଚଳିତ ବର୍ଷ ଲକ୍‌ଡାଉନ ଘୋଷଣା ହେବା ପରେ ପ୍ରାୟ ୧୨ କୋଟି ଲୋକ ଚାକିରି ହରାଇଥିବା ଜଣାପଡିଛି। ଗତ ଜୁଲାଇ ପରଠାରୁ ସ୍ଥିତିରେ ସୁଧାର ଆସିଥିଲେ ମଧ୍ୟ ସେହି ଧାରା ସେପ୍ଟେମ୍ବର ପର୍ଯ୍ୟନ୍ତ ଜାରି ରହିଥିଲା। ଅକ୍ଟୋବର ପରଠାରୁ ସ୍ଥିତି ପୁଣି ଖରାପ ହୋଇଯାଇଥିବା ସଂସ୍ଥା ସୂଚନା ଦେଇଛି। ଉଭୟ ଅକ୍ଟୋବର ଓ ନଭେମ୍ବରରେ ଲୋକମାନେ ଚାକିରି ହରାଇଛନ୍ତି। ଡିସେମ୍ବର ତୃତୀୟ ସପ୍ତାହ ସୁଦ୍ଧା ନିଯୁକ୍ତି ହାର ୩୭.୫% ଥିବା ବେଳେ ବେକାରି ହାର ୯.୫% ରହିଛି। ଗତବର୍ଷ ଡିସେମ୍ବର ବେଳକୁ ୪୦.୫ କୋଟି ଲୋକ ନିଯୁକ୍ତି କ୍ଷେତ୍ରରେ ସକ୍ରିୟ ଥିଲେ। ଚଳିତ ବର୍ଷ ଏହି ସଂଖ୍ୟା ଅତିବେଶିରେ ୩୯.୫ କୋଟି ପର୍ଯ୍ୟନ୍ତ ପହଞ୍ଚିବ ବୋଲି ଅନୁମାନ କରାଯାଉଛି। ଏ ସମ୍ପର୍କରେ ସିଏମ୍ଆଇଇର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ମହେଶ ବ୍ୟାସ୍ କହିଛନ୍ତି, ଶ୍ରମ ବଜାରରେ ଘଟୁଥିବା ହ୍ରାସ ଯେତିକି ଚିନ୍ତାର ବିଷୟ ନୁହେଁ, ତା'ଠାରୁ ବେଶି ଚିନ୍ତା ବଢ଼ାଇଛି ନିଯୁକ୍ତି ସମସ୍ୟା। ଉତ୍ତମ ନିଯୁକ୍ତି ଉଭାନ ହୋଇଯାଉଛି। ୨୦୨୦ରେ ମହିଳାଙ୍କ ନିଯୁକ୍ତିରେ ଦ୍ରୁତ ହ୍ରାସ ଘଟିଛି। ଉଲ୍ଲେଖଯୋଗ୍ୟ ଯେ, ଦେଶର ଶ୍ରମ ଶକ୍ତିରେ ମହିଳାଙ୍କ ଅବଦାନ ୧୧% ରହିଥିବା ବେଳେ ପୁରୁଷଙ୍କ ଅବଦାନ ୭୧% ଭଳି ଉଚ୍ଚ ସ୍ତରରେ ରହିଛି। ଲକ୍‌ଡାଉନ ପରଠାରୁ ମହିଳାଙ୍କ କ୍ଷେତ୍ରରେ ବେକାରି ହାର ୧୭% ଥିବା ବେଳେ ପୁରୁଷଙ୍କ କ୍ଷେତ୍ରରେ ତାହା ୬% ରହିଛି। ୨୦୨୦ ଏପ୍ରିଲରେ ୧୩.୯% ମହିଳା ଚାକିରି ହରାଇଥିଲେ। ନଭେମ୍ବର ସୁଦ୍ଧା ଚାକିରି ହରାଇଥିବା ପୁରୁଷଙ୍କ ସଂଖ୍ୟାରେ ସୁଧାର ଆସିଥିବା ବେଳେ ମହିଳାମାନଙ୍କୁ କିନ୍ତୁ ସେହି ସୁଯୋଗ ମିଳିନାହିଁ ବୋଲି ସିଏମ୍ଆଇଇ ତା'ର ରିପୋର୍ଟରେ ପ୍ରକାଶ କରିଛି।




# ନୂଆବର୍ଷରୁ ଭାରତ ବଜାରରେ ଟେସ୍ଲା ଇଲେକ୍ଟ୍ରିକ କାର୍

ନୂଆଦିଲ୍ଲୀ,୨୯।୧୨

ନୂଆବର୍ଷଠାରୁ ଭାରତ ବଜାରରେ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଛି ଟେସ୍ଲା ଇଲେକ୍ଟ୍ରିକ୍ କାର୍ ପାଇଁ ମେଗା ବୁକିଂ। ଏହି ହାଇଫାଇ ଇଲେକ୍ଟ୍ରିକ କାର ଲୋକଙ୍କ ପାଇଁ ନେଇ ଆସୁଛି ଅନେକ ପ୍ରକାର ଅତ୍ୟାଧୁନିକ ସୁବିଧା ଓ ଫିଚର। ଆମେରିକାର ପ୍ରମୁଖ କାର ନିର୍ମାଣକାରୀ ଏଲନ ମସ୍କଙ୍କ କମ୍ପାନୀ ଟେସ୍ଲା ଦ୍ୱାରା ବିକଶିତ ହୋଇଥିବା ଏହି ଇଲେକ୍ଟ୍ରିକ୍ କାର୍ ଭାରତ ବଜାରରେ ମଧ୍ୟ ଉପଲବ୍ଧ ହେବ। ୨୦୨୧ ଜୁନ୍‌ରେ ଏହି କାର ଭାରତୀୟ ବଜାରରେ ମଧ୍ୟ ଗ୍ରାହକଙ୍କୁ ମିଳିପାରିବ ବୋଲି ସୂଚନା ମିଳିଛି। ଏନେଇ କେନ୍ଦ୍ର ମନ୍ତ୍ରୀ ନୀତିନ ଗଡକରୀ ସୂଚନା ଦେଇ କହିଛନ୍ତି, ଏହି କାର୍ ପାଇଁ କମ୍ପାନୀ ବୁକିଂ ଜାନୁୟାରୀରୁ ଆରମ୍ଭ କରିପାରେ। କମ୍ପାନୀ ସେଡାନ୍ ମଡେଲ-୩ ଜରିଆରେ ଭାରତରେ ତା'ର ବ୍ୟବସାୟ ଡେବ୍ୟୁ କରିବ ବୋଲି ସୂଚନା ମିଳିଛି। ଇକୋନୋମିକ୍ସ ଟାଇମ୍ସରେ ପ୍ରକାଶିତ ଏକ ଖବର ଅନୁଯାୟୀ, ଟେସ୍ଲାର ଏହି ମଡେଲ ଭାରତୀୟ ବଜାରରେ ଦାମ୍ ୫୫ରୁ୬୦ ଲକ୍ଷ ଟଙ୍କା ରହିବ ବୋଲି ଆକଳନ କରାଯାଉଛି। ଗ୍ରାହକଙ୍କୁ ପ୍ରି ବୁକିଂ ପାଇଁ ୭୩ ହଜାର ଟଙ୍କା ଦେବାକୁ ପଡ଼ିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ଏହାର ସିଇଓ ଏଲନ ମସ୍କ ମଧ୍ୟ ଟୁଇଟ୍ କରି ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଅକ୍ଟୋବରରେ ଟୁଇଟ୍ କରି ମସ୍କ କହିଥିଲେ, କମ୍ପାନୀ ୨୦୨୧ରେ ଭାରତାରେ ଏଣ୍ଟ୍ରି କରିବ। ରିପୋର୍ଟ ଅନୁସାରେ ଟେସ୍ଲା ଭାରତରେ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ଫାସିଲିଟି ସ୍ଥାପନ କରିବାକୁ ଯୋଜନା କରୁଛି। ୨୦୨୧ରେ ଟେସ୍ଲାର ଇଲେକ୍ଟ୍ରିକ୍ କାର୍ ଲଞ୍ଚ ହେବାକୁ ଯାଉଥିବା ବେଳେ ଜାନୁୟାରୀରେ ବୁକିଂ ଆରମ୍ଭ ହୋଇପାରେ। ତେବେ ଏନେଇ ଗ୍ରାହକଙ୍କ ମନରେ ଉତ୍କଣ୍ଠା ବଢୁଥିବା ମଧ୍ୟ ଜଣାପଡ଼ିଛି।

# ନନ୍ଦନକାନନ କର୍ତ୍ତୃପକ୍ଷଙ୍କୁ ୧୦ ଲକ୍ଷ ଦେଲା ଏସ୍‌ବିଆଇ




ଭୁବନେଶ୍ୱର,୨୯।୧୨

୬୧ତମ ନନ୍ଦନକାନନ ପ୍ରତିଷ୍ଠା ଦିବସ ଅବସରରେ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ପକ୍ଷରୁ ୮ଟି ଧଳାବାଘ ଏବଂ ୨୦ଟି ଶମ୍ବରକୁ ଆସନ୍ତା ବର୍ଷେ ପାଇଁ ପୋଷ୍ୟ ଭାବରେ ଗ୍ରହଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କ ସିଏସ୍ଆର୍ କାର୍ଯ୍ୟକ୍ରମ ଜରିଆରେ ନନ୍ଦନକାନନ କର୍ତ୍ତୃପକ୍ଷଙ୍କୁ ଏହି ୨ଟି ଶ୍ରେଣୀର ଜୀବଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିଛି। ଏହି ଅବସରରେ ବ୍ୟାଙ୍କର ସିଜିଏମ୍ ରୂମା ଦେ ଏବଂ ଜିଏମ୍,ଏନ୍‌ଡବ୍ଲ୍ୟୁ-୧ର ସି.ଏଲ୍.ଏନ୍. ଚାରୁୟାଲୁ ବିଭାଗୀୟ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ଉପସ୍ଥିତିରେ ନନ୍ଦନକାନନ କର୍ତ୍ତୃପକ୍ଷଙ୍କୁ ଏହି ଅର୍ଥ ରାଶି ପ୍ରଦାନ କରିଥିଲେ। ପ୍ରତିଷ୍ଠା ଦିବସ ଅବସରରେ ବ୍ୟାଙ୍କର ଏଭଳି ମନୋଭାବ ଓ ପଦକ୍ଷେପକୁ ମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଟଣୀ ବିଧାୟକ ସୁରେଶ କୁମାର ରାୟତରାୟ, ବିଧାୟକ ସୁଶାନ୍ତ ରାଉତ, ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ. ମୋନା ଶର୍ମା, ପିସିସିଏଫ୍ ହରିଶଙ୍କର ଉପାଧ୍ୟାୟ ଏବଂ ନନ୍ଦନକାନନ ନିର୍ଦ୍ଦେଶକ ଶଶୀ ପଲ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତି ଥିଲେ।

# ଶେୟାର ବଜାରରେ ଅଭିବୃଦ୍ଧି



**ସେନ୍‌ସେକ୍ସ ୪୭୭୦୦, ନିଫ୍ଟି ୧୩୯୬୭**

ନୂଆଦିଲ୍ଲୀ,୨୯।୧୨

କରୋନା ମାନ୍ଦାବସ୍ଥାର ସ୍ଥିତି ସୁଧୁରୁଥିବାରୁ ଏହାର ପ୍ରଭାବ ପ୍ରତିଦିନ ଶେୟାର ବଜାର ଉପରେ ପଡୁଥିବା ଲକ୍ଷ୍ୟ କରାଯାଉଛି। ଫଳରେ ଶେୟାର ବଜାରର ଅଭିବୃଦ୍ଧି ସହ ନୂଆ ନୂଆ ରେକର୍ଡ ସୃଷ୍ଟି ହୋଇଚାଲିଛି। ଚଳିତ ବର୍ଷ ପ୍ରଥମଥର ପାଇଁ ସେନ୍‌ସେକ୍ସ ୪୭,୭୦୦ ପାର କରିଥିବା ସୂଚନା ମିଳିଛି। ସେହିଭଳି ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସୂଚକାଙ୍କ ସୂଚନା ଅନୁଯାୟୀ ମଙ୍ଗଳବାର ସେନ୍‌ସେକ୍ସ ୧୧୩ ଅଙ୍କ ବୃଦ୍ଧି ପାଇ ୪୭,୪୬୬ରେ ଖୋଲିଥିଲା। ଫଳରେ କାରବାରର କିଛି ସମୟ ପରେ ଶେୟାର ବାଜରରେ ଆକସ୍ମିକ ବୃଦ୍ଧି ପାଇଥିଲା। ଫଳରେ ଆଜି ସେନ୍‌ସେକ୍ସ ୪୮ ହଜାର ଛୁଇଁବା ସମ୍ଭାବନା ସୃଷ୍ଟି ହେବା ସହ ନୂଆ ରେକର୍ଡ ତିଆରି କରିଛି ଶେୟାର ବଜାର। ଶେୟାର ବଜାରର ସୂଚନା ଅନୁସାରେ ଆଜିର କାରବାରର କିଛି ସମୟ ପରେ ସେନ୍‌ସେକ୍ସ ୩୬୧ ଅଙ୍କ ବୃଦ୍ଧି ପାଇ ୪୭,୭୧୪.୫୫ରେ ପହଞ୍ଚିଯାଇଥିଲା। ସେହିପରି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ୩୭ ଅଙ୍କ ବୃଦ୍ଧି ସହ ୧୩,୯୧୦ରେ କାରବାର ଆରମ୍ଭ ହୋଇଥିଲା। କାରବାରର କିଛି ସମୟ ପରେ ଏହା ବୃଦ୍ଧି ପାଇ ୧୩,୯୬୭.୬୦ରେ ପହଞ୍ଚିଯାଇଥିଲା। ନିଫ୍ଟି ବ୍ୟାଙ୍କ୍ ଏବଂ ପିଏସ୍‌ୟୁ ବ୍ୟାଙ୍କ ସୂଚକାଙ୍କରେ ୧% ଲେଖାଏଁ ବୃଦ୍ଧି ପରିଲକ୍ଷିତ ହୋଇଛି। ସେହିପରି ନିଫ୍ଟିରେ ସବୁଠାରୁ ବେଶି ଫାଇଦା ପାଇଥିବା ଶେୟାରଗୁଡ଼ିକ ମଧ୍ୟରେ ଇଣ୍ଡସଇଣ୍ଡ ବ୍ୟାଙ୍କ, ଆକ୍ସିସ୍ ବ୍ୟାଙ୍କ, ୱିପ୍ରୋ ଏବଂ ଗ୍ରାସିମ୍ ଇଣ୍ଡଷ୍ଟ୍ରିଜ ଭଳି ସଂସ୍ଥା ସାମିଲ ଅଛନ୍ତି। ଶେୟାର ବଜାରରେ କାରବାର ସମୟରେ ୧୦୭୩ଟି ଶେୟାରରେ ବୃଦ୍ଧି ଏବଂ ୨୪୦ଟି ଶେୟାରରେ ହ୍ରାସ ପାଇଥିବା ସୂଚନା ମିଳିଛି। ବର୍ତ୍ତମାନ ସମୟରେ ସୂଚକାଙ୍କ ଶେୟାର ପ୍ରତିଦିନ ସବୁଜ ସଙ୍କେତ ଦେଇ ଗତି କରୁଛି। ମଙ୍ଗଳବାର ଡଲାର ତୁଳନାରେ ଟଙ୍କାର ମୂଲ୍ୟ ପ୍ରାୟ ୧୧ ପଇସା ବୃଦ୍ଧି ପାଇବା ସହ ୭୩.୩୮ରେ ପହଞ୍ଚିଛି। ସେହିଭଳି ବିଦେଶୀ ଫଣ୍ଡଗୁଡିକର ମୂଲ୍ୟ ମଧ୍ୟ ଲଗାତର ବୃଦ୍ଧି ପାଉଥିବାରୁ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ମଧ୍ୟ ବୃଦ୍ଧି ପାଉଛି। ସୋମବାର ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୭୩.୪୯ ଥିବାବେଳେ ମଙ୍ଗଳବାର ଏହାର ମୂଲ୍ୟ ପ୍ରତି ଡଲାର ରହିଛି ୭୩.୩୮ ଟଙ୍କା। ବଡଦିନ ପରେ ସୋମବାର ଶେୟାର ବଜାର ସବୁଜ ସଙ୍କେତ ସହ ଆରମ୍ଭ ହୋଇଥିଲା। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସୂଚକାଙ୍କ ଅନୁଯାୟୀ ସେନ୍‌ସେକ୍ସ ୧୮୦ ଅଙ୍କ ବୃଦ୍ଧି ପାଇ ୪୭,୧୫୩ରେ ଖୋଲିଥିଲା। ସେହିପରି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟି ମଧ୍ୟ ୬୬ ଅଙ୍କ ବୃଦ୍ଧି ପାଇ ୧୩,୮୧୫ରେ ଆରମ୍ଭ ହୋଇଥିଲା। ସେହିପରି କାରବାର ବନ୍ଦ ବେଳକୁ ସେନ୍‌ସେକ୍ସ ୩୮୦.୨୧ ଅଙ୍କ ବୃଦ୍ଧି ପାଇ ୪୭,୩୫୩.୭୫ ଏବଂ ନିଫ୍ଟି ୧୨୩.୯୫ ଅଙ୍କ ବୃଦ୍ଧିପାଇ ୧୩,୮୭୩.୨୦ରେ ବନ୍ଦ ହୋଇଥିଲା ବୋଲି ସୂଚନା ମିଳିଛି।

# କାର୍‌ରେ ଏୟାରବ୍ୟାଗ୍ ବାଧ୍ୟତାମୂଳକ

ନୂଆଦିଲ୍ଲୀ,୨୯।୧୨

ଆସନ୍ତା ନୂଆବର୍ଷରୁ ଦେଶରେ ଅନେକ ନିୟମରେ ପରିବର୍ତ୍ତନ ହେବାକୁ ଯାଉଛି। ସେହି ନିୟମଗୁଡ଼ିକ ମଧ୍ୟରେ ଅଟୋମୋବାଇଲ ଇଣ୍ଡଷ୍ଟ୍ରି ଷ୍ଟାଣ୍ଡାର୍ଡ ବା ଏଆଇଏସ୍‌ରେ ବ୍ୟାପକ ସଂଶୋଧନ ହେବାକୁ ଯାଉଛି। ଏହା ପୂର୍ବରୁ ଅନେକ କାର୍‌ରେ କେବଳ ଡ୍ରାଇଭର ସିଟ୍ ପାଇଁ ଏୟାରବ୍ୟାଗ୍ ବ୍ୟବସ୍ଥା ଥିବା ବେଳେ ବର୍ତ୍ତମାନ କାର୍‌ରେ ସମସ୍ତ ଯାତ୍ରୀଙ୍କ ପାଇଁ ଏହାକୁ ବାଧ୍ୟତାମୂଳକ କରାଯିବ ବୋଲି ସୂଚନା ମିଳିଛି। ଆସନ୍ତା ବର୍ଷରୁ ଲଞ୍ଚ ହେବାକୁ ଥିବା ନୂଆ କାର୍ ମଡେଲଗୁଡିକ ପାଇଁ ଏୟାରବ୍ୟାଗ୍ ଇନ୍‌ଷ୍ଟାଲେଶନ ସମୟସୀମା ଆସନ୍ତା ବର୍ଷ ଏପ୍ରିଲ ପହିଲାରୁ ଏହା ହେବାକୁ ଥିବା ବେଳେ ପ୍ରଚଳିତ ମଡେଲଗୁଡିକରେ ମଧ୍ୟ ଏୟାରବ୍ୟାଗ୍ ଇନ୍‌ଷ୍ଟାଲେଶନ ପାଇଁ ଆସନ୍ତା ବର୍ଷ ଜୁନ୍ ପହିଲା ପର୍ଯ୍ୟନ୍ତ ସମୟସୀମା ଧାର୍ଯ୍ୟ କରାଯାଇଛି। ଯାତ୍ରୀମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ଗ୍ରହଣ କରାଯାଉଥିବା ସୂଚନା ମିଳିଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡ ଆକ୍ଟ ଅଧୀନରେ ସମ୍ପୃକ୍ତ ବ୍ୟୁରୋ ଅଫ୍ ଇଣ୍ଡିଆ ଷ୍ଟାଣ୍ଡାର୍ଡ (ବିଏସ୍) ନିର୍ଦ୍ଧିଷ୍ଟ ସମୟ ମଧ୍ୟରେ ସଂଶୋଧିତ ହେବା ପର୍ଯ୍ୟନ୍ତ ଏଭଳି ଏୟାରବ୍ୟାଗ୍ ଆବଶ୍ୟକ ହେବ।

**ଆଞ୍ଚଳିକ ଖବର**

# କୋଟିପତି କନିଷ୍ଠ କିରାଣି

ଅନୁଗୋଳ ଅଫିସ/ଆଠମଲ୍ଲିକ (ଡି.ଏନ.ଏ.), ୨୯।୧୨

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଅନୁଗୋଳ ଜିଲା ଗ୍ରାମ୍ୟ ଜଳଯୋଗାଣ ବିଭାଗ (ଆର୍‌ଡବ୍ଲ୍ୟୁଏସ୍‌ଏସ୍)ରେ କାର୍ଯ୍ୟରତ କନିଷ୍ଠ କିରାଣି ରୋହିତାଶ୍ୱ ବାଘ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। କାର୍ଯ୍ୟାଳୟ ସମେତ ଏକକାଳୀନ ୭ ସ୍ଥାନରେ ଚଢ଼ାଉ କରାଯାଇଛି। ଶେଷଖବର ସୁଦ୍ଧା ପାଖାପାଖି କୋଟିଏ ଟଙ୍କାର ସମ୍ପତ୍ତି ଠାବ ହୋଇଛି।

କଟକ ଭିଜିଲାନ୍ସ ଏସ୍‌ପି ଶଶି ଭୂଷଣ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଅନୁଗୋଳ ଭିଜିଲାନ୍ସ ବିଭାଗ ପକ୍ଷରୁ ଥାନା ଛକସ୍ଥିତ ଆର୍‌ଡବ୍ଲ୍ୟୁଏସ୍‌ଏସ କାର୍ଯ୍ୟାଳୟ, ମାଛ ମାର୍କେଟ ନିକଟରେ ଥିବା ରୋହିତାଶ୍ୱଙ୍କ ସରକାରୀ ବାସଭବନ, ଆଠମଲ୍ଲିକ ବ୍ଲକ ବରଗାଁସ୍ଥିତ ପୈତୃକ ଘର, ପ୍ରଥମ ସ୍ତ୍ରୀଙ୍କ ଭଡ଼ାଘର, ଦ୍ୱିତୀୟ ସ୍ତ୍ରୀଙ୍କ ବୌଦ୍ଧସ୍ଥିତ ଘର, ଟାଙ୍ଗିଆନିଶାରେ ସାନଭାଇ ସଞ୍ଜୀବ କୁମାର ବାଘ ନାମରେ ଥିବା କୁକୁଡ଼ା ଫାର୍ମ, ବୌଦ୍ଧରେ ଶାଳକଙ୍କ ନାମରେ ଥିବା ପାଣି ଫ୍ୟାକ୍ଟ୍ରିରେ ଚଢ଼ାଉ କରାଯାଇଥିଲା। ଆଠମଲ୍ଲିକ ଘରର ମୂଲ୍ୟ ୫୬ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ସେହିପରି ଭୁବନେଶ୍ୱରରେ ୩୭ ଲକ୍ଷ ଟଙ୍କାର ଜମି, ଦେଢ଼ ଲକ୍ଷ ଟଙ୍କାର ବ୍ୟାଙ୍କ ବାଲାନ୍ସ, ୩ ଲକ୍ଷ ଟଙ୍କାର ଘରକରଣା ସାମଗ୍ରୀ, ଆଠମଲ୍ଲିକ ଷ୍ଟେଟ ବ୍ୟାଙ୍କ ଲକରରୁ ୬୬ ଗ୍ରାମର ସୁନା, ବୌଦ୍ଧରେ ଶାଳକ ନାମରେ ଦେଢ଼ ଲକ୍ଷ ଟଙ୍କାର ପାଣିଫ୍ୟାକ୍ଟ୍ରିଘର, ୩ଲକ୍ଷ ଟଙ୍କାର ସାମଗ୍ରୀ, ସାନଭାଇଙ୍କ ନାମରେ ୫ ଲକ୍ଷ ଟଙ୍କାର କୁକୁଡ଼ା ଫାର୍ମ ଏବଂ ଦୁଇ ସ୍ତ୍ରୀ ନାମରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଚଢ଼ାଉ ସମୟରେ ଭିଜିଲାନ୍ସ ହାତରେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଲାଗିଛି। କେନ୍ଦ୍ରାପଡ଼ା ୟୁନିଟ୍‌ର ଭିଜିଲାନ୍ସ ଡିଏସ୍‌ପି ସୁରେନ୍ଦ୍ର ରାୟଗୁରୁ, ଅନୁଗୋଳର ଇନ୍ସପେକ୍ଟର ପ୍ରଦୀପ ସାମଲ, ସବ୍‌ଇନ୍ସପେକ୍ଟର ସିଦ୍ଧାର୍ଥ ରାଉତ, ଯାଜପୁରର ଇନ୍ସପେକ୍ଟର ଅନସୂୟା ସେନାପତି, ଇନ୍ସପେକ୍ଟର ଜ୍ୟୋତିଶଙ୍କର ସାହୁ, ସୁରେଶ କହଁର, ବିଜୟ ସେଠୀ, ବିଜୟ ଓରାମଙ୍କ ୪୦ ଜଣିଆ ଟିମ୍ ଚଢ଼ାଉରେ ସାମିଲ ହୋଇଥିଲେ।

**NOTICE INVITING TENDER**
**OFFICE OF THE NOTIFIED AREA COUNCIL, ODAGAON**
**NAYAGARH(ODISHA), PIN-752081**
**e-Mail : nacoadagaon@gmail.com**
**Tender Call Notice No. 1806 dt. 29.12.2020 E- Procurement Notice**
**No.NAC-ODG-2/2020-21**
**Tender ID- 2020_ORULB_65023 (1-55)**

1. Name of the Work : Individual Civil Construction and other Works as per DTCN. 2. No. of works : 55 Nos.. 3. Value of Work : Rs.178572/- to Rs.446428/-. 4. Class of Contractor : D&C. 5. Period of Completion : 60 Days. 6. Date of Publication : 30.12.2020. 7. Date and Time of availability of document in the portal : From Dt.30.12.2020 at 11 AM to Dt.08.01.2021 up to 5 PM. 8. Last Date/Time for receipt of bids in portal : Dt.08.01.2021 up to 5 PM. 9. Last date of Submission of original documents in this Office : Dt.11.01.2021 up to 1.00 PM. 10. Date and Time of opening of Bid : Dt.12.01.2021 at 11.00 AM. Name and address of the officer inviting bid: Executive Officer, NAC, Odagaon.
Further details can be seen from e-Procurement portal **https://tendersodisha.gov.in**

**Sd./- Executive Officer, NAC, Odagaon**

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

**EXPRESSION OF INTEREST**

No. HO/CIVIL/T&E/E-4522/01/2020/17498 Dt.23.12.2020

**No. CAD-989:-** Expression of Interest is invited from Architects for providing Consultancy Services for "**Construction of New International Hockey Stadium at Rourkela**". The detail EOI notice can be seen in our website **www.idco.in** (in tenders EOI/REP/Others). The bid document can be downloaded from 5.00 P.M. 02.01.2021. The last date of submission of the EOI is 18.01.2021 by 5.00 P.M. The technical bid will be opened on 19.01.2021.
For Corrigendum Notice (if any), please visit the above website.

**Sd./- Chief General Manager (Civil)**
OIPR-14003/11/0089/2021 **IDCO, Bhubaneswar**

**ODISHA LIFT IRRIGATION CORPORATION LIMITED**
(A GOVERNMENT OF ODISHA UNDERTAKING)
**OFFICE OF THE EXECUTIVE ENGINEER**
**LIFT IRRIGATION DIVISION, KARANJIA, MAYURBHANJ**
E-mail- olickja@yahoo.com, Telephone No: 06796 220202
**e - Procurement Notice**
**BID ID NO.12 EELID (KJA/2020-21) DATE. 28.12.2020**

No. CAD-992: The Executive Engineer, Lift Irrigation Division, Karanjia, invites tender on behalf of M.D. OLIC LTD., BBSR through e-procurement in the shape of percentage rate bids in online mode for the works: Installation & Energisation including power supply work of 38 Nos. New L.I. Projects from Tiring, Kusumi, Rairangpur & Bijatala block under BKVY-RIDF 2020-21 and Revival of 4 Nos. L.I. Projects from Sukruli & Kusumi Block under State Plan 2020-21 and 1 No. RIDF-XXII on Turnkey basis in Mayurbhanj District. The work is to be completed within 90 days as described in the DTCN, from the "D & C" and "C & B" class license holding Contractors as specified in NIT document, having valid H.T. Electrical License issued by E.L.B.O. & Valid Civil License with similar experience of OLIC works, registered within the State issued by PWD / PHED / RWSS / Irrigation / M.I. Deptt. / Rural works. In case the Contractor has either only HT License or Civil License then he may go for a joint venture with the other one. In the event of joint venture SC/ST bidders should belong to both (Civil & HT) SC/ST category only. (As per instructions of Dept. Authorities) The scanned copy of the joint venture agreement and both license holders experience certificate should be uploaded along with the bid, any deviations found will be summarily rejected. The bids should be submitted online on the website: **www.tendersodisha.gov.in**.

| Procurement Officer | Bid Identification No./ Date | Availability of Tender on Online for Bidding | | Date & Time of Opening of Tender |
|---|---|---|---|---|
| | | Date & time of Publishing | Date & time of Closing | |
| Executive Engineer, L.I. Division, Karanjia | 12 / 28.12.2020 | 06.01.2021 10.00 A.M. | 22.01.2021 5.00 P.M. | 25.01.2021 At 11.00 A.M. |

The details are available in the Government Tender Website i.e. **www.tendersodisha.gov.in**, any other related documents are available in the DTCN for bidding.

**Sd./- Executive Engineer, L. I. Division, Karanjia**
**OIPR-32293/11/0004/2021**

**BHUBANESWAR MUNICIPAL CORPORATION**
**e-Procurement Notice**
**No. C-267** **e-Mail: ee1@bmc.gov.in**

1. Bid Reference No. : BMC-DIV-1-06/2020-21 Dt.24.12.2020
2. Tender Call Notice No. : 92480 Dtd.24.12.2020
3. No. of Works : 12 (Twelve)
4. Bid Value : Rs.4,46,413/- to Rs.94,49,272/-
5. Period of Completion : 30 days to 90 days
Date and time Schedule

| Start | End | Opening |
|---|---|---|
| 11.00 A.M. of 30.12.2020 | 5.00 P.M. of 08.01.2021 | 4.30 P.M. of 09.01.2021 |

6. Tender details can be seen for the e-Procurement portal **https://www.tendersodisha.gov.in** & BMC Website **https://www.bmc.gov.in**.

**Sd./- Executive Engineer,**
**BMC Division - 1**
**OIPR-13002/11/0063/2021**

**GOVERNMENT OF ODISHA** **No. A-412**
**OFFICE OF THE EXECUTIVE ENGINEER**
**KANUPUR REHABILITATION CAMPS & BUILDING DIVISION**
**At/P.O.: Basudevpur, Dist.- Keonjhar, PIN - 758047**
**e-PROCUREMENT NOTICE**
**Bid Identification No. EE, KRC & BD-07/2020-21**
**E-mail: eekrcbdbasudevpur@gmail.com**

| Sl. No. | Name of Work | Approx. value of work (Rs. in lakh) | E.M.D./Bid Security in Rs. (To be remitted Online) | Cost of Bid document in Rs. (To be remitted Online) | Period of Completion | Class of Contractor | Name & address of the Division under which the work will be executed |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 01 | "Construction of internal colony earthen road with drain in R & R Colony at Dhoblabed (Daduan) for DPs of village Daduan of KIP". | 17.65 | 17,700.00 | 6,000.00 | 6 (Six) Calendar Months | D & C | Kanupur Reh. Camps & Building Division, At/P.O.- Basudevpur, Dist.- Keonjhar |
| 02 | "Construction of colony road with drain at Kumulanali (Dhobakuchuda) for the DPs of village Dhobakuchuda of KIP". | 16.60 | 16,600.00 | 6,000.00 | 6 (Six) Calendar Months | D & C | - do - |
| 03 | "Construction of village tank (Pond) with bathing ghat at Dhoblabed (Daduan) for DPs of village Daduan of KIP". | 14.18 | 14,200.00 | 6,000.00 | 4 (Four) Calendar Months | D & C | - do - |
| 04 | "Construction of village tank (Pond) with bathing ghat at Kumulanali (Dhobakuchuda) for DPs of village Dhobakuchuda ". | 13.92 | 14,000.00 | 6,000.00 | 4 (Four) Calendar Months | D & C | - do - |

| Procurement Officer | Bid Identification No. | Availability of Tender Online for Bidding | | Date & time of Opening of Tender | | Place of Opening |
|---|---|---|---|---|---|---|
| | | From | To | Date | Time | |
| 1 | 2 | 3 | 4 | 5 | 6 | 7 |
| Executive Engineer, Kanupur Reh., C. & B. Division, Basudevpur, Dist.- Keonjhar. | EE, KRC & BD-07/ 2020-21 | 05.01.21 from 10.00 hours | 20.01.21 upto 17.00 hours | 21.01.21 | 11.00 hours | Office of the Executive Engineer, Kanupur Reh., Camps & Building Division, Basudevpur, Keonjhar |

**Sd./- Executive Engineer, Kanupur Reh., C & B Division, Basudevpur**
**OIPR-32053/11/0004/2021**

**OFFICE OF THE EXECUTIVE ENGINEER, R.W.S. & S. DIVISION, NUAPADA**
E-mail:eerwssnpd@rediffmail.com
**Govt. of Odisha "e" Procurement Notice**
**Bid Identification No.RWS&S_13/2020-21**

No.O-788:- The Executive Engineer, R.W.S.&S. Division, Nuapada on behalf of Governor of Odisha invites bids through e-procurement in double cover system in conformity with the terms & conditions of the Detailed Tender Call Notice (DTCN) from the Contractor registered with the Odisha State Govt. & Contractors of equivalent grade/class registered with Central Govt./any other State Govt. / MES/Railway & Reputed Engineering firms having valid & upto date Contractors Registration Certificate, GST Clearance Certificate & PAN Card and possessing compatible Digital Signature Certificate as given in the DTCN to be eventually drawn up in the Standard Lump sum (G2) contract form.

Nature of work : Retrofitting to Rural Piped Water Supply in different villages under Nuapada District.
No. of tender : 12 (Twelve) Nos.
Approx. estimated cost : Rs.125.30 lakhs to Rs.271.22 lakhs
Period of completion : 06 (Six) months
Tender cost : Rs.10000/-
Class of contractor : Class B & A
Date and time of availability of bid document in the portal : 31.12.2020 at 10.00 A.M.
Last date/ time for receipt of bids in the portal : 15.01.2021 upto 5.00 P.M.
Date of opening of bid : 18.01.2021 at 11.00 A.M.
The bidders have to participate in online bidding only. Further details can be seen from the website http://tendersorissa.gov.in

**Sd./- (Er. G.C. Nayak), Executive Engineer, RWSS Division, Nuapada**
OIPR-25043/11/0007/2021

# ଲକ୍‌ଡାଉନ ଆମ୍ବ

**ଏ**ବର୍ଷ ଏକ ନୂଆ ଭେରାଇଟି ହାଇବ୍ରିଡ୍ ଆମ୍ବ ବିକଶିତ ହୋଇଥିଲା, ଯାହାର ନାଁ ଦିଆଯାଇଛି ଲକ୍‌ଡାଉନ୍ । ଏହି ଆମ୍ବକୁ ବିକଶିତ କରାଇଛନ୍ତି ବିହାରର 'ମ୍ୟାଙ୍ଗୋ ମ୍ୟାନ୍' ଭାବେ ପରିଚିତ ଅଶୋକ କୁମାର ଚୌଧୁରୀ। ପ୍ରଥମେ ଜର୍ଦ୍ଦାଲୁ ଆମ୍ବ ନାଁରେ ବିକଶିତ ହୋଇଥିବା ଆମ୍ବକୁ ପରେ ସେ ଲକ୍‌ଡାଉନ୍ ଆମ୍ବ ନାଁରେ ପରିଚିତ କରାଇଥିଲେ। ବିହାର ଭାଗଲପୁର ଜିଲାର ତିଲ୍‌କାପୁର ଗାଁର ଅଶୋକ କୁମାର ବିଭିନ୍ନ ଆମ୍ବ କିସମ ବିକଶିତ କରିଛନ୍ତି। ବିଶେଷକରି ସେ ଏକ ବିଶେଷ ପ୍ରକାରର ଜର୍ଦ୍ଦାଲୁ ଆମ୍ବ ବିକଶିତ କରାଇ ବେଶ ଚର୍ଚ୍ଚିତ ହୋଇଛନ୍ତି। ଏହି ପ୍ରକାରର ଆମ୍ବକୁ ସେ ରାଷ୍ଟ୍ରପତି, ଉପ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ପାଖକୁ ପଠାଇଥିଲେ। ସେ ମଧ୍ୟ ପିଏମ୍- ମୋଦି-୧ ଓ ମୋଦି-୨ ନାଁରେ ଦୁଇ ବିଶେଷ ପ୍ରକାରର ଆମ୍ବ ବିକଶିତ କରାଇଛନ୍ତି। ପ୍ରାୟ ୮୦ ପ୍ରକାରର ସ୍ୱତନ୍ତ୍ର ଧରଣର ଆମ୍ବ ବିକଶିତ କରାଇ ସେ ଅନେକ ସମ୍ମାନ ଓ ପୁରସ୍କାରର ଅଧିକାରୀ ବି ହୋଇଛନ୍ତି। ଆଇନ୍ ଶିକ୍ଷା ପରେ ଅଶୋକ କୃଷି କାମ ଆରମ୍ଭ କରିଥିଲେ। ୧୯୯୨ରୁ ସେ ଏକ ଫାର୍ମ ପ୍ରତିଷ୍ଠା କରି ସେଠାରେ ଆମ୍ବ ଉତ୍ପାଦନ ଆରମ୍ଭ କରିଥିଲେ। ଆମେରିକା, ଥାଇଲାଣ୍ଡ ଏବଂ ଫ୍ଲୋରିଡାରୁ ଆଣିଥିବା ବିଭିନ୍ନ ଭେରାଇଟି ଆମ୍ବ ମଧ୍ୟ ଏଠାରେ ସେ ଉତ୍ପାଦନ କରିପାରିଛନ୍ତି।

# ଓୟୁଏଟି କଳିଙ୍ଗା

**ଚ**ଳିତବର୍ଷ ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ଓୟୁଏଟି କଳିଙ୍ଗା' ନାମକ ବ୍ରାଣ୍ଡ ଆରମ୍ଭ ହୋଇଛି। ଏହାର ସହାୟତା ନେଇ ଚାଷୀମାନେ ଧାନ, ଗହମ, ଛତୁ ଆଦିର ଉନ୍ନତ କିସମର ବିହନ, ମାଛ ଯାଆଁଳ, ଉନ୍ନତ ଜ୍ଞାନକୌଶଳ ବିଶିଷ୍ଟ ଚାଷ ଉପକରଣଗୁଡ଼ିକୁ ସୁଲଭ ମୂଲ୍ୟରେ ପାଇପାରିବେ। କେବଳ ସେତିକି ନୁହେଁ, କୃଷି ବୈଜ୍ଞାନିକମାନଙ୍କୁ ଏଥିରୁ ଗବେଷଣା ପାଇଁ ଅନେକ ତଥ୍ୟ ମଧ୍ୟ ମିଳିପାରିବ ବୋଲି ଓୟୁଏଟି ପକ୍ଷରୁ ସୂଚନା ଦିଆଯାଇଛି।

# ନୂଆ ପ୍ରଜାତିର ମାଛ

**ମ**ହାରାଷ୍ଟ୍ର ଓ କେରଳର ବୈଜ୍ଞାନିକମାନେ ମିଳିତ ଅନୁସନ୍ଧାନ କରି ଏକ ନୂତନ ପ୍ରଜାତିର ମାଛ ସମ୍ପର୍କରେ ଜାଣିବାକୁ ସକ୍ଷମ ହୋଇଛନ୍ତି। ମଧୁର ଜଳରେ ଦେଖା ଦେଇଥିବା ଏହି ନୂତନ ପ୍ରଜାତିର ମାଛର ନାଁ ରହିଛି ୱାଇଖୋମିଆ ହିରା। ମଣିପୁର ବିଶ୍ୱ ବିଦ୍ୟାଳୟର ପ୍ରଫେସର ୱାଇଖୋମା ବିଶ୍ୱନାଥନ୍‌ଙ୍କ ନାମାନୁସାରେ ଏହି ମାଛର ନାମକରଣ କରାଯାଇଛି। ପ୍ରଫେସର ବିଶ୍ୱନାଥନ୍‌ଙ୍କର ମଧୁର ମାଛ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ନେଇ କରିଥିବାରୁ ଏଭଳି ନାମକରଣ କରାଯାଇଥିବା ନେଇ କହିଛନ୍ତି କେୟୁଏଫ୍‌ଓଏସ୍ (କେରଳ ୟୁନିଭର୍ସିଟି ଅଫ୍ ଫିସରିଜ୍ ଆଣ୍ଡ ଓସେନ୍ ଷ୍ଟଡିଜ୍)ର ପ୍ରଫେସର ରାଜୀବ ରାଘବନ୍।



# ଦୃଷ୍ଟାନ୍ତ

ଶେଷ ପାଦରେ ଉପନୀତ ୨୦୨୦। ଏବର୍ଷ କୃଷି, ମତ୍ସ୍ୟ ଓ ପ୍ରାଣୀପାଳନ କ୍ଷେତ୍ରରେ ସଂଘଟିତ ଘଟଣାବଳୀ ସମ୍ପର୍କରେ ଉପସ୍ଥାପନା..



# ନୂତନ ଧାନ କିସମ

**ଜ**ଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଜାତୀୟ ଧାନ ଗବେଷଣା ଅନୁଷ୍ଠାନ (ଏନଆରଆରଆଇ) ଦ୍ୱାରା ଚଳିତବର୍ଷ ଧାନର ତିନୋଟି ନୂଆ କିସମ-'ସନ୍ଥଭୀମ' (ସିଆଇ ଧାନ-୧୦୨), 'ସରୁମିନା' (ସିଆର ଧାନ-୨୧୦) ଏବଂ 'ମହାମଣି' (ସିଆର ଧାନ-୪୧୦) ଉଦ୍ଭାବିତ ହୋଇଛି ବୋଲି ଅନୁଷ୍ଠାନର ପ୍ରଧାନ ବୈଜ୍ଞାନିକ ଡ. ଶରତ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ସନ୍ଥକବି ଭୀମଭୋଇଙ୍କ ନାମରେ ନାମିତ 'ସନ୍ଥଭୀମ' (ସିଆଇ ଧାନ-୧୦୨) ଧାନ ଅଧିକ ଅମଳକ୍ଷମ ଏବଂ ଏହାର ମରୁଡିସହଣି କ୍ଷମତା ରହିଛି। ତା' ସହ ଏହା ଏକ ସଅଳ ଅମଳକ୍ଷମ (୧୧୦ ଦିନ) ଧାନ। 'ସରୁମିନା' (ସିଆର




ଧାନ-୨୧୦) ଧାନକୁ ଅଳ୍ପ ପାଣିରେ ଚାଷ କରିହେବ। ସରୁ ଏବଂ ଲମ୍ବା ଚାଉଳବିଶିଷ୍ଟ ଏହି ଧାନ ୧୧୫ଦିନରେ ଅମଳ ହୋଇପାରିବ। ଅନ୍ୟପକ୍ଷରେ 'ମହାମଣି' (ସିଆର ଧାନ-୪୧୦) ଧାନ ଉପକୂଳ ଜିଲାଗୁଡ଼ିକର ଖାଲୁଆ ଜମି ପାଇଁ ବିକଶିତ କରାଯାଇଛି। ୧୪୦ ସେମି ଉଚ୍ଚାଯୁକ୍ତ ଏହି ନୂତନ କିସମ ଧାନ ୧୬୦-୧୬୫ ଦିନ ମଧ୍ୟରେ ଅମଳ ହୋଇପାରିବ। ଏହି ଉପଲବ୍ଧି ଅନୁଷ୍ଠାନର ନିର୍ଦ୍ଦେଶକ ଡ. ହିମାଂଶୁ ପାଠକଙ୍କ ପ୍ରୋତ୍ସାହନ ଦ୍ୱାରା ସମ୍ଭବ ହୋଇପାରିଛି ବୋଲି କହନ୍ତି ଡ. ପ୍ରଧାନ।

## ଏଗ୍ରିୟୁନିଫେଷ୍ଟ: ଓୟୁଏଟି ଚାମ୍ପିୟନ

**ଚ**ଳିତବର୍ଷ ଛତିଶଗଡର ରାୟପୁରସ୍ଥିତ ଇନ୍ଦିରା ଗାନ୍ଧୀ କୃଷି ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ହୋଇଥିଲା ୨୦ତମ ଅଖିଳ ଭାରତ ଆନ୍ତଃବିଶ୍ୱବିଦ୍ୟାଳୟ ଯୁବ ଫେଷ୍ଟିଭାଲ (ଏଗ୍ରିୟୁନିଫେଷ୍ଟ)। ଏଥିରେ ଓୟୁଏଟି ଟିମ୍ ଅଂଶଗ୍ରହଣ କରିଥିଲା। ଓୟୁଏଟି ଛାତ୍ରୀଛାତ୍ରମାନେ ଉନ୍ନତ ପ୍ରଦର୍ଶନ ସହ ସାମଗ୍ରିକ ଭାବେ ଚାମ୍ପିୟନ ହୋଇଥିଲେ।

## ନୂତନ କୃଷି ଉପକରଣ

**ଏ**ବର୍ଷ ଓୟୁଏଟି ପକ୍ଷରୁ କେତୋଟି ନୂତନ କୃଷି ଉପକରଣ ପ୍ରସ୍ତୁତ କରାଯାଇଛି। ସେଗୁଡିକ ହେଲା-'ଓୟୁଏଟି ବ୍ଲାକ୍ ପିପର ଥ୍ରୀସର-କମ୍-ଗ୍ରାଡେର୍', 'ଓୟୁଏଟି ଲିଟିଲ ମିଲେଟ୍ ଥ୍ରୀସର-କମ୍-କ୍ଲିନର', 'ପାୱାର ଟିଲର ଅପରେଟେଡ୍ ପ୍ଲାଷ୍ଟିକ ମ୍ଲଚ୍ ଲେଇଙ୍ଗ ମେଶିନ୍' ଏବଂ 'ଓୟୁଏଟି ସୋଲାର-ପାୱାର୍ଡ ମୋବାଇଲ ଭ୍ୟାନ୍' (ଓଏସପିଏମ)।

# ଶସ୍ୟଜାତୀୟ ନୂଆ କିସମ

**ଚଳିତ ବର୍ଷ ଓୟୁଏଟିରେ ଉଦ୍ଭାବିତ ଶସ୍ୟଜାତୀୟ କିସମ ସମ୍ପର୍କରେ ..**

**କାଳୁଆ (ଓଇବି୫୩୨)**–ମଧ୍ୟମ ଧରଣର ଅମଳକ୍ଷମ ଏହି ମାଣ୍ଡିଆ କିସମର ବିଶେଷ ଗୁଣ ରହିଛି। ଖରିଫ ଋତୁରେ ତଥା ୧୧୦ଦିନର ଅମଳ ଅବଧି ଥିବା ଏହି କିସମର ବିଭିନ୍ନ ରୋଗପୋକ ସହଣୀ ଶକ୍ତି ରହିଛି।

**ଶଶୀ (ଓବିଜି ୩୩)** – ଖରିଫ ଏବଂ ରବି ଋତୁରେ ଚାଷ ହୋଇପାରୁଥିବା ଏହି ବିରି କିସମର ଅମଳ ଅବଧି ରହିଛି ୬୧-୯୦ଦିନ।

**କଳିଙ୍ଗରାଜ (ଓଏମଏଚ୧୪୨୭)** – ମରୁଡି ସହଣୀ ଶକ୍ତି ଥିବା ଏହି ସଙ୍କର ମକା କିସମର ବିଶେଷ ଗୁଣ ରହିଛି। ପରିବେଶ ଉପଯୋଗୀ ଏହି କିସମର ଅମଳ ଅବଧି ୮୨ଦିନ।

ସୁଭଦ୍ରା (ବିଜିଏ ୪-୯) – ଅନୁଗୋଳ ଜିଲାରେ ଚୟନ କରାଯାଇଥିବା ଏହି ଖଡାଜାତୀୟ ଶସ୍ୟ ରବି ଋତୁରେ ଅମଳ ହୋଇଥାଏ। ଆମ ରାଜ୍ୟ ବ୍ୟତୀତ ଛତିଶଗଡ, ଝାଡଖଣ୍ଡ, ମହାରାଷ୍ଟ୍ରରେ ମଧ୍ୟ ଚାଷ ହୋଇଥାଏ। ବିଶେଷ ଗୁଣ ଥିବା ଏହି କିସମର ଅମଳ ଅବଧି ୧୦୦ ଦିନ।

## ଗ୍ରାମୀଣ କୃଷିଭିତ୍ତିକ କାର୍ଯ୍ୟ ଅଭିଜ୍ଞତା

**ଓ**ୟୁଏଟି ପକ୍ଷରୁ ଚଳିତବର୍ଷ 'ଗ୍ରାମୀଣ କୃଷିଭିତ୍ତିକ କାର୍ଯ୍ୟ ଅଭିଜ୍ଞତା' ଶୀର୍ଷକ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ କଲେଜ ଅଫ ଏଗ୍ରିକଲଚର, ଭୁବନେଶ୍ୱର, ଚିପିଲିମା ଏବଂ ଭବାନିପାଟଣାରେ ଅଧ୍ୟୟନରତ ୨୩୭ ଜଣ ଶେଷ ବର୍ଷ ଛାତ୍ର ରାଜ୍ୟର ୧୦୩ଟି ବ୍ଲକକୁ ଯାଇ ସେଠାରେ ଚାଷୀମାନଙ୍କର ସମସ୍ୟାକୁ ଅନୁଧ୍ୟାନ କରି ତାହାର ସମାଧାନ ପାଇଁ ପରାମର୍ଶ ଦେଇଥିଲେ। ଏହି ସମୟରେ ବିହନର ଯତ୍ନ, କୀଟନାଶକର ନିରାପଦ ବ୍ୟବହାର, ସାର ସମ୍ପର୍କିତ ସମସ୍ୟା, ସଏଲ ହେଲଥ କାର୍ଡ ସ୍କିମ୍, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ସୌର ଜଳନିଧି ସ୍କିମ୍ ଆଦି ସମ୍ପର୍କରେ ଚାଷୀମାନଙ୍କ ସହ ଅଂଶଗ୍ରହଣକାରୀ ଛାତ୍ରମାନେ ବିଶଦ୍ ଭାବରେ ଆଲୋଚନା କରିଥିଲେ।

# ୩୧୪ବ୍ଲକରେ ଭ୍ରାମ୍ୟମାଣ ପ୍ରାଣୀଚିକିତ୍ସା

**ଦୁ**ର୍ଗମ ତଥା ଅଭେଦ୍ୟ ବା ଅପହଞ୍ଚ ଅଞ୍ଚଳରେ ପ୍ରାଣୀ ସ୍ୱାସ୍ଥ୍ୟ ସେବା ଯଥା- ପ୍ରାଣୀ ଚିକିତ୍ସା, ଟିକାକରଣ, କୃତ୍ରିମ ପ୍ରଜନନ, ଅସ୍ତ୍ରୋପଚାର, ମଳପରୀକ୍ଷା ଆଦି ସେବା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସ୍ୱରୂପ ଆମ ରାଜ୍ୟର ୩୧୪ଟି ବ୍ଲକରେ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା ପ୍ରଚଳନ ବା ପ୍ରବର୍ତ୍ତନ; ଯାହା ଫଳରେ ପ୍ରାଣୀ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ୨୫ପ୍ରତିଶତ ଅଭିବୃଦ୍ଧି ଘଟିଛି ।

# କୁକୁଡ଼ା ପାଳନ ପାଇଁ କୋଭିଡ୍ ପ୍ୟାକେଜ

**କୋ**ଭିଡ୍-୧୯ ଭୂତାଣୁ ସଂକ୍ରମଣରୁ ଆମ ଶରୀରକୁ ସୁରକ୍ଷା ପ୍ରଦାନ ପାଇଁ ରୋଗ ପ୍ରତିରୋଧକ ଶକ୍ତି ବା ପ୍ରତିପିଣ୍ଡ ବୃଦ୍ଧିରେ ସହାୟକ ହେବା ନିମନ୍ତେ ମାଂସ ଓ ଅଣ୍ଡାର ଆବଶ୍ୟକତାକୁ ଚାହିଁ ରାଜ୍ୟରେ ଅଣ୍ଡାଦିଆ ଓ ବ୍ରଏଲର କୁକୁଡା ପାଳନ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ପେଶାଲ କୋଭିଡ୍ ପ୍ୟାକେଜ ଘୋଷଣା କରିଛନ୍ତି । ଏଥିରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସାମିଲ କରାଯାଇ ପିଞ୍ଜରା ପ୍ରଣାଳୀରେ ୧ହଜାର ଅଣ୍ଡାଦିଆ କୁକୁଡା ପାଳନ ନିମନ୍ତେ ୧ଲକ୍ଷ ୫୦ହଜାର, ୨୦୦ଟି ଅଣ୍ଡାଦିଆ ସେମିଲେୟର କମର୍ସିଆଲ ମିନିଲେୟାର ପାଇଁ ୨ଲକ୍ଷ ଟଙ୍କା, ୫୦୦ଟି ମାଂସାଳ କୁକୁଡା ପାଇଁ ୧ଲକ୍ଷ ୭୭ହଜାର ୫ଶହ ଟଙ୍କା, ଘର ଅଗଣାରେ କୁକୁଡା ଚାଷ ପାଇଁ ୩, ୭୫୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବ ।

## ମଧୁର ମାଛ ଚାଷ : କଳାହାଣ୍ଡି ଜିଲା ପ୍ରଥମ

**ମ**ଧୁର ମାଛ ଉତ୍ପାଦନ କ୍ଷେତ୍ରରେ ରାଜ୍ୟରେ କଳାହାଣ୍ଡି ଜିଲା ପ୍ରଥମ ସ୍ଥାନ ଅଧିକାର କରିଛି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର କମିଶନର, ମତ୍ସ୍ୟ ବିଭାଗ ନିର୍ଦ୍ଦେଶକ, କଳାହାଣ୍ଡି ଜିଲାପାଳ ଏବଂ ଜିଲା ମତ୍ସ୍ୟ ଅଧିକାରୀଙ୍କ ମିଳିତ ଉଦ୍ୟମରେ ଜିଲାର ମତ୍ସ୍ୟଚାଷୀ ଓ ମତ୍ସ୍ୟ କର୍ମଚାରୀଙ୍କ ନିଷ୍ଠାପର ଉଦ୍ୟମ ଯୋଗୁ ଏମାନଙ୍କୁ ଏହି ସଫଳତା ମିଳିଥିବା କୁହାଯାଇଛି।

**ସାମୁଦ୍ରିକ ମାଛ**

## ଉତ୍ପାଦନ-ରପ୍ତାନି : ଓଡ଼ିଶା ପ୍ରଥମ

**ସା**ମୁଦ୍ରିକ ମାଛ ଉତ୍ପାଦନ ଓ ରପ୍ତାନି କ୍ଷେତ୍ରରେ ଓଡ଼ିଶା ସାରା ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି।ଏଥିଲାଗି ବିଶ୍ୱ ମତ୍ସ୍ୟଦିବସ ଅବସରରେ କେନ୍ଦ୍ରମନ୍ତ୍ରୀଙ୍କଠାରୁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର କମିଶନର ଆର. ରଘୁପ୍ରସାଦ ଏହି ପୁରସ୍କାର ଗ୍ରହଣ କରିଥିଲେ।

# ଜାତୀୟ ରୋଗ ନିୟନ୍ତ୍ରଣରେ ଓଡ଼ିଶା ଦ୍ୱିତୀୟ

**ଆ**ମ ରାଜ୍ୟରେ ଚଳିତବର୍ଷ ଜାନୁୟାରୀ ୧୫ରୁ ଜାତୀୟ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ମାଧ୍ୟମରେ ଫାଟୁଆ ଟିକାକରଣବାହିତ ଗୋମହିଷାଦିଙ୍କୁ କାନରେ ନୋଳିପିନ୍ଧା ବା ଟ୍ୟାଗିଂ ଓ ଇନାଫରେ ଅପଲୋଡିଙ୍ଗ ଆରମ୍ଭ ହୋଇ ଡିସେମ୍ବର ୩୧ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଉଅଛି। ୨୦୨୧ ଜାନୁୟାରୀ ମାସଠାରୁ ଏହାର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ଆରମ୍ଭ ହେବ । ଏହି କାର୍ଯ୍ୟକ୍ରମରେ ଗୋମହିଷାଦିଙ୍କୁ ମାଗଣାରେ ଶତ ପ୍ରତିଶତ ଫାଟୁଆ ଟିକା ପ୍ରଦାନ କରାଯାଉଛି । ଆମ ଦେଶରେ ଓଡ଼ିଶା ଏ ଦିଗରେ ବର୍ତ୍ତମାନ ସୁଦ୍ଧା ଦ୍ୱିତୀୟ ସ୍ଥାନ ବଜାୟ ରଖିଛି । ଚଳିତବର୍ଷ ଡିସେମ୍ବର ୨୨ ତାରିଖ ସୁଦ୍ଧା ୯୦ଲକ୍ଷ ୬୩ହଜାର ୩୩୯ ଗୋମହିଷାଦିଙ୍କୁ ଫାଟୁଆ ଟିକା ପ୍ରଦାନ କରାଯାଇପାରିଛି ।



# ଆଇସିଏଆର୍‌କୁ ଅନ୍ତର୍ଜାତୀୟ ପୁରସ୍କାର

**ଭା**ରତୀୟ କୃଷି ଅନୁସନ୍ଧାନ ପରିଷଦ (ଆଇସିଏଆର)କୁ ଏଥର ମିଳିଛି ଅନ୍ତର୍ଜାତୀୟ ପୁରସ୍କାର। ଜାତିସଂଘର ଫୁଡ୍ ଆଣ୍ଡ ଏଗ୍ରିକଲଚର ଅର୍ଗାନାଇଜେସନ୍ (ଫାଓ) ପକ୍ଷରୁ ଆଇସିଏଆର୍‌କୁ ମିଳିଛି 'ଇଣ୍ଟର ନ୍ୟାଶନାଲ୍ କିଙ୍ଗ୍ ଭୂମିବୋଲ ୱାର୍ଲଡ ସଏଲ ଡେ ଆୱାର୍ଡ'। ମୃତ୍ତିକା ଉର୍ବରତାର ଗୁରୁତ୍ୱ ନେଇ ସଚେତନତା ସୃଷ୍ଟି କରିବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ଆଇସିଏଆରକୁ ଏଭଳି ପୁରସ୍କାର ମିଳିଛି ବୋଲି ଫାଓ ପକ୍ଷରୁ କୁହାଯାଇଛି। ବିଶ୍ୱ ମୃତ୍ତିକା ଦିବସ ଅବସରରେ ଏହି ପୁରସ୍କାର ନେଇ ଘୋଷଣା କରାଯାଇଛି।

# କୃତ୍ରିମ ପ୍ରଜନନ

**ଆ**ମ ରାଜ୍ୟରେ ଜାତୀୟ କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ଚଳିତବର୍ଷ ସେପ୍ଟେମ୍ବର ୧ରୁ ଆରମ୍ଭ ହୋଇଛି ଏବଂ ଏହା ୨୦୨୧ ଅଗଷ୍ଟ ୧ରେ ସରିବ। ପ୍ରତ୍ୟେକ ଜିଲାର ପ୍ରତି ବ୍ଲକରେ ୧୦୦ଗୋଟି ଗ୍ରାମକୁ ନେଇ କ୍ଲଷ୍ଟର ଗଠନ କରାଯାଇ ଗୋପାଳକଙ୍କ ଗାଈ ବା ଛଡ଼ାକୁ ମାଗଣାରେ ଘର ପାଖରେ କୃତ୍ରିମ ପ୍ରଜନନ ସେବା ପହଞ୍ଚାଇ ଦିଆଯାଉଛି । ଚଳିତ ବର୍ଷ ଡିସେମ୍ବର ତୃତୀୟ ସପ୍ତାହ ସୁଦ୍ଧା ୪ଲକ୍ଷ ୪୩ହଜାର ୮୦୮ଗାଈକୁ କୃତ୍ରିମ ପ୍ରଜନନ କରାଯାଇଥିବା ସୂଚିତ କରାଯାଇଛି ।



# ୨୪ଘଣ୍ଟିଆ ଆନିମଲ ହେଲ୍‌ପଲାଇନ୍

**ଭୁ**ବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଦୁର୍ଘଟଣାଜନିତ ପ୍ରାଣୀଙ୍କ ଚିକିତ୍ସା ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଭୁବନେଶ୍ୱର ଶହୀଦନଗରରେ ଆରମ୍ଭ ହୋଇଛି ୨୪ଘଣ୍ଟିଆ ଆନିମଲ ହେଲପ ଲାଇନ ସେବା । ସେଥିପାଇଁ ଟୋଲ ଫ୍ରି ନମ୍ବର ୧୮୦୦୩୪୫୭୪୫୧, ଲ୍ୟାଣ୍ଡ ଲାଇନ ୦୬୭୪-୨୫୪୦୯୨୪, ମୋବାଇଲ-୭୯୭୮୯୭୩୧୪୭ ସହିତ ଯୋଗାଯୋଗ କରିବାକୁ ପଡିବ । ଏହାର ଦାୟିତ୍ୱ ବହନ କରିଛନ୍ତି ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ବୀରକିଶୋର ପରିଡା।





**ବିଡିସିସି ଆକାଉଣ୍ଟ ମ୍ୟାନେଜରଙ୍କ ଘରେ ଭିଜିଲାନ୍ସ ଚଢ଼ାଉ**

ବଲାଙ୍ଗୀର ଅଫିସ: ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ (ବିଡିସିସି) ବ୍ୟାଙ୍କର ଆକାଉଣ୍ଟ ମ୍ୟାନେଜର ସୁଧୀର କୁମାର ନନ୍ଦଙ୍କ ଘରେ ମଙ୍ଗଳବାର ଭିଜିଲାନ୍ସ ଟିମ୍ ଚଢ଼ାଉ କରିଥିଲା । ସମ୍ବଲପୁର ଭିଜିଲାନ୍ସ ଡିଏସ୍‌ପି ଦାଶରଥି ସେଠୀଙ୍କ ନେତୃତ୍ୱରେ ଭିଜିଲାନ୍ସ ଟିମ୍ ନନ୍ଦଙ୍କ ବଲାଙ୍ଗୀର ପ୍ୟାଲେସ ଲାଇନ୍ ଓ ରୁଗୁଡିପଡା ଘର ତଥା ତାଙ୍କ ବିଡିସିସି ବ୍ୟାଙ୍କ ଅଫିସରେ ଏକକାଳୀନ ଚଢ଼ାଉ କରିଥିଲେ । ତାଙ୍କ ସମୁଦାୟ ସମ୍ପତ୍ତିର ମୂଲ୍ୟ ୧ କୋଟି ୯ ଲକ୍ଷ ଟଙ୍କା ଆକଳନ କରାଯାଇଛି ।

## ସଂକ୍ଷେପରେ

### ଦନ୍ତା ଆକ୍ରମଣରେ ଯୁବକ ମୃତ

ବାରିପଦା ଅଫିସ,୨୯।୧୨: ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଧୀନ କମାରଡ଼ିହା ପଞ୍ଚାୟତ ବେତନାସିଆ ଗ୍ରାମର ଜଣେ ଯୁବକଙ୍କ ଦନ୍ତା ଆକ୍ରମଣରେ ମୃତ୍ୟୁ ଘଟିଛି। ମୃତକ ହେଲେ ଭାନୁ ଦେହୁରୀ। ସୋମବାର ରାତି ୮ଟା ସମୟରେ ଘର ବାରଣ୍ଡାରେ ବସିଥିବା ବେଳେ ଏକ ଦନ୍ତା ତାଙ୍କୁ ଆକ୍ରମଣ କରିଥିଲା। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ରାସଗୋବିନ୍ଦପୁର ଡାକ୍ତରଖାନା ଓ ପରେ ବାରିପଦା ସ୍ଥିତ ପିଆର୍‌ଏମ୍ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଥିଲା।

### ତାରିଣୀ ମନ୍ଦିର ଖୋଲିବାକୁ ମୁଖ୍ୟମନ୍ତ୍ରୀଙ୍କୁ ନିରଞ୍ଜନଙ୍କ ଚିଠି

ଭୁବନେଶ୍ୱର,୨୯।୧୨(ବ୍ୟୁରୋ): କରୋନା ମହାମାରୀ ଯୋଗୁ ଜନସାଧାରଣଙ୍କ ଜୀବନ ପ୍ରତି ଗୁରୁତ୍ୱ ଦେଇ ଦୀର୍ଘ ୯ ମାସ ହେଲା ବିଭିନ୍ନ ମନ୍ଦିର ଓ ଧାର୍ମିକ ପୀଠ ବନ୍ଦ ରହିଛି। ବର୍ତ୍ତମାନ କରୋନା ପରିସ୍ଥିତିରେ ସୁଧାର ଆସିବା ପରେ ରାଜ୍ୟ ସରକାର ଶ୍ରୀମନ୍ଦିର ଓ ଲିଙ୍ଗରାଜ ମନ୍ଦିର ଖୋଲିଛନ୍ତି। ଏହି ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଦେଇଛନ୍ତି। ଏହାସହ ଯଥାଶୀଘ୍ର ଘଟଗାଁ ତାରିଣୀଙ୍କ ମନ୍ଦିର ଖୋଲିବା ଲାଗି ମଧ ସେ ଅନୁରୋଧ କରିଛନ୍ତି। ମନ୍ଦିରକୁ ବନ୍ଦ ରଖାଯାଇଥିବାରୁ ଶ୍ରଦ୍ଧାଳୁ ନଡ଼ିଆ ପଠାଇ ପାରୁନାହାନ୍ତି ଏବଂ ଦର୍ଶନ ମଧ କରିପାରୁନାହାନ୍ତି। ଫଳରେ ମନ୍ଦିରର ଦୈନନ୍ଦିନ ନୀତିକାନ୍ତି ପ୍ରଭାବିତ ହେବାସହ ସେବାୟତ ଓ ବ୍ୟବସାୟୀମାନେ ଆର୍ଥିକ କ୍ଷତି ସହୁଥିବା ନିରଞ୍ଜନ ଚିଠିରେ ଲେଖିଛନ୍ତି।

### ଖୋଲିଲା ବିରଜା ମନ୍ଦିର

ଯାଜପୁର ଟାଉନ,୨୯।୧୨(ଡି.ଏନ୍.ଏ.): ଦୀର୍ଘ ୯ମାସ ପରେ ମଙ୍ଗଳବାର ଯାଜପୁରର ଅଧିଷ୍ଠାତ୍ରୀ ଦେବୀ' ମା' ବିରଜାଙ୍କ ମନ୍ଦିର ସର୍ବ ସାଧାରଣଙ୍କ ଦର୍ଶନ ପାଇଁ ଖୋଲିଛି। କୋଭିଡ୍ କଟକଣା ଅନୁଯାୟୀ ସକାଳ ୬ଟାରୁ ପୋଲିସ ଉପସ୍ଥିତିରେ ଶ୍ରଦ୍ଧାଳୁ ଚଣ୍ଡି ମଣ୍ଡପ ନିକଟରୁ ମା'ଙ୍କୁ ଦର୍ଶନ କରିଛନ୍ତି। ଦିନ ୧ଟାରୁ ୩ଟା ପର୍ଯ୍ୟନ୍ତ ମନ୍ଦିର ପହଡ଼ ଥିବାରୁ ଭକ୍ତଙ୍କୁ ମନ୍ଦିରକୁ ପ୍ରବେଶ କରାଯାଇ ନ ଥିଲା। ପୁନଶ୍ଚ ୩ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଭକ୍ତମାନେ ମା'ଙ୍କୁ ଦର୍ଶନ କରିଥିଲେ। ଅପରାହ୍ନ ୫ଟାରେ ଭକ୍ତଙ୍କ ପ୍ରବେଶକୁ ରୋକାଯାଇଥିଲା। ପ୍ରଥମ ଦିନରେ ସ୍ଥାନୀୟ ଭକ୍ତ ମା'ଙ୍କୁ ଦର୍ଶନ କରିଥିଲେ।

### ବିଲ ମଝିରୁ ମହିଳାଙ୍କ ମୃତଦେହ ଜବତ
#### ବନ୍ଧା ହୋଇଛି ଗୋଡ଼

ସୋର, ୨୯।୧୨(ଡି.ଏନ୍.ଏ.): ବାଲେଶ୍ୱର ଜିଲା ସୋର ଥାନା ମାଣତ୍ରୀ ପଞ୍ଚାୟତ ଦହିପୁର ମୌଜା ନିକଟ ଏକ ବିଲ ମଝିରେ କୁଟାଗଦା ତଳେ ଗୋଡ଼ବନ୍ଧା ଅବସ୍ଥାରେ ମହିଳାଙ୍କ ଉଲଗ୍ନ ମୃତଦେହ ଜବତ କରାଯାଇଛି। ମୃତଦେହ ନିକଟରେ ଭଙ୍ଗା ମଦବୋତଲ, ସିନ୍ଦୂର, ଗାମୁଛା, ଭଙ୍ଗା ଦର୍ପଣ ପଡିଥିବା ଦେଖିବାକୁ ମିଳିଛି। ପାରିପାର୍ଶ୍ୱିକ ଅବସ୍ଥାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ସନ୍ଦେହ କରି ତଦନ୍ତ ଚଳାଇଛି। ମୃତକ ଜଣକ ହେଲେ ଆମ୍ବଗଡ଼ିଆ ଗ୍ରାମର ମଧୁ ସିଂଙ୍କ ସ୍ତ୍ରୀ ସବିତା ବୋଲି ଜଣାପଡ଼ିଛି। ମୃତଦେହରୁ ଦୁର୍ଗନ୍ଧ ବାହାରୁଥିବାରୁ ଦୁଇଦିନ ତଳୁ ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି ।

### ଇଣ୍ଡିଆନ ଅଏଲର ୮ ବିଶୋଧନାଗାର ରିମୋଟ୍ ମନିଟରିଂରେ ଟ୍ରାକିଂ ହେବ

ଭୁବନେଶ୍ୱର,୨୯।୧୨(ବ୍ୟୁରୋ): ହାଇଦ୍ରାବାଦ୍‌ଠାରେ ଯୌଥ ଉଦ୍ୟୋଗ ବିଜିଜିଟିଏସ୍ ଦ୍ୱାରା ପ୍ରତିଷ୍ଠିତ ଇଣ୍ଡିଆନ ଅଏଲର ରିମୋଟ୍ ମନିଟରିଂ ଏବଂ ଅପରେଶନ ସେଣ୍ଟରକୁ ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିଛନ୍ତି। ନୂତନ ଜ୍ଞାନକୌଶଳ ମାଧ୍ୟମରେ ତିଆରି କରାଯାଇଥିବା ଏହି ଅତ୍ୟାଧୁନିକ ୨୪ ଘଣ୍ଟିଆ ରିମୋଟ୍ ମନିଟରିଂ ଦେଶରେ ଆଇଓସିଏଲ ଦ୍ୱାରା ପରିଚାଳିତ ସମସ୍ତ ୮ଟି ରିଫାଇନାରୀ କାର୍ଯ୍ୟର ଟ୍ରାକିଂ କରିବ। ନୂଆ ମାପଦଣ୍ଡର ରୂପରେଖ ଅନୁସାରେ ସତର୍କ ଏବଂ ପରାମର୍ଶଦାତା ସୃଷ୍ଟି କରିବା ଏହାର ଉଦ୍ଦେଶ୍ୟ। ୯ କୋଟି ୩୦ ଲକ୍ଷ ଟଙ୍କା ବ୍ୟୟରେ ଏହି ରିମୋଟ ମନିଟରିଂ ଏବଂ ଅପରେଶନ ସେଣ୍ଟର ନିର୍ମିତ ହୋଇଥିବା ସେ କହିଛନ୍ତି।

# ଧନଜୀବନ, ଜୈବ ବିବିଧତାକୁ ଅଣଦେଖା

**ଦର୍ପଣ ତହସିଲର ବାଲି ଖାଦାନ ବିଜ୍ଞପ୍ତି**
- ପ୍ରଭାବିତ ଗ୍ରାମବାସୀ ହାଇକୋର୍ଟ ଦ୍ୱାରସ୍ଥ
- ୬ ସପ୍ତାହ ମଧରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ
- ୨୦୧୯ରେ ଦେଖାଦେଇଥିଲା ଆଇନ ଶୃଙ୍ଖଳା ପରିସ୍ଥିତି

ଯାଜପୁର ଅଫିସ,୨୯।୧୨

କେତେଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସ୍ୱାର୍ଥ ପାଇଁ ଜୈବ ବିବିଧତା ଓ ଲୋକଙ୍କ ଧନଜୀବନକୁ ଅଣଦେଖା କରାଯାଉଛି। ବାଲି ଖାଦାନ ଲିଜ୍ ଦେବା ପୂର୍ବରୁ ସେଠାକାର ପାରିପାର୍ଶ୍ୱିକ ସ୍ଥିତି ସମ୍ପର୍କରେ କୌଣସି ଅନୁଧ୍ୟାନ କରାଯାଉ ନାହିଁ। ଏହି ମର୍ମରେ ଧରିତ୍ରୀରେ ଗତ ୧୦ ତାରିଖରେ ଦର୍ପଣ ତହସିଲ ବାଲି ଖାଦାନ ବିଜ୍ଞପ୍ତି, ଗାଇଡ୍‌ଲାଇନକୁ ଖୋଲା ଚ୍ୟାଲେଞ୍ଜ ଶୀର୍ଷକ ଏକ ତଥ୍ୟଭିତ୍ତିକ ଖବର ପ୍ରକାଶ ପାଇବା ପରେ ଅଞ୍ଚଳବାସୀ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ନଂ. ୩୪୭୮୯/୨୦୨୦) ରୁଜୁ କରିଛନ୍ତି। ଗତ ୨୨ ତାରିଖରେ ଏନେଇ ମୁଖ୍ୟ ବିଚାରପତି ମହମ୍ମଦ ରଫିକ୍ ଓ ବିଚାରପତି ଡ. ବି.ଆର. ଷଡ଼ଙ୍ଗୀ ୬ ସପ୍ତାହ ମଧରେ ଆବେଦନକାରୀ ଓ ପ୍ରଭାବିତ ଲୋକଙ୍କ ଆପତ୍ତିକୁ ବିଚାରକୁ ନେଇ ଯାଜପୁର ଉପଜିଲାପାଳ ଠିକ୍ ନିର୍ଣ୍ଣୟ ନେବେ ବୋଲି ନିର୍ଦ୍ଦେଶ ଜାରି କରିଛନ୍ତି।

ଯାଜପୁର ଜିଲା ବଡ଼ଚଣା ବ୍ଲକର ବାଲିଚନ୍ଦ୍ରପୁର, ଚାରିନଙ୍ଗଳ, ମାଣ୍ଡକା, ଗୋପାଳପୁର, ବାଲିପଡିଆ ଓ ବରୀ ବ୍ଲକର ଅମଟପୁର, ବେଣୀପୁର ଏବଂ ମଙ୍ଗପୁର ଆଦି ପଞ୍ଚାୟତ ଦେଇ ବିରୂପା ନଦୀ ପ୍ରବାହିତ ହୋଇଛି। ବନ୍ୟା ସମୟରେ ଏହି ନଦୀତଟବର୍ତ୍ତୀ ଅଞ୍ଚଳବାସୀ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥା'ନ୍ତି। ଏହି ମର୍ମରେ ଆବେଦନକାରୀ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି। ମାମଲାରେ ଆହୁରି ଦର୍ଶାଯାଇଛି ଯେ, ବିରୂପା ନଦୀତଟବର୍ତ୍ତୀ ଅଞ୍ଚଳରେ ଦେକୁରୀ, ବେଣୀପୁର ଆଦି ଗ୍ରାମ ରହିଛି। ବିରୂପା ନଦୀରେ ଗତ ଅଗଷ୍ଟ ମାସ ବନ୍ୟା ସମୟରେ ପ୍ରାୟ ୯୫ ଏକର ଚାଷଜମି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିଲା। ଏହାସହ ପୂର୍ବ ବନ୍ୟାରେ ମଧ ଅନୁରୂପ କ୍ଷୟକ୍ଷତି ହୋଇ ଆସୁଛି। ଏହି ନଦୀରୁ ବାଲି ଉତ୍ତୋଳନ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ଏଥିଯୋଗୁ ଗତ ୫ ବର୍ଷ ମଧରେ ପ୍ରାୟ ୩୦ ଏକର ଜମି ନଦୀଶଯ୍ୟାରେ ଜଳମଗ୍ନ ହୋଇଛି। ତେଣୁ ପ୍ରଭାବିତ ଗ୍ରାମବାସୀ ନଦୀଗର୍ଭରୁ ବାଲି ଉତ୍ତୋଳନ ନ କରିବାକୁ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରି ଆସୁଛନ୍ତି। ଏପରି କି ୨୦୧୯ରେ ଗ୍ରାମବାସୀ ଏବଂ ବାଲି ଖାଦାନ ଲିଜ୍‌ଧାରୀଙ୍କ ମଧରେ ଆଇନ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଘଟଣା ପୋଲିସ ଓ ଜିଲା ପ୍ରଶାସନ ନିକଟରେ ପହଞ୍ଚିବାରୁ ଏକ ତଦନ୍ତ କରାଯାଇଥିଲା। ତଦନ୍ତରେ ଗ୍ରାମବାସୀଙ୍କ ଅଭିଯୋଗରେ ସତ୍ୟତା ମିଳିବାରୁ ଉକ୍ତ ବାଲି ଖାଦାନକୁ ବନ୍ଦ କରି ଦିଆଯାଇଥିଲା। ତଥାପି ଦର୍ପଣ ତହସିଲ ପକ୍ଷରୁ ୩୬୦୫/୨୫।୧୧।୨୦୨୦ରେ ବାଲି ଖାଦାନ ଲିଜ୍ ପାଇଁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏହି ବିଜ୍ଞପ୍ତି ପ୍ରତିବାଦରେ ଡେକୁରୀ ଗ୍ରାମବାସୀ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ହେଁ କୌଣସି ସୁଫଳ ନ ମିଳିବାରୁ ହାଇକୋର୍ଟର ଦ୍ୱାରସ୍ଥ ହେବାକୁ ପଡିଲା ବୋଲି ମାମଲାରେ ଦର୍ଶାଯାଇଛି।

ସୂଚନାଯୋଗ୍ୟ, ଜଳ ସମ୍ପଦ ବିଭାଗର ବାଲିଚନ୍ଦ୍ରପୁର- ପଟ୍ଟାମୁଣ୍ଡାଇ ନଦୀବନ୍ଧର ସୁରକ୍ଷା ଏବଂ ଲୋକଙ୍କ ଧନଜୀବନ ଉପରେ ଧ୍ୟାନ ନ ଦେଇ ଦର୍ପଣ ତହସିଲ କର୍ତ୍ତୃପକ୍ଷ ବିରୂପା ନଦୀର ରାମଦାସପୁର-୧ ବାଲିଘାଟ, ଦେକୁରୀ ବିରୂପା ବାଲିଘାଟ ଓ ରାମଦାସପୁର-୨ ବାଲିଘାଟର ୭ ଏକର ଲେଖାଏଁ ନଦୀରୁ ବାର୍ଷିକ ସର୍ବନିମ୍ନ ୧୯,୯୫୩ ଘନମିଟର ବାଲି ଉତ୍ତୋଳନ ପାଇଁ ଦୀର୍ଘମିଆଦୀ ଲିଜ୍ ପାଇଁ ବିଜ୍ଞପ୍ତି ଦିଆଯାଇଛି। ଏଥିପାଇଁ ଘନମିଟର ପିଛା ରାଜସ୍ୱ ୩୫ ଟଙ୍କା ଏବଂ ଅତିରିକ୍ତ ଦେୟ ୪୫ ଟଙ୍କା ଧାର୍ଯ୍ୟ କରାଯାଇଛି। ପ୍ରାୟ ଅଢ଼େଇ ବର୍ଷ ତଳେ ପ୍ରିଭେନସନ ଅଫ୍ ଥେଫ୍ଟ ମାଇନର ମିନେରାଲ୍ସ ଆଣ୍ଡ ଅଭିକ୍ସନ ଆକ୍ଟିଭିଟିଜ (ପିଟିଏମ୍‌ଏମ୍‌ଇଏ) ବା ଲଘୁ ଖଣିଜ ଦ୍ରବ୍ୟର ଚୋରାଚାଲାଣ ଓ ଦଖଲଚ୍ୟୁତି ପ୍ରତିରୋଧ ଯୋଜନା ଏବଂ ଗତ ନଭେମ୍ବର ମାସରେ ପ୍ରଣୀତ ନୂତନ ଗାଇଡ୍‌ଲାଇନକୁ ନ ମାନି ଦର୍ପଣ ତହସିଲ ଅଧୀନ ୩ଟି ବାଲିଘାଟ ଉତ୍ସର ଦୀର୍ଘମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ ଦିଆଯାଇଛି ବୋଲି ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଦର୍ପଣ ତହସିଲଦାର ବରଣେନ୍ଦୁ ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି, ଆଇନ ଅନୁସାରେ ବାଲି ଉତ୍ସର ନିଲାମ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ହାଇକୋର୍ଟ ନିର୍ଦ୍ଦେଶ ଅନୁସାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।




ସରକାରୀ ଉଚ୍ଚ ବିଦ୍ୟାଳୟରେ ମେଧାବୀ ଛାତ୍ରୀଛାତ୍ରଙ୍କ ପାଇଁ ମେଡିକାଲ ଓ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷାରେ ସ୍ଥାନ ସଂରକ୍ଷଣ ଲାଗି ରାଜ୍ୟ କ୍ୟାବିନେଟ୍‌ରେ ମଞ୍ଜୁରୀ ପରେ ମଙ୍ଗଳବାର ମାଷ୍ଟର କ୍ୟାଣ୍ଟିନ ଚକଠାରେ ବିଜୁ ଯୁବ ଜନତା ଦଳ ପକ୍ଷରୁ ଶୋଭାଯାତ୍ରା।

### ନିଆଁ ପୁଇଁବା ବେଳେ ମାଡ଼ିଗଲା କାର୍, ୬ ଆହତ

ଦେବଗଡ଼, ୨୯।୧୨(ଡି.ଏନ୍.ଏ.)

ଦେବଗଡ଼ ଜିଲା ତିଲେଇବଣୀ ବ୍ଲକ ତଥା ରିଆମାଳ ଥାନା କଂସର ଫାଣ୍ଡି ଅନ୍ତର୍ଗତ କାଇଁବେଙ୍ଗ ଗ୍ରାମରେ ସୋମବାର ରାତିରେ ରାସ୍ତାକଡରେ ନିଆଁ ପୁଇଁବା ଲୋକଙ୍କ ଉପରେ ଏକ କାର୍ ମାଡି ଯାଇ ଓଲଟି ପଡିଥିଲା। ଏଥିରେ ୬ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆହତମାନେ ହେଲେ ଦିଲୀପ ଭଇଁସା, ଉମେଶ ବାଘ, ପରିକ୍ଷିତ ବାଘ, ଅରୁଣ ବାଘ, ପ୍ରକାଶ ବାଘ ଓ ପ୍ରତାପ ବାଘ। ଆହତଙ୍କ ମଧ୍ୟରୁ ଉମେଶ, ପରିକ୍ଷିତ ଓ ଅରୁଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଖବର ମୁତାବକ ସୋମବାର ରାତି ପ୍ରାୟ ୯ଟା ୩୦ରେ ତିଲେଇବଣି ବ୍ଲକ ପାଳକୁଦର ପଞ୍ଚାୟତ କାଇଁବେଙ୍ଗ ଗାଁ ରାସ୍ତାକଡରେ ଶୀତରୁ ରକ୍ଷା ପାଇବା ପାଇଁ କେତେଜଣ ଲୋକ ନିଆଁ ପୁଉଁଥିଲେ। ଏହି ସମୟରେ ସେହି ରାସ୍ତାଦେଇ ଯାଉଥିବା ଏକ କାର୍ ଭାରସାମ୍ୟ ହରାଇ ସେମାନଙ୍କୁ ଧକ୍କାଦେଇ ଓଲଟି ପଡିଥିଲା। ଅନ୍ୟପକ୍ଷରେ ବରଯାତ୍ରୀଙ୍କୁ ନେଇ ଯାଉଥିବା ଉକ୍ତ କାର୍‌ଟି ଦୁର୍ଘଟଣାଗ୍ରସ୍ତ ହେବାରେ ୨ଜଣ ଯାତ୍ରୀ ଓ ଡ୍ରାଇଭର ଆହତ ହୋଇଛନ୍ତି। ସେମାନଙ୍କ ପରିଚୟ ମିଳି ପାରିନାହିଁ । କଂସର ଫାଣ୍ଡି ପୋଲିସ ଦୁର୍ଘଟଣାଗ୍ରସ୍ତ କାର୍(ନଂ.ଓଡି୧୭-ଏ-୯୦୯୦)କୁ ଜବତ କରିଛି। ନଂ.୨୫୪/୨୦ରେ ମାମଲା ରୁଜୁ ହୋଇଛି।

### ଭିଜିଲାନ୍ସ ଜାଲରେ ଲାବରେଟୋରି ଆସିଷ୍ଟାଣ୍ଟ
**ଚିକିଟି ମହାବିଦ୍ୟାଳୟ**

ବ୍ରହ୍ମପୁର ଅଫିସ,୨୯।୧୨

ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସର୍ଚ୍ଚ ୱାରେଣ୍ଟ ବଳରେ ମଙ୍ଗଳବାର ଗଞ୍ଜାମ ଜିଲା ଚିକିଟି ମହାବିଦ୍ୟାଳୟ ଲାବରେଟୋରି ଆସିଷ୍ଟାଣ୍ଟ କୈଳାସ ମହାନ୍ତିଙ୍କ ପୈତୃକ ଘର, ବ୍ରହ୍ମପୁର ଓ ଭୁବନେଶ୍ୱରରେ ଥିବା ୩ ଆପାର୍ଟମେଣ୍ଟ ସମେତ ୬ଟି ସ୍ଥାନରେ ଭିଜିଲାନ୍ସ ଟିମ୍ ଚଢାଉ କରିଛି। ତାଙ୍କର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ୧ କୋଟି ୪୫ ଲକ୍ଷ ୮୩୭ ଟଙ୍କା ଠାବ ହୋଇଥିବା ବ୍ରହ୍ମପୁର ଭିଜିଲାନ୍ସ ଏସ୍‌ପି ଅନିଲ କୁମାର ପାତ୍ର ସୂଚନା ଦେଇଛନ୍ତି। କୈଳାସଙ୍କ ସ୍ତ୍ରୀ ପ୍ରତିଭା ପଣ୍ଡାଙ୍କ ନାମରେ ବ୍ରହ୍ମପୁର ଶ୍ରୀଟାୱାରରେ ଥିବା ଘର ମୂଲ୍ୟ ୨୦ ଲକ୍ଷ ୬୨ ହଜାର ୫୪୭, ଗାନ୍ଧୀନଗରରେ କୈଳାସଙ୍କ ନାମରେ ଥିବା ସରୋବର ଆପାର୍ଟମେଣ୍ଟର ମୂଲ୍ୟ ୧୨ ଲକ୍ଷ ୫୦ ହଜାର ୧୮୧ ଟଙ୍କା ଆକଳନ କରାଯାଇଛି। ପ୍ରତିଭାଙ୍କ ନାଁରେ ଭୁବନେଶ୍ୱରରେ ଥିବା ଏକ ଆପାର୍ଟମେଣ୍ଟ ମୂଲ୍ୟ ୩୧ ଲକ୍ଷ ୧୦ ହଜାର ୭୫୭ ଟଙ୍କା ଆକଳନ ହୋଇଛି। ରାଧାନାଥପୁର ଓ ହଳଦିଆପଦରରେ ଥିବା ତିନୋଟି ପ୍ଲଟର ମୂଲ୍ୟ ୧୩ ଲକ୍ଷ ୭ ହଜାର ୫୭୫, ଚିକିଟି ଗଡ଼ରେ ଥିବା ପୈତୃକ ଘର ମୂଲ୍ୟ ୨୬ ଲକ୍ଷ ୨୫ ହଜାର ଟଙ୍କା ଆକଳନ ହୋଇଛି। ଘରକରଣା ସାମଗ୍ରୀ ୬ ଲକ୍ଷ ୬୨ ହଜାର ୭୨୩, ନଗଦ ୨୦ ହଜାର ୫୭୦ ଟଙ୍କା ଠାବ ହୋଇଛି। ସୁନା ଓ ରୁପା ୨ ଲକ୍ଷ ୧୯ ହଜାର ୨୨୯ ଟଙ୍କା, ସ୍ତ୍ରୀ ଓ ପୁଅଙ୍କ ନାମରେ ବିଭିନ୍ନ ବ୍ୟାଙ୍କ ଏବଂ ପୋଷ୍ଟାଲରେ ଜମା ଥିବା ୮ ଲକ୍ଷ ୭ ହଜାର ୨୫୫, ଗୋଟିଏ କାର୍‌ର ମୂଲ୍ୟ ୪ ଲକ୍ଷ, ୨ଟି ବାଇକ୍ ମୂଲ୍ୟ ୧.୩ ଲକ୍ଷ ଟଙ୍କା ଆକଳନ ହୋଇଛି। ପ୍ରତିଭାଙ୍କ ନାମରେ ଥିବା ଏକ ଟିପ୍ପର ମୂଲ୍ୟ ୧୩ ଲକ୍ଷ ୫୦ ହଜାର ଓ ଏକ ଟ୍ରାକ୍ଟରର ମୂଲ୍ୟ ୫ଲକ୍ଷ ୫୫ ହଜାର ଟଙ୍କା ଆକଳନ କରାଯାଇଥିବା ଭିଜିଲାନ୍ସ ଏସ୍‌ପି ପାତ୍ର ସୂଚନା ଦେଇଛନ୍ତି।

### ସୁସ୍ଥ ଥିବା ଟୁଇଟ୍ କରି ଜଣାଇଲେ ନରସିଂହ

ଭୁବନେଶ୍ୱର,୨୯।୧୨(ବ୍ୟୁରୋ)

କଂଗ୍ରେସର ତ୍ରିରଙ୍ଗା ରାଲି ଚାଲିଥିବା ବେଳେ ସୋମବାର ହଠାତ୍ ଅସୁସ୍ଥ ହୋଇପଡିଥିବା ବିଧାୟକ ଦଳ ନେତା ନରସିଂହ ମିଶ୍ର ଏବେ ସୁସ୍ଥ ଅଛନ୍ତି ବୋଲି ନିଜେ ମଙ୍ଗଳବାର ଟୁଇଟ୍ କରି ସୂଚନା ଦେଇଛନ୍ତି। ତାଙ୍କୁ ଏବେ ଭଲ ଲାଗୁଛି। ତଥାପି ବୁଧବାର ପର୍ଯ୍ୟନ୍ତ ଡାକ୍ତରଙ୍କ ପରାମର୍ଶରେ ରହିବାକୁ ପଡିବ ବୋଲି କହିଛନ୍ତି। ଏହାସହ ଶୁଭେଚ୍ଛୁମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ, ସୋମବାର ସିବିଆଇ ଅଫିସ ଆଗରେ ଚାଲିଥିବା କଂଗ୍ରେସର ଏକ କାର୍ଯ୍ୟକ୍ରମରେ ନରସିଂହ ଯୋଗଦେଇ ଭାଷଣ ଦେଇଥିଲେ। ଏହାପରେ ତାହା ଉପରେ ଠିଆ ହେବାର କିଛି ସମୟ ପରେ ଅସୁସ୍ଥ ହୋଇପଡିଲେ। ଏହାପରେ ତାଙ୍କୁ ତୁରନ୍ତ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା।

## ଜାତୀୟ ଖବର

### 'କର୍ତ୍ତବ୍ୟରେ ଥାଇ ହୃଦ୍‌ଘାତ ବ୍ୟକ୍ତିଗତ କ୍ଷତି'

ବେଙ୍ଗାଲୁରୁ, ୨୯।୧୨

କର୍ନାଟକ ରାଜ୍ୟ ପରିବହନ ନିଗମର ଜଣେ ଡ୍ରାଇଭର ଗାଡ଼ି ଚଳାଉଥିବାବେଳେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହା ଦୁର୍ଘଟଣା ଏବଂ କାର୍ଯ୍ୟ ସମ୍ପାଦନ ବେଳେ ବ୍ୟକ୍ତିଗତ କ୍ଷତି ଭାବେ ବିବେଚନା କରାଯିବ ବୋଲି କର୍ନାଟକ ହାଇକୋର୍ଟ ତାଙ୍କ ରାୟରେ କହିଛନ୍ତି। ମୃତ ଡ୍ରାଇଭର ବିଜୟକୁମାରଙ୍କ ପରିବାରକୁ ୨୨ ଲକ୍ଷ ଟଙ୍କା କ୍ଷତିପୂରଣ ୧୨ ପ୍ରତିଶତ ସୁଧ ସହ ପ୍ରଦାନ କରିବା ଲାଗି ଦ୍ୱିତୀୟ ଅତିରିକ୍ତ ସିଭିଲ୍ ଜଜ୍ ତଥା କର୍ମଚାରୀ କ୍ଷତିପୂରଣ କମିଶନର ୨୦୧୭ ଏପ୍ରିଲ ୫ରେ ନିର୍ଦ୍ଦେଶ ଦେଇଥିଲେ। ଉତ୍ତରପୂର୍ବ କର୍ନାଟକ ସଡ଼କ ପରିବହନ ନିଗମ ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ବିଚାରପତି ଏସ୍. ସୁନୀଲ ଦତ୍ତ ଯାଦବ ଏବଂ ପି.ଏନ୍. ଦେଶାଇଙ୍କୁ ନେଇ ଗଠିତ ହାଇକୋର୍ଟ ଖଣ୍ଡପୀଠ କହିଛନ୍ତି, ୧୧ ଘଣ୍ଟା କାର୍ଯ୍ୟ କରିବା ପରେ ବିଜୟକୁମାରଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଥିଲା। ସେ ୨୨ ବର୍ଷରୁ ଊର୍ଦ୍ଧ୍ୱ ଭାରିଯାନ ଚଳାଉଥିବାରୁ ନିଶ୍ଚିତ ଭାବେ ମାନସିକ ଚାପରେ ଥିଲେ। ତେଣୁ ତାଙ୍କର କୌଣସି ରୋଗ ଥିଲା କିମ୍ବା ଅନ୍ୟ କାରଣରୁ ମୃତ୍ୟୁ ହେଲା ବୋଲି କୁହାଯାଇପାରିବ ନାହିଁ। ତାଙ୍କ ପରିବାରକୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଖଣ୍ଡପୀଠ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ଭାଜପା ଛାଡ଼ିଲେ ଗୁଜରାଟ ଏମ୍‌ପି

ଅହମଦାବାଦ, ୨୯।୧୨: ଆଦିବାସୀଙ୍କ ପାଇଁ ବିଭିନ୍ନ ପ୍ରସଙ୍ଗରେ ସ୍ୱର ଉତ୍ତୋଳନ କରୁଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଗୁଜରାଟ ଏମ୍‌ପି ମନସୁଖ ବାସବ ମଙ୍ଗଳବାର ଭାଜପା ଛାଡ଼ିଛନ୍ତି। ପାର୍ଲାମେଣ୍ଟର ବଜେଟ୍ ଅଧିବେଶନରେ ସେ ଲୋକ ସଭାରୁ ଇସ୍ତଫା ଦେବେ ବୋଲି କହିଛନ୍ତି। ଗୁଜରାଟ ଭାଜପା ସଭାପତି ସି ଆର୍ ପାଟିଲଙ୍କୁ ଚିଠି ଲେଖି ତାଙ୍କ ନିଷ୍ପତ୍ତି ଜଣାଇଛନ୍ତି। ସେ ଦଳ ଛାଡ଼ିବା ପଛର କାରଣ ଜଣାପଡିନାହିଁ। ଗତ ସପ୍ତାହରେ ଭରୁଚ୍ ଏମ୍‌ପି ବାସବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ଷ୍ଟାଚ୍ୟୁ ଅଫ୍ ୟୁନିଟି ଚାରିପାଖରେ ଇକୋ-ସେନ୍‌ସିଟିଭ ଜୋନ୍ ପାଇଁ କେନ୍ଦ୍ର ସରକାର ଜାରି କରିଥିବା ଏକ ବିଜ୍ଞପ୍ତି ପ୍ରତ୍ୟାହାର କରିବାକୁ ଦାବି କରିଥିଲେ।


ମନସୁଖ ବାସବ

### ଶୋପିଆନ୍ ଫେକ୍ ଏନ୍‌କାଉଣ୍ଟର | ଚାର୍ଜଶିଟ୍‌ରେ ସେନା କ୍ୟାପ୍‌ଟେନ ହତ୍ୟାକାରୀ

ଶ୍ରୀନଗର, ୨୯।୧୨: ଜମ୍ମୁ-କଶ୍ମୀରର ଶୋପିଆନ୍‌ରେ ହୋଇଥିବା ଏନ୍‌କାଉଣ୍ଟର ନକଲି ଥିଲା। ସେନା କ୍ୟାପ୍‌ଟେନ ଭୂପେନ୍ଦ୍ର ସିଂ ଓରଫ ମେଜର ବଶୀର ଖାନ୍ ତାଙ୍କର ୨ ସହଯୋଗୀଙ୍କ ସହ ମିଶି ୩ ଜଣ ଶ୍ରମିକଙ୍କୁ ଅପହରଣ କରିନେଇ ସେମାନଙ୍କୁ ଗୁଳି କରି ହତ୍ୟା କରିଥିଲେ। ଏହା ଯୋଜନାବଦ୍ଧ ହତ୍ୟାକାଣ୍ଡ ଥିଲା ବୋଲି ଜମ୍ମୁ-କଶ୍ମୀର ପୋଲିସ ଦାଖଲ କରିଥିବା ଚାର୍ଜଶିଟ୍‌ରେ ଉଲ୍ଲେଖ କରିଛି। ଶ୍ରମିକମାନଙ୍କୁ ଏନ୍‌କାଉଣ୍ଟର ସ୍ଥଳକୁ ନେବା ଲାଗି ପୂର୍ବରୁ କ୍ୟାପ୍‌ଟେନ୍ ଗାଡ଼ି ବନ୍ଦୋବସ୍ତ କରିଥିଲେ। ସେମାନଙ୍କୁ ଏକ ଫଳ ଉଦ୍ୟାନ ନିକଟକୁ ନିଆଯାଇ ଗୁଳି କରିବା ପୂର୍ବରୁ ଚାଲିବା ପାଇଁ କୁହାଯାଇଥିଲା। ତଦନ୍ତକାରୀ ଅଧିକାରୀମାନେ ଘଟଣା ସହ ଜଡିତ ବିଭିନ୍ନ ତଥ୍ୟକୁ ଏକାଠି କରିବା ପରେ ପ୍ରାୟୋଜିତ ଏନ୍‌କାଉଣ୍ଟରର କରୁଣ କାହାଣୀ ସାମ୍ନାକୁ ଆଣିଛନ୍ତି। ହତ୍ୟା କରିସାରିବା ପରେ ମୃତଦେହ ନିକଟରେ ଅସ୍ତ୍ରଶସ୍ତ୍ର ରଖି ସେମାନଙ୍କୁ ହାର୍ଡକୋର୍ ଆତଙ୍କବାଦୀର ପରିଚୟ ଦେଇଥିଲେ କ୍ୟାପ୍‌ଟେନ ଭୂପିନ୍ଦର। ଗତ ଜୁଲାଇ ୧୭ରେ ଏହି ଫେକ୍ ଏନ୍‌କାଉଣ୍ଟର ହୋଇଥିଲା। ମୃତକ ରାଜୌରୀ ଅଞ୍ଚଳର ବୋଲି ଜଣାପଡ଼ିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମିତ୍ର ଦୋଷ କଲେ
ନ କରିବଟି ଆଦର
ବାଳକ ଦୋଷ କଲେ
ବୋଧିବ କରି ଗେଲ।**

ବନ୍ଧୁ ଯଦି ଦୋଷ କରେ, ଅକ୍ଷମଣୀୟ ଭୁଲ କରି ବସେ, ତେବେ ସେ ବନ୍ଧୁଦ୍ରୋହୀ ହୋଇଯାଏ । ସେପରି ବ୍ୟକ୍ତି ଆଉ ବନ୍ଧୁ ପଦବାଚ୍ୟ ହୋଇ ନ ଥାଏ । ପରନ୍ତୁ ଛୋଟ କଅଁଳ ପିଲା ଯେବେ କିଛି ଭୁଲ କରିଦିଏ ତାହାର ସ୍ୱଳ୍ପ ବୟସର ଧୃଷ୍ଟତା ଦୃଷ୍ଟିରୁ ତାକୁ କ୍ଷମା କରିଦେବା ଉଚିତ ହୋଇଥାଏ । ବୟସ ଅନୁସାରେ ଦଣ୍ଡ ଓ କ୍ଷମାର ଚିତ୍ର ଏଠାରେ ବର୍ଣ୍ଣନା କରାଯାଇଛି ।

**ମଲା ମୋର
ଏଇ କଥାକୁ ଏତେ ହୁନ୍ଦର।**

ସାମାନ୍ୟ କଥାକୁ ନେଇ କିଛି ବ୍ୟକ୍ତି ଅନେକ ଗର୍ବ କରିବସିଥାନ୍ତି। ସେପରି କିଛି ନ ନଥାଇ ଅଯଥାରେ ନିଜ ଛଇ ଛଟକି ଭାବ ଦେଖେଇ ହେଉଥିବା ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

### ପେନ୍‌ସନ ଟଙ୍କା ଆତ୍ମସାତ୍ ମାମଲା: କନିଷ୍ଠ କିରାଣି ଗିରଫ

- ଭିଜିଲାନ୍ସ ଟିମ୍‌ର ଅତର୍କିତ ଚଢ଼ାଉ
- ଘରୁ ବାହାରିଲା ୮.୭୧ଲକ୍ଷ ନଗଦ ଟଙ୍କା
- ୬ ବୁଲେଟ୍, କାର୍ ଜବତ


ପ୍ରମୋଦ ରଥ

ବଲାଙ୍ଗୀର ଅଫିସ, ୨୯।୧୨

କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାର ପେନ୍‌ସନ ହଡପ ମାମଲାରେ ବଲାଙ୍ଗୀର ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଙ୍କ ଅଫିସ୍‌ର ନିଲମ୍ବିତ କନିଷ୍ଠ କିରାଣି ପ୍ରମୋଦ ରଥଙ୍କୁ ଭିଜିଲାନ୍ସ ଟିମ୍ ଗିରଫ କରିଛି। ଭିଜିଲାନ୍ସ ଟିମ୍ ମଙ୍ଗଳବାର ତାଙ୍କୁ ହାତୀଶାଳପଡାସ୍ଥିତ ସରକାରୀ କ୍ୱାର୍ଟର୍ସରୁ ଗିରଫ କରିଥିଲା। ତାଙ୍କ ଘର ତଲାସୀ ବେଳେ ସେଠାରୁ ୮ ଲକ୍ଷ ୭୧ ହଜାର ନଗଦ ଟଙ୍କା, ୬ଟି ବୁଲେଟ୍ ଓ ଏକ କାରକୁ ଭିଜିଲାନ୍ସ ଟିମ୍ ଜବତ କରିଛି।

୨୦୧୯ ମସିହାରେ ବଲାଙ୍ଗୀର ବିଇଓ ଅଫିସରେ ସରକାରୀ ତହବିଲରୁ ୧ କୋଟି ୭୧ ଲକ୍ଷ ଟଙ୍କା ହଡ଼ପ୍ ହୋଇଥିବା ଜଣାପଡିଥିଲା। ଭିଜିଲାନ୍ସ ବିଭାଗ ପକ୍ଷରୁ ଏହି ମାମଲାର ତଦନ୍ତ ଆରମ୍ଭ ହୋଇଥିଲା। ବିଭାଗୀୟ ଅନ୍ତରୀଣ ତଦନ୍ତ ରିପୋର୍ଟ ତଥ୍ୟ ଅନୁଯାୟୀ ଅଭିଯୁକ୍ତ କନିଷ୍ଠ କିରାଣି ରଥଙ୍କୁ ଫେବୃୟାରୀ ୧୨ ତାରିଖରେ ଚାକିରୀରୁ ନିଲମ୍ବିତ କରାଯାଇଥିଲା। ବିଭିନ୍ନ ପ୍ରକାର ଅନିୟମିତତା କରି ସେ ସରକାରୀ ତହବିଲରୁ ଲକ୍ଷାଧିକ ଟଙ୍କା ଆତ୍ମସାତ୍ କରିଥିବା ଅଭିଯୋଗର ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତରୁ ରଥ ତାଙ୍କ ଅବସରପ୍ରାପ୍ତ ଶିକ୍ଷକ ବାପା, ସ୍ତ୍ରୀ ଓ ସମ୍ପର୍କୀୟଙ୍କ ଆକାଉଣ୍ଟକୁ ସରକାରୀ ତହବିଲରୁ ଲକ୍ଷାଧିକ ଟଙ୍କା ବେଆଇନ ଭାବେ ଟ୍ରାନ୍ସଫର କରିଥିବା ଜଣାପଡିଥିଲା। ଜାଲ କାଗଜପତ୍ର ତିଆରି କରି ଅତି ଚତୁରତାର ସହ ସେ ଦୀର୍ଘଦିନ ହେଲା ଏହି ବେଆଇନ କାର୍ଯ୍ୟ ଜାରି ରଖିଥିବା ଜଣାପଡିଥିଲା। ଏହି ମାମଲାରେ ଗତ ଅଗଷ୍ଟ ୧୭ ତାରିଖରେ ତତ୍କାଳୀନ ବଲାଙ୍ଗୀର ବ୍ଲକ ଶିକ୍ଷା ଅଧିକାରୀ ରିଚପାଲ ସାଗରଙ୍କୁ ମଧ ରାଜ୍ୟ ସରକାର ନିଲମ୍ବନ କରିଥିଲେ। ମଙ୍ଗଳବାର ନିଲମ୍ବିତ କିରାଣୀ ରଥଙ୍କ ଘରେ ଭିଜିଲାନ୍ସ ଚଢ଼ାଉ ପରେ ତାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ବଲାଙ୍ଗୀର ଭିଜିଲାନ୍ସ ଡିଏସ୍‌ପି କାଦମ୍ବିନୀ ସାମଲ ସୂଚନା ଦେଇଛନ୍ତି।

### ଜୁନ୍ ସୁଦ୍ଧା ସରିବ ଖଣ୍ଡଗିରି ଫ୍ଲାଏଓଭର କାମ

ଭୁବନେଶ୍ୱର,୨୯।୧୨(ବ୍ୟୁରୋ)

ଜୁନ୍ ୨୦୨୧ ସୁଦ୍ଧା ଖଣ୍ଡଗିରି ଫ୍ଲାଏ ଓଭର ବ୍ରିଜ କାର୍ଯ୍ୟ ଶେଷ ହେବ। ଫେବୃୟାରୀ ସୁଦ୍ଧା ଗୋଟିଏ ପାର୍ଶ୍ୱରେ ଗାଡ଼ି ଚଳାଚଳ କରିବ। ବର୍ତ୍ତମାନ ସୁଦ୍ଧା ୬୨ରୁ ୬୩ ପ୍ରତିଶତ କାମ ଶେଷ ହୋଇଛି। ଏନେଇ ଏନଏଚଏଆଇ(ନ୍ୟାସନାଲ ହାଇୱେ ଅଥରିଟି ଅଫ ଇଣ୍ଡିଆ)ର ଚିଫ ଜେନେରାଲ ମ୍ୟାନେଜର ରାମପ୍ରସାଦ ପଣ୍ଡା ମଙ୍ଗଳବାର ସୂଚନା ଦେଇଛନ୍ତି। ୨.୪ କି.ମି. ଲମ୍ବ ଫ୍ଲାଏ ଓଭର ପାଇଁ ୧୧୫ କୋଟି ବ୍ୟୟଅଟକଳ ହୋଇଛି। ଖଣ୍ଡଗିରିରେ ଐତିହାସିକ କିର୍ତ୍ତିରାଜୀ ଥିବାରୁ ଦୂରଦୂରାନ୍ତରରୁ ହଜାର ହଜାର ପର୍ଯ୍ୟଟକ ଆସିଥାଆନ୍ତି। ଯେଉଁଥିପାଇଁ ଟ୍ରାଫିକ ଜାମ ହୋଇଥାଏ।

### 'ପଛୁଆବର୍ଗ ପିଲାଙ୍କ ଲାଗି ସଂରକ୍ଷଣ ବ୍ୟବସ୍ଥା ଲାଗୁ କର'

- ଡାକ୍ତରୀ, ଇଞ୍ଜିନିୟରିଂ ପଢ଼ା ନେଇ ସ୍କୁଲରେ ସଂରକ୍ଷଣ ପ୍ରସଙ୍ଗ
- ଲେଖାଶ୍ରୀଙ୍କ ମତ ବ୍ୟକ୍ତିଗତ ଭଳି ଲାଗୁଛି : ବିଜେଡି
- ସରକାରୀ ସ୍କୁଲରେ ଭିତ୍ତିଭୂମି ନେଇ ପ୍ରଶ୍ନ ଉଠାଇଲା: କଂଗ୍ରେସ

ଭୁବନେଶ୍ୱର,୨୯।୧୨(ବ୍ୟୁରୋ)

ସରକାରୀ ହାଇସ୍କୁଲରେ ପଢୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ଡାକ୍ତରୀ ଓ ଇଞ୍ଜିନିୟରିଂ ଭଳି ଉଚ୍ଚଶିକ୍ଷାରେ ସ୍ଥାନ ସଂରକ୍ଷଣ ଲାଗି ସରକାର ସୋମବାର କ୍ୟାବିନେଟ୍‌ରେ ସଂକଳ୍ପ ଗୃହୀତ କରିଛନ୍ତି। ସାମ୍ବିଧାନିକ ବ୍ୟବସ୍ଥା ସତ୍ତ୍ୱେ ରାଜ୍ୟ ସରକାର ଆର୍ଥିକ ଦୃଷ୍ଟିରୁ ପଛୁଆବର୍ଗର ଲୋକଙ୍କ ପାଇଁ ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ସମ୍ବିଧାନ ଅନୁମୋଦିତ ପଦକ୍ଷେପ କାହିଁକି ନେଉନାହାନ୍ତି ବୋଲି ଭାଜପା ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ପ୍ରଶ୍ନ କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ କହିଛନ୍ତି, ମୋଦି ସରକାର ଆର୍ଥିକ ଦୃଷ୍ଟିରୁ ପଛୁଆବର୍ଗଙ୍କ ପାଇଁ ଚାକିରି ଓ ଶିକ୍ଷା କ୍ଷେତ୍ରରେ ୧୦% ସଂରକ୍ଷଣ ପାଇଁ ଆଇନ ପ୍ରଣୟନ କରିଥିଲେ। ମାତ୍ର ରାଜ୍ୟ ସରକାର ଏପର୍ଯ୍ୟନ୍ତ ଏହାକୁ କାର୍ଯ୍ୟକାରୀ କରିନାହାନ୍ତି। ଏହି ସମ୍ବନ୍ଧରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୨୦୨୦ଜାନୁୟାରୀ ୧୫ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଥିଲେ। ରାଜ୍ୟରେ ଏହି ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବାକୁ ଅନୁରୋଧ କରିଥିଲେ। ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର ବିଧାନସଭାରେ ବିଶେଷ ଅଧିବେଶନ ଡାକି ବିଲ୍ ପାସ୍ କରି ଉପରୋକ୍ତ ଦୁଇଟି ବର୍ଗରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ପାଇଁ ଲେଖାଶ୍ରୀ ଦାବି କରିଛନ୍ତି। ଦେଶରେ ଦୀର୍ଘ ୩୦ବର୍ଷ ଧରି ଏହା ଲାଗୁ ହେଲାପରେ ମଧ ରାଜ୍ୟ ସରକାର ଓବିସିଙ୍କୁ ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ଓ ସାମାଜିକ, ଅର୍ଥନୈତିକ ପଛୁଆ ବର୍ଗଙ୍କୁ ଶିକ୍ଷା କ୍ଷେତ୍ରରେ କ'ଣ ପାଇଁ ସଂରକ୍ଷଣ ଦେଉନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଅନ୍ୟପଟେ ଏହି ଘଟଣାରେ ବିଜେଡି ମୁଖପାତ୍ର ଏଲିନା ଦାସ ଭାଜପାକୁ ପାଲଟା ଟାର୍ଗେଟ କରି କହିଛନ୍ତି, ଏମିତି ଏକ ଐତିହାସିକ ନିଷ୍ପତ୍ତିକୁ କିଭଳି ଜାତୀୟ ଦଳ ବିରୋଧ କରୁଛି। ଲାଗୁଛି ଏହା ଲେଖାଶ୍ରୀଙ୍କ ବ୍ୟକ୍ତିଗତ ମତ। ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଭାରତର ସବୁ ରାଜ୍ୟ ଗ୍ରହଣ କରିବେ ଏବଂ ଏହାକୁ କାର୍ଯ୍ୟକାରୀ କରିବେ। ରାଜ୍ୟ ସରକାରଙ୍କ ଏମିତି ଏକ ଜନହିତକର ନିଷ୍ପତ୍ତିକୁ ନେଇ ଭାଜପା ଭୟଭୀତ ହୋଇପଡିଛି ବୋଲି ସେ କହିଛନ୍ତି। କଂଗ୍ରେସ ବିଧାୟକ ସୁରେଶ ରାଉତରାୟ କହିଛନ୍ତି, ରାଜ୍ୟ ସରକାର ସ୍କୁଲଗୁଡ଼ିକରେ କ'ଣ ଭିତ୍ତିଭୂମି ସୁଦୃଢ଼ କରିଛନ୍ତି ସେ ସମ୍ପର୍କରେ ପ୍ରଥମେ କୁହନ୍ତୁ। ଏମିତି ମିଛ କଥା କହି ସରକାର ଭଣ୍ଡେଇବାର ଆବଶ୍ୟକତା ନାହିଁ ବୋଲି ସେ କହିଛନ୍ତି।




ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ ସାମନ୍ତସିଂହାର ଓ ଅନ୍ୟମାନେ।



**ମୁମ୍ବାଇ:** ନିଜ ଡ୍ୟାନ୍ସ ମୁଭ୍ସକୁ ନେଇ ଦର୍ଶକଙ୍କୁ ଦିୱାନା କରୁଥିବା ଅଭିନେତ୍ରୀ ନୋରା ଫତେହି କିଣିଛନ୍ତି ନୂଆ କାର୍ । ବିଏମ୍‌ଡବ୍ଲ୍ୟୁ ୫ ସିରିଜର ଏକ କାର୍‌କୁ ନୋରା ଘରକୁ ଆଣି ଖୁବ ଖୁସି ହୋଇଥିବା ଦେଖାଯାଇଛି । ନୋରା ଡ୍ୟାନ୍ସରେ ଯେତିକି ରୁଚି ରଖନ୍ତି ନୂଆ ନୂଆ କାର୍ ଚଢ଼ିବାକୁ ମଧ ସେତିକି ପସନ୍ଦ କରନ୍ତି । ଏହାପୂର୍ବରୁ ତାଙ୍କ ନିକଟରେ ମର୍ସିଡିଜ ବେଞ୍ଜ ମଧ ରହିଛି । ଏବେ ନୋରା ବିଏମଡବ୍ଲ୍ୟୁ ୫ ସିରିଜର ଯେଉଁ କାର୍ କିଣିଛନ୍ତି ତା'ର ମୂଲ୍ୟ ୬୮.୩୯ ଲକ୍ଷ ଟଙ୍କା ହେବ । ନୂଆ କାର୍ କିଣିବା ପରେ ବିଏମଡବ୍ଲ୍ୟୁ ଇଣ୍ଡିଆର ଅଫିସିଆଲ ସାଇଟରେ ନୋରାଙ୍କ ଫଟୋ ଶେୟାର କରାଯାଇଛି ।



# ଜୀବନ ସଜାଡ଼ିଛି କଣ୍ଢେଇ

**ବାରିପଦା ଅଫିସ:** କରୋନା ସଂକ୍ରମଣ ଆରମ୍ଭରେ ବେସାହାରା ହୋଇପଡିଥିଲା ଜୀବନ। ଏଭଳି କଷ୍ଟକର ସମୟରେ ଜୀବିକା ବିପନ୍ନ ହୋଇପଡିଥିବାବେଳେ ରାହା ଦେଖାଇଥଲା ୟୁ ଟ୍ୟୁବ୍। ଭିଡିଓ ଦେଖି ଖେଳନା କଣ୍ଢେଇ ତିଆରି କରିବା ପ୍ରକ୍ରିୟା ଶିଖିବାପରେ ଏବେ ତାହା ରୋଜଗାରର ମାଧ୍ୟମ ପାଲଟିଛି। ଏହି ଖେଳନା କଣ୍ଢେଇ ହିଁ ତାଙ୍କ ଜୀବନ ସଜାଡିବା ସହ ପରିବାର ମୁହଁରେ ହସ ଫୁଟାଇଛି ବୋଲି କୁହନ୍ତି ମଣି ପାଲ।




ପଡ଼ୋଶୀ ପଶ୍ଚିମବଙ୍ଗର ନଦିଆ ଜିଲା ଅନ୍ତର୍ଗତ ରାନାଘାଟ ଅଞ୍ଚଳର ଯୁବକ ମଣି ପାଲ ମୟୂରଭଞ୍ଜ ଜିଲା ବାରିପଦା ସହରର ରାସ୍ତା କଡ଼ରେ ଏହି କଣ୍ଢେଇ ବିକି ବେଶ ଦି' ପଇସା ରୋଜଗାର କରି ପାରୁଛନ୍ତି। ଦିନକୁ ୩ରୁ ୪ଶହ ଟଙ୍କା ରୋଜଗାର ହେଉଥିବା ବେଳେ ଏଥିରେ ତାଙ୍କ ପରିବାର ଲୋକେ ସହଯୋଗ କରୁଛନ୍ତି। ସୁନ୍ଦର ଆକୃତି ସହିତ ରଙ୍ଗବେରଙ୍ଗର ଏହି କଣ୍ଢେଇ ଏବେ ଲୋକଙ୍କୁ ବେଶ ଆକୃଷ୍ଟ କରି ପାରୁଛି।

ମଣି ପାଲଙ୍କ ପରିବାର କହିଲେ ସ୍ତ୍ରୀଙ୍କ ସହ ଦୁଇ ସନ୍ତାନ । ଦିନକୁ ୧୨ ଘଣ୍ଟା ପରିଶ୍ରମ କରି ତିଆରି କରୁଛନ୍ତି କଣ୍ଢେଇ। } କୋଲକାତା ବଜାରରୁ ସାମଗ୍ରୀ କିଣି ଘରେ ବସି ଏହାକୁ ତିଆରି କରି ଦେଢ଼ଶହ ଟଙ୍କାରେ ବିକ୍ରି କରୁଛନ୍ତି । ଅଧିକ ଦୁଇ ପଇସା ଲାଭ ପାଇଁ ପଶ୍ଚିମବଙ୍ଗରୁ ଆସି ବାରିପଦା ସହରର ମୁଖ୍ୟ ସଡ଼କ ପାର୍ଶ୍ୱରେ ସୁନ୍ଦର ଭାବେ ସଜାଇ କଣ୍ଢେଇ ବିକ୍ରି କରୁଛନ୍ତି । ଗୋଟିଏ କଣ୍ଢେଇ ତିଆରି ପାଇଁ ଦେଢ ଘଣ୍ଟା ସମୟ ଲାଗିଥାଏ । ରାତିରେ ବସି ଏହାକୁ ପ୍ରସ୍ତୁତ କରୁଥିବା ମଣି ପାଲ କହିଛନ୍ତି। ବାଟୋଇ ଓ ଶିଶୁମାନଙ୍କୁ ଏହା ବେଶ ଆକୃଷ୍ଟ କରୁଥିବାରୁ କଣ୍ଢେଇ ଆଦର ବଢ଼ିବାକୁ ଲାଗିଛି ।

ବେଡ୍‌ରୁମ କିମ୍ବା ବୈଠକ ଘର କାନ୍ଥ ଥାକରେ ସଜାଇ ରଖିବା ପାଇଁ ଘରକୁ ନେଉଛୁ। ମନକୁ ଛୁଇଁଲା ପରି ହୋଇଥିବାରୁ କିଣୁଛି ବୋଲି ଗ୍ରାହକ ସତ୍ୟରୂପା ସିହ୍ନା ପ୍ରକାଶ କରିଛନ୍ତି । ସେହିପରି ୪ଚକିଆ ଯାନର ସମ୍ମୁଖ ଓ ପଛ ପାର୍ଶ୍ୱରେ ଏହାକୁ ରଖିବା ପାଇଁ ଲୋକେ କିଣୁଛନ୍ତି। ସୁନ୍ଦର କାରୁକାର୍ଯ୍ୟ ଓ ଡିଜାଇନରେ ଏହାକୁ ପ୍ରସ୍ତୁତ କରାଯାଉଥିବାରୁ ବେଶ ମନଲୋଭା ହୋଇପାରିଛି ବୋଲି ମୁର୍ଗାବାଡ଼ି ଅଞ୍ଚଳର ରାଜାରାମ ଖଣ୍ଡେଲୱାଲ କହିଛନ୍ତି । ତେବେ ଦୃଢ଼ ଇଚ୍ଛାଶକ୍ତି ଦ୍ୱାରା କୋଭିଡ୍-୧୯କୁ ମୁକାବିଲା କରି ସେ ରୋଜଗାରକ୍ଷମ ହୋଇପାରିଥିବା ମଣି ପାଲ କହିଛନ୍ତି। ଏହି ଭଳି ପ୍ରୟାସ ରଖି ଯୁବ ସମାଜ ଟେକ୍ନୋଲୋଜିର ସହାୟତା ନେଇ ରୋଜଗାରକ୍ଷମ ହୋଇପାରିବେ ବୋଲି ସେ ପ୍ରକାଶ କରିଛନ୍ତି ।

# ବେଳାଭୂମିରେ ତାରା



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ତାରା ସୁତାରିଆ ନିଜ କାମ ସହିତ ଷ୍ଟାଇଲିଶ ଲୁକ୍‌ରେ ଫ୍ୟାନ୍‌ମାନଙ୍କ ହୃଦୟ ଜିତିପାରିଛନ୍ତି। ସେ ସବୁବେଳେ ନିଜ ଫଟୋ ଏବଂ ଭିଡିଓ ଶେୟାର କରିଥାନ୍ତି। ତାରା ତାଙ୍କର କିଛି ଫଟୋକୁ ନେଇ ବେଶ୍ ଚର୍ଚ୍ଚାରେ ଅଛନ୍ତି। ଯେଉଁଥିରେ ସେ ହ୍ୱାଇଟ୍ ବିକିନିରେ ସମୁଦ୍ର କୂଳରେ ପୋଜ୍ ଦେବାର ନଜର୍ ଆସିଛନ୍ତି। ଏହି ଫଟୋକୁ ତାରା ନିଜ ଇନ୍‌ଷ୍ଟା ଆକାଉଣ୍ଟରେ ଶେୟାର କରିଛନ୍ତି। ଏପର୍ଯ୍ୟନ୍ତ ଏହି ଫଟୋକୁ ୪ଲକ୍ଷରୁ ଅଧିକଥର ଦେଖାଯାଇସାରିଲାଣି। ତେବେ ଫ୍ୟାନ୍‌ମାନେ ଏହାକୁ ଦେଖି ଢେର୍ ସାରା ପ୍ରଶଂସା କରିଛନ୍ତି। ତାରାଙ୍କର ଅନ୍ଦାଜ୍ ଏବଂ ଷ୍ଟାଇଲ୍ ଏହି ଫଟୋରେ ଦେଖିବାଭଳି ହୋଇଛି। ଏହାକୁ ଶେୟାର କରି ସେ କ୍ୟାପସନ୍‌ରେ ଲେଖିଛନ୍ତି 'ବାଦଲ ସହିତ ତାଳ ମିଶାଇ ନୃତ୍ୟ କରିବାର ମଜା ନିଆରା'। ସମୁଦ୍ର କୂଳ ମୋତେ ବହୁତ ପସନ୍ଦ। ଏଠାକୁ ଆସିଲେ ମୋତେ ଯିବାକୁ ଇଚ୍ଛା ହୁଏନି। କେତେକ ୟୁଜର୍ସ ତାଙ୍କୁ କମେଣ୍ଟରେ ପରୀ ଯେମିତି ସ୍ୱର୍ଗରୁ ଚାଲିଆସିଛି ବୋଲି ଲେଖିଛନ୍ତି। ୱାର୍କ ଫ୍ରଣ୍ଟ କଥା କହିବାକୁ ଗଲେ, ତାରାଙ୍କୁ ଶେଷଥର 'ମରଯାୱାଁ' ଫିଲ୍ମରେ ଦେଖିବାକୁ ମିଳିଥିଲା। ଏହି ଫିଲ୍ମରେ ତାରାଙ୍କ ସହ ସିଦ୍ଧାର୍ଥ ମଲହୋତ୍ରା ସ୍କ୍ରିନ୍ ଶେୟାର କରିଥିଲେ। ରିତେଶ ଦେଶମୁଖ ମଧ ଏଥିରେ ଏକ ପ୍ରମୁଖ ଭୂମିକାରେ ନଜର୍ ଆସିଥିଲେ। ତାରା ଶିଶୁ କଳାକାର ଭାବେ ଡିଜନୀ ଷ୍ଟାରରେ ବହୁତ ଗୁଡିଏ ସିରିଏଲରେ କାମ କରିଛନ୍ତି। ଏହାପରେ ବଲିଉଡ୍‌ରେ ସେ 'ଷ୍ଟୁଡେଣ୍ଟ ଅଫ୍ ଦି ଇୟର-୨' ମୁଭିରୁ ଡେବ୍ୟୁ କରିଥିଲେ। ଆଗକୁ ସେ ଏକ ରୋମାଣ୍ଟିକ ଆକ୍ସନ ଫିଲ୍ମ 'ତଡ଼ପ'ରେ ନଜର୍ ଆସିବେ।

# ମାସ୍କ ନ ପିନ୍ଧିଲେ ଚେୟାର ମାଡ଼

**ଇରାପୁଏଟୋ:** କରୋନା ମହାମାରୀ ଯୋଗୁ ସାଧାରଣ ଜୀବନଶୈଳୀ ସମ୍ପୂର୍ଣ୍ଣ ବଦଳିଯାଇଛି। ହଜାର ହଜାର ଲୋକ ଫେସ୍ ମାସ୍କ ସହିତ ବହାରେ ବୁଲୁଥିବା ବେଳେ ଅନେକ ଲୋକ ଅଛନ୍ତି ଯେଉଁମାନେ ମାସ୍କ ପିନ୍ଧିବା ଆବଶ୍ୟକ ବୋଲି ଭାବୁ ନାହାନ୍ତି। ଏଭଳି ଲୋକଙ୍କୁ ସାବାଡ଼ କରିବା ପାଇଁ ପ୍ରତ୍ୟେକ ଦେଶରେ ଭିନ୍ନ ଭିନ୍ନ ନିୟମ ରହିଛି। ଏହି ମାମଲାରେ ମେକ୍ସିକୋର ଇରାପୁଏଟୋ ସହରରେ ପ୍ରଶାସନିକ ପଦ୍ଧତି ଅତ୍ୟନ୍ତ ଆକର୍ଷଣୀୟ ରହିଛି। ଏଠାରେ ମାସ୍କ ପିନ୍ଧୁ ନ ଥିବା ଲୋକମାନଙ୍କୁ ସଚେତନ କରିବା ପାଇଁ କେତେଜଣ ରେସ୍‌ଲର୍ସଙ୍କ ସହାୟତା ନିଆଯାଇଛି। ଏହି ରେସ୍‌ଲର୍ସମାନଙ୍କ ସଚେତନ କରିବାର ଅନ୍ଦାଜ୍ ସମ୍ପୂର୍ଣ୍ଣ ଭିନ୍ନ।



ଏହି କୁସ୍ତିଯୋଦ୍ଧାମାନେ ସେମାନଙ୍କ କୁସ୍ତି ପୋଷାକରେ ସହରର ରାସ୍ତାରେ ବୁଲନ୍ତି ଏବଂ ଯେଉଁ ବ୍ୟକ୍ତି ବିନା ମାସ୍କରେ ଦେଖାଯାଆନ୍ତି, ପ୍ରଥମେ ସେମାନଙ୍କ ଉପରେ ଚେୟାର ଫିଙ୍ଗି ମାଡ଼ ମାରନ୍ତି ପରେ ମାସ୍କ ପିନ୍ଧିବାକୁ ଦେଇଥାନ୍ତି। ଏ ନେଇ ଇରାପୁଏଟୋ ସରକାର ଟୁଇଟ୍ କରି କହିଛନ୍ତି ଯେ, ଏହି ରେସ୍‌ଲର୍ସମାନେ ନିଜର ଯୁଦ୍ଧ ଶୈଳୀରେ ଲୋକମାନଙ୍କୁ ମାସ୍କ ବ୍ୟବହାର କରିବାକୁ ପରାମର୍ଶ ଦେଇଥାନ୍ତି। ଯାହାଦ୍ୱାରା କରୋନା ସଂକ୍ରମଣ ବ୍ୟାପିବାର ସମ୍ଭାବନା ନ ଥାଏ। ତେବେ ସର୍ବସାଧାରଣରେ ମାସ୍କ ବ୍ୟବହାର କଲେ ସଂକ୍ରମଣଠାରୁ ସୁରକ୍ଷିତ ରହିବା ସହ ଆପଣଙ୍କୁ କୁସ୍ତିଯୋଦ୍ଧାମାନେ ଆଉ ମାସ୍କ ନ ପିନ୍ଧିବାରୁ ଚେୟାର ଫିଙ୍ଗି ମାରିବାକୁ ଖୋଜିପାରିବେ ନାହିଁ ବୋଲି ସେ କହିଛନ୍ତି। ତେବେ କୁସ୍ତିଯୋଦ୍ଧାମାନଙ୍କ ଏହି ଶୈଳୀ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଅନେକ ଲୋକ ଏହାକୁ ପ୍ରଶଂସା କରୁଥିବା ବେଳେ ଅନେକ ଡରାଇବା, ହିଂସା ସହିତ ମାସ୍କ ପିନ୍ଧାଇବା ଠିକ୍ ଉପାୟ ନାହିଁ ବୋଲି କହୁଛନ୍ତି।

# ମେମୋରି ମ୍ୟାନ ଆଣ୍ଡି ପୋପ୍



**ଲଣ୍ଡନ:** ଇଂଲଣ୍ଡର ଜଣେ ପୋଲିସ ଅଧିକାରୀ ତାଙ୍କର ବିଶେଷ ପ୍ରତିଭା ପାଇଁ ଏବେ ଚର୍ଚ୍ଚାରେ ରହିଛନ୍ତି। ଚେହେରା ଚିହ୍ନିବାରେ ଏହି ଅଧିକାରୀ ଜଣଙ୍କ ପାଖରେ ବିଶେଷ ଦକ୍ଷତା ରହିଛି। ପୋଲିସ କମ୍ୟୁନିଟି ସପୋର୍ଟ ଅଫିସର୍ ଆଣ୍ଡି ପୋପଙ୍କର ଏପରି ଅଦ୍ଭୁତ ସାମର୍ଥ୍ୟ ରହିଛି। ବର୍ତ୍ତମାନ ସୁଦ୍ଧା ୨୦୦୦ରୁ ଅଧିକ ସନ୍ଦିଗ୍ଧ ଅପରାଧୀଙ୍କୁ ସେ ଚିହ୍ନଟ କରିସାରିଲେଣି। ତାଙ୍କର ପ୍ରତିଭା ଯୋଗୁ ତାଙ୍କୁ ମେମୋରି ମ୍ୟାନ ମଧ କୁହାଯାଏ। ଆଣ୍ଡି ବର୍ମିଂହାମରେ ପରିବହନ ହବ ଉପରେ ପାଟ୍ରୋଲିଂ ଜାରି ରଖିଛନ୍ତି। ସେ ଅପରାଧୀଙ୍କୁ ସିସିଟିଭି କ୍ୟାମେରା, ଭିଡିଓ ଏବଂ ପୋଲିସର ସଂକ୍ଷିପ୍ତ ସହାୟତାରେ ଧରିଥାନ୍ତି। ଥରେ ସେ ଯେଉଁ ଚେହେରା ଦେଖିଥାନ୍ତି ତାକୁ ସେ ଆଦୌ ଭୁଲିନଥାନ୍ତି। ୨୦୧୨ ମସିହାରୁ ଆଣ୍ଡି ତାଙ୍କର ଏହି ପ୍ରତିଭାକୁ ବ୍ୟବହାର କରିଆସୁଛନ୍ତି। ଏବଂ ପରବର୍ତ୍ତୀ ଛଅ ବର୍ଷ ମଧ୍ୟରେ ସେ ୧୦୦୦ ଫେରାର ସନ୍ଦିଗ୍ଧଙ୍କୁ ଚିହ୍ନଟ କରିଛନ୍ତି। ୨୦୨୦ ସୁଦ୍ଧା ଏହି ସଂଖ୍ୟା ୨୦୦୦ ଅତିକ୍ରମ କରିଛି। ତାଙ୍କ ପ୍ରତିଭା ବିଷୟରେ ଆଣ୍ଡି କୁହନ୍ତି, ଅନେକ ଲୋକ ମୋତେ ଏ ବିଷୟରେ ପଚାରିଛନ୍ତି କିନ୍ତୁ ଏହାକୁ ବୁଝାଇବା ମୋ ପକ୍ଷେ ସମ୍ଭବ ନୁହେଁ।

# ମଇଁଷି ମାଲିକଙ୍କୁ ୧୦ ହଜାର ଜରିମାନା

**ଗ୍ୱାଲିୟର:** ନୂଆ ରାସ୍ତାରେ ମଇଁଷି ମଳତ୍ୟାଗ କରିବାରୁ ମାଲିକଙ୍କୁ ଜରିମାନା ଦେବାକୁ ପଡ଼ିଛି। ମଧ୍ୟପ୍ରଦେଶର ଗ୍ୱାଲିୟରର ଡି.ବି. ସିଟି ରୋଡ ନିର୍ମାଣ କରାଯାଉଥିଲା। ଏହି ସମୟରେ ରାସ୍ତାରେ ଯାଉଥିବା ମଇଁଷି ମଳତ୍ୟାଗ କରିଥିଲା। ନଗର ନିଗମର କମିଶନର ସନ୍ଦୀପ ମାକିନ ରାସ୍ତାକାମ ତଦାରଖ ପାଇଁ ସେଠାରେ ପହଞ୍ଚିଥିଲେ। ମଇଁଷି ମଳତ୍ୟାଗ କରିବା ଦେଖି ସେ ମାଲିକଙ୍କୁ ୧୦ ହଜାର ଟଙ୍କାର ଜରିମାନା ଦଣ୍ଡାଦେଶ କରିଥିଲେ। କମିଶନରଙ୍କୁ ଏହା ଭଲ ନ ଲାଗିବାରୁ ସେ ଏପରି କରିଥିବା ନଗର ନିଗମ ଜୋନାଲ ଅଧିକାରୀ ମନିଷ କନୌଜିଆ କହିଛନ୍ତି। ମଇଁଷି ମାଲିକ ବେତାଲ ସିଂଙ୍କୁ ଜରିମାନା ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ ଦିନରେ ସର୍ବସାଧାରଣ ରାସ୍ତାକୁ ଅପରିଷ୍କାର କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଏଭଳି ଦଣ୍ଡାଦେଶ କରାଯିବ ବୋଲି ଜୋନାଲ ଅଧିକାରୀ ସୂଚନା ଦେଇଛନ୍ତି।



# ୨୪ କ୍ୟାରେଟ ସୁନା ବର୍ଗର

**ୱାଶିଂଟନ୍:** ଫାଷ୍ଟଫୁଡ ମଧ୍ୟରେ ଲୋକଙ୍କ ପ୍ରଥମ ପସନ୍ଦ ହେଉଛି ବର୍ଗର। ଭାରତରେ ମଧ ଲୋକେ ଏହାକୁ ଖାଇବା ପାଇଁ ପାଗଳପ୍ରାୟ। ଏଠାରେ ବର୍ଗର ସାଧାରଣତଃ ୫୦ରୁ ୫୦୦ ଟଙ୍କାରେ ମିଳିଥାଏ। କିନ୍ତୁ ଆମେରିକାରେ ଏକ ବର୍ଗରର ଦାମ ୫୯ ଡଲାର ଅର୍ଥାତ ଭାରତୀୟ ମୁଦ୍ରାରେ ୪୩୩୦ ଟଙ୍କାରେ ବିକ୍ରି ହେଉଛି। ଏହି ମହଙ୍ଗା ବର୍ଗର ଆମେରିକାର ଏକ ରେଷ୍ଟୁରାଣ୍ଟରେ ଉପଲବ୍ଧ। ଏହାର ବିଶେଷତ୍ୱ ହେଉଛି ଏଥିରେ ସୁନା କାମ ହୋଇଛି। ଗ୍ରାହକଙ୍କୁ ଆକର୍ଷିତ କରିବା ପାଇଁ ଏହାକୁ ୨୪ କ୍ୟାରେଟ ନାମ ଦିଆଯାଇଛି। ସାଉଥ ଚାଇନା ମର୍ନିଂ ଅନୁଯାୟୀ ରେଷ୍ଟୁରାଣ୍ଟର ରୋଷେୟା ମାରିଆ ପାଉଲା କହିଛନ୍ତି ଯେ, ରେଷ୍ଟୁରାଣ୍ଟରେ ଥିବା ହାମବର୍ଗରକୁ ପ୍ରଥମେ ପ୍ଲାଷ୍ଟିକରେ ଭର୍ତ୍ତି କରାଯାଇ ତା'ଉପରେ ସୁନାର ଆବରଣ ଦିଆଯାଇଛି। ପାଉଲା ମଧ ଏହି ବର୍ଗର କିପରି ପ୍ରସ୍ତୁତ କରାଯାଇଛି ସେ ସମ୍ପର୍କରେ ବ୍ୟାଖ୍ୟା କରିଛନ୍ତି। ସେ କହିଛନ୍ତି, ଏହା ନଷ୍ଟ ହେବ ନାହିଁ। ଯଦି ଏହା ଆପଣଙ୍କ ଆଙ୍ଗୁଳିରେ ଲାଗିଯିବ ତେବେ ନଷ୍ଟ ହୋଇଯିବ।



# ୩୦ ରୁଟି ଖାଉଥିଲେ ସଲମାନ୍

**ମୁମ୍ବାଇ:** ସଲ୍‌ମାନ୍ ଖାନ୍-ଭାଗ୍ୟଶ୍ରୀ ଅଭିନୀତ ଫିଲ୍ମ 'ମୈନେ ପ୍ୟାର୍ କିୟା' ସଫଳତାର ୩୧ ବର୍ଷ ପୂରଣ ହୋଇଛି। ସୁରଜ ବଡ଼ଜାତ୍ୟାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ସଲ୍‌ମାନ ଏବଂ ଭାଗ୍ୟଶ୍ରୀଙ୍କୁ ବଲିଉଡରେ ଏକ ବଡ଼ ପରିଚୟ ଦେଇଛି। ଏହି ଫିଲ୍ମରେ ଜଣେ ମୁଖ୍ୟ ଅଭିନେତା ଭାବରେ ସଲମାନ୍ ତାଙ୍କର କ୍ୟାରିୟର ଆରମ୍ଭ କରିଥିଲେ। ସେ ସମୟରେ ସଲମାନ୍ ବହୁତ ପତଳା ଥିଲେ। ବର୍ତ୍ତମାନ ସଲମାନ୍ ଖାନ୍‌ଙ୍କ ରୂପରେ ବହୁତ ପରିବର୍ତ୍ତନ ଆସିଛି। ୫୫ ବର୍ଷରେ ମଧ ସଲମାନ ଫିଟ୍‌ନେସ୍ ହେତୁ ଯୁବକ ଦେଖାଯାଉଛନ୍ତି। ଏକ ସାକ୍ଷାତକାରରେ ସଲମାନ୍ କହିଛନ୍ତି ଯେ, ମୋ ଫିଲ୍ମରେ ପ୍ରାରମ୍ଭିକ ସଂଘର୍ଷ ଓଜନ ବଢ଼ାଇବାକୁ ନେଇ ହେଉଥିଲା। ତେଣୁ ସେତେବେଳେ ମୁଁ ଯାହା ପାଉଥିଲି ଖାଉଥିଲି। 'ମୈନେ ପ୍ୟାର୍ କିୟା' ମୁଭି ସେଟ୍‌ରେ ୩୦ଟି ରୁଟି ଏବଂ ବହୁତ କଦଳୀ ଖାଇଯାଉଥିଲି । କିନ୍ତୁ ବର୍ତ୍ତମାନ ଖାଇବା ଉପରେ ବହୁତ ଧ୍ୟାନ ଦେଉଛି। 'ସୁଲତାନ୍ ଏବଂ ଭାରତ୍' ମୁଭି ପାଇଁ ଖୁବ୍ କମ୍ ସମୟରେ ଓଜନ ବୃଦ୍ଧି ଓ ହ୍ରାସ କରିବାର ପ୍ରକ୍ରିୟାକୁ ଶେଷ କରିଥିଲେ। ଏହି ସମୟରେ ବୃଦ୍ଧ, ଯୁବକ ଭୂମିକା ପାଇଁ ପ୍ରାୟ ୧୫ କି.ଗ୍ରା ଓଜନ ହ୍ରାସ କରିଥିବା ସଲମାନ୍ କହିଛନ୍ତି।



ସଲମାନ୍ ହେଉଛନ୍ତି ଯୁବକମାନଙ୍କର ଫିଟ୍‌ନେସ୍ ଆଇଡଲ୍। ତାଙ୍କର ପ୍ରଥମ ଫିଲ୍ମ 'ମୈନେ ପ୍ୟାର କିୟା, ଅନ୍ଦାଜ୍ ଅପ୍‌ନା ଅପ୍‌ନା, ସନମ୍ ବେୱଫା, ହମ୍ ଆପକେ ହୈ କନ୍, କରନ୍ ଅର୍ଜୁନ୍ ଆଦିରେ ସଲମାନ୍ ପତଳା ଦେଖାଯାଉଥିଲେ। କିନ୍ତୁ ସମୟ ସହିତ ଫିଟ୍‌ନେସ୍ ପରୀକ୍ଷଣ ତାଙ୍କ ଫିଲ୍ମରେ ଦେଖାଯିବା ଆରମ୍ଭ କରିଥିଲା। 'ତୁମ୍‌କୋ ନା ଭୁଲ୍ ପାୟେଗେ, ୟେ ହୈ ଜଲ୍‌ୱା, ଗର୍ବ, ମୁଝ୍‌ସେ ସାଦି କରୋଗୀ, ମୈନେ ପ୍ୟାର୍ କ୍ୟୁ କିୟା, ବଡି ଗାର୍ଡ, ଏକ୍ ଥା ଟାଇଗର, ଟାଇଗର ଜିନ୍ଦା ହୈ ଆଦି ମୁଭିରେ ସଲମାନ୍‌ଙ୍କ ଫିଟ୍‌ନେସ୍‌ରେ ପୂର୍ବ ଅପେକ୍ଷା ବହୁତ ପରିବର୍ତ୍ତନ ଆସିଛି।


## ମନେ ପଡ଼ନ୍ତି

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଆଦିତ୍ୟ କୁମାର ରାୟମହାପାତ୍ର
ନଦୀଗାଁ ଉଆସ ସାହି, ଜି: ଭଦ୍ରକ
ତିରୋଧାନ: ୨୨।୧୨।୨୦୧୮
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ନୁକୁ, ଖକନ, ଫୁଲୁ, ଛବି, ଖୁସି, ବୁବୁ, ବାବା, କେକେ, ପୁଚି, ରଙ୍ଗେଲି, ତିତିଲି, ବିନ୍ଧିଆ, ଝିଲି, ରଣଜିତ୍, ଭଉଣୀ, ଭିଣୋଇ, ଭଣଜା, ଭାଣିଜୀମାନେ ।
ଧ-୧୯୪୦୫

### ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ବିନୋଦିନୀ ଦେବୀ
ସ୍ୱାମୀ: ସ୍ୱର୍ଗତ କବିରାଜ କୃଷ୍ଣଚନ୍ଦ୍ର ତ୍ରିପାଠୀ ଶର୍ମା
କବିରାଜ ଭବନ, ଆସିକା, ଗଞ୍ଜାମ
ଆବିର୍ଭାବ: ୨୩।୦୮।୧୯୨୪
ତିରୋଧାନ: ମାର୍ଗଶିର ପୂର୍ଣ୍ଣିମା, ୨୦୦୬
ଆପଣଙ୍କ ସ୍ନେହ,ଶ୍ରଦ୍ଧା ଓ ଆଶୀର୍ବାଦ ଆମକୁ ସର୍ବଦା ଦିଗ୍‌ଦର୍ଶନ ଦେଉଥାଉ।
-:ଶୋକସନ୍ତପ୍ତ:-
ପୁତ୍ର: ପ୍ରଶାନ୍ତ, ବୋହୂ: ବିଜୟଲକ୍ଷ୍ମୀ, ଝିଅ: ରଞ୍ଜିତା, ଜ୍ୱାଇଁପୁଅ: ଡ. ଏନ୍.ସି. ପାଢ଼ୀ ଓ ପରିବାରବର୍ଗ, ଆତ୍ମୀୟସ୍ୱଜନ ।
ଧ-୧୯୪୦୪

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଉଲ୍ଲାସ ଚନ୍ଦ୍ର ବିଦ୍ୟାଧର
ମଦନପୁର, ଯାଆଁଳା, ଖୋର୍ଦ୍ଧା
ଆବିର୍ଭାବ: ୦୧।୦୪।୧୯୪୩
ସ୍ୱର୍ଗବାସ: ୨୦।୧୨।୨୦୨୦
ଜଣେ ବିଶିଷ୍ଟ ସମାଜସେବୀ, ଶିକ୍ଷା ସଂସ୍କାରକ, ବୁଦ୍ଧିଜୀବୀ ତଥା ଦକ୍ଷ ସଂଗଠକ ଭାବେ ଆପଣ ଏ ଅଞ୍ଚଳରେ ସର୍ବାଗ୍ରେ ଜଣାଶୁଣା। ଆପଣଙ୍କ ସରଳ, ନିରାଡମ୍ବର, କର୍ମମୟ ଜୀବନ ହିଁ ଆମଲାଗି ପ୍ରେରଣା। ଆମେ ଆପଣଙ୍କଠାରେ ଚିରଋଣୀ। ଆପଣଙ୍କ ଦିବଂଗତ ଆତ୍ମାର ସଦ୍‌ଗତି ଲାଗି ଈଶ୍ୱରଙ୍କଠାରେ ଆମର ଏକାନ୍ତ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ସନାତନ ହରିଚନ୍ଦନ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀବୃନ୍ଦ ।
ଧ-୬୦୯୬୨

### ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ସ୍ନେହବାଳା ତ୍ରିପାଠୀ
ମହୁଖଣ୍ଡା, ବାଲିପାଟଣା, ଖୋର୍ଦ୍ଧା
ତୁମର ମୃତ୍ୟୁ ଦିବସ ଆମ ପାଇଁ ଅବିସ୍ମରଣୀୟ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ୧୯୮୩ ସିନିୟର ବ୍ୟାଚ
ବାନ୍ଧବୀ-ବନ୍ଧୁମାନେ
ଧ-୬୯୫୯୮

### ତୋ ସ୍ମୃତିରେ...



ସ୍ୱର୍ଗତ ସୋମ୍ୟ ସନ୍ଦିପନ ମହାରଣା (ସନ୍ଦିପ)
ଅପର୍ତ୍ତିବିନ୍ଧା, ଭଦ୍ରକ
ଆବିର୍ଭାବ: ୨୨।୧୦।୨୦୦୧
ତିରୋଧାନ: ୩୦।୧୨।୨୦୧୫
କାଲି ଥିଲୁ କୁଳଚନ୍ଦ୍ରମା ମୋର
ଆଜି ହୋଇଗଲୁ ଆକାଶ ତାରା
ତୁ ଶୟନେ ସ୍ୱପନେ ଅତି ନିକଟରେ
ହାତ ବଢାଇଲେ ନଦେଉ ଧରା।
ତୁ ଯେଉଁଠି ଥା ଭଲରେ ଥାଆ, ଆମକୁ
ଦୁଃଖ ଦରିଆରେ ଭସେଇଦେଇ ଚାଲିଗଲୁ,
ତୋ ଅଫେରା ବାଟକୁ ଚାହିଁ ରହିଛୁ।
-:ଶୋକସନ୍ତପ୍ତ ପରିବାରବର୍ଗ:-
ବାପା, ମା', କୁନୁ, ଗୁଡ୍ଡୁ, ଜେଜେବାପା, ଜେଜେମା' ଓ ଅନ୍ୟମାନେ ।
ଧ-୧୯୪୦୩

# ଲାୟନ୍ସକୁ ହରାଇଲା ପାନ୍ଥର୍ସ

ଭୁବନେଶ୍ୱର, ୨୯।୧୨(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଏମ୍‌ଜିଏମ୍ ଟି୨୦ କ୍ରିକେଟ ଲିଗ୍‌ର ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଓଡ଼ିଶା ପାନ୍ଥର୍ସ ୭ ଉଇକେଟରେ ଲାୟନ୍ସକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଲାୟନ୍ସ ୨୦ ଓଭରରେ ୯ ଉଇକେଟ ହରାଇ ୧୨୫ ରନ କରିଥିବାବେଳେ ପାନ୍ଥର୍ସ ୧୭.୩ ଓଭରରେ ୩ ଉଇକେଟ

## ଓଡ଼ିଶା ଟି୨୦ କ୍ରିକେଟ ଲିଗ୍

ହରାଇ ୧୨୯ ରନ ସଂଗ୍ରହ କରି ନେଇଥିଲା।

ଟସ୍ ଜିତି ପାନ୍ଥର୍ସ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଭାବୀ ବୋଲିଂ କରି ଦଳର ବୋଲରମାନେ ଏହାକୁ ଉଚିତ ପ୍ରମାଣିତ କରିଥିଲେ। ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ଲାୟନ୍ସ ୪୩ ରନ ମଧ୍ୟରେ ୫ ଉଇକେଟ ହରାଇ ବ୍ୟାକ୍‌ଫୁଟ୍‌କୁ ଚାଲି ଯାଇଥିଲା। ଦୁଇ ଓପନର ଶୁଭ୍ରଜ୍ୟୋତି ମିଶ୍ର (୩) ଓ ସ୍ୱସ୍ତିକ ସାମଲ (୯) ଫେଲ୍ ମାରିଥିବାବେଳେ ସୁଜିତ ଲେଙ୍କା ଇନିଂସକୁ ଆଗେଇ ନେଇଥିଲେ। ମାତ୍ର ଅପର ପକ୍ଷରେ ରାକେଶ ପଟ୍ଟନାୟକ (୧), ନଉତ୍ତମ ଭଞ୍ଜ(୨) ଓ ଚିନ୍ମୟ ସାହୁ(୦)ଙ୍କ ବିଫଳତା ସୁଜିତଙ୍କ ଉପରେ ଚାପ ପକାଇଥିଲା। ଶେଷ ଭାଗରେ ଦୀପକ ବେହେରା ୨୩, ବିକାଶ ରାଉତ ୨୨*, ବିଶ୍ୱଭୂଷଣ ବିହାରୀ ୧୩ ରନ କରିବାରୁ ଦଳ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚି ପାରିଥିଲା। ସୁଜିତ ଦଳ ପକ୍ଷରୁ ସର୍ବାଧିକ ୩୯(୩୮ ବଲ, ୪ ଚୌକା) ରନ ସ୍କୋର କରିଥିଲେ। ବିପକ୍ଷ ଦଳର ଆଲୋକ ସାହୁ ୩ଟି, ଜୟନ୍ତ ବେହେରା ଓ ବସନ୍ତ ମହାନ୍ତି ୨ଟି ଲେଖାଏ ଏବଂ ପ୍ରଦୀପ ପ୍ରଧାନ ଗୋଟିଏ ଉଇକେଟ ନେଇଥିଲେ।

୧୨୬ ରନ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ପାନ୍ଥର୍ସ ଭଲ ଆରମ୍ଭ କରି ନ ଥିଲେ ହେଁ ଅଭିଷେକ ଯାଦବଙ୍କ ଦ୍ରୁତ ଅପରାଜିତ ୬୯(୪୫ ବଲ, ୭ ଚୌକା, ୨ ଛକା) ବଳରେ ୧୫ ବଲ ବାକିଥାଇ ବିଜୟୀ ହୋଇଥିଲା। ବିନିତ ମହାନ୍ତି ୨୧ ରନରେ ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଙ୍କିତ ସିଂ ୧୫ ଓ ଆଲୋକ ସାହୁ ୧୦ ରନ କରିଥିଲେ। ପରାଜିତ ଦଳର ଶିବାଶିଷ ସାହୁ ୨ଟି ଓ ଦୀପକ ବେହେରା ଗୋଟିଏ ଉଇକେଟ ନେଇଥିଲେ। ମ୍ୟାଚ ବିଜୟୀ ଇନିଂସ ପାଇଁ ଅଭିଷେକ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ। ଚଳିତ ଲିଗ୍‌ରେ ପାନ୍ଥର୍ସର ଏହା କ୍ରମାଗତ ଦ୍ୱିତୀୟ ବିଜୟ। ପୂର୍ବରୁ ଉଦ୍‌ଘାଟନୀ ମ୍ୟାଚରେ ଦଳ ଓଡ଼ିଶା ପୁମାସକୁ ୯ ଉଇକେଟରେ ପରାସ୍ତ କରିଥିଲା। ସେହିପରି ଲାୟନ୍ସର ଏହା ଲଗାତର ଦ୍ୱିତୀୟ ପରାଜୟ। ସୋମବାର ମ୍ୟାଚରେ ଦଳ ୪ ଉଇକେଟରେ ଓଡ଼ିଶା ଟାଇଗର୍ସଠାରୁ ହାରିଥିଲା।




ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଅଭିଷେକ ଯାଦବ।




ଓଡ଼ିଶା ଟି୨୦ କ୍ରିକେଟ ଲିଗ୍‌ରେ ମଙ୍ଗଳବାର ପାନ୍ଥର୍ସ ଓ ଲାୟନ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ଓଡ଼ିଶା ପୁମାସର ପ୍ରଥମ ବିଜୟ

ଭୁବନେଶ୍ୱର, ୨୯।୧୨ (କ୍ରୀଡ଼ା ପ୍ରତିନିଧି)

ଏମ୍‌ଜିଏମ୍ ଟି୨୦ କ୍ରିକେଟ ଲିଗ୍‌ର ମଙ୍ଗଳବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ଓଡ଼ିଶା ପୁମାସ ୧୯ ରନରେ ଜାଗୁଆର୍ସକୁ ପରାସ୍ତ କରିଛି। ପୁମାସ ପକ୍ଷରୁ ଧାର୍ଯ୍ୟ ୧୪୨ ରନ ବିଜୟ ଲକ୍ଷ୍ୟକୁ ପିଛା କରି ଜାଗୁଆର୍ସ ୧୮.୫ ଓଭରରେ ୧୨୨ ରନକରି ଅଲଆଉଟ ହୋଇ ଯାଇଥିଲା। ବିଜୟୀ ଦଳର ବୋଲର ପ୍ରଶାନ୍ତ ରଣା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଚଳିତ ଲିଗ୍‌ରେ ପୁମାସର ଏହା ପ୍ରଥମ ବିଜୟ। ଦଳ ନିଜ ପ୍ରଥମ ମ୍ୟାଚରେ ଓଡ଼ିଶା ପାନ୍ଥର୍ସଠାରୁ ହାରି ଯାଇଥିଲା। ଅନ୍ୟପକ୍ଷରେ ଜାଗୁଆର୍ସର ଏହା ଦ୍ୱିତୀୟ ପରାଜୟ।

ପୁମାସ ୨୦ ଓଭରରେ ୭ ଉଇକେଟ ହରାଇ ୧୪୧ ରନ କରିଥିଲା। ଦଳ ପକ୍ଷରୁ ପ୍ରତୀକ ଅନୁରାଗ ଦାସ ସର୍ବାଧିକ ୩୧, ଅବିନାଶ ନାୟକ ୨୬*, ପ୍ରୟାସ ସିଂ ୨୪ ଏବଂ ଟୁକୁନା ସାହୁ ଓ ସନ୍ଦୀପ ପଟ୍ଟନାୟକ ୨୨ ରନ ଲେଖାଏ ସ୍କୋର କରିଥିଲେ। ବିପକ୍ଷ ଦଳର ମନୋଜ କାଶ୍ୟପ ଓ ସନ୍ଦୀପ ଚୌହାନ ୨ଟି ଲେଖାଏ ଏବଂ ରାହୁଲ ଚୌଧାରୀ ଓ ଲଗ୍ନଜିତ ସାମଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ବିଜୟ ଲକ୍ଷ୍ୟ ବେଶୀ ବଡ଼ ନ ଥିଲେ ହେଁ ଜାଗୁଆର୍ସ ଟପ୍ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ି ବ୍ୟାକ୍‌ଫୁଟ୍‌କୁ ଚାଲି ଯାଇଥିଲା। ୩୫ ରନ ମଧ୍ୟରେ ଦଳ ୫ ଉଇକେଟ ହରାଇଥିଲା। ଶେଷଭାଗରେ ଅଭିଜିତ ବାରିକ ୪୯(୪୦ ବଲ, ୧ ଚୌକା, ୩ ଛକା) ଓ ଲଗ୍ନଜିତ ୩୦(୩୦ ବଲ, ୪ ଚୌକା) ରନ କରିଥିଲେ ହେଁ ବିଜୟ ପାଇଁ ତାହା ପର୍ଯ୍ୟାପ୍ତ ହୋଇ ନ ଥିଲା। ବିଜୟୀ ଦଳର ପ୍ରଶାନ୍ତ ରଣା ସର୍ବାଧିକ ୪ଟି, ଟୁକୁନା ସାହୁ ୩ଟି, ବାଦଲ ନିଶାଦ ୨ଟି ଏବଂ ଧୀରଜ କୁମାର ସିଂ ଗୋଟିଏ ଉଇକେଟ ନେଇଥିଲେ।

# ଆଇଏସ୍‌ଏଲ୍: ଚେନ୍ନାଇନ୍-ଏଟିକେ ମ୍ୟାଚ ଡ୍ର




ଇଣ୍ଡିଆନ୍ ସୁପର୍‌ଲିଗ୍‌ରେ ମଙ୍ଗଳବାର ଚେନ୍ନାଇନ ଏଫ୍‌ସି ଓ ଏଟିକେ ମୋହନ ବାଗାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

**ବାମ୍ବୋଲିମ୍, ୨୯।୧୨:** ଇଣ୍ଡିଆନ ସୁପରଲିଗ୍‌ରେ ମଙ୍ଗଳବାର ଚେନ୍ନାଇନ୍ ଏଫ୍‌ସି-ଏଟିକେ ମୋହନବାଗାନ ମ୍ୟାଚ ଡ୍ର ରହିଛି। ଉଭୟ ଦଳ ଏକାଧିକ ସୁଯୋଗ ପାଇଥିଲେ ହେଁ ତାହାକୁ ଗୋଲରେ ପରିଣତ କରିପାରି ନ ଥିଲେ। ଫଳରେ ମ୍ୟାଚଟି ଗୋଲଶୂନ୍ୟଭାବେ ଶେଷ ହୋଇଛି। ପଏଣ୍ଟ ଭାଗ କରିବା ଫଳରେ ଏଟିକେ ମୋହନବାଗାନ ଟେବୁଲର ଶୀର୍ଷକୁ ଉନ୍ନୀତ ହୋଇଛି। ଦଳ ୮ ମ୍ୟାଚ ଖେଳିସାରିଥିବାବେଳେ ୫ ବିଜୟ, ୨ ଡ୍ର ଓ ୧ ପରାଜୟ ସହ ୧୭ ପଏଣ୍ଟ ପାଇଛି। ଏଟିକେ ୮ଟି ଗୋଲ ଦେଇଥିବାବେଳେ ମାତ୍ର ୩ଟି ବରଣ କରିଛି। ଅନ୍ୟପକ୍ଷରେ ଚେନ୍ନାଇନ ୮ ମ୍ୟାଚରୁ ୨ ବିଜୟ, ୪ ଡ୍ର ଓ ୨ ପରାଜୟ ସହ ୧୦ ପଏଣ୍ଟ ପାଇ ୭ମ ସ୍ଥାନରେ ଅପରିବର୍ତ୍ତିତ ରହିଛି। ଏଟିକେର ଇଡୁ ଗାର୍ସିଆ ପାସ୍ ଅଫ୍ ଦି ମ୍ୟାଚ ଏବଂ ଗୋଲକିପର ଅରିନ୍ଦମ ଭଟ୍ଟାଚାର୍ଯ୍ୟ ହିରୋ ଅଫ୍ ଦି ମ୍ୟାଚ ପୁରସ୍କାର ପାଇଛନ୍ତି।

# ସିଡ୍‌ନୀରେ ହେବ ତୃତୀୟ ଟେଷ୍ଟ

**ସିଡ୍‌ନୀ, ୨୯।୧୨ (ପି.ଟି.):** ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ସିଡ୍‌ନୀଠାରେ ଭାରତ ବିପକ୍ଷ ତୃତୀୟ ଟେଷ୍ଟ ମ୍ୟାଚ ଅନୁଷ୍ଠିତ ହେବ। କ୍ରିକେଟ ଅଷ୍ଟ୍ରେଲିଆ ତରଫରୁ ମଙ୍ଗଳବାର ଏହା ସ୍ପଷ୍ଟ କରି ଦିଆଯାଇଛି। ବର୍ତ୍ତମାନର କୋଭିଡ୍ ପରିସ୍ଥିତିକୁ ନେଇ ସୀମା କଟକଣା ଜାରି କରାଯାଇଥିବାରୁ ବ୍ରିସ୍‌ବେନରେ ଚତୁର୍ଥ ମ୍ୟାଚ ପାଇଁ ଖେଳାଳି ସ୍ଥାନାନ୍ତର କ୍ଷେତ୍ରରେ ସମସ୍ୟା ଦେଖାଦେଇଥିଲା। ଏପରିକି ତୃତୀୟ ଟେଷ୍ଟ ମେଲବୋର୍ନରେ ଖେଳାଯାଇପାରେ ବୋଲି ଶୁଣିବାକୁ ମିଳିଥିଲା। ତୃତୀୟ ଟେଷ୍ଟ ଜାନୁୟାରୀ ୭ରୁ ଖେଳାଯିବ। ମେଲବୋର୍ନରେ ଭାରତ ଦ୍ୱିତୀୟ ଟେଷ୍ଟ ଜିତିବା ପରେ ସିରିଜ ୧-୧ ସ୍ତରକୁ ଚାଲିଆସିଛି। ଖ୍ରୀଷ୍ଟମାସ୍ ପୂର୍ବରୁ ସିଡ୍‌ନୀର ଉତ୍ତରାଞ୍ଚଳ ସମୁଦ୍ର ଉପକୂଳରେ କରୋନା ସଂକ୍ରମଣ ଦେଖାଦେବାରୁ ତୃତୀୟ ଟେଷ୍ଟ ପାଇଁ ମେଲବୋର୍ନକୁ ଷ୍ଟାଣ୍ଡବାଇ ରଖାଯାଇଥିଲା।

# ପ୍ରଶିକ୍ଷକ ଦୀପ୍ତିରଞ୍ଜନଙ୍କୁ ୧୦ ଡାନ ରେଡ୍ ବେଲ୍ଟ



ଦୀପ୍ତିରଞ୍ଜନ ମହାପାତ୍ର

**ଭୁବନେଶ୍ୱର, ୨୯।୧୨(ସ୍ପୋର୍ଟ୍ସ ବ୍ୟୁରୋ):** ପ୍ରଶିକ୍ଷକ ଦୀପ୍ତିରଞ୍ଜନ ମହାପାତ୍ର କୁଙ୍ଗ୍‌ଫୁ କରାଟେରେ ସମ୍ମାନଜନକ ୧୦ ଡାନ ରେଡ୍ ବେଲ୍ଟ ପାଇଛନ୍ତି। ଆତ୍ମରକ୍ଷା କୌଶଳ କ୍ଷେତ୍ରରେ ଦୀର୍ଘବର୍ଷର ଅଭିଜ୍ଞତା ଆଧାରରେ ବିଶ୍ୱ ଗ୍ରାଣ୍ଡମାଷ୍ଟର ପରିଷଦ ପକ୍ଷରୁ ବିଶ୍ୱର ୫ ଜଣ ଗ୍ରାଣ୍ଡମାଷ୍ଟରଙ୍କୁ ଏହି ଉପାଧି ଦିଆଯାଇଛି। ୟୁଏସ୍‌ଏର ଟେକ୍ସାସସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଡ. ବ୍ରାଡ୍ ମାର୍ଶାଲ ଏହି ପ୍ରମାଣପତ୍ର ଦୀପ୍ତିରଞ୍ଜନଙ୍କୁ ପ୍ରଦାନ କରିବା ସହ କୁଙ୍ଗ୍‌ଫୁ କରାଟେର ଅନ୍ୟତମ ନିର୍ଦ୍ଦେଶକ ଭାବେ ମନୋନୀତ କରିଛନ୍ତି।

# ୱାର୍ନର ଖେଳିପାରନ୍ତି ତୃତୀୟ ଟେଷ୍ଟ

**ମେଲବୋର୍ନ, ୨୯।୧୨ (ପି.ଟି.):** ଆହତ ଡେଭିଡ ୱାର୍ନର ଭାରତ ବିପକ୍ଷ ତୃତୀୟ ଟେଷ୍ଟ ଖେଳିବା ସମ୍ଭାବନା ବଢ଼ିଛି। ଦ୍ୱିତୀୟ ଟେଷ୍ଟରେ ଅଷ୍ଟ୍ରେଲିଆର ପରାଜୟ ପରେ ଅଧିନାୟକ ଟିମ୍ ପେନ୍‌ଙ୍କ ସୂଚନାରୁ ଏହା ଦୃଢ଼ୀଭୂତ ହୋଇଛି। ସେହିପରି ଯୁବ ଓପନର ୱିଲ୍ ପୁକୋଭସ୍କି ମଧ୍ୟ ପ୍ରତ୍ୟାବର୍ତ୍ତନ ପଥରେ ଥିବା ପେନ୍ ସୂଚନା ଦେଇଛନ୍ତି। ଜାନୁୟାରୀ ୭ରୁ ଆରମ୍ଭ ହେବାକୁ ଯାଉଥିବା ତୃତୀୟ ଟେଷ୍ଟରେ ୱାର୍ନର ଖେଳିବା ଶତ ପ୍ରତିଶତ ସମ୍ଭାବନା ଅଛି ବୋଲି ପେନ୍ କହିଛନ୍ତି। "ଡେଭିଡ ଉଇକେଟ ମଧ୍ୟରେ ରନିଂ କରିବା ଆରମ୍ଭ କରିଛନ୍ତି। ତେଣୁ ସେ ଦଳକୁ ଫେରିବା ସମ୍ଭାବନା ଉଜ୍ଜ୍ୱଳ ହୋଇଛି। ଏହା ଆମପାଇଁ ଏକ ଶୁଭ ଖବର" ବୋଲି ମ୍ୟାଚ ପରବର୍ତ୍ତୀ ଖବରଦାତା ସମ୍ମିଳନୀରେ ପେନ୍ ପ୍ରକାଶ କରିଛନ୍ତି। ସେହିପରି ପୁକୋଭସ୍କି ଫେରିବାକୁ ଆଉ ବେଶୀଦିନ ନାହିଁ ବୋଲି ସେ କହିଛନ୍ତି। ଉରୁସନ୍ଧିରେ ଆଘାତ ଯୋଗୁ ୱାର୍ନର ଭାରତ ବିପକ୍ଷ ଗୋଟିଏ ଦିନିକିଆ, ସମ୍ପୂର୍ଣ୍ଣ ଟି୨୦ ସିରିଜ ଏବଂ ପ୍ରଥମ ୨ଟି ଟେଷ୍ଟ ଖେଳିପାରି ନାହାନ୍ତି।

# ଗିଲ୍, ସିରାଜଙ୍କୁ ଶ୍ରେୟ ଦେଲେ ରାହାନେ

ମେଲବୋର୍ନ, ୨୯।୧୨(ପି.ଟି.)

ବକ୍ସିଂ ଡେ' ଟେଷ୍ଟରେ ଅଷ୍ଟ୍ରେଲିଆ ବିପକ୍ଷ ବିଜୟରେ ଖୁସି ଜାହିର କରିଛନ୍ତି ଅଧିନାୟକ ଅଜିଙ୍କ୍ୟ ରାହାନେ। ଦୁଇ ଟେଷ୍ଟ ପଦାର୍ପଣକାରୀ ଶୁବମନ ଗିଲ୍ ଓ ମହମ୍ମଦ ସିରାଜଙ୍କ ପ୍ରଶଂସାରେ ସେ ଶତମୁଖ ହୋଇଛନ୍ତି। ଉଭୟ ଖେଳାଳି ଜୀବନର ପ୍ରଥମ ଟେଷ୍ଟ ଖେଳୁଥିଲେ ହେଁ ଦକ୍ଷତା ଦେଖାଇଲେ। ଦଳପାଇଁ ଏହା ବେଶ୍ ଉପଯୋଗୀ ହେଲା ବୋଲି ରାହାନେ ପ୍ରକାଶ କରିଛନ୍ତି। ୧୦ ଦିନ ପୂର୍ବରୁ ଅଷ୍ଟ୍ରେଲିଆ ନିକଟରୁ ଲଜ୍ଜାଜନକ ପରାଜୟ ପରେ ଭାରତ ଦ୍ୱିତୀୟ ଟେଷ୍ଟରେ ୮ ଉଇକେଟରେ ବିଜୟୀ ହୋଇଛି। ଗିଲ୍ ଦୁଇଟି ଇନିଂସରେ ଯଥାକ୍ରମେ ୪୫ ଓ ୩୫* ରନ ସ୍କୋର କରିଥିଲେ। ସିରାଜ ମୋଟ ୫ଟି ଉଇକେଟ ନେଇଥିଲେ। ଆହତ ଉମେଶ ଯାଦବଙ୍କ ଅନୁପସ୍ଥିତିରେ ସେ ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ୩ଟି ଉଇକେଟ ନେଇ ନିଜ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଛନ୍ତି। "ବାସ୍ତବିକ ମୁଁ ସମସ୍ତ ଖେଳାଳିଙ୍କ ପାଇଁ ଖୁବ୍ ଗର୍ବିତ। ବିଜୟ ପାଇଁ ମୁଁ ଦୁଇ ପଦାର୍ପଣକାରୀ ଖେଳାଳି ଗିଲ୍ ଓ ସିରାଜଙ୍କୁ ଶ୍ରେୟ ଦେବାକୁ ଚାହିଁବି। ଆଡିଲେଡ୍‌ରେ ପରାଜୟ ପରେ ସେମାନେ ଏଠାରେ ଯେପରି ଚରିତ୍ର ଦେଖାଇଲେ ତାହା ଦେଖିବାକୁ ବହୁତ ଭଲ ଲାଗିଲା। ନିଜକୁ ପ୍ରୟୋଗ କରି ଚରିତ୍ର ଦେଖାଇବା ବହୁତ ଗୁରୁତ୍ୱପୂର୍ଣ୍ଣ। ବିଶେଷ କରି ଉମେଶ ଦ୍ୱିତୀୟ ଇନିଂସରେ ଆହତ ହେବାପରେ ଏହା ଅତ୍ୟନ୍ତ ଆବଶ୍ୟକ ଥିଲା ବୋଲି ରାହାନେ କହିଛନ୍ତି।

ରାହାନେଙ୍କ ମତରେ କ୍ୟାରିୟରର ପ୍ରଥମ ମ୍ୟାଚରେ ଶୃଙ୍ଖଳିତ ପ୍ରଦର୍ଶନ ସହଜ ନୁହେଁ। ମାତ୍ର ଗିଲ୍ ଓ ସିରାଜ ତାହା କାମରେ କରି ଦେଖାଇଛନ୍ତି। "ଶୁବମନଙ୍କ ପ୍ରଥମଶ୍ରେଣୀ କ୍ୟାରିୟର ସମ୍ପର୍କରେ ଆମେ ସମସ୍ତେ ଜାଣିଛୁ। ଏହି ମ୍ୟାଚରେ ସେ ଯେପରି ଶଟ୍ ଚୟନ କଲେ ତାହାକୁ ଯେତେ ପ୍ରଶଂସା କଲେ କମ୍ ହେବ। ସିରାଜ ଶୃଙ୍ଖଳିତ ବୋଲିଂ କରିବାକୁ ସକ୍ଷମ ବୋଲି ପ୍ରମାଣିତ କରିଛନ୍ତି। ଅଷ୍ଟ୍ରେଲିଆ ପରି ଏକ ଶକ୍ତିଶାଳୀ ଦଳ ବିପକ୍ଷରେ ନିଜ ପ୍ରଥମ ମ୍ୟାଚରେ ଏପରି ବୋଲିଂ ବାସ୍ତବିକ କଷ୍ଟକର। ମାତ୍ର ତାଙ୍କ ପ୍ରଥମଶ୍ରେଣୀ କ୍ରିକେଟ ଅଭିଜ୍ଞତା କାମରେ ଆସିଲା ବୋଲି ରାହାନେ କହିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ରାହାନେଙ୍କ ୫ ବୋଲର ଯୋଜନା କାମ ଦେଇଥିଲା। ଏ ସମ୍ପର୍କରେ ମତଦେଇ ସେ କହିଲେ ଯେ, ବାସ୍ତବିକ୍ ଫଳପ୍ରଦ ହେଲା। ଆମେ ଦଳରେ ଜଣେ ଅଲରାଉଣ୍ଡରଙ୍କୁ ନେବାକୁ ଚାହିଁଲୁ। ରବୀନ୍ଦ୍ର ଜାଡେଜା ଅତି ଚମତ୍କାର ପ୍ରଦର୍ଶନ କଲେ। ରୋହିତ ଶର୍ମା ତୃତୀୟ ଟେଷ୍ଟ ପାଇଁ ଉପଲବ୍ଧ ହେବେ। ଏଥିରେ ଆମେ ଉଲ୍ଲସିତ। ସେ ଦଳରେ ଯୋଗଦେବାକୁ ଆମେ ଅପେକ୍ଷା କରିଛୁ ବୋଲି ରାହାନେ କହିଛନ୍ତି।

ପରାଜିତ ଦଳର ଅଧିନାୟକ ଟିମ୍ ପେନ୍ ଦଳର ବିଫଳତାର କାରଣ କହିବାକୁ ଭାଷା ପାଇ ନାହାନ୍ତି। "ମୁଁ ଖୁବ୍ ଦୁଃଖିତ। ଆମେ ଅତି ଦୁର୍ବଳ କ୍ରିକେଟ ଖେଳିଲୁ। ମ୍ୟାଚର ଅଧିକାଂଶ ସମୟ ଖରାପ ଫିଲ୍ଡିଂ କଲୁ। ଭାରତକୁ ପ୍ରଶଂସା କରିବାକୁ ହେବ। ସେମାନେ ଆମକୁ ତ୍ରୁଟି କରିବାକୁ ବାଧ୍ୟ କରିଦେଲେ। ଚାପରେ ରହିବାରୁ ଫିଲ୍ଡିଂ ମଧ୍ୟ ଖରାପ ହେଲା। ବ୍ୟାଟିଂରେ ଥିବା ଦୁର୍ବଳତାକୁ ଆମେ ଶୀଘ୍ର ସୁଧାରିବୁ।

# ଦକ୍ଷିଣ ଆଫ୍ରିକାର ଇନିଂସ ବିଜୟ

ସେଞ୍ଚୁରିଅନ, ୨୯।୧୨

ସ୍ଥାନୀୟ ସୁପର ସ୍ପୋର୍ଟ ପାର୍କଠାରେ ଶ୍ରୀଲଙ୍କା ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ୧ ଇନିଂସ ଓ ୪୫ ରନରେ ବିଜୟ ହାସଲ କରିଛି। ମ୍ୟାଚବେଳେ ଶ୍ରୀଲଙ୍କାର ୫ ବୋଲରଙ୍କ ମଧ୍ୟରୁ ୪ଜଣ ଆଘାତପ୍ରାପ୍ତ ହୋଇଛନ୍ତି। ମଙ୍ଗଳବାର ଥିଲା ମ୍ୟାଚର ଚତୁର୍ଥ ଦିବସ। ପୂର୍ବଦିନର ଅସମାପ୍ତ ସ୍କୋର ୬୫/୨ରୁ ବ୍ୟାଟିଂ ଆରମ୍ଭ କରିଥିବା ଶ୍ରୀଲଙ୍କାର ଦ୍ୱିତୀୟ ଇନିଂସ ଶେଷ କରିବା ଲାଗି ଦକ୍ଷିଣ ଆଫ୍ରିକାର ଫାଷ୍ଟ ବୋଲରମାନେ ଗୋଟିଏ ସେସନରୁ ସାମାନ୍ୟ ଅଧିକ ସମୟ ନେଇଥିଲେ। ଭ୍ରମଣକାରୀ ଦଳ ୪୬.୧ ଓଭରରେ ୧୮୦ରନ କରି ଅଲଆଉଟ ହୋଇଯାଇଥିଲା। ଜଙ୍ଘରେ ଆଘାତପ୍ରାପ୍ତ ଯୋଗୁ ଅଲରାଉଣ୍ଡର ଧନଞ୍ଜୟ ସିଲ୍‌ଭା ବ୍ୟାଟିଂ କରିବା ଲାଗି ଆସିପାରି ନ ଥିଲେ। ଫଳତଃ ବିଜୟ ପାଇଁ ଦକ୍ଷିଣ ଆଫ୍ରିକା ୯ ଉଇକେଟ ଆବଶ୍ୟକ କରୁଥିଲା। କୁସାଲ ପେରେରା (୬୪) ଓ ୱାନିନ୍ଦୁ ହାରଙ୍ଗା (୫୯)ଙ୍କ ଲଢୁଆ ବ୍ୟାଟିଂ ସତ୍ତ୍ୱେ ଘରୋଇ ଦଳ ମଙ୍ଗଳବାର ପ୍ରଥମ ସେସନ ଖେଳରେ ୫ ଉଇକେଟ ଏବଂ ଅବଶିଷ୍ଟ ୨ ଉଇକେଟ ମଧ୍ୟାହ୍ନଭୋଜନର ଅଧଘଣ୍ଟାରୁ କମ୍ ସମୟ ମଧ୍ୟରେ ଖସାଇ ଦେଇଥିଲା। ଏହି ଇନିଂସରେ ଦକ୍ଷିଣ ଆଫ୍ରିକା ପେସ୍ ବୋଲର ଲୁନ୍‌ଗି ଏନ୍‌ଗିଡି, ଏନ୍‌ରିଚ୍ ନୋର୍ଜେ, ୱିଆନ୍ ମୋଲ୍ଡର ଏବଂ ଲୁଥୋ ସିପାମ୍ଲା ପ୍ରତ୍ୟେକ ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଶ୍ରୀଲଙ୍କା ପ୍ରଥମ ଇନିଂସ୍ ଦକ୍ଷିଣ ଆଫ୍ରିକାରେ ଏହାର ସର୍ବାଧିକ ୩୯୬ରନ ସଂଗ୍ରହ କରିଥିଲେ ମଧ ମ୍ୟାଚରେ ପରାଜିତ ହୋଇଥିଲା। ଦ୍ୱିତୀୟ ଟେଷ୍ଟ ମ୍ୟାଚ ଜାନୁୟାରୀ ୭ରୁ ଜୋହାନ୍ସବର୍ଗଠାରେ ଖେଳାଯିବ।

**ସଂକ୍ଷିପ୍ତ ସ୍କୋର**

**ଶ୍ରୀଲଙ୍କା ପ୍ରଥମ ଇନିଂସ:** ୩୯୬
**ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ:** ୬୨୧
**ଶ୍ରୀଲଙ୍କା ଦ୍ୱିତୀୟ ଇନିଂସ:** ୧୮୦ (କୁଶାଲ ପେରେରା-୬୪, ୱାନିନ୍ଦୁ ହସରଙ୍ଗା-୫୯, ଲୁଥୋ ସିପାମ୍ଲା-୨/୨୪, ଲୁନ୍‌ଗି ଏନଗିଡି-୨/୩୮)।

# ଆନ୍ତଃ ଜିଲା ଟି୨୦ କ୍ରିକେଟ: ଢେଙ୍କାନାଳ ଟିମ୍ ଚାମ୍ପିୟନ

ତେଲକୋଇ,୨୯।୧୨(ଡି.ଏନ.ଏ)

କେନ୍ଦୁଝର ଜିଲା ତେଲକୋଇ ବ୍ଲକ ସିରିଗିଡ଼ା ଖେଳପଡ଼ିଆରେ ଆନ୍ତଃ ଜିଲା ଟି ୨୦ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। କେନ୍ଦୁଝର ସମେତ ଢେଙ୍କାନାଳ ଓ ଅନୁଗୁଳ ଜିଲାର ୧୬ ଦଳ ଏଥିରେ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ଢେଙ୍କାନାଳର ମିଥୁନ ଏକ୍ସ ଆଇ ଗତରେଇ ଦଳ ଚାମ୍ପିୟନ ଓ ତେଲକୋଇ ପଡାଙ୍ଗର ପପୁ ଶକ୍ତି ଏକ୍ସ ଆଇ ରନର୍ସଅପ୍ ହୋଇଛି। ଗତ ୨୦ ତାରିଖଠାରୁ ଆରମ୍ଭ ହୋଇଥିବା ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ଦକ୍ଷତା ବିକାଶ ମନ୍ତ୍ରୀ ଇଂ. ପ୍ରେମାନନ୍ଦ ନାୟକ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମନମୋହନ ବିଶ୍ୱାଳଙ୍କ ସହିତ ରଜତ ବାରିକ, ଯୁବନେତା ବିଜେଡି ସଭାପତି ବିସ୍ମୟ ବିଶୋଇ, ସ୍ଥାନୀୟ ସରପଞ୍ଚ ଜଙ୍ଗପାଟ ପିଙ୍ଗୁଆ ଯୋଗଦେଇ ବିଜୟୀ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ବୈଜୟନ୍ତ କୁମାର ସାହୁ ଓ ମୋହନ ପାତ୍ର ପରିଚାଳନା କରିଥିଲେ।



ଫାଇନାଲ ପୂର୍ବରୁ ଦୁଇ ଦଳର ଖେଳାଳିଙ୍କ ଗହଣରେ ଅତିଥିମାନେ।

# ପ୍ରଥମ ଟେଷ୍ଟ: ବିଜୟ ଦ୍ୱାରରେ ନ୍ୟୁଜିଲାଣ୍ଡ

ମାଉଣ୍ଟ ମଙ୍ଗାନୁଇ, ୨୯।୧୨ (ଏପି)

ମାଉଣ୍ଟ ମଙ୍ଗାନୁଇ, ୨୯।୧୨ (ଏପି)- ପାକିସ୍ତାନ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ନ୍ୟୁଜିଲାଣ୍ଡ ବିଜୟ ନିକଟତର ହୋଇଛି। ପ୍ରଥମ ଇନିଂସରେ ୧୯୨ରନ ଅଗ୍ରଣୀ ଲାଭ କରିବାପରେ ଘରୋଇ ଦଳ ମଙ୍ଗଳବାର ଚତୁର୍ଥ ଦିବସ ଖେଳରେ ୧୮୦/୫ରେ ଏହାର ଦ୍ୱିତୀୟ ଇନିଂସ ଘୋଷଣା କରିଛି। ଫଳରେ ପାକିସ୍ତାନ ଆଗରେ ୩୭୩ରନ ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଷ୍ଟମ୍ପ ଅପସାରଣ ବେଳକୁ ପାକିସ୍ତାନ ୩ ଉଇକେଟ ବିନିମୟରେ ୭୧ ରନ କରିଥିଲା। ଦଳ ଏବେ ସୁଦ୍ଧା ୨୦୨ ରନ ପଛରେ ରହିଛି। ଆଝାର ଅଲୀ ୩୪ ଏବଂ ଫୱାଦ ଆଲାମ ୨୧ ରନ କରି ଅପରାଜିତ ଅଛନ୍ତି। ଦୁହେଁ ପାର୍ଟନରଶିପ୍‌ରେ ଅପରାଜିତ ୩୪ ରନ ଯୋଗ କରିସାରିଛନ୍ତି। ଭ୍ରମଣକାରୀ ଦଳର ଆରମ୍ଭ ଭଲ ନ ଥିଲା। ଦଳ ବିନା କୌଣସି ରନ୍‌ରେ ଏହାର ୨ଟି ଉଇକେଟ ହରାଇଥିଲା। ମଙ୍ଗଳବାର ପ୍ରଥମ ପାକିସ୍ତାନ ଉଇକେଟ ଟିମ୍ ସୌଦି ଅକ୍ତିଆର କରିଥିଲେ। ସେ ତାଙ୍କ ୯ ଓଭର ବୋଲିଂରେ ୧୫ରନ ବିନିମୟରେ ୨ଟି ଉଇକେଟ ହାସଲ କରିଥିଲେ। ଫଳରେ ଟେଷ୍ଟରେ ୩୦୦ ଉଇକେଟ ମାଇଲ ଖୁଣ୍ଟ ହାସଲ କରିବାରେ ରିଚାର୍ଡ ହାଡ୍‌ଲି (୪୩୧) ଓ ଡାନିଏଲ ଭିଟୋରୀ (୩୬୧)ଙ୍କ ପଛକୁ ସେ ନ୍ୟୁଜିଲାଣ୍ଡର ତୃତୀୟ, ବିଶ୍ୱର ୩୪ତମ ଏବଂ ବର୍ତ୍ତମାନ ସକ୍ରିୟ ଥିବା ୪ର୍ଥ ବୋଲର ହୋଇଛନ୍ତି। ସେ ୭୬ ଟେଷ୍ଟ ମ୍ୟାଚରେ ଏହି ସଫଳତା ହାସଲ କରିଛନ୍ତି। ତାଙ୍କର ଆଭରେଜ ୨୮.୪୮ ଏବଂ ଷ୍ଟ୍ରାଇକ୍ ରେଟ୍ ୫୬.୮ ରହିଛି।

## ସୌଦିଙ୍କୁ ୩୦୦ତମ ଟେଷ୍ଟ ଉଇକେଟ



# ପ୍ରଶଂସାର ସୁଅ: 'ୱେଲ ଡନ୍ ଟିମ୍ ଇଣ୍ଡିଆ'


ମେଲବୋର୍ନ ଟେଷ୍ଟରେ ଭାରତର ବିଜୟରେ ଶୁବମନ ଗିଲ୍ ଓ ଅଜିଙ୍କ୍ୟ ରାହାନେ।

**ନୂଆଦିଲ୍ଲୀ, ୨୯।୧୨ (ପି.ଟି.)**

ଆଡିଲେଡ୍ ବିପର୍ଯ୍ୟୟ ପରେ ମେଲବୋର୍ନଠାରେ ଦ୍ୱିତୀୟ ଟେଷ୍ଟରେ ବିଜୟ ପାଇଁ ସଚିନ ତେନ୍ଦୁଲକର ଓ ବିରାଟ କୋହଲିଙ୍କ ସମେତ ଭାରତୀୟ କ୍ରିକେଟ ମହଲ ଟିମ୍ ଇଣ୍ଡିଆର ଉଚ୍ଚପ୍ରଶଂସା କରିଛନ୍ତି। ବିରାଟ, ରୋହିତ, ଈଶାନ୍ତ ଏବଂ ସାମିଙ୍କ ଭଳି ଖେଳାଳିଙ୍କ ଅନୁପସ୍ଥିତିରେ ଟେଷ୍ଟ ମ୍ୟାଚ ଜିତିବା ଏକ ବଡ଼ ସଫଳତା। 'ୱେଲ ଡନ୍ ଟିମ୍ ଇଣ୍ଡିଆ' ବୋଲି ବ୍ୟାଟିଂ ଆଇକନ ତେନ୍ଦୁଲକର ଟୁଇଟ୍ କରିଛନ୍ତି। ପ୍ରଥମ ଟେଷ୍ଟରେ ଦଳର ନେତୃତ୍ୱ ନେବାପରେ ପିତୃତ୍ୱ ଛୁଟିରେ ଯାଇଥିବା କୋହଲି ବିଜୟ ପାଇଁ ରାହାନେ ଓ ଟିମ୍‌କୁ ପ୍ରଶଂସା କରିଛନ୍ତି। ଦଳର ଏହା ଏକ ଚମତ୍କାର ପ୍ରୟାସ। ଆଗକୁ ଦଳଠାରୁ ସେ ଏହିଭଳି ସଫଳତା ଆଶା କରନ୍ତି ବୋଲି କହିଛନ୍ତି। ବାଧ୍ୟତାମୂଳକ କ୍ୱାରାଣ୍ଟାଇନ୍ ଶେଷ ପରେ ବୁଧବାର ମେଲବୋର୍ନଠାରେ ଦଳ ସହ ଯୋଗଦେବାକୁ ଥିବା ଷ୍ଟାର ବ୍ୟାଟ୍ସମ୍ୟାନ ରୋହିତ ଶର୍ମା କହିଛନ୍ତି, ଏକ ଖରାପ ସମୟରେ ଭାରତର ଏହି ଜବରଦସ୍ତ ପ୍ରଦର୍ଶନ ପ୍ରଶଂସାଯୋଗ୍ୟ। ମ୍ୟାଚଟି ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଉପଭୋଗ୍ୟ ହୋଇଥିଲା ବୋଲି ସେ ଟୁଇଟ୍ କରିଛନ୍ତି। ତେବେ ଭାରତର ପୂର୍ବତନ ଅଧିନାୟକ ବିଶେନ ସିଂ ବେଦୀ 'ମେନ୍ ଇନ୍ ବ୍ଲୁ'କୁ ସତର୍କ କରାଇ ଦେଇଛନ୍ତି। ବକ୍ସିଂ ଡେ ଟେଷ୍ଟରେ ବିଜୟ ନେଇ ଅତି ଖୁସି ହେବା ଉଚିତ ନୁହେଁ। ଆଉ ଦୁଇଟି ଟେଷ୍ଟ ମ୍ୟାଚ ଖେଳିବା ଲାଗି ବାକି ରହିଛି। ଏଥିପାଇଁ ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ। ବିଶ୍ୱକପ୍ ବିଜୟୀ ପୂର୍ବତନ ଅଧିନାୟକ କପିଳ ଦେବ ମଧ୍ୟ କୋହଲିଙ୍କ ଅନୁପସ୍ଥିତିରେ ଦଳର ବିଜୟକୁ ପ୍ରଶଂସା କରିଛନ୍ତି। ରାହାନେ ଦୃଷ୍ଟାନ୍ତମୂଳକ ନେତୃତ୍ୱ ପ୍ରଦର୍ଶନ କରିଥିବା ସେ କହିଛନ୍ତି। ଭାରତୀୟ କ୍ରିକେଟ ଦଳ ଆଡିଲେଡ୍‌ରେ ଖରାପ ପ୍ରଦର୍ଶନ ପରେ ଯେପରି ଖେଳିଲା ସେଥିରେ ଆମେ ଗର୍ବ ଅନୁଭବ କରୁଛୁ ବୋଲି କପିଳ ଦେବ ତାଙ୍କ ଟୁଇଟର ହ୍ୟାଣ୍ଡେଲରେ ଏକ ଭିଡି ବାର୍ତ୍ତାରେ କହିଛନ୍ତି। ଭାରତର ପୂର୍ବତନ ବ୍ୟାଟ୍ସମ୍ୟାନ ଭି.ଭି.ଏସ୍ ଲକ୍ଷ୍ମଣ ପଦାର୍ପଣକାରୀ ଖେଳାଳି ଶୁବମନ ଗିଲ୍ ଓ ମହମ୍ମଦ ସିରାଜଙ୍କୁ ସ୍ୱତନ୍ତ୍ର ଭାବେ ପ୍ରଶଂସା କରିଛନ୍ତି। ରାହାନେଙ୍କ ଦଳ ଚମତ୍କାର ବୋଲିଂ କରିଥିଲା। ଦୁଇ ନବାଗତ ପ୍ରଭାବୀ ପ୍ରଦର୍ଶନ ଦଳ ପାଇଁ ଶୁଭଙ୍କର। ଭାରତର ପୂର୍ବତନ ଓପନର ବୀରେନ୍ଦ୍ର ସେହ୍ୱାଗ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ବିଜୟ ଲାଭ କରିବାରେ ସ୍ୱତନ୍ତ୍ରତା ରହିଛି। ଅଷ୍ଟ୍ରେଲିଆର ପୂର୍ବତନ ଖେଳାଳି ଟମ୍ ମୁଡି ଭାରତର ପ୍ରତ୍ୟାବର୍ତ୍ତନକୁ ସାବାସି ଦେଇଛନ୍ତି। ଅନ୍ୟପକ୍ଷରେ ଆୟୋଜକ ଦଳକୁ କଡ଼ା ସମାଲୋଚନା କରିଛନ୍ତି। ପ୍ରଥମ ଟେଷ୍ଟ ପରେ ଭାରତର ଚମକପ୍ରଦ ପ୍ରତ୍ୟାବର୍ତ୍ତନ ଦ୍ୱାରା ଅଷ୍ଟ୍ରେଲିଆ ଟପ୍ ଅର୍ଡର ଦୋଷ ଦୁର୍ବଳତା ପ୍ରକାଶ ପାଇଛି। କିଛି କଠିନ ନିଷ୍ପତ୍ତିର ଆବଶ୍ୟକତା ରହିଥିବା ସେ କହିଛନ୍ତି।

### ବିଦେଶ ଭେନ୍ୟୁରେ ଭାରତର ସର୍ବାଧିକ ବିଜୟ

- ୪: ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (୧୪ ଟେଷ୍ଟ)
- ୩: କୁଇନ୍ସ ପାର୍କ ଓଭାଲ, ପୋର୍ଟ ଅଫ୍ ସ୍ପେନ (୧୩ ଟେଷ୍ଟ)
- ୩: ସାବିନା ପାର୍କ, କିଙ୍ଗଷ୍ଟନ (୧୩ ଟେଷ୍ଟ)
- ୩: ସିଂହଳୀ ସ୍ପୋର୍ଟ୍ସ କ୍ଲବ, କଲମ୍ବୋ (୯ ଟେଷ୍ଟ)

- ପ୍ରଥମେ ଫିଲ୍ଡିଂ କରି ବିଦେଶ ମାଟିରେ ୨୦୧୦ପରେ ଭାରତର ଏହା ପ୍ରଥମ ବିଜୟ। ସେତେବେଳେ ଦଳ କଲମ୍ବୋରେ ଦଳ ଶ୍ରୀଲଙ୍କାକୁ ୫ ଉଇକେଟରେ ହରାଇଥିଲା।
- ୨୦୧୧-୧୨ପରେ ଟସ୍ ଜିତିଥିବା କୌଣସି ଟେଷ୍ଟରେ ଅଷ୍ଟ୍ରେଲିଆର ଏହା ପ୍ରଥମ ପରାଜୟ। ସେତେବେଳେ ଦଳ ନ୍ୟୁଜିଲାଣ୍ଡଠାରୁ ହୋବାର୍ଟଠାରେ ୭ ରନରେ ହାରିଥିଲା।

### ସ୍କୋର ବୋର୍ଡ

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୧୯୫**
**ଭାରତ ପ୍ରଥମ ଇନିଂସ: ୩୨୬**
**ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ**
ୱାଡେ-ଏଲ୍‌ବିଡବ୍ଲ୍ୟୁ-ଜାଡେଜା-୪୦
ବର୍ନ୍ସ-କ-ପନ୍ତ-ବୋ-ଉମେଶ-୪
ଲାବୁସ୍କାନ-କ-ରାହାନେ-ବୋ-ଅଶ୍ୱିନ-୨୮
ସ୍ମିଥ-ବୋ-ବୁମ୍‌ରା-୮
ହେଡ୍-କ-ମୟଙ୍କ-ବୋ-ସିରାଜ-୧୭
ଗ୍ରୀନ୍-କ-ଜାଡେଜା-ବୋ-ସିରାଜ-୪୫
ପେନ୍-କ-ପନ୍ତ-ବୋ-ଜାଡେଜା-୧
କୁମିନ୍ସ-କ-ମୟଙ୍କ-ବୋ-ବୁମ୍‌ରା-୨୨
ଷ୍ଟାର୍କ-ନଟଆଉଟ-୧୪
ଲିୟନ-କ-ପନ୍ତ-ବୋ-ସିରାଜ-୩
ହାଜେଲଉଡ୍-ବୋ-ଅଶ୍ୱିନ-୧୦
ଅତିରିକ୍ତ-୮
ମୋଟ(ଅଲଆଉଟ, ୧୦୩.୧ ଓଭର) ୨୦୦
ଉଇକେଟ ପତନ: ୧/୪, ୨/୪୨, ୩/୭୧, ୪/୯୮, ୫/୯୮, ୬/୯୯, ୭/୧୫୬, ୮/୧୭୭, ୯/୧୮୫।
ବୋଲିଂ(ଭାରତ)
ବୁମ୍‌ରା ୨୭-୬-୫୪-୨
ଉମେଶ ୩.୩-୦-୫-୧
ସିରାଜ ୨୧.୩-୪-୩୭-୩
ଅଶ୍ୱିନ ୩୭.୧-୬-୭୧-୨
ଜାଡେଜା ୧୪-୫-୨୮-୨
**ଭାରତ ଦ୍ୱିତୀୟ ଇନିଂସ**
ମୟଙ୍କ-କ-ପେନ୍-ବୋ-ଷ୍ଟାର୍କ-୫
ଗିଲ୍-ନଟଆଉଟ-୩୫
ପୂଜାରା-କ-ଗ୍ରୀନ୍-ବୋ-କୁମିନ୍ସ-୩
ରାହାନେ-ନଟଆଉଟ-୨୭
ଅତିରିକ୍ତ-୦
ମୋଟ(୨ ଉଇକେଟ, ୧୫.୫ ଓଭର) ୭୦
ଉଇକେଟ ପତନ:୧/୧୬, ୨/୧୯।
ବୋଲିଂ(ଅଷ୍ଟ୍ରେଲିଆ)
ଷ୍ଟାର୍କ ୪-୦-୨୦-୧
କୁମିନ୍ସ ୫-୦-୨୨-୧
ହାଜେଲଉଡ୍ ୩-୧-୧୪-୦
ଲିୟନ ୨.୫-୦-୫-୦
ଲାବୁସ୍କାନ ୧-୦-୯-୦।

## 'ଜାଡେଜାଙ୍କ ଉପସ୍ଥିତି ସନ୍ତୁଳନ ବଢ଼ାଇଛି'

**ମେଲବୋର୍ନ, ୨୯।୧୨(ପି.ଟି.)**

ରବୀନ୍ଦ୍ର ଜାଡେଜାଙ୍କ ଅଲରାଉଣ୍ଡ ଦକ୍ଷତା ଟିମ୍ ଇଣ୍ଡିଆକୁ ଅଧିକ ସନ୍ତୁଳିତ କରିଛି ବୋଲି କହିଛନ୍ତି କୋଚ୍ ରବି ଶାସ୍ତ୍ରୀ। ଜାଡେଜା ଟେଷ୍ଟରେ ଜଣେ ସ୍ପେଶାଲିଷ୍ଟ ବ୍ୟାଟ୍ସମ୍ୟାନଭାବେ ବିବେଚିତ ହେଉଥିଲେ ହେଁ ବୋଲିଂରେ ମଧ୍ୟ ଚମତ୍କାରିତା ଦେଖାଇଛନ୍ତି। ବକ୍ସିଂ ଡେ' ଟେଷ୍ଟରେ ଭାରତର ବିଜୟରେ ଜାଡେଜାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେ ନିଜର ୫୦ତମ ଟେଷ୍ଟରେ ମୂଲ୍ୟବାନ ଅର୍ଦ୍ଧଶତକ ହାସଲ କରିବା ସହ ୩ଟି ଉଇକେଟ ନେଇଥିଲେ ହେଁ ୨ଟି କ୍ୟାଚ ଧରିଥିଲେ। ଜାଡେଜା ଜଣେ ଦକ୍ଷ ବ୍ୟାଟ୍ସମ୍ୟାନ। ତେଣୁ ତାଙ୍କୁ ଯେଉଁ ସ୍ଥାନରେ ସୁଯୋଗ ଦେଲେ ମଧ୍ୟ ଭଲ ଖେଳିଥାନ୍ତି। ସେ ୬ ନମ୍ବରରେ ପ୍ରାୟତଃ ଆସିଥାନ୍ତି, ମାତ୍ର ୫ ନମ୍ବରରେ ମଧ୍ୟ ଖେଳିବା ଦକ୍ଷତା ରଖିଛନ୍ତି। କ୍ୟାରିୟରରେ ୨୧୬ଟି ଟେଷ୍ଟ ଉଇକେଟ ନେବା ସହ ଜାଡେଜା ୧୯୨୬ ରନ ସ୍କୋର କରିଛନ୍ତି। ଆବଶ୍ୟକ ସମୟରେ ବୋଲିଂ କରି ସେ ଫାଷ୍ଟ ବୋଲରଙ୍କୁ ଆବଶ୍ୟକ ବିଶ୍ରାମ ଦେଇଥାନ୍ତି। ଉମେଶ ଯାଦବ ଆହତ ହୋଇଥିବାରୁ ଆଗାମୀ ଟେଷ୍ଟରେ ଖେଳିପାରିବେ ନାହିଁ ବୋଲି ଶାସ୍ତ୍ରୀ ସ୍ପଷ୍ଟ କରିଛନ୍ତି।




## ଅଷ୍ଟ୍ରେଲିଆକୁ ଜରିମାନା, ୪ ପଏଣ୍ଟ କାଟ୍

**ମେଲବୋର୍ନ, ୨୯।୧୨(ପି.ଟି.)**

ମଙ୍ଗଳବାର ଏଠାରେ ଶେଷ ହୋଇଥିବା ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ସ୍ଲୋ ଓଭରରେଟ୍ ପାଇଁ ଅଷ୍ଟ୍ରେଲିଆ କ୍ରିକେଟ ଦଳକୁ ଜରିମାନା କରାଯାଇଛି। ମ୍ୟାଚ ଫି' ୪୦ ପ୍ରତିଶତ କଟା ଯାଇଥିବାବେଳେ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରୁ ୪ ପଏଣ୍ଟ କାଟି ଦିଆଯାଇଛି। ଟିମ୍ ପେନ୍‌ଙ୍କ ଦଳ ନିର୍ଦ୍ଧାରିତ ସମୟଠାରୁ ୨ ଓଭର କମ୍ ବୋଲିଂ କରିଥିଲା। ତେଣୁ ମ୍ୟାଚ ରେଫରି ଡେଭିଡ୍ ବୁନ୍ ଘରୋଇ ଦଳପାଇଁ ଏହି ଦଣ୍ଡବିଧାନ କରିଛନ୍ତି। ଦ୍ୱିତୀୟ ଟେଷ୍ଟରେ ଅଷ୍ଟ୍ରେଲିଆ ୮ ଉଇକେଟରେ ପରାଜିତ ହୋଇଥିଲା। ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ପାଇଁ ଆଇସିସି ଆଚରଣ ସଂହିତା ଅନୁଚ୍ଛେଦ ୨.୨୨ ଅନୁସାରେ ନିର୍ଦ୍ଧାରିତ ଓଭରଠାରୁ ପ୍ରତି ସ୍ଲୋ ଓଭରରେଟ୍ ପାଇଁ ୨୦ ପ୍ରତିଶତ ମ୍ୟାଚ ଫି' କଟିବାର ନିୟମ ରହିଛି। ୨ ଓଭର କମ୍ ପକାଇଥିବାରୁ ଅଷ୍ଟ୍ରେଲିଆକୁ ଏହାର ଡବଲ ଜରିମାନା ହୋଇଛି। ସେହିପରି ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ପ୍ଲେଇଂ କଣ୍ଡିଶନ ଅନୁଚ୍ଛେଦ ୧୬.୧୧.୨ ଅନୁସାରେ ପ୍ରତି ଓଭର କମ୍ ବୋଲିଂ ପାଇଁ ୨ ପଏଣ୍ଟ କଟାଯିବାର ବିଧି ରହିଛି। ଅଷ୍ଟ୍ରେଲିଆ ଅଧିନାୟକ ଟିମ୍ ପେନ୍ ଦୋଷ ସ୍ୱୀକାର କରିବା ସହ ଜରିମାନାକୁ ସ୍ୱୀକାର କରିଥିବାରୁ ଆନୁଷ୍ଠାନିକ ଶୁଣାଣିର ଆବଶ୍ୟକ ପଡ଼ି ନ ଥିଲା। ଅନ୍ ଫିଲ୍ଡ ଅମ୍ପାୟର ବ୍ରୁଶ୍ ଅକ୍ସିନଫୋର୍ଡ, ପଲ୍ ରିଫେଲ, ତୃତୀୟ ଅମ୍ପାୟର ପଲ୍ ୱିଲସନ ଓ ୪ର୍ଥ ଅମ୍ପାୟର ଗେରାର୍ଡ ଆବୋଡ୍‌ଙ୍କ ରିପୋର୍ଟଭିତ୍ତିରେ ଏହି ଦଣ୍ଡାଦେଶ କରାଯାଇଛି। ଭାରତ-ଅଷ୍ଟ୍ରେଲିଆ ତୃତୀୟ ଟେଷ୍ଟ ଜାନୁୟାରୀ ୭ରୁ ସିଡ୍‌ନୀରେ ଆରମ୍ଭ ହେବ।

## ରାହାନେଙ୍କୁ ଫୁଲ୍ ମାର୍କ

**ଆଡାମ ଗିଲକ୍ରିଷ୍ଟ**

ଆଡିଲେଡ୍‌ଠାରେ ଲଜ୍ଜାଜନକ ପରାଜୟ ପରେ ବକ୍ସିଂ ଡେ' ଟେଷ୍ଟରେ ଜବରଦସ୍ତ ବିଜୟ ସହ ସିରିଜକୁ ୧-୧ ସ୍ତରକୁ ଆଣିପାରିଥିବାରୁ ଭାରତୀୟ କ୍ରିକେଟ ଦଳକୁ ଯେତେଦୂର ସମ୍ଭବ ପ୍ରଶଂସା କରାଯାଇପାରେ। ଏହି ବିଜୟ ବହୁବର୍ଷ ଧରି ସ୍ମରଣୀୟ ହୋଇ ରହିବ। ସିରିଜକୁ ଚମତ୍କାର ପ୍ରତ୍ୟାବର୍ତ୍ତନ ପାଇଁ ଅଜିଙ୍କ୍ୟ ରାହାନେ ଓ ତାଙ୍କ ଟିମ୍‌କୁ ମୁଁ ଫୁଲମାର୍କ ଦେବି। ଟସ୍ ଜିତିବା ପରେ ଟିମ୍ ପେନ୍ ପ୍ରଥମ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ କିଛି ଭୁଲ୍ କରି ନ ଥିଲେ। ଭାରତକୁ ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ କଲେ ହୁଏତ ତାଙ୍କ ପାଇଁ ସମସ୍ୟା ଉପୁଜିପାରେ ବୋଲି ସେ ଅନୁମାନ କରିଥିଲେ। ମୋର ୨୦୦୫ରେ ଇଂଲଣ୍ଡ ବିପକ୍ଷରେ ଖେଳିଥିବା ଏକ ଟେଷ୍ଟ ମ୍ୟାଚ କଥା ମନେପଡ଼ିଯାଉଛି। ସେତେବେଳେ ରିକି ପଣ୍ଟିଂ ଓ ମୁଁ ଯଥାକ୍ରମେ ଅଷ୍ଟ୍ରେଲିଆ ଦଳର ଅଧିନାୟକ ଓ ଉପଅଧିନାୟକ ଥିଲୁ। ସେତେବେଳେ ଆମେ ଟସ୍ ଜିତି ଇଂଲଣ୍ଡକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲୁ। ଭ୍ରମଣକାରୀ ଦଳର ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା। ମାତ୍ର ଏହି ମ୍ୟାଚରେ ଭ୍ରମଣକାରୀ ଦଳ ଲଢୁଆ ପ୍ରଦର୍ଶନ କରି ବିଜୟୀ ହେବାରେ ସକ୍ଷମ ହୋଇଥିଲା। ରାହାନେ ତାଙ୍କ ଦଳ ପାଇଁ ପ୍ରେରଣାର ଉତ୍ସ ଥିଲେ। ତାଙ୍କ ବୋଲିଂ ପରିବର୍ତ୍ତନ ଓ ଫିଲ୍ଡିଂ ସଜ୍ଜା ରଣନୀତି ଦଳକୁ ଜିତାଇବାରେ ସହାୟକ ହୋଇଥିଲା। ତେଣୁ ରାହାନେଙ୍କୁ ମୁଁ ଫୁଲ୍ ମାର୍କ ଦେବି। ମେଲବୋର୍ନ ଟେଷ୍ଟ ଫଳାଫଳକୁ ଦେଖିବା ପରେ ଭାରତ ବିପକ୍ଷରେ ନିକଟ ଅତୀତ ମୁକାବିଲାଗୁଡ଼ିକରେ ଅଷ୍ଟ୍ରେଲିଆର ବ୍ୟାଟିଂକୁ ନେଇ ପ୍ରଶ୍ନ ଉଠୁଛି। ଗତ ସିରିଜ ହେଉ ଅବା ଚଳିତ ସିରିଜର ପ୍ରଥମ ଦୁଇ ଟେଷ୍ଟ ମ୍ୟାଚରେ ଆୟୋଜକ ଦଳର ସ୍କୋର ଥରେ ମାତ୍ର ୩୦୦ ଅତିକ୍ରମ କରିପାରିଛି। ପୁନଶ୍ଚ ଚଳିତ ସିରିଜରେ ଖେଳିଥିବା ୩ଟି ପୂରା ଇନିଂସରେ ଥରେ ୨୦୦ ସ୍ପର୍ଶ କରିପାରିଛି। ଅଷ୍ଟ୍ରେଲିଆ ସପୋର୍ଟ ଷ୍ଟାଫ୍ ଏବଂ ଟିମ୍ ମ୍ୟାନେଜମେଣ୍ଟକୁ ଏ ବିଷୟ ଅବଗତ ଥିବ। ସମସ୍ୟାର ସମାଧାନ ପାଇଁ ସେମାନେ ନିଶ୍ଚୟ ଯୋଜନା ପ୍ରସ୍ତୁତ କରୁଥିବେ। ଡେଭିଡ ୱାର୍ନର ଦଳକୁ ଫେରିବେ। ଏହାଦ୍ୱାରା ଦଳର ବ୍ୟାଟିଂ ଆହୁରି ଶକ୍ତିଶାଳୀ ହେବ। ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନମାନେ ଗତ ଗ୍ରୀଷ୍ମଋତୁରେ ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ଭଲ ପ୍ରଦର୍ଶନ କରିଥିଲେ। ବିଶେଷକରି ୱାର୍ନର, ଷ୍ଟିଭ୍ ସ୍ମିଥ୍ ଓ ମାର୍ନସ ଲାବୁସ୍କାନଙ୍କଠାରୁ କ୍ୱାଲିଟି ବ୍ୟାଟିଂ ଦେଖିବାକୁ ମିଳିଥିଲା। ପ୍ରଥମ ଟେଷ୍ଟ ଭଳି ଦ୍ୱିତୀୟ ଟେଷ୍ଟରେ ମଧ୍ୟ ଭାରତୀୟ ବୋଲରମାନେ ଭଲ ବୋଲିଂ କରିଥିଲେ। ଯଶପ୍ରୀତ ବୁମ୍‌ରା, ଉମେଶ ଯାଦବ, ରବିଚନ୍ଦ୍ରନ ଅଶ୍ୱିନ ଓ ନବାଗତ ମହମ୍ମଦ ସିରାଜଙ୍କ ବୋଲିଂ ଉଚ୍ଚକୋଟୀର ଥିଲା। ବୃତ୍ତାନ୍ତ ଏକାଦଶରେ ରବୀନ୍ଦ୍ର ଜାଡେଜା ହେଉଛନ୍ତି ୫ମ କ୍ୱାଲିଟି ବୋଲର। ଫଳରେ ବୋଲିଂ ଆକ୍ରମଣରେ ବିଭିନ୍ନତା ସମ୍ଭବ ହୋଇପାରୁଛି। ସମସ୍ତଙ୍କ ଦୃଷ୍ଟି ବର୍ତ୍ତମାନ ଭାରତୀୟ ବ୍ୟାଟିଂ ଉପରେ ରହିଛି। ଦଳରେ ଖେଳାଳି ପରିବର୍ତ୍ତନ କରିବା କ୍ଷେତ୍ରରେ ସେମାନେ କଠିନ ନିଷ୍ପତ୍ତି ନେଇପାରୁଛନ୍ତି। ଦଳରେ ସେମାନେ ଯେଉଁ ଖେଳାଳିଙ୍କୁ ନେଉଛନ୍ତି ସେମାନେ ଭଲ କରୁଛନ୍ତି ମଧ୍ୟ। ଟେଷ୍ଟ ଓପନର ଭାବେ ପଦାର୍ପଣ କରିଥିବା ଶୁବମନ ଗିଲ୍ ଉଭୟ ଇନିଂସରେ ଭଲ ଖେଳିଛନ୍ତି। ତାଙ୍କ ଡ୍ରାଇଭ୍ ଶଟ୍ ଆକର୍ଷଣୀୟ। ଦଳରେ ଜାଡେଜାଙ୍କୁ ସାମିଲକରିବା ମଧ୍ୟ ଏକ ଉଚିତ ପଦକ୍ଷେପ ସାବ୍ୟସ୍ତ ହୋଇଛି। ୩ ଓଭର ପରେ ଇଞ୍ଜୁରି ପାଇଁ ଉମେଶ ଯାଦବ ପଡ଼ିଆ ଛାଡ଼ିବାରୁ ଜାଡେଜାଙ୍କ ଯୋଗୁ ତାଙ୍କ ଅଭାବ ଅନେକାଂଶରେ ଭରଣା ହୋଇପାରିଛି। ଯେତେବେଳେ ଅଧିନାୟକ ଅବା ଜଣେ ପ୍ରମୁଖ ଖେଳାଳି ଦଳ ଛାଡ଼ି ଯାଆନ୍ତି ଦଳ ପାଇଁ ଏହା ଚିନ୍ତାର କାରଣ ହୋଇଥାଏ। ଏକ୍ଷେତ୍ରରେ ସମସ୍ତେ ମିଳିମିଶି ମନପ୍ରାଣ ଦେଇ ଖେଳିବାକୁ ଚେଷ୍ଟା କରିଥାନ୍ତି। ଭାରତ କ୍ଷେତ୍ରରେ ତାହା ଦେଖିବାକୁ ମିଳିଥିଲା। ପଡ଼ିଆରେ ବୁମ୍‌ରା ସିରାଜଙ୍କୁ ଏବଂ ମିଡ୍ ଅନ୍‌ରେ ଥାଇ ଅଶ୍ୱିନ ବୋଲରମାନଙ୍କୁ ପରାମର୍ଶ ଦେଉଥିବା ଦୃଶ୍ୟ ଦେଖିବାକୁ ମଳିଥିଲା। ଭାରତ ବିଜୟର କିଛି ସମୟ ପରେ ମୁଁ ଘରକୁ ଫୋନ୍ କରି ପୁଅ ସହ ମ୍ୟାଚ ସମ୍ପର୍କରେ ଆଲୋଚନା କରିଥିଲି। ପୁଅ ରାହାନେଙ୍କ ଗୁଣକୀର୍ତ୍ତନ କରିବାରେ ଲାଗିଥିଲା। ଭାରତୀୟ କାମଚଳା ଅଧିନାୟକଙ୍କ ନିକଟରେ ଅହଂକାର ଓ ଆକ୍ରମଣାତ୍ମକ ମନୋଭାବର ସୂଚନା ନ ଥିଲା। ସେ ଶାନ୍ତ ଓ ସରଳ ସ୍ୱଭାବର। ବ୍ୟାଟିଂ କରୁଥିବାବେଳେ ତାଙ୍କଠାରେ ଦୃଢ଼ ଆତ୍ମବିଶ୍ୱାସ ଥିବା ଭଳି ମନେହେଉଥିଲା। ଦଳକୁ ନେତୃତ୍ୱ ପ୍ରଦାନ ବେଳେ ହେଉ ଅବା କ୍ରିଜ୍‌ରେ ସତେ ଯେପରି ସେ ତାଙ୍କ ଯୋଜନାକୁ କାର୍ଯ୍ୟକାରୀ କରୁଥିବା ମନେହୋଇଥାଏ। ବର୍ତ୍ତମାନର କୋଭିଡ୍-୧୯ ପରିସ୍ଥିତିକୁ ନେଇ ପରବର୍ତ୍ତୀ ଟେଷ୍ଟ କେଉଁଠାରେ ଖେଳାଯିବ ସେ ନେଇ କଥା ଉଠିଥିଲା। ତେବେ ଏହା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ସିଡ୍‌ନୀଠାରେ ଖେଳାଯିବ। ଉଭୟ ଦଳ ପାଇଁ ବାୟୋ ବବଲ ପ୍ରୋଟୋକଲ କଡ଼ାକଡ଼ି କରାଯାଇପାରେ।

-(ଗେମ୍‌ପ୍ଲାନ)








3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ମହିଳାଙ୍କଠାରୁ ଝାମ୍ପିନେଲେ ଟଙ୍କା ବ୍ୟାଗ୍

ବ୍ରହ୍ମଗିରି,(ଡି.ଏନ୍.ଏ.): ବ୍ରହ୍ମଗିରି ଥାନା ଅନ୍ତର୍ଗତ ସାନବନ୍ଧକେରା ରାସ୍ତାରେ ମଙ୍ଗଳବାର ଦୁଇଜଣ ମହିଳା ଏକ ଘରୋଇ ବ୍ୟାଙ୍କରୁ ଟଙ୍କା ନେଇ ଯାଉଥିବାବେଳେ ଜଣେ ଦୁର୍ବୃତ୍ତ ଟଙ୍କା ଲୁଟି ନେଇଯାଇଥିଲେ। ସୂଚନା ଅନୁଯାୟୀ, ସାନବନ୍ଧକେରା ଗ୍ରାମର ହରଷ ନାୟକ ଓ ରୀନା ନାୟକ ଏକ ଘରୋଇ ବ୍ୟାଙ୍କରୁ ୩୦ ହଜାର ଟଙ୍କା ଉଠାଇ ଗାଁକୁ ଯାଉଥିବା ସମୟରେ ଜଣେ ଦୁର୍ବୃତ୍ତ ଏକ ବାଇକରେ ଆସି ତାଙ୍କଠାରୁ ଟଙ୍କା ବ୍ୟାଗ ଝାମ୍ପି ନେଇଥିଲେ। ରିପୋର୍ଟ ଲେଖାଯିବା ସମୟରେ ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ।

**ସଂକ୍ଷେପରେ**

## ଘରେ ଜିରୋ ନାଇଟ୍ ପାଳନ କର

ଖୋର୍ଦ୍ଧା ଅଫିସ,୨୯।୧୨ : ଖୋର୍ଦ୍ଧା ଉପଖଣ୍ଡ ଅଞ୍ଚଳରେ କୋଭିଡ୍-୧୯କୁ ଦୃଷ୍ଟିରେ ରଖି ଉପଜିଲାପାଳ ଅଶୋକ ବେହୁରିଆ ଡିସେମ୍ବର ୩୧ ରାତିରେ ଜିରୋନାଇଟ ପାଳନ ଉପରେ କଟକଣା ଜାରି କରିଛନ୍ତି। କୌଣସି ସ୍ଥାନରେ କେହି ଏକାଠି ହୋଇ ଉତ୍ସବ ପାଳନ କରିବେ ନାହିଁ। ସମସ୍ତ ଲଜ୍, ହୋଟେଲ, କ୍ଲବ, କଲ୍ୟାଣମଣ୍ଡପରେ ଆୟୋଜନ ଲାଗି ଅନୁମତି ଦିଆଯିବ ନାହିଁ। ସମସ୍ତେ ଘରେ ରହି ନିଜ ପରିବାର ସହ ଉତ୍ସବ ପାଳନ ଲାଗି ଉପଜିଲାପାଳ ବେହୁରିଆ ନିବେଦନ କରିଛନ୍ତି। ଖୋର୍ଦ୍ଧା ଉପଖଣ୍ଡରେ କରୋନା ସ୍ଥିତି ନିୟନ୍ତ୍ରଣାଧୀନ ରହିଛି। କିନ୍ତୁ ବିପଦ ଟଳିନାହିଁ ବୋଲି ସେ କହିଛନ୍ତି।

## ଚିଲିକା ବିକଳ୍ପ ଜୀବିକା ପ୍ରକଳ୍ପ ପ୍ରକ୍ରିୟା କର୍ମଶାଳା

ବ୍ରହ୍ମଗିରି,୨୯।୧୨(ଡି.ଏନ୍.ଏ.): ଆରସିଡିସି ଭୁବନେଶ୍ୱର ଆନୁକୂଲ୍ୟରେ ସୋମବାର ସାତପଡା ପାନ୍ଥନିବାସଠାରେ ମତ୍ସ୍ୟଜୀବୀମାନଙ୍କୁ ନେଇ ବିକଳ୍ପ ଜୀବିକା ପ୍ରକଳ୍ପ ନାମକ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଚିଲିକା ପୂର୍ବାଞ୍ଚଳ ମତ୍ସ୍ୟଜୀବୀ ଗ୍ରାମର ମହିଳା ଓ ପୁରୁଷମାନଙ୍କୁ ନେଇ ଚିଲିକା ବିକଳ୍ପ ଜୀବନ ଜୀବିକା ପ୍ରକଳ୍ପ ପ୍ରକ୍ରିୟା କର୍ମଶାଳାରେ ଓଡିଶା ମତ୍ସ୍ୟଜୀବୀ ୟୁନିୟନର ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ଜେନା, ଭଞ୍ଜ କିଶୋର ଜେନା, ଉମାକାନ୍ତ ମହାନ୍ତି, ପରେଶ ଜାଲି, ମନୋଜ ଦଳାଇ ପ୍ରମୁଖ ଯୋଗ ଦେଇ ଚିଲିକାର ବହୁ ବିଧ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ।

## ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ଜବତ

ସାକ୍ଷୀଗୋପାଳ,୨୯।୧୨(ସ୍ୱ.ପ୍ର./ଡି.ଏନ୍.ଏ.): ସତ୍ୟବାଦୀ ଥାନା ଅଧୀନ ଜୀପୁର ପ୍ରଧାନ ସାହିରେ ମଙ୍ଗଳବାର ଏକ ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ସେମାନେ ହେଲେ ଉକ୍ତ ଗ୍ରାମର ବଳଭଦ୍ର ନାୟକ ଓ ନର୍ମଦା ନାୟକ। ଏ ନେଇ ପୋଲିସ ମାମଲା (ନଂ.୨୨/୨୦) ରୁଜୁ କରି ମୃତଦେହଦ୍ୱୟଙ୍କୁ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛି। ଏନେଇ ଗ୍ରାମର ୱାର୍ଡମେମ୍ବର ରବୀନ୍ଦ୍ର ନାୟକ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, ମଙ୍ଗଳବାର ସକାଳେ ଜୀପୁର ଗ୍ରାମର ଜଣେ ବ୍ୟକ୍ତି ଶୌଚ ନିମନ୍ତେ ଯିବାବେଳେ ରାସ୍ତାରେ ଝୁଲନ୍ତା ଅବସ୍ଥାରେ ୨ମୃତଦେହ ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିବାବେଳେ ନିକଟରେ ପଡ଼ିଥିବା ବୋତଲକୁ ଜବତ କରିଛି। ତେବେ ଯୁବତୀଙ୍କ ହାତ ବନ୍ଧା ଯାଇଥିବାବେଳେ ଏହା ହତ୍ୟା ନା ଆତ୍ମହତ୍ୟା ସନ୍ଦେହ ପ୍ରକାଶ ପାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସତ୍ୟବାଦୀ ଆଇଆଇସି ଦେବୀପ୍ରସାଦ ପାତ୍ର କହିଛନ୍ତି।

## ବିସିଜେଡିର ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା

ଖୋର୍ଦ୍ଧା ଅଫିସ,୨୯।୧୨: ଶିକ୍ଷାର ପ୍ରଗତି ଲାଗି ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏଣିକି ଡାକ୍ତରୀ ଓ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ସରକାରୀ ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ଲାଗି ସିଟ୍ ସଂରକ୍ଷଣ ରହିବ। ରାଜ୍ୟ କ୍ୟାବିନେଟ ବୈଠକରେ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଛନ୍ତି। ସରକାରଙ୍କ ଏହି ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ଏହି ଐତିହାସିକ ନିଷ୍ପତ୍ତି ଲାଗି ଖୋର୍ଦ୍ଧା ବିଜୁ ଛାତ୍ର ଜନତା ଦଳ(ବିସିଜେଡି) ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ଆର୍ଥିକ ଅନଟନ କାରଣରୁ ଉଚ୍ଚଶିକ୍ଷାରୁ ବଞ୍ଚିତ ବିଦ୍ୟାର୍ଥୀ ଏହା ଦ୍ୱାରା ଉପକୃତ ହେବେ ବୋଲି ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କହିଛନ୍ତି। ଏହି ଅବସରରେ ମଙ୍ଗଳବାର ନୂଆବସଷ୍ଟାଣ୍ଡ ଠାରୁ ଏକ ପଦଯାତ୍ରାରେ ବାହାରି ବିଜୁ ପଟ୍ଟନାୟକ ପାର୍କ ନିକଟରେ ପହଞ୍ଚିଥିଲେ। ସେଠାରେ ଏକ ସଭା ଆୟୋଜିତ ହୋଇଥିଲା। ବିଧାୟକ ମିତ୍ର, ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ ଦଳାଇ, ଓଡ଼ିଶା ମୋ ପରିବାର ଜିଲା ସଂଯୋଜକ ଦିଲୀପ କୁମାର ହୋତା, ରାଜ୍ୟ ବିଜୁ ଯୁବ ଜନତା ଦଳ ସମ୍ପାଦକ ରୁଦ୍ରନାଥ ଦତ୍ତ, ରାଜ୍ୟ ବିଜୁ ଛାତ୍ର ଜନତା ଦଳ ସମ୍ପାଦକ ନସିନ ଖାଁ, ଜିଲା ବିଜୁ ଯୁବ ଜନତା ଦଳ ସଭାପତି ରାଜେଶ ପରିଡା, ରାଜ୍ୟ ଛାତ୍ର ଜନତା ଦଳ ସାଧାରଣ ସମ୍ପାଦିକା ଦେବସ୍ମିତା ଦାସ, ଜିଲା ଛାତ୍ର ଜନତା ଦଳ ସଭାପତି ବିଶ୍ୱଜିତ ପ୍ରଧାନ, ବିଜେଡି ଜିଲା ସଂଯୋଜକ ଲଳିତ ମୋହନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୬୩,୨୦୦ହେକ୍ଟରର ଜମିରେ ହେବ ରବି ଫସଲ

ଖୋର୍ଦ୍ଧା ଅଫିସ,୨୯।୧୨



ବୈଠକରେ ଜିଲାପାଳ ସନତ୍ ମହାନ୍ତି ଓ ଅନ୍ୟମାନେ।

- ୭୨,୫୦୦ ଚାଷୀଙ୍କୁ ୩ଶହ କୋଟି ଋଣ ଦିଆଯିବ
- ଜାନୁୟାରୀ ୧୫ରୁ ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷଣ

ଖୋର୍ଦ୍ଧା ଜିଲା କୃଷି ନିର୍ଦ୍ଧାରଣ କମିଟି ବୈଠକ ମଙ୍ଗଳବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସନତ ମହାନ୍ତି ଅଧକ୍ଷତା କରିଥିଲେ। ଜିଲା କୃଷି ଅଧିକାରୀ ଗଣେଶ ପ୍ରସାଦ ଦାସ ୨୦୨୦-୨୧ବର୍ଷ ଲାଗି ରବି ଫସଲ ସମ୍ପର୍କରେ ସୂଚନା ଦେଇଥିଲେ। ସରକାରଙ୍କ ପକ୍ଷରୁ ଠିକ୍ ସମୟରେ ଚାଷୀଙ୍କ ନିକଟରେ ବିହନ, ସାର, କୀଟନାଶକ ପହଞ୍ଚିବ। କୃଷକଙ୍କୁ ସୁଲଭ ମୂଲ୍ୟରେ କୃଷି ଯନ୍ତ୍ରପାତି, ଫସଲ ଋଣ ଯୋଗାଇବା ବ୍ୟବସ୍ଥା କରାଯିବ। ଚଳିତ ରବି ଫସଲ ଲାଗି ୭୨,୫୦୦ଚାଷୀଙ୍କୁ ସମବାୟ ଏବଂ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଜରିଆରେ ୩ଶହ କୋଟି ଋଣ ଦେବା ଯୋଜନା ରହିଛି। ମାଟି ପରୀକ୍ଷଣ ଲାଗି ଭ୍ରାମ୍ୟମାଣ ମୋବାଇଲ ମୃତ୍ତିକା ପରୀକ୍ଷା ଭ୍ୟାନ ବ୍ୟବସ୍ଥା କରାଯାଇଛି। ଖୋର୍ଦ୍ଧା ଜିଲାରୁ ପ୍ରାଥମିକ ପର୍ଯ୍ୟାୟରେ ୫ହଜାର ସାମ୍ପୁଲ ପରୀକ୍ଷଣ ଯୋଜନା ରହିଛି। ବିଜିଆରଇଆଇ, ଏନ୍ଏଫ୍ଏସ୍ଏମ୍, ପିକେଭିୱାଇ ଯୋଜନାରେ ପ୍ରାକୃତିକ ଦୁର୍ବିପାକ ଏବଂ କୋଭିଡ୍-୧୯ ସମୟରେ ଚାଷୀଙ୍କ ଫସଲ କ୍ଷତି ଭରଣା ବ୍ୟବସ୍ଥା ରହିଛି।

ଚଳିତବର୍ଷ ୨୦୨୦-୨୧ରେ ୬୩,୨୦୦ ହେକ୍ଟର ଜମିରେ ରବି ଫସଲ ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ୧୫୨୦ହେକ୍ଟରରେ ଧାନ, ୧୫୦ହେକ୍ଟରରେ ମକା, ୫୦,୧୦୦ ହେକ୍ଟରରେ ଡାଲି ଜାତୀୟ, ୨୨୫୦ ହେକ୍ଟରରେ ତୈଳବୀଜ (ଚିନାବାଦାମ, ସୂର୍ଯ୍ୟମୁଖୀ ଓ ସୋରିଷ) ୭୫୦୦ହେକ୍ଟରରେ ପନିପରିବା ଏବଂ ୧୪୩୦ ହେକ୍ଟରରେ ମସଲା ଜାତୀୟ ଏବଂ ୨୫୦ ହେକ୍ଟରରେ ଆଖୁ ଚାଷ କରାଯିବ। ୨୦,୮୩୩ ହେକ୍ଟର ଚାଷ ଜମିକୁ ଜଳସେଚିତ କରାଯିବା ଯୋଜନା ରହିଛି। ୨୦୧୯-୨୦ରେ ୧୦୭୦.୫୦ କୁଇଣ୍ଟାଲ ବିହନ ଦିଆଯାଇଥିବା ବେଳେ ଚଳିତ ବର୍ଷ ୨୦୨୦-୨୧ରେ ୯୨୩ କୁଇଣ୍ଟାଲ ବିହନ ଯୋଗାଇଦେବା ଯୋଜନା ରହିଛି। ସେହିପରି ୨୦୨୦-୨୧ରେ ୫୬.୩୮ମେଟ୍ରିକ ଟନ ସାର ଯୋଗାଇବା ଲକ୍ଷ୍ୟ ରହିଛି। କୃଷି କାର୍ଯ୍ୟରେ ସହାୟକ ଲାଗି ଟ୍ରାକ୍ଟର ୪୮, ପାୱାର ଟିଲର ୧୪୦, ରିପର ୩୦, ଟ୍ରାନ୍ସପ୍ଲାଣ୍ଟର ୨୩, କମ୍ବାଇନ ହାର୍ଭେଷ୍ଟର ୨୪, ରୋଟୋଭେଟର ୫୯, ପମ୍ପସେଟ୍ ୧୩୬, ପାୱାର ଥ୍ରେସର ୬୨, ରବର ରୋଲ ସେଲର ୬ ଏବଂ ପିଏଚ୍ଏମ୍ ଓଏଲ ମିଲ୍ ୬୧ ବ୍ୟବସ୍ଥା ରହିଛି। ସେହିପରି ଜଳନିଧି ଓ ସୌର ଜଳନିଧି ଯୋଜନାରେ ୨୦୨୦-୨୧ ବର୍ଷ ଲାଗି ଗଭୀର କୂଅ ୧୩୫, ଅଗଭୀର କୂଅ ୯୦, ଚୁଆ ଓ ସୋଲାର ପମ୍ପ ସେଟ୍ ୫୦ ବ୍ୟବସ୍ଥା ରହିଛି। ସମବାୟ ଏବଂ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଜରିଆରେ ୭୨,୫୦୦ ଚାଷୀଙ୍କୁ ୩୦୦କୋଟି ଋଣ ଦେବା ଯୋଜନା ରହିଛି। କୃଷି କ୍ଷେତ୍ରରେ ଚାଷୀଙ୍କୁ ଅଧିକ ଋଣ ଯୋଗାଇ ଦିଆଯିବ ବୋଲି ଲିଡ ଡ୍ରିଷ୍ଟିକ୍ଟ ମ୍ୟାନେଜର ଦିଲୀପ କୁମାର ଭୂୟାଁ କହିଛନ୍ତି। ପନିପରିବା ସଂରକ୍ଷଣ ଏବଂ ଉଦ୍ୟାନ କୃଷି ତ୍ୱରାନ୍ୱିତ ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପିଡି ଡିଆରଡିଏ ଦିଗନ୍ତ ରାଉତରାୟ, ଡିଜିଏମ ନାବାର୍ଡ, କୃଷି ଓ ଉଦ୍ୟାନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ବେଧଡ଼କ ଚାଲିଛି କଫ ସିରପ ବେପାର

ଖୋର୍ଦ୍ଧା ଅଫିସ,୨୯।୧୨

- ଦୈନିକ ଲକ୍ଷାଧିକ ଟଙ୍କାର ହେଉଛି କାରବାର
- ବିପଥଗାମୀ ହେଉଛନ୍ତି ଯୁବପିଢ଼ି

ନିଶା କାରବାର ହବ୍ ପାଲଟିଥିବା ଖୋର୍ଦ୍ଧା ସହରରେ ଏବେ କଫ ସିରପ କାରବାର ବୃଦ୍ଧି ପାଇବାରେ ଲାଗିଛି। ସହରରେ ଥିବା ଔଷଧ ଦୋକାନରେ ବେଆଇନ ଭାବେ ବିକ୍ରି ଚାଲିଛି। ଦୈନିକ ଲକ୍ଷାଧିକ ଟଙ୍କାର ବିକ୍ରି ହେଉଥିବା ଜଣାପଡ଼ିଛି। ଯୁବପିଢି ଏହାର ଶିକାର ହେଉଛନ୍ତି। କରୋନା ସମୟରେ ଏହାର କାରବାର ବୃଦ୍ଧି ପାଇଛି। ଡ୍ରଗ୍ସ ବିଭାଗ ଏବଂ ଜିଲା ପ୍ରଶାସନର ନିଷ୍କ୍ରିୟତାରୁ ସହରରେ ଏହି ବେପାର ଦ୍ରୁତଗତିରେ ମାଡ଼ି ଚାଲିଛି।

ପ୍ରକାଶ ଯେ, କଟକ, ଭୁବନେଶ୍ୱର ଏବଂ ପୁରୀରେ ବାରମ୍ବାର କଫ ସିରପ ବିକ୍ରି ଉପରେ ଚଢ଼ାଉ ଯୋଗୁ ବେପାରୀଙ୍କ ନଜର ଏବେ ଖୋର୍ଦ୍ଧା ଉପରେ ପଡିଛି। ବିଳମ୍ବିତ ରାତିରେ ଏଠାକୁ ପେଟି ପେଟି କଫ ସିରପ ଆସୁଛି। ଗୋଟିଏ ଟିମ୍ ପ୍ରଥମେ ସହରରେ ବୁଲି ଅର୍ଡର ସଂଗ୍ରହ କରୁଛନ୍ତି। ଅନ୍ୟ ଟିମ୍ ସାମଗ୍ରୀ ପହଞ୍ଚାଇବା ବ୍ୟବସ୍ଥା କରୁଛନ୍ତି। ପରେ ଏଠାରୁ ବିଭିନ୍ନ ସ୍ଥାନକୁ ପଠାଯାଉଥିବା ଜଣାପଡ଼ିଛି। ଏସ୍ଟିଏଫ ଏବଂ ପୋଲିସର ବାରମ୍ବାର ଚଢ଼ାଉ ପରେ ମାଫିଆମାନେ ବ୍ରାଉନସୁଗାର ବେପାରକୁ ଛାଡି ଏହାକୁ ସୁରକ୍ଷିତ ବେପାର ଭାବେ ଧରି ନେଇଛନ୍ତି। ସହରର ବିଭିନ୍ନ ସ୍ଥାନରେ ମାଳ ମାଳ କଫ ସିରପ ବୋତଲ ପଡିଥିବା ଦେଖିବାକୁ ମିଳିଛି। କମ୍ ମୂଲ୍ୟରେ ଏହା ମିଳୁଥିବାରୁ ଯୁବପିଢିଙ୍କ ନିଶାରେ ପରିଣତ ହୋଇଛି। ଫଳରେ ଯୁବପିଢି ବିପଥଗାମୀ ହେଉଛନ୍ତି। ଏହି କାରବାର ପଛରେ ସମ୍ପୃକ୍ତ ଥିବା ବେପାରୀଙ୍କୁ ଗିରଫ କରିବା ଲାଗି ବିଭିନ୍ନ ମହଲରେ ଦାବି ହୋଇଛି। ଏନେଇ ଟାଉନ ଥାନା ଅଧିକାରୀ ଉମାଶଙ୍କର ସିଂ କହିଛନ୍ତି, ଏହା ଉପରେ ନଜର ରହିଛି। ଔଷଧ ଦୋକାନ ଉପରେ ଚଢ଼ାଉ ଡ୍ରଗ୍ସ ବିଭାଗର ଦାୟିତ୍ୱ। କୌଣସି ସ୍ଥାନରେ ବେଆଇନ ଭାବେ ବିକ୍ରି ଅଭିଯୋଗ ଆସିଲେ, ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ବିଜେଡିର ସାଙ୍ଗଠନିକ ବୈଠକ



ସାଙ୍ଗଠନିକ ବୈଠକରେ ବିଧାୟକ ରାଜେନ୍ଦ୍ର ସାହୁ ଓ ଅନ୍ୟମାନେ।

ବୋଲଗଡ଼,୨୯।୧୨(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ଖଙ୍ଗୁରିଆ ପଞ୍ଚାୟତର ଇଚ୍ଛାପୁରଠାରେ ମଙ୍ଗଳବାର ବିଜେଡିର ପଞ୍ଚାୟତସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ରାଜେନ୍ଦ୍ର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଖଙ୍ଗୁରିଆ ପଞ୍ଚାୟତ ସଭାପତି ଚିତ୍ତରଞ୍ଜନ ମିଶ୍ର ସଭାପତିତ୍ୱ କରିଥିଲେ। ବିଜେଡି ସଙ୍ଗଠନକୁ ମଜଭୁତ କରିବା, ଦଳର ସମସ୍ତ କର୍ମୀ ଓ ନେତାଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ଏବଂ ଲୋକମାନଙ୍କ ନିକଟରେ ସରକାରଙ୍କ ଉନ୍ନୟନମୂଳକ ଯୋଜନା ପହଞ୍ଚାଇବା ପାଇଁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ବୀର ଦାସ, ଅଶ୍ୱିନୀ ପଟ୍ଟନାୟକ, ପ୍ରଦୀପ ସାହୁ, ଗୋପାଳ ବେହେରା, ସୁବାସ ସ୍ୱାଇଁ, ସଞ୍ଜୀବ କୁମାର ରାୟ ପ୍ରମୁଖଙ୍କ ସମେତ ଖଙ୍ଗୁରିଆ ପଞ୍ଚାୟତ ମିଶନଶକ୍ତିର ସଭାପତି ସମଶାଦ୍ ବେଗମ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଏକ ମାସ ମଧ୍ୟରେ ଏହି ବ୍ଲକରେ ୧୬ଟି ପଞ୍ଚାୟତରେ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି।

## କ୍ଷତିପୂରଣ ଦାବିରେ ୪ ଘଣ୍ଟା ରାସ୍ତାରୋକୋ

ନିରାକାରପୁର,୨୯।୧୨(ଡି.ଏନ୍.ଏ.)



ଜାତୀୟ ରାଜପଥରେ ଟାୟାର ଜାଳି ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି।

**କାର୍ ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ**

ଖୋର୍ଦ୍ଧା ଜିଲା ୧୬ନଂ. ଜାତୀୟ ରାଜପଥ ଓସକେଇ ଖୋଲ ନିକଟରେ ମଙ୍ଗଳବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ପୂର୍ବାହ୍ନରେ କାର୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନୟାଗଡ଼ ଜିଲା ଚାନ୍ଦପୁର ଥାନା ଅଧୀନ ଓସ୍ତପଡ଼ା ଗ୍ରାମର ସୁଦର୍ଶନ ସାହୁ। ଖବରପାଇ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରକୁ କ୍ଷତିପୂରଣ ଏବଂ ଓଭରବ୍ରିଜ ନିର୍ମାଣ ଦାବିରେ ୪ଘଣ୍ଟା ରାସ୍ତାରୋକୋ କରିଥିଲେ।

ସୂଚନା ମୁତାବକ, ସୁଦର୍ଶନ ପୂର୍ବାହ୍ନରେ ଏକ ବାଇକ୍ (ଓଡି୦୨ ଏଡି ୬୦୧୪)ରେ ଘରକୁ ଫେରୁଥିବା ବେଳେ ଔରଙ୍ଗାବାଦରୁ ଏକ ପରିବାର ନେଇ ପୁରୀ ଅଭିମୁଖେ ଯାଉଥିବା କାର୍ (ଏମଏଚ୍୨୦ଇକେ ୧୦୦୧) ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ସୁଦର୍ଶନଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଖବରପାଇ ପରିବାର ଲୋକେ ଓ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି କ୍ଷତିପୂରଣ ଓ ଓଭରବ୍ରିଜ ନିର୍ମାଣ ପାଇଁ ଦାବି କରି ପୂର୍ବାହ୍ନ ୧୧ଟା ୩୦ରୁ ଅପରାହ୍ନ ୩ଟା ୪୫ ପର୍ଯ୍ୟନ୍ତ ଜାତୀୟ ରାଜପଥ ଓସକେଇ ଖୋଲ ନିକଟ ଜାତୀୟ ରାଜପଥରେ ଟାୟାର ଜାଳି ରାସ୍ତାରୋକ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଖବରପାଇ ରଣପୁର ତହସିଲଦାର, ଚାନ୍ଦପୁର ଓ ରଣପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ରେଡକ୍ରସ ପକ୍ଷରୁ ୨୦ହଜାର ଟଙ୍କା ପ୍ରଦାନ ଏବଂ ଉକ୍ତ ସ୍ଥାନରେ ଓଭର ବ୍ରିଜ ପାଇଁ ଦୁଇମାସ ଲାଗି ପ୍ରଶାସନ ସମୟ ନେବା ନେଇ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ କାର୍ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ମେଡିକାଲ ପଠାଇଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

## ସ୍ୱାସ୍ଥ୍ୟ ପରିଚାଳନା ସମ୍ପର୍କିତ ବୈଠକ

ଖୋର୍ଦ୍ଧା ଅଫିସ,୨୯।୧୨

ଖୋର୍ଦ୍ଧା ଜିଲାରେ ଘରୋଇ ଏବଂ କର୍ପୋରେଟ ହସ୍ପିଟାଲରେ ସ୍ୱାସ୍ଥ୍ୟ ପରିଚାଳନା ସମ୍ପର୍କିତ ଏକ ବୈଠକ ମଙ୍ଗଳବାର ଗ୍ରାମ୍ୟ ଉନ୍ନୟନ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସନତ ମହାନ୍ତି ଅଧକ୍ଷତା କରିଥିଲେ। ଘରୋଇ ଚିକିତ୍ସାଳୟରେ ଗର୍ଭବତୀଙ୍କ ଚିକିତ୍ସା, ସ୍ୱାସ୍ଥ୍ୟର ଯତ୍ନ, ଶିଶୁ ଜନ୍ମ, ପ୍ରତିଷେଧକ ଟିକାକରଣ, ବିଭିନ୍ନ ଚିକିତ୍ସା ସମ୍ପର୍କରେ ଆଲୋଚନା ହୋଇଥିଲା। କୋଭିଡ୍ ଟୀକାକରଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପ୍ରଜନନ ଏବଂ ଶିଶୁଙ୍କ ଯତ୍ନ ପାଇଁ ହିତାଧିକାରୀଙ୍କୁ ଚିହ୍ନଟ ପାଇଁ ରେଜିଷ୍ଟାରରେ ରହିବ। ଏହି ବ୍ୟବସ୍ଥା ସମ୍ପୃକ୍ତ ଚିକିତ୍ସାଳୟ କର୍ତ୍ତୃପକ୍ଷ କରିବେ। ଏହି ବୈଠକରେ ବିଭିନ୍ନ ଘରୋଇ ହସ୍ପିଟାଲରେ ପ୍ରତିନିଧିମାନେ ଯୋଗଦେଇ ନିଜ ମତ ରଖିଥିଲେ। ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା.ଦ୍ୱାରିକାନାଥ ଶତପଥୀ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ସିଭିଏନ ରାଓ, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପ୍ରତିନିଧି ଡା.ସୁନିଲ କୁମାର ଦାଶଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

ପୁରୁଣା ଭୁବନେଶ୍ୱର,୨୯।୧୨(ଡି.ଏନ୍.ଏ.)

ଏକାମ୍ର ନିର୍ବାଚନମଣ୍ଡଳୀର ୫୪ନଂ. ୱାର୍ଡରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମଙ୍ଗଳବାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ହରଚଣ୍ଡି ବାରିକ ସାହି, ମିଶ୍ର ସାହି, ଚେମେଡି ସାହି, ଗୋଡିପୋଖରୀ ସାହି, କପାଳିଦେବୀ ସାହି, ରାମେଶ୍ୱର ପାଟଣା ଆଦି ଅଞ୍ଚଳର ରାସ୍ତା ଓ ନାଳ ମରାମତି କାର୍ଯ୍ୟର ଶିଳାନ୍ୟାସ କରାଯାଇଛି। କାର୍ଯ୍ୟକ୍ରମରେ ୱାର୍ଡ ସଭାପତି ଦାଶରଥି ଗରାବଡ୍ତୁ, ପ୍ରସନ୍ନ ମହାସୁପକାର, ବୀରଞ୍ଚି ନାରାୟଣ ପତି, ପ୍ରଣବ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କରୋନା ଲାଗି ଫିକା ପଡ଼ିଛି ବଣଭୋଜି

ଖୋର୍ଦ୍ଧା ଅଫିସ,୨୯।୧୨

ପର୍ଯ୍ୟଟନ ଋତୁରେ ଖୋର୍ଦ୍ଧା ଜିଲାର ପ୍ରମୁଖ ପର୍ଯ୍ୟଟନ ସ୍ଥଳ ପରିବେଶ ଖାଁ ଖାଁ ରହିଛି। ଡିସେମ୍ବର ଏବଂ ଜାନୁୟାରୀରେ ଜିଲାର ବରୁଣେଇ ପାହାଡ଼, ମା' ଉଗ୍ରତାରା, ଗଡ଼ମାଣିତ୍ରୀର ମା' ରାମଚଣ୍ଡୀ ପୀଠ, ଅତ୍ରି, ମଙ୍ଗଳାଯୋଡ଼ିରେ ଭିଡ଼ ଜମିଥାଏ। ପର୍ଯ୍ୟଟକମାନେ ବୁଲାବୁଲି କରିବା ସହ ବଣଭୋଜି କରିଥାନ୍ତି। କରୋନା ମହାମାରୀ ଯୋଗୁ ଜିଲା ପ୍ରଶାସନ ପକ୍ଷରୁ ପର୍ଯ୍ୟଟନସ୍ଥଳଗୁଡ଼ିକରେ ବଣଭୋଜି ଆୟୋଜନ ଉପରେ କଟକଣା ରହିଛି। ଫଳରେ ଫିକା ପଡିଛି ବଣଭୋଜି।

ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳ ମଧ୍ୟରେ ବରୁଣେଇ ଅନ୍ୟତମ। ପ୍ରାକୃତିକ ସବୁଜ ବନାନୀ ପରିବେଶ ମଧ୍ୟରେ ଏହାର ଅବସ୍ଥିତି। ଏଠାରେ ବର୍ଷସାରା ଭିଡ଼ ରହିଥିଲେ ମଧ୍ୟ ଡିସେମ୍ବର, ଜାନୁୟାରୀରେ ବଣଭୋଜିର ଆୟୋଜନ ହୋଇଥାଏ। ମାତ୍ର କଟକଣା ଯୋଗୁ ଚଳିତବର୍ଷ ପର୍ଯ୍ୟଟକ ଆସୁନାହାନ୍ତି। ସେହିପରି ଗଡ଼ମାଣିତ୍ରୀ ଏବଂ ମା' ଉଗ୍ରତାରା ପୀଠରେ ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହିଥାଏ। କରୋନା ଯୋଗୁ ଏଠାକାର ପରିବେଶ ସମ୍ପୂର୍ଣ୍ଣ ନୀରବି ଯାଇଛି। ଅନ୍ୟପଟେ ଶୀତଋତୁରେ ନୀଳାମ୍ବୁ ଚିଲିକାର ପରିବେଶ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। କରୋନା ଯୋଗୁ ମଙ୍ଗଳାଯୋଡିରେ ମଧ୍ୟ ପର୍ଯ୍ୟଟକଙ୍କ ଦେଖାନାହିଁ। ସେହିପରି ପର୍ଯ୍ୟଟକମାନେ ଚିଲିକା ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହ ମା' କାଳିଜାଇଙ୍କ ଦର୍ଶନ କରିଥାନ୍ତି। ବିଦେଶାଗତ ପକ୍ଷୀଙ୍କ ଆଗମନ ସତ୍ତ୍ୱେ ପର୍ଯ୍ୟଟକ ନ ଆସୁଥିବାରୁ କାଳିଜାଇଙ୍କ ପୀଠକୁ ପର୍ଯ୍ୟଟକ ଆସୁ ନ ଥିବା ଜଣାପଡିଛି। ଜାନୁୟାରୀ ୩ରୁ ଜିଲା ପ୍ରଶାସନ ପକ୍ଷରୁ ଜିଲାର ସମସ୍ତ ମନ୍ଦିର ଏବଂ ଧାର୍ମିକ ଅନୁଷ୍ଠାନ ଖୋଲିବା ଲାଗି ଅନୁମତି ପ୍ରଦାନ କରାଯାଉଛି। ମନ୍ଦିର ଖୋଲିବା ପରେ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଜମିବା ନେଇ ଆଶା କରାଯାଉଛି।

## ବ୍ଲକ ଅଫିସ ଆଗରେ ଭାଜପାର ବିକ୍ଷୋଭ

କୃଷ୍ଣପ୍ରସାଦ,୨୯।୧୨(ଡି.ଏନ୍.ଏ.)

ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ରାଜ୍ୟ ସରକାର ବିଜୁ ଆବାସ ଯୋଜନା କହି ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ଏହାର ପ୍ରତିବାଦରେ ମଙ୍ଗଳବାର କୃଷ୍ଣପ୍ରସାଦ ବ୍ଲକ ଭାଜପା ପକ୍ଷରୁ ଚିଲିକା ନୂଆପଡା ମା'ଚଣ୍ଡୀ ଠାକୁରାଣୀଙ୍କ ମନ୍ଦିରଠାରୁ ଏକ ଶୋଭାଯାତ୍ରା ବାହାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। କେନ୍ଦ୍ରୀୟ ଅନୁଦାନ ଆବାସ ଯୋଜନାକୁ ରାଜ୍ୟ ସରକାରଙ୍କ ବିଜୁ ଆବାସ ଯୋଜନା ନାମରେ ନାମିତ କରି ହଡପକରି ବିଭିନ୍ନ ହିତାଧିକାରୀଙ୍କ କାନ୍ଥରେ ଲଗାଯାଇଥିବା ପ୍ରଚାରପତ୍ର କାଗଜକୁ ଚିରି ନିଆଁ ଲଗାଇ ବିକ୍ଷୋଭ କରିଥିଲେ। କାର୍ଯ୍ୟକ୍ରମରେ କୃଷ୍ଣପ୍ରସାଦ ବ୍ଲକ ଭାଜପା ଉପଦେଷ୍ଟା କେଲୁଚରଣ ଜେନା, ଉତ୍ତମ କୁମାର ତରେଇ, ସୌମ୍ୟରଞ୍ଜନ ଲେଙ୍କା, ସୁକାନ୍ତ କୁମାର ମାନସିଂହ ଉପସ୍ଥିତ ଥିଲେ।



ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ହଡ଼ପ କରିବା ପ୍ରତିବାଦରେ ଭାଜପା ପକ୍ଷରୁ ମଙ୍ଗଳବାର କୃଷ୍ଣପ୍ରସାଦ ବ୍ଲକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯାଉଛି।

## ଶିଶୁଅନନ୍ତଙ୍କ ସାହିତ୍ୟରେ ଥିଲା ମୋକ୍ଷ ପ୍ରାପ୍ତିର ତତ୍ତ୍ୱ

ବାଲିପାଟଣା,୨୯।୧୨(ଡି.ଏନ୍.ଏ.)

ବାଲିପାଟଣାସ୍ଥିତ ଶିଶୁଅନନ୍ତ ପୀଠରେ ମଙ୍ଗଳବାର ଶିଶୁଅନନ୍ତ ସ୍ମୃତି ସଂସଦ ପକ୍ଷରୁ ମହାପୁରୁଷ ଶିଶୁଅନନ୍ତ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ସ୍ଥାନୀୟ ବିଧାୟକ ଡ.ଅରବିନ୍ଦ ଢାଲି ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶାର ଏହି ୩୦୦ତମ ପର୍ଯ୍ୟଟନସ୍ଥଳୀର ସାମଗ୍ରିକ ବିକାଶ ପାଇଁ କାର୍ଯ୍ୟ କରିବେ ବୋଲି ବିଧାୟକ କହିଥିଲେ। ମୁଖ୍ୟ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ଚଳଚ୍ଚିତ୍ର ସମୀକ୍ଷକ ଦିଲୀପ ହାଲି ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଗବେଷକ ଓ ଆଧାତ୍ମିକ ସମୀକ୍ଷକ ଶରଣାରବିନ୍ଦ ଓଝା ମୁଖ୍ୟ ବକ୍ତା ଭାବେ ଯୋଗଦେଇ କହିଥିଲେ, ଶିଶୁଅନନ୍ତଙ୍କ ସାହିତ୍ୟରେ ଥିଲା ପିଣ୍ଡ, ବ୍ରହ୍ମାଣ୍ଡ ଓ ମୋକ୍ଷର ତତ୍ତ୍ୱ। ଏହି ଉତ୍ସବରେ ପରିବ୍ରାଜକ ପ୍ରମୋଦ କୁମାରଙ୍କୁ 'ଶିଶୁଅନନ୍ତ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପ୍ରାଚୀ ପୀଠର ବାବା ଦାମୋଦର ଦାସଙ୍କୁ 'ବାବା ମଧୁସୂଦନ', ଡ.ଫନୀ ମହାନ୍ତିଙ୍କୁ 'ବାଲିପାଟଣା ଗୌରବ', କ୍ରୀଡା ଖବରଦାତା ସୁରେଶ କୁମାର ସ୍ୱାଇଁଙ୍କୁ 'ସାମ୍ବାଦିକ ଗୌରବ' ଏବଂ ସୁଶ୍ରୀ ସାଇଶ୍ରୁତି ଦାଶଙ୍କୁ 'ବଡ଼ଭାଇ ନଦିଆ ବିହାରୀ ସ୍ମୃତି' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଶେଖ୍ ଗୁଲଜାର ହୁସେନଙ୍କ ପ୍ରଯୋଜିତ 'ଶିଶୁ ଅନନ୍ତ ଗାଥା' ପ୍ରାମାଣିକ ଚଳଚ୍ଚିତ୍ର ଉଦ୍‌ଘାଟନ ହୋଇଥିବା ବେଳେ ବୈଜୟନ୍ତୀ ସାହୁଙ୍କ 'ଅସୀମ ଅନ୍ୱେଷା' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିଶୁଅନନ୍ତ ସ୍ମୃତି ସଂସଦର ସମ୍ପାଦିକା ତନୟା ଦାସ ଗୋସ୍ୱାମୀ, ସଭାପତି ଅଭିମନ୍ୟୁ ନାୟକ, ବାବା ପର୍ଶୁରାମ, ଭାବଗ୍ରାହୀ ଗୋଚ୍ଛାୟତ, ମିଳନ ଶିଶୁ ଗୋସ୍ୱାମୀ, ନରେନ୍ଦ୍ର କୁମାର ଭୋଳ ପ୍ରମୁଖ ଉପସ୍ଥିତ ଥିଲେ।

# ବରିଷ୍ଠ ନାଗରିକ ସମାଜର ପଥ ପ୍ରଦର୍ଶକ

ଖୋର୍ଦ୍ଧା ଅଫିସ,୨୯।୧୨




ଅତିଥିମାନେ ମଞ୍ଚର ମୁଖପତ୍ର ଉନ୍ମୋଚନ କରୁଛନ୍ତି।

- କାନ୍ଧରେ ପରିବାର ଓ ଶାସନ ଭାର
- ବୋଝ ନୁହେଁ, କାର୍ଯ୍ୟ କରି ଚାଲ

ବରିଷ୍ଠ ନାଗରିକ ବୋଝ ନୁହଁନ୍ତି। ସମାଜର ପଥ ପ୍ରଦର୍ଶକ। ସେମାନଙ୍କ ଲାଗି ପରିବାରରେ ପରସ୍ପର ମଧ୍ୟରେ ଉତ୍ତମ ବୁଝାମଣା ରହିଥାଏ। ଉତ୍ତମ ସମାଜ ଗଠନରେ ବରିଷ୍ଠ ନାଗରିକଙ୍କ ପ୍ରମୁଖ ଭୂମିକା ରହିଛି ବୋଲି ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର କହିଛନ୍ତି। ମଙ୍ଗଳବାର ବିଡିଏ କଲ୍ୟାଣ ମଣ୍ଡପଠାରେ ବରିଷ୍ଠ ନାଗରିକ ମଞ୍ଚ, ଖୋର୍ଦ୍ଧା ଜିଲାର ପ୍ରଥମ ପ୍ରତିଷ୍ଠା ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ମିତ୍ର ଏହା କହିଛନ୍ତି।

ଅନୁଷ୍ଠାନର ସଭାପତି ସାହିତ୍ୟିକ ଜ୍ଞାନରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ବିଧାୟକ କହିଥିଲେ, ସାରା ବିଶ୍ୱ ବରିଷ୍ଠ ନାଗରିକଙ୍କ ମାର୍ଗଦର୍ଶନରେ ଚାଲିଛି। ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଭାରତବର୍ଷର ପ୍ରଧାନମନ୍ତ୍ରୀ, ଏପରିକି ବିଦେଶରେ ମଧ୍ୟ ବରିଷ୍ଠ ନାଗରିକଙ୍କ କାନ୍ଧରେ ପରିବାର ଓ ଶାସନ ଭାର ରହିଛି। ମନୁଷ୍ୟର ନିଷ୍ଠା ଏବଂ ଏକାଗ୍ରତା ସଫଳତା ଆଣିଥାଏ। ତେଣୁ ବୟସର ଅପରାହ୍ନରେ ମଧ୍ୟ ଆପଣମାନେ ସବୁକିଛି କରିପାରିବେ। ମନୋବଳକୁ ସ୍ଥିର କରି ସାମାଜିକ କାର୍ଯ୍ୟରେ ଅଗ୍ରସର ହେବାକୁ ସେ ଆହ୍ୱାନ ଦେଇଥିଲେ। ସମ୍ପାଦକ ସାମାଜିକକର୍ମୀ ରାମଶଙ୍କର ବରିଷ୍ଠ ନାଗରିକ ମଞ୍ଚର ପଞ୍ଜୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ ଲାଗି ପ୍ରଶାସନ ନିକଟରେ ଦାବି କରିଥିଲେ। ସ୍ଥାୟୀ କାର୍ଯ୍ୟାଳୟ ନିମନ୍ତେ ଜମି ଯୋଗାଇବା, ପରିଚୟ ପତ୍ର ଲାଗି ଆବେଦନ କରିଥିବା ବରିଷ୍ଠ ନାଗରିକଙ୍କୁ ଶୀଘ୍ର ପ୍ରଦାନ କରାଯାଉ। ଥାନା ଅଞ୍ଚଳରେ ରହୁଥିବା ବରିଷ୍ଠ ନାଗରିକଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ପରିଚୟ ପତ୍ର ପ୍ରଦାନ ଲାଗି ଥାନାକୁ ନିର୍ଦ୍ଦେଶ ଦିଆଯାଉ। ଜିଲା ପ୍ରତି ବ୍ଲକରେ ଜରାନିବାସ ନିର୍ମାଣ ଲାଗି ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅବସରରେ ଶିକ୍ଷାବିତ୍ କ୍ଷୀରୋଦ ଚନ୍ଦ୍ର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଖୋର୍ଦ୍ଧା ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ମଞ୍ଚର ମୁଖପତ୍ରକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଅନୁଷ୍ଠାନ ଉପଦେଷ୍ଟା ଭୀମସେନ ପ୍ରଧାନ, ବୈକୁଣ୍ଠନାଥ ରାଜଗୁରୁ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ବୈକୁଣ୍ଠନାଥ ମହାପାତ୍ର, ତ୍ରିନାଥ ପାଲଟାସିଂ, ଗୋବିନ୍ଦ ଚନ୍ଦ୍ର ମହାରଣା, ବସନ୍ତ ଦାଶ, ବିରଞ୍ଚି ନାରାୟଣ ଚହଟରାୟ, ନାରାୟଣ ଦାସ, ସମରଜିତ୍ ପଟ୍ଟନାୟକ ପ୍ରମୁଖଙ୍କ ସମେତ ୧୫୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

## ଶିଶୁକନ୍ୟାର ଗଳିତ ମୃତଦେହ ଜବତ

ଆଠଗଡ଼,୨୯।୧୨(ସ୍ୱ.ପ୍ର.): ଆଠଗଡ଼ ଥାନା ଅନ୍ତର୍ଗତ ଜେନାପଦା ହରିଜନ ସାହି ନିକଟ ଚଢ଼େଇ ପୋଖରୀରୁ ମଙ୍ଗଳବାର ଜଣେ ନବଜାତ ଶିଶୁ କନ୍ୟାର ଗଳିତ ମୃତଦେହ ଜବତ ହୋଇଛି। ସ୍ଥାନୀୟ ଲୋକେ ଉକ୍ତ ଶିଶକୁ ପାଣିରେ ଭାସୁଥିବାର ଦେଖି ଆଠଗଡ଼ ଥାନାରେ ଖବର ଦେଇଥିଲେ। ଖବରପାଇ ପୋଲସ ଘଟଣାସ୍ଥଳରେ ପହଞ୍ଚି ପାଣିରୁ ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି।

## ସଂକ୍ଷେପରେ

### ଚଳନ୍ତା ଗାଡ଼ିରେ ନିଆଁ

ଆଠଗଡ଼,୨୯।୧୨(ସ୍ୱ.ପ୍ର.): ଆଠଗଡ଼ ହାଉସିଂବୋର୍ଡ ଛକ ନିକଟ ବିଜେଡି ପାର୍ଟି ଅଫିସ ନିକଟରେ ମଙ୍ଗଳବାର ଏକ ଚଳନ୍ତା ବୋଲେରୋ ଗାଡ଼ିରେ ହଠାତ୍ ନିଆଁ ଲାଗିଯାଇଥିଲା। ଏହି ସମୟରେ ଉପସ୍ଥିତ ବୁଦ୍ଧି ଖଟାଇ ଚାଳକ ଗାଡ଼ିରୁ ଡେଇଁ ପଡ଼ିଥିଲେ। ଫଳରେ ସେ ରକ୍ଷା ପାଇଯାଇଥିଲେ। ତାଳଚେରରୁ ଭୁବନେଶ୍ୱରକୁ ଯାଉଥିବା ବେଳେ ଏହି ଗାଡ଼ିରୁ ଧୂଆଁ ବାହାରିଥିଲା। ଚାଳକ ଜଣକ ଏନେଇ ବିଜେଡି ପାର୍ଟି ଅଫିସ ସମ୍ମୁଖରେ ଗାଡ଼ି ଅଟକାଇ ସେଥିରୁ ଡେଇଁ ପଡିଥିଲେ। ସ୍ଥାନୀୟ ଲୋକେ ଗାଡ଼ି ଉପରେ ପାଣି ଢାଳି ପ୍ରଥମେ ନିଆଁକୁ ଆୟତ୍ତ କରିଥିଲେ।

### ନୂଆସାହିରେ ୭୨ ଜଣଙ୍କ ସ୍ୱାବ୍ ସଂଗ୍ରହ

କଣ୍ଟାପଡ଼ା, ୨୯।୧୨(ଡି.ଏନ୍.ଏ.): କଣ୍ଟାପଡା ବ୍ଲକ ଅନ୍ତର୍ଗତ ବଡ ପାଟସୁନ୍ଦରପୁର ପଞ୍ଚାୟତ ଖଣ୍ଡସାଇଲୋ ଗ୍ରାମର କରୋନା ସଂକ୍ରମିତ ନୂଆସାହିରେ ମଙ୍ଗଳବାର ୭୨ଜଣ ବ୍ୟକ୍ତିଙ୍କଠାରୁ ସ୍ୱାବ ସଂଗ୍ରହ କରାଯାଇଛି। ଉକ୍ତ ସାହିର ୧୪ ଜଣ ବ୍ୟକ୍ତି କରୋନାରେ ଆକ୍ରାନ୍ତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ପ୍ରଶାସନ ପକ୍ଷରୁ ଉକ୍ତ ସାହିକୁ ଗତ ଶନିବାରଠାରୁ ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଥିଲା। ଆସନ୍ତା ୧-୨ ଦିନ ଭିତରେ ସ୍ୱାବ ରିପୋର୍ଟ ଆସିବା ପରେ ଉକ୍ତ ସାହିର କରୋନା ସ୍ଥିତି ସମ୍ପର୍କରେ ଚିତ୍ର ସ୍ପଷ୍ଟ ହୋଇଯିବ।

### ସରକାରୀ ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥାକୁ ସ୍ୱାଗତ

କଟକ ଅଫିସ/ ଚୌଦ୍ୱାର, ୨୯।୧୨(ଡି.ଏନ୍.ଏ.): ମେଡିକାଲ ଓ ଇଞ୍ଜିନିୟରିଂ ପାଠ୍ୟକ୍ରମ ନିମନ୍ତେ ସରକାରୀ ହାଇସ୍କୁଲ ପିଲାଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥାକୁ କଟକ ଜିଲା ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ସ୍ୱାଗତ କରାଯାଇଛି। ଗରିବ ଓ ମଧ୍ୟବିତ୍ତ ପରିବାରର ପିଲାମାନେ ପ୍ରବେଶିକା ପରୀକ୍ଷା ପ୍ରସ୍ତୁତି ନିମନ୍ତେ ଅର୍ଥାଭାବରୁ ହଇରାଣ ହେଉଥିଲେ। ରାଜ୍ୟ କ୍ୟାବିନେଟ୍‌ରେ ଅନୁମୋଦିତ ଏହି ନିଷ୍ପତ୍ତି ସେମାନଙ୍କ ପାଇଁ ବେଶ୍ ସହାୟକ ହେବ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର କଟକ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିଜୁ ଛାତ୍ର ଜନତା ଦଳ କଟକ ଜୋନ୍ ପକ୍ଷରୁ ଜିଲା ସଭାପତି ଆସିଫ ଅମିନଙ୍କ ନେତୃତ୍ୱରେ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ବିଜୁ ଛାତ୍ର ଜନତା ଦଳ କଟକ ଜୋନ୍ ସଭାପତି ସ୍ମୃତି ରଞ୍ଜନ ଦାସ, ଉପସଭାପତି ଭବାନୀ ଶଙ୍କର ଦାସ, ସାଧାରଣ ସମ୍ପାଦକ ସନ୍ତୋଷ ମହାପାତ୍ରଙ୍କ ସମେତ ଦଳର ଅନେକ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ସରକାରୀ ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ଲାଗି ଡାକ୍ତରୀ ଓ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମ ଲେଖା ପାଇଁ ସଂରକ୍ଷଣ ବ୍ୟବସ୍ଥା ରହିବ। ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ସୋମବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏ ନେଇ ଏକ ସଙ୍କଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଟାଙ୍ଗୀ-ଚୌଦ୍ୱାର ବ୍ଲକ ଓଷ୍ଟାର ସଭାପତି ଶିବ ନାରାୟଣ ପତି, ଶ୍ରୀକାନ୍ତ ମହାନ୍ତି, ଅରୁଣ ଉଦୟ ସ୍ୱାଇଁ, ମାନସ ରଞ୍ଜନ ଦାସ, ଅମରେନ୍ଦ୍ର ସ୍ୱାଇଁ ପ୍ରମୁଖ ସରକାରଙ୍କ ଏଭଳି ପଦକ୍ଷେପକୁ ସ୍ୱାଗତ କରିଥିଲେ।

### ମିଡିଆ କମିଶନ ଗଠନ ଦାବିରେ ସ୍ମାରକପତ୍ର

କଣ୍ଟାପଡା, ୨୯।୧୨(ଡି.ଏନ୍.ଏ.): ମିଡିଆ କମିଶନ ଗଠନ ଦାବିରେ କଟକ ସଦର ଉପଖଣ୍ଡ ପୋଲିସ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ମଙ୍ଗଳବାର ପ୍ରଦାନ କରାଯାଇଛି। ବିଭିନ୍ନ ସମୟରେ ଖବରଦାତାଙ୍କ ଉପରେ ଆକ୍ରମଣ ହେଉଥିବାରୁ ଏଥିପାଇଁ ଏକ କମିଶନ ଗଠନ କରାଯିବାକୁ ଖବରଦାତାମାନେ ଦାବି କରିଥିଲେ। ଖବରଦାତା ରଘୁନାଥ ଆଚାର୍ଯ୍ୟଙ୍କ ନେତୃତ୍ୱରେ କଣ୍ଟାପଡା ଓ ନିଆଳି ଅଞ୍ଚଳରେ କାର୍ଯ୍ୟ କରୁଥିବା ଖବରଦାତା ମନୋରଞ୍ଜନ ଶତପଥୀ, ମହେଶ୍ୱର ପାତ୍ର, ଆର୍ତ୍ତତ୍ରାଣ ଦାସ, ବିଷ୍ଣୁ ନାୟକ, ଦେବବ୍ରତ ରାୟ, ରଶ୍ମିରଞ୍ଜନ ମଲ୍ଲିକ, ବୀରେନ ନାୟକ ପ୍ରମୁଖ ଅଡଶପୁରସ୍ଥିତ ଉପଖଣ୍ଡ ପୋଲିସ ଅଧିକାରୀଙ୍କ କାର୍ଯ୍ୟାଳୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ।

# ପ୍ରଶିକ୍ଷଣ, ଗବେଷଣା ଉପରେ ଗୁରୁତ୍ୱ

ଭୁବନେଶ୍ୱର,୨୯।୧୨(ବ୍ୟୁରୋ)



୬୨ତମ ବରିଷ୍ଠ ପୋଲିସ ଅଧିକାରୀ ସମ୍ମିଳନୀରେ ଡିଜିପି ଅଭୟଙ୍କ ସହ ଅନ୍ୟମାନେ।

୬୨ତମ ବରିଷ୍ଠ ପୋଲିସ ଅଧିକାରୀ ସମ୍ମିଳନୀର ତୃତୀୟ ଦିନରେ ମଙ୍ଗଳବାର ଇଣ୍ଟରପୋଲ (ସିଙ୍ଗାପୁର)ର ନିର୍ବାହୀ ନିର୍ଦ୍ଦେଶକ ଏମ୍.ଏମ୍. ଓବରୋଇ ଯୋଗ ଦେଇଥିଲେ। ଭର୍ଚୁଆଲ ମାଧ୍ୟମରେ ଚାଲିଥିବା ଏହି ସମ୍ମିଳନୀରେ ଓବରୋଇ

**୬୨ତମ ବରିଷ୍ଠ ପୋଲିସ ଅଧିକାରୀ ସମ୍ମିଳନୀ**

କମ୍ବାଟିଂ ସାଇବର କ୍ରାଇମ୍ ଏ ହୋଲିଷ୍ଟିକ ଆପ୍ରୋଚ ବିଷୟବସ୍ତୁ ଉପରେ ବହୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ମୁଖ୍ୟତଃ ବିଶ୍ୱସ୍ତରରେ ସାଇବର ଅପରାଧର ବିସ୍ତାର ଓ ପ୍ରଭାବ ଉପରେ ସେ ଆଲୋକପାତ କରିଥିଲେ। ଜିଲା, ରାଜ୍ୟ ଏବଂ ଜାତୀୟ ସୀମା ନିର୍ବିଶେଷରେ ଗୋଇନ୍ଦା ତଥ୍ୟ ସଂଗ୍ରହ, ଫୋରେନ୍‌ସିକ, ସାମର୍ଥ୍ୟ ବୃଦ୍ଧି, ପ୍ରଶିକ୍ଷଣ, ଯୁଗ୍ମ ସାଇବର ଅପରାଧର ତଦନ୍ତ ଉପରେ ଗୁରୁତ୍ୱାରୋପ କରିବା ସହ ସାଇବର ଅପରାଧକୁ ପ୍ରଭାବୀ ଢଙ୍ଗରେ ସାମ୍ନା କରିବାକୁ ଉନ୍ନତ ମାନର ଗବେଷଣା ଓ ବିକାଶ ଉପରେ ଜୋର ଦେଇଥିଲେ। ଅନ୍ୟପକ୍ଷେ କାନପୁର ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଏ. କରାଣ୍ଡିକର ଟେକ୍ନୋଲୋଜି ଇନ୍ ଏଡ୍ ପଲିସିଂ ଉପରେ ମତାମତ ଦେଇଥିଲେ। ୫ଜି ଓ ଇଣ୍ଟରନେଟ୍ ଅଫ୍ ଥିଙ୍ଗସ୍ ଆଦି ଟେକ୍ନୋଲୋଜି ମାଧ୍ୟମରେ ସନ୍ତ୍ରାସବାଦ, ବାମପନ୍ଥୀ ଉଗ୍ରବାଦ, ବିଶାଳ ଜନସମାଗମ ଓ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଘଟଣାରେ ଥିବା ସାଧାରଣ ସୁରକ୍ଷାଜନିତ ଭୟ ଦୂର କରିବା ସମ୍ପର୍କରେ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏଥିସହିତ ନୂତନ ସମୟର ପ୍ରଯୁକ୍ତିବିଦ୍ୟା କିପରି ପୋଲିସର ଗୋଇନ୍ଦା ତଥ୍ୟ ସଂଗ୍ରହ, ଅପରାଧ ଚିହ୍ନଟ କ୍ଷେତ୍ରରେ ଉପଯୋଗ କରାଯାଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। ପରେ ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ସାମାଜିକ ଗଣମାଧ୍ୟମକୁ ସାମ୍ନା କରିବା, ଅଭିଯୁକ୍ତଙ୍କୁ ଗିରଫ, ହାଜତ ରହଣି ଓ ପଚରାଉଚରା ସମୟରେ କେଉଁ ପ୍ରକାର ଆଇନଗତ ପ୍ରକ୍ରିୟା ଅବଲମ୍ବନ କରାଯିବ ସେ ବାବଦରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ।

ଏହି ସମ୍ମିଳନୀରେ ପୋଲିସ ମହାନିର୍ଦ୍ଦେଶକ ଅଭୟଙ୍କ ସମେତ ସବୁ ଜିଲାର ଏସ୍‌ପି, ସଶସ୍ତ୍ର ବାଟାଲିଅନ କମାଣ୍ଡାଣ୍ଟ, ରେଞ୍ଜ୍ ଆଇଜି, ଡିଆଇଜି ଓ ପ୍ରଶିକ୍ଷଣ ନେଉଥିବା ଆଇପିଏସ ଅଧିକାରୀ, ହୋମଗାର୍ଡ, ଭିଜିଲାନ୍ସ, ଜେଲ୍ ବିଭାଗର ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

# ଯୁବକଂଗ୍ରେସ ସମାବେଶରେ ଛୁରାମାଡ଼

ମାହାଙ୍ଗା/ ନିଶ୍ଚିନ୍ତକୋଇଲି, ୨୯।୧୨ (ସ୍ୱ.ପ୍ର.): ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ଗୋଷ୍ଠୀ କନ୍ଦଳ ମଙ୍ଗଳବାର ପଦାରେ ପଡ଼ିଛି। ଏହି ଥାନା ଅନ୍ତର୍ଗତ ମଣିଯୋରୀସ୍ଥିତ ଶହୀଦ ଭବନରେ ଚାଲିଥିବା ଯୁବ କଂଗ୍ରେସ ସମାବେଶରେ ୨ ଗୋଷ୍ଠୀ ହାତାହାତି ହୋଇଛନ୍ତି। ଏହି ସମୟରେ ଛୁରାମାଡ଼ରେ ଜଣେ କର୍ମୀ ଆହତ ହୋଇଛନ୍ତି। ସେ ହେଲେ କଂଗ୍ରେସର ବରିଷ୍ଠ କର୍ମୀ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଉମେଶଚନ୍ଦ୍ର ସାହୁ। ଏନେଇ ସେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରାକ୍ତନ ପିସିସି ଯୁବକଂଗ୍ରେସ ସମ୍ପାଦକ ପ୍ରଦୀପ୍ତ ଦାସଙ୍କ ନେତୃତ୍ୱରେ କଟକ ଜିଲା ନବନିଯୁକ୍ତ ଯୁବକଂଗ୍ରେସ ସଭାପତି ଆର୍ଯ୍ୟବୀର ଲେଙ୍କାଙ୍କୁ ସମ୍ବର୍ଦ୍ଧିତ କରିବାପାଇଁ ଏକ ସଭା ଆୟୋଜନ କରାଯାଇଥିଲା। ଅପରାହ୍ନରେ ଏହି କାର୍ଯ୍ୟକ୍ରମ ଚାଲିଥିବା ବେଳେ ହଠାତ୍ କେତେଜଣ ଯୁବକ ମଞ୍ଚ ଉପରକୁ ଆସି ଉପସ୍ଥିତ ନେତାମାନଙ୍କୁ ଗାଳିଗୁଲଜ କରି ଠେଲାପେଲା କରିଥିଲେ। ଫଳରେ ସଭା ବନ୍ଦ ହୋଇଯାଇଥିଲା। ଏହି ସମୟରେ ଉମେଶ ଉତ୍ତ୍ୟକ୍ତ ଯୁବକମାନଙ୍କୁ ବୁଝାଶୁଝା କରୁଥିଲେ। ମାତ୍ର ସମ୍ପୃକ୍ତ ଯୁବକମାନେ ତାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରି ପେଟରେ ଛୁରି ଭୁସି ଦେଇଥିଲେ। ତୁରନ୍ତ ଉମେଶଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ଚିକିତ୍ସା କରାଯାଇଥିଲା। ଏ ସମ୍ପର୍କରେ

**ମାହାଙ୍ଗାରେ ଗୋଷ୍ଠୀ କନ୍ଦଳ**

ପ୍ରଦୀପ୍ତ କହିଛନ୍ତି, ସେ କଂଗ୍ରେସ ଦଳ ପାଇଁ ଦୀର୍ଘଦିନ ହେବ ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ କାମ କରିଆସୁଛନ୍ତି। ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକର କଂଗ୍ରେସ କର୍ମୀ ଓ ସାଧାରଣ ଲୋକ ତାଙ୍କ ସାଙ୍ଗରେ ଅଛନ୍ତି। ତାଙ୍କ ଲୋକପ୍ରିୟତାକୁ ସହି ନ ପାରି ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଏପରି କାଣ୍ଡ କରିଛନ୍ତି। ଆଗାମୀ ଦିନରେ ମାହାଙ୍ଗାର ସଚେତନ କଂଗ୍ରେସ କର୍ମୀ ଇଟାର ଜବାବ ପଥରରେ ଦେବେ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି।

# 'ଝିଙ୍କିକା ମାରି ବଣି ପୋଷୁଛି କେନ୍ଦ୍ର'

ନିଶ୍ଚିନ୍ତକୋଇଲି,୨୯।୧୨(ସ୍ୱ.ପ୍ର.)

କେନ୍ଦ୍ର ସରକାର ଚାଷୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ କର୍ପୋରେଟ ସଂସ୍ଥାକୁ ମାଲାମାଲ କରିବା ପାଇଁ କୃଷି ଆଇନ ଆଣିଛନ୍ତି। ଏହା ସରକାରଙ୍କ ଝିଙ୍କିକା ମାରି ବଣିପୋଷିବା ନ୍ୟାୟ ବୋଲି ଯୁବ କଂଗ୍ରେସ ସମାବେଶରେ ପିସିସିର ପ୍ରାକ୍ତନ ସାଧାରଣ ସମ୍ପାଦକ ବିଶ୍ୱଜିତ୍ ଦାସ ମତବ୍ୟକ୍ତ କରିଛନ୍ତି। ନିଶ୍ଚିନ୍ତକୋଇଲି ବ୍ଲକ ଜୟରାମପୁର ପଞ୍ଚାୟତର କାଜିହାଟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଟକ ଜିଲା ଯୁବ କଂଗ୍ରେସ ସଭାପତି ଆର୍ଯ୍ୟବୀର ଲେଙ୍କା ଯୋଗଦେଇ ପରୀ ଘଟଣା ଓ ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ନେଇ ସରକାରଙ୍କ ଉପରେ ବର୍ଷିଥିଲେ। ଏହି ଅବସରରେ ଜାନୁୟାରୀ ୫ରେ ଯୁବ କଂଗ୍ରେସ ପକ୍ଷରୁ କଟକରେ ଡିଜିଙ୍କ କାର୍ଯ୍ୟାଳୟ ଘେରାଉ ପାଇଁ ନିଷ୍ପତ୍ତି ହୋଇଥିଲା। ବୈଠକରେ ପିସିସିର ପ୍ରାକ୍ତନ ମୁଖପାତ୍ର ନିକୁଞ୍ଜ ପଶାୟତ ଓ ପିସିସିର ପ୍ରାକ୍ତନ ସମ୍ପାଦକ ପ୍ରଦୀପ୍ତ ଦାସ ଯୋଗଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସାଧାରଣ ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦେଉ ନ ଥିବା କହିଥିଲେ। ଏଥିରେ ବଟକୃଷ୍ଣ ସ୍ୱାଇଁ, ପ୍ରାକ୍ତନ ବ୍ଲକ କଂଗ୍ରେସ ସଭାପତି ଦିଲୀପ ରାଉତ, ଅମିୟ ବିଶ୍ୱାଳ ଓ ସଞ୍ଜୟ ବେହେରା ପ୍ରମୁଖ ଯୋଗଦେଇଥିଲେ।

# ଖବରଦାତା ସୁରକ୍ଷା ଆଇନ ଗଠନ ପାଇଁ ଦାବି

ଟିଗିରିଆ, ୨୯।୧୨ (ଡି.ଏନ୍.ଏ.): ଖବରଦାତାମାନଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ଓ କମିଶନ ଗଠନ କରିବା ପାଇଁ ମଙ୍ଗଳବାର ଦାବି ହୋଇଛି। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଟିଗିରିଆ ଅଞ୍ଚଳର ଖବରଦାତାମାନେ ବିଡିଓ ଦୀପ୍ତିମୟୀ ବେହେରାଙ୍କୁ ଦାବିପତ୍ର ଦେଇଥିଲେ। ଷ୍ଟେଟ ୟୁନିୟନ ଅଫ ଜର୍ନାଲିଷ୍ଟସ୍ (ଓଡ଼ିଶା) ଆହ୍ୱାନକ୍ରମେ ବରିଷ୍ଠ ଖବରଦାତା ରାଧାମୋହନ ମହାପାତ୍ର, ଜାଫର ଖାଁ, ରଘୁନାଥ ଦାଶ, ଗୌରଚନ୍ଦ୍ର ସାହୁ, ଚନ୍ଦ୍ର ଶେଖର ମିଶ୍ର ପ୍ରମୁଖ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଏହି ଦାବିପତ୍ର ପ୍ରଦାନ କରିଥିଲେ।

# ସିଏମ୍‌ସି ସମ୍ମୁଖରେ ଭାଜପାର ପ୍ରତିବାଦ ସଭା




କଟକ ଅଫିସ, ୨୯।୧୨

ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ଜାଲିଆତି କରି ବିଜୁ ପକ୍କାଘର ଯୋଜନା କରିବା ବିରୋଧରେ ମଙ୍ଗଳବାର କଟକ ବିକାଶ ଭବନ ସମ୍ମୁଖରେ ଭାଜପା ପକ୍ଷରୁ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ସିକନ୍ଦର ଅଲ୍ଲୀ, ବିଶ୍ୱରଞ୍ଜନ ମିଶ୍ର, ବୈଦେଶ୍ୱର ପଣ୍ଡା, ଦେବାନନ୍ଦ ସିଂ, ନନ୍ଦକିଶୋର ଜେନା, ଗୋପାଳ ବେହେରା, ପୁଷ୍ପିତା ମହାପାତ୍ର, ନିତାଇ ଗୌର ମହାନ୍ତି, ସତ୍ୟବ୍ରତ ମିଶ୍ର, ସୁବାସ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିବାଦ ସଭା ପରେ କର୍ମକର୍ତ୍ତାମାନେ ନିଜ ଅଞ୍ଚଳରେ ଥିବା ଥାନାରେ ରାଜ୍ୟ ସରକାରଙ୍କ ବିରୋଧରେ ଏଫ୍ଆଇଆର୍ ଦାଖଲ କରିଥିଲେ।

# ସ୍କୁଲ ବନ୍ଦ ନିଷ୍ପତ୍ତି ପ୍ରତ୍ୟାହାର ଦାବିରେ ବିକ୍ଷୋଭ



ଅଲ୍ ଇଣ୍ଡିଆ ଡିଏସ୍‌ଓ ପକ୍ଷରୁ ମଙ୍ଗଳବାର କଟକ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

କଟକ ଅଫିସ, ୨୯।୧୨

କଟକ ଜିଲାର ୨୪୯ ସ୍କୁଲ ସମେତ ରାଜ୍ୟର ୧୪,୩୭୯ ସ୍କୁଲ ବନ୍ଦ ନିଷ୍ପତ୍ତି ପ୍ରତ୍ୟାହାର ଦାବିରେ ଅଲଇଣ୍ଡିଆ ଡିଏସ୍‌ଓ ପକ୍ଷରୁ ମଙ୍ଗଳବାର କଟକ ଜିଲା ଶିକ୍ଷାଧିକାରୀ(ଡିଇଓ)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ ଡିଇଓଙ୍କୁ ଏ ନେଇ ଦାବିପତ୍ର ଦିଆଯାଇଥିଲା। ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ଲକ୍‌ଡାଉନ୍ ପରିସ୍ଥିତିରେ ସୁଯୋଗ ନେଇ କେନ୍ଦ୍ର ଓ ରାଜ୍ୟ ସରକାର ଜନବିରୋଧୀ ନୀତି ଗ୍ରହଣ କରିଚାଲିଛନ୍ତି। ଶିକ୍ଷାର ଘରୋଇକରଣ, ବ୍ୟବସାୟୀକରଣ, କେନ୍ଦ୍ରୀକରଣ, ସାମ୍ପ୍ରଦାୟୀକରଣ ଓ ଧନ୍ଦାମୁଖୀକରଣ ଉଦ୍ଦେଶ୍ୟରେ ଜାତୀୟ ଶିକ୍ଷାନୀତି ଅଣାଯାଇଛି। ରାଜ୍ୟ ସରକାର ଏହାକୁ ସମର୍ଥନ ଦେବା ସହ କାର୍ଯ୍ୟକାରୀ କରିବା ପାଇଁ ଉଦ୍ୟମ କରିଛନ୍ତି। ଏଥିପାଇଁ ଉପସ୍ଥାନ କମ୍ ଅଛି ବୋଲି ଦର୍ଶାଇ ରାଜ୍ୟର ହଜାର ହଜାର ସ୍କୁଲ ବନ୍ଦ କରିବାକୁ ଘୋଷଣା କରିଛନ୍ତି। ଏହାଦ୍ୱାରା ଛାତ୍ରୀଛାତ୍ରମାନେ ଶିକ୍ଷାଦାନରୁ ବଞ୍ଚିତ ହେବେ ଏବଂ ଶିକ୍ଷାର ଘରୋଇକରଣ-ବ୍ୟବସାୟୀକରଣ ପ୍ରୋତ୍ସାହିତ ହେବ। ସଙ୍ଗଠନର ଜିଲା ସଭାପତି ଭାଗ୍ୟରବି ଦାସ, ସମ୍ପାଦକ ବିନୋଦ ସେଠୀ, କୋଷାଧ୍ୟକ୍ଷ ଈଷା ଧର, ସମ୍ପାଦକ ମଣ୍ଡଳୀ ସଦସ୍ୟ ଶିବାନୀ ସାହୁ, ଶୁଭସ୍ମିତା ସାହୁ, ଅମରେନ୍ଦ୍ର ନାୟକ, ଜ୍ୟୋତ୍ସ୍ନାରାଣୀ ଦାସ, ସଚ୍ଚି ରଞ୍ଜନ ବେହେରା ଓ ଛାତ୍ରନେତା ସରୋଜ ମାନସିଂ ଏହି ବିକ୍ଷୋଭର ନେତୃତ୍ୱ ନେଇଥିଲେ।

# ଦୋକାନରେ ଚଢ଼ାଉ, ଜରିମାନା ଆଦାୟ

ଚୌଦ୍ୱାର,୨୯।୧୨(ଡି.ଏନ୍.ଏ.): ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଚୌଦ୍ୱାରର ବିଭିନ୍ନ ଖାଦ୍ୟ ସାମଗ୍ରୀ ଦୋକାନରେ ମଙ୍ଗଳବାର ଚଢ଼ାଉ କରାଯାଇଥିଲା। ବିଭାଗୀୟ ଅଧିକାରୀମାନେ ସ୍ଥାନୀୟ ପୋଲିସ ସହାୟତାରେ ଚୌଦ୍ୱାର କଳିଙ୍ଗଛକ, ଓଟିଏମ୍ ବଜାର, ଚାରବାଟିଆ ବଜାର, କଲେଜଛକ, ନୂଆପାଟଣା ଛକରେ ଥିବା ବିଭିନ୍ନ ଦୋକାନରେ ଚଢ଼ାଉ କରି ବିପୁଳ ପରିମାଣର ଗୁଟ୍‌ଖା ଓ ଜର୍ଦ୍ଦାଯୁକ୍ତ ପାନ ମସଲା ଜବତ କରିବା ସହିତ ପ୍ରତି ଦୋକାନୀଙ୍କଠାରୁ ୨୦୦ ଟଙ୍କା ଲେଖାଏ ଜରିମାନା ଆଦାୟ କରିଥିଲେ। ସେହିପରି ଖୋଲାରେ ଖାଦ୍ୟ ରଖୁଥିବା ଦୋକାନୀଙ୍କଠାରୁ ଜରିମାନା ଆଦାୟ କରାଯାଇଥିଲା। ଏଥି ସହିତ ଜଳଖିଆ ଦୋକାନରେ ଅଧିକାରୀମାନେ ଖାଦ୍ୟର ମାନକୁ ଯାଞ୍ଚ କରିଥିଲେ।

# ସରକାରୀ ଜାଗାରେ ମୋ ବଗିଚାକୁ ନେଇ ବିବାଦ

କଟକ ସଦର,୨୯।୧୨(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅଧୀନ ୨୩ଟି ପଞ୍ଚାୟତରେ ଜୁଲାଇ ମାସରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ମୋ ବଗିଚା କାର୍ଯ୍ୟ ଆରମ୍ଭ ହୋଇଛି। ଏଥିରେ ଜଣେ ବ୍ୟକ୍ତି ନିଜ ବାଡିରେ ବଗିଚା କଲେ ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ମିଳିବ। ମାତ୍ର କିଛି ପଞ୍ଚାୟତରେ ନଦୀପଠା, ଗୋଚର କିସମ ସରକାରୀ ଜମିରେ ମୋ ବଗିଚା କାମ ଆରମ୍ଭ ହୋଇଥିବା ମଙ୍ଗଳବାର କଟକ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ ହୋଇଛି। ବଗିଚା ପାଇଁ ଦିଆଯାଇଥିବା ଜମିଜମା କାଗଜପତ୍ର ଅନୁଯାୟୀ କାମ ହେଉନାହିଁ ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ସ୍ଥିତିବାନ୍ ଜମିପଟ୍ଟା ଦେଇ ସରକାରୀ ଜାଗାରେ ବଗିଚା କରିବାକୁ କଟକ ସଦର ବ୍ଲକ ପ୍ରଶାସନ ପ୍ରୋତ୍ସାହିତ କରୁଛି ବୋଲି କୁହାଯାଉଛି। ବିଶେଷକରି ଶୁକପାଇକା ନଦୀପଠା, ଜଳସମ୍ପଦ ବିଭାଗ ଜମି, ଗୋଚର ଜମିରେ ବଗିଚା କାମ ଚାଲିଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀମାନେ ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଅବଗତ କରାଯାଇଛି। ଅଭିଯୋଗ ସମ୍ପର୍କରେ ବିଡିଓ ରାଜୀବ ଲୋଚନ ପରିଡା କୁହନ୍ତି, ଏଭଳି ହେବା କଥା ନୁହେଁ। ଅଭିଯୋଗପତ୍ର ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ହିନ୍ଦ୍ ମଜ୍‌ଦୁର ସଭାର ସମାବେଶ

ଆଠଗଡ଼,୨୯।୧୨(ସ୍ୱ.ପ୍ର.)

ଆଠଗଡ଼ ସହରର ମହିଳା ମହାବିଦ୍ୟାଳୟ ନିକଟ ମିନି ଷ୍ଟାଡିୟମରେ ହିନ୍ଦ୍ ମଜଦୁର ସଭା ପକ୍ଷରୁ ଏକ ଶ୍ରମିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ ସମାବେଶର ଓଡ଼ିଶା ଶାଖା ସଭାପତି କୃଷ୍ଣଚନ୍ଦ୍ର ପାତ୍ର, ସମ୍ପାଦକ ଯୋଗେନ୍ଦ୍ର ନାଥ ତ୍ରିପାଠୀ, ସିପିଆଇ(ଏମ୍)ର ଓଡ଼ିଶା ସାଧାରଣ ସମ୍ପାଦକ ଜନାର୍ଦ୍ଦନ ପତି, ମହିଳା ଶାଖା ସଭାପତି ଲକ୍ଷ୍ମୀପ୍ରିୟା ମହାନ୍ତି, ସାମାଜିକ କର୍ମୀ ଅମୀୟ ପାଣ୍ଡବ ଓ ହିନ୍ଦ୍ ମଜ୍‌ଦୁର ସଭା ଯୁବମୋର୍ଚ୍ଚା ସଭାପତି ବିଜୟ କୁମାର ପତି ପ୍ରମୁଖ ଯୋଗଦେଇ ନୂତନ କୃଷି ଆଇନ ବିରୋଧରେ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ଆଠଗଡ଼ ଶାଖା ସଭାପତି ଅଶୋକ କୁମାର ରାଉତଙ୍କ ଆବାହକତ୍ୱରେ ଆୟୋଜିତ ଏହି ସମାବେଶରେ ଶ୍ରମିକ ନେତା ସନ୍ତୋଷ କୁମାର ବେହେରା, ରବୀନ୍ଦ୍ର ନାଥ ରାଉତ, ନିରାକାର ଲେଙ୍କା, ସନ୍ତୋଷ କୁମାର ସାମଲ ଓ ସଞ୍ଜୟ କୁମାର ସାମଲ ପ୍ରମୁଖ ସହଯୋଗ କରିଥିଲେ।

# ଚୌଦ୍ୱାର ଇଲେଭେନ୍ ଷ୍ଟାର ଚାମ୍ପିୟନ

ଚୌଦ୍ୱାର,୨୯।୧୨(ଡି.ଏନ୍.ଏ.): ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ୮ନଂ. ୱାର୍ଡ଼ର ଗୋପାଳ ନଗରରେ ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୮ଟି ଟିମ୍ ଅଂଶଗ୍ରହଣ କରିଥିଲା। ଚୌଦ୍ୱାର ଇଲେଭେନ୍ ଷ୍ଟାର ଓ ମା' ସରଦେଈ କ୍ରିକେଟ୍ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଚୌଦ୍ୱାର ଇଲେଭେନ୍ ଷ୍ଟାର ମା' ସରଦେଈ କ୍ରିକେଟ କ୍ଲବ୍‌କୁ ୫ ଉଇକେଟ୍‌ରେ ହରାଇ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବିଜେଡ଼ି ନଗର ସଭାପତି ବିଷ୍ଣୁ ଚରଣ ପରିଡ଼ା, ଅର୍ଜୁନ ପଣ୍ଡା, ଛାତ୍ରନେତା ଭରତ ସାହୁ, ବିମଳ କୁମାର ପରିଡ଼ା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ୍ ଟିମ୍‌କୁ ସିଲ୍ଡ ଓ ରନର୍ସ ଅପ୍ ଦଳକୁ ରନର୍ସ ଟ୍ରଫି ପ୍ରଦାନ କରିଥିଲେ। ଗୋପାଳ ନଗର କ୍ରିକେଟ କ୍ଲବ୍‌ର ସୁନୀଲ ରାଜହଂସ ଧନ୍ୟବାଦ ଦେଇଥିଲେ। ପ୍ରକାଶ ଦୀପ, ହିତେଶ ପ୍ରଧାନଙ୍କ ସମେତ କ୍ଲବ୍‌ର ସଦସ୍ୟମାନେ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

# ପଦ୍ମଜ, ଅମରେଶଙ୍କୁ କୋରାପୁଟ ସାହିତ୍ୟ ସମ୍ମାନ

ଭୁବନେଶ୍ୱର,୨୯।୧୨(ବ୍ୟୁରୋ)


ଉତ୍ସବରେ କଥାଶିଳ୍ପୀ ପଦ୍ମଜ ପାଳ ଓ କବି ଅମରେଶ ପଟ୍ଟନାୟକଙ୍କୁ କୋରାପୁଟ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଉଛି।

ଓଡ଼ିଆ ମିଡିଆ ପକ୍ଷରୁ ୩ୟ କୋରାପୁଟ ସାହିତ୍ୟ ଉତ୍ସବ ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପ୍ରସିଦ୍ଧ କଥାଶିଳ୍ପୀ ପଦ୍ମଜ ପାଳ ଓ କବି ଅମରେଶ ପଟ୍ଟନାୟକଙ୍କୁ କୋରାପୁଟ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। ଓଡ଼ିଆ ମିଡିଆ ନିର୍ଦ୍ଦେଶକ ତଥା କଥାକାର ଶୁଭ୍ରାଂଶୁ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବେ ଔପନ୍ୟାସିକ ବିଭୂତି ପଟ୍ଟନାୟକ ଓ ମୁଖ୍ୟବକ୍ତା ଭାବେ କବି ହରପ୍ରସାଦ ଦାସ ଯୋଗଦେଇଥିଲେ।

ଚଳିତବର୍ଷ ଇଂଲିଶ କବିତା ସଙ୍କଳନ 'ଏ ଲଷ୍ଟ ହେଭେନ୍' ପାଇଁ କବି କଳ୍ପାଶା ଅଙ୍କିତାଙ୍କୁ ପେନ୍ ଇନ୍ ବୁକ୍ସ ବେଷ୍ଟ ସେଲର୍ ପୁରସ୍କାର ପ୍ରଦାନ କରାଯାଇଥିଲା। ପେନ୍ ଇନ୍ ବୁକ୍ସ ପ୍ରକାଶିତ ୫ଟି ବହି ଏହି ଅବସରରେ ଉନ୍ମୋଚିତ ହୋଇଥିଲା।

**କୋରାପୁଟ ସାହିତ୍ୟ ଉତ୍ସବ ଉଦ୍‌ଘାଟିତ**

ଉଦ୍‌ଘାଟନୀ ଉତ୍ସବ ପରେ କଥାଶିଳ୍ପୀ ପଦ୍ମଜ ପାଳ ଓ କବି ଅମରେଶ ପଟ୍ଟନାୟକଙ୍କ ସହ ଏକ ସାକ୍ଷାତକାର ସଂପାନ ଅନୁଷ୍ଠିତ ହୋଇଥିଲା। ଅମରେଶ ପଟ୍ଟନାୟକଙ୍କ ସହ ବରିଷ୍ଠ କବି ରକ୍ଷକ ନାୟକ ଆଲୋଚନା କରିଥିବାବେଳେ ପଦ୍ମଜ ପାଳଙ୍କ ସହ କବି ଓ ସମାଲୋଚକ ଜ୍ଞାନୀ ଦେବାଶିଷ ମିଶ୍ର ଆଲୋଚନା କରିଥିଲେ। ଏହାପରେ 'ଓଡ଼ିଆ କାହାଣୀ: ସମସାମୟିକ ଓ ଶାସ୍ତ୍ରୀୟ' ଶୀର୍ଷକ ଏକ ସଂପାନରେ ଦାଶ ବେନହୁର, ଡ. ଗୌରହରି ଦାସ, ସରୋଜିନୀ ସାହୁ ଓ ପରେଶ ପଟ୍ଟନାୟକ ବକ୍ତବ୍ୟ ରଖିଥିଲେ। ଅମରେଶ ବିଶ୍ୱାଳ ଏହାକୁ ପରିଚାଳନା କରିଥିଲେ। ପରେ 'ଓଡ଼ିଆ କବିତା: ବିବିଧତା ନା ବିଭାଜନ' ଶୀର୍ଷକ ଆଲୋଚନାରେ କବି ପ୍ରଦୀପ ବିଶ୍ୱାଳ, ଜ୍ଞାନ ହୋତା ଓ କେଦାର ମିଶ୍ର ଯୋଗଦେଇଥିଲେ। ନବଜ୍ୟୋତି ରାୟ ଏହାକୁ ପରିଚାଳନା କରିଥିଲେ। ଶେଷରେ କବି ଚକ୍ରଧର ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ୨୦ରୁ ଅଧିକ କବି ଭାଗ ନେଇଥିଲେ। କବି ମୃତ୍ୟୁଞ୍ଜୟ ରଥ ଉତ୍ସବ ପରିଚାଳନା କରିଥିଲେ। ବୁଧବାର ଉତ୍ସବର ଦ୍ୱିତୀୟ ଦିନର କାର୍ଯ୍ୟକ୍ରମ କୋରାପୁଟର ଡୁଡୁମା ଜଳପ୍ରପାତ ନିକଟରେ ଅନୁଷ୍ଠିତ ହେବ।

## ଚିଲିକା ବିକଳ୍ପ ଜୀବିକା ପ୍ରକଳ୍ପ ପ୍ରକ୍ରିୟା କର୍ମଶାଳା

**ବ୍ରହ୍ମଗିରି,୨୯।୧୨(ଡି.ଏନ୍.ଏ.):** ଆରସିଡିସି ଭୁବନେଶ୍ୱର ଆନୁକୂଲ୍ୟରେ ସୋମବାର ସାତପଡା ପାନ୍ଥନିବାସଠାରେ ମତ୍ସ୍ୟଜୀବୀମାନଙ୍କୁ ନେଇ ବିକଳ୍ପ ଜୀବିକା ପ୍ରକଳ୍ପ ନାମକ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଚିଲିକା ପୂର୍ବାଞ୍ଚଳ ମତ୍ସ୍ୟଜୀବୀ ଗ୍ରାମର ମହିଳା ଓ ପୁରୁଷମାନଙ୍କୁ ନେଇ ଚିଲିକା ବିକଳ୍ପ ଜୀବନ ଜୀବିକା ପ୍ରକଳ୍ପ ପ୍ରକ୍ରିୟା କର୍ମଶାଳାରେ ଓଡିଶା ମତ୍ସ୍ୟଜୀବୀ ୟୁନିୟନର ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ଜେନା, ଭଞ୍ଜ କିଶୋର ଜେନା, ଉମାକାନ୍ତ ମହାନ୍ତି, ପରେଶ ଜାଲି, ମନୋଜ ଦଳାଇ ପ୍ରମୁଖ ଯୋଗ ଦେଇ ଚିଲିକାର ବହୁ ବିଧ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ।

## ସଂକ୍ଷେପରେ

### ଆର୍‌ଟିଆଇ ତଥ୍ୟ ପ୍ରଦାନରେ ବିଳମ୍ବ ନେଇ ଅନଶନ

**କଣାସ,୨୯।୧୨(ଡି.ଏନ୍.ଏ.):** କଣାସ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପରେ ହୋଇଥିବା ଦୁର୍ନୀତି ସମ୍ପର୍କରେ ସୂଚନା ଅଧିକାର(ଆର୍‌ଟିଆଇ) ଯୋଗେ ତଥ୍ୟ କଣାସ ଅଞ୍ଚଳର ଅଜିତ କୁମାର ଦାସ ଅକ୍ଟୋବର ୧୯ରେ ମାଗିଥିଲେ। ତଥ୍ୟ ଦେବାରେ ବିଳମ୍ବ ହେଉଥିବା ନେଇ ମଙ୍ଗଳବାର ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ସମ୍ମୁଖରେ ସେ ଆମରଣ ଅନଶନରେ ବସିଥିଲେ। ଖବରପାଇ ତହସିଲଦାର ଲକ୍ଷ୍ମୀଧର ମହାରଣା ପହଞ୍ଚି ସିଡିପିଓ ଏ.ଉଷାରାଣୀ ଓ ଅନଶନକାରୀ ଦାସଙ୍କ ସହ ଆଲୋଚନା କରିଥିଲେ। ସମସ୍ତ ସୂଚନା ଅଧିକାର ତଥ୍ୟ ଦିନକ ମଧ୍ୟରେ ପ୍ରଦାନ କରିବାକୁ ସିଡିପିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟ ଅଭିଯୋଗର ତଦନ୍ତ ପାଇଁ ସେ ଜିଲାପାଳଙ୍କୁ ଜଣାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଦାସ ୭ ଦିନ ମଧ୍ୟରେ ଏହାର ତଦନ୍ତ କରାଯାଉ ବୋଲି ଦାବି କରିବାରୁ ଏତେ କମ୍ ଦିନ ସମ୍ଭବ ନୁହେଁ ବୋଲି ତହସିଲଦାର କହିବା ସହ ୩ମାସ ସମୟ ମାଗିଥିଲେ। ଏହା ପରେ ଅନଶନ ପ୍ରତ୍ୟାହାର ହୋଇଥିଲା। ଏ ନେଇ ସିଡିପିଓ ଏ.ଉଷାରାଣୀ କହିଛନ୍ତି, ମୁଁ ୯ମାସ ହେବ ଏଠାକୁ ଆସିଛି। ମୋ ସମୟ ଭିତରେ କୌଣସି ମେଡିସିନ କିଟ୍ କିଣାଯାଇ ନାହିଁ। ଦୁର୍ନୀତି କାର୍ଯ୍ୟରେ ମୋର କୌଣସି ସମ୍ପୃକ୍ତି ନାହିଁ। ତଥାପି ଗୋଟିଏ ଦିନ ମଧ୍ୟରେ ତଥ୍ୟ ଦେବି ବୋଲି ସେ କହିଛନ୍ତି।

### ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ଜବତ

**ସାକ୍ଷୀଗୋପାଳ,୨୯।୧୨(ସ୍ୱ.ପ୍ର./ଡି.ଏନ୍.ଏ.):** ସତ୍ୟବାଦୀ ଥାନା ଅଲଗୁମ ପଞ୍ଚାୟତ ଜୀପୁର ପ୍ରଧାନ ସାହିରେ ମଙ୍ଗଳବାର ଏକ ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ସେମାନେ ହେଲେ ଉକ୍ତ ଗ୍ରାମର ବଳଭଦ୍ର ନାୟକ ଓରଫ ବଳିଆ ଓ ନର୍ମଦା ନାୟକ ଓରଫ ସୁଲି। ଏ ନେଇ ପୋଲିସ ଏକ ମାମଲା (ନଂ.୨୨/୨୦) ରୁଜୁ କରି ମୃତଦେହଦ୍ୱୟଙ୍କୁ ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇ ଦେଇଛି। ଅନ୍ୟପଟେ ପ୍ରେମୀଯୁଗଳଙ୍କ ପରିବାର ପକ୍ଷରୁ କୌଣସି ଅଭିଯୋଗ ହୋଇ ନ ଥିବାବେଳେ ଗ୍ରାମର ୱାର୍ଡର ମେମ୍ବର ରବୀନ୍ଦ୍ର ନାୟକ ଏକ ଅଭିଯୋଗ କରିଛନ୍ତି। ମଙ୍ଗଳବାର ସକାଳେ ଜୀପୁର ଗ୍ରାମର ଜଣେ ବ୍ୟକ୍ତି ଶୌଚ ନିମନ୍ତେ ଯିବାବେଳେ ରାସ୍ତାରେ ଝୁଲନ୍ତା ଅବସ୍ଥାରେ ୨ମୃତଦେହ ଦେଖି ଗ୍ରାମବାସୀ ଓ ପରିବାର ଲୋକଙ୍କୁ ଜଣାଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିଥିବାବେଳେ ନିକଟରେ ବୋତଲ ପଡ଼ିଥିବା ଦେଖି ଜବତ କରିଛି। ତେବେ ଯୁବତୀଙ୍କ ହାତ ବନ୍ଧା ଯାଇଥିବାବେଳେ ଏହା ହତ୍ୟା ନା ଆତ୍ମହତ୍ୟା ସନ୍ଦେହ କରୁଛି। ଅନ୍ୟପଟେ ଉଭୟଙ୍କ ପରିବାର ଲୋକେ ସୋମବାର ରାତିରେ ଉଭୟେ ଘରେ ଥିବା କହୁଥିବାବେଳେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ଗ୍ରାମବାସୀ କହୁଛନ୍ତି।

### ଲାଇଫଗାର୍ଡଙ୍କୁ ସ୍ୱତନ୍ତ୍ର ୟୁନିଫର୍ମ, ଉପକରଣ ମିଳିବ

**ପୁରୀ ଅଫିସ,୨୯।୧୨:** ବେଳାଭୂମିରେ ପର୍ଯ୍ୟଟକମାନଙ୍କୁ ଉତ୍ତମ ସେବା ଓ ସୁରକ୍ଷା ପ୍ରଦାନ କରିବା ପାଇଁ ଲାଇଫଗାର୍ଡମାନଙ୍କୁ ତାଲିମ ଦିଆଯାଇଛି। ଏ ନେଇ ନୀଳାଦ୍ରି ବେଳାଭୂମି ପାର୍କଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ବଲୱନ୍ତ ସିଂ ଯୋଗଦେଇ ଲାଇଫଗାର୍ଡମାନଙ୍କ ସହ ଆଲୋଚନା କରିଛନ୍ତି। ନବବର୍ଷରେ ପୁରୀରେ ଓ ସମୁଦ୍ରକୂଳରେ ଅଧିକ ସଂଖ୍ୟକ ପର୍ଯ୍ୟଟକ ଏକାଠି ହେବା। ଏହି ସମୟରେ ଲାଇଫଗାର୍ଡମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେହିଭଳି ଲାଇଫଗାର୍ଡମାନେ ବେଳାଭୂମିରେ କର୍ତ୍ତବ୍ୟ ପାଳନ ସମୟରେ କୌଣସି ଅନ୍ୟ ବେପାରରେ ସାମିଲ ନ ହେବା ପାଇଁ ପରାମର୍ଶ ଦିଆଯାଇଛି। ଏହାବ୍ୟତୀତ ଲାଇଫଗାର୍ଡମାନଙ୍କୁ ଆନ୍ତର୍ଜାତିକ ସ୍ତରୀୟ ପେଶାଦାର ୟୁନିଫର୍ମ ଓ ଆନୁସଙ୍ଗିକ ଉପକରଣ ପ୍ରଦାନ କରିବା ସହ ହ୍ୱାଟ୍ସଆପ୍ ଗ୍ରୁପ୍ ମାଧ୍ୟମରେ ଏମାନଙ୍କ କାର୍ଯ୍ୟର ତତ୍ତ୍ୱାବଧାନ କରିବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି। ଏଥିରେ ଏସପି କନ୍‌ୱର ବିଶାଳ ସିଂ, ଉପଜିଲାପାଳ ଭବତରଣ ସାହୁ, ଅଗ୍ନିଶମ ଅଧିକାରୀ ପ୍ରଦୀପ ରାଉତ ପ୍ରମୁଖ ଯୋଗ ଦେଇଛନ୍ତି।

# ଦର୍ଶନ କଲେ ଭଡ଼ାଟିଆ, ଆଜିଠୁ କର୍ମଜୀବୀ

**ପୁରୀ ଅଫିସ,୨୯।୧୨**



ଭଡ଼ାଟିଆ ଓ କର୍ମଜୀବୀଙ୍କ ପାଇଁ ଦର୍ଶନ ବ୍ୟବସ୍ଥା ଲାଗୁ ହେବା ପରେ ଏବେ ଟୋକନ୍ ବଣ୍ଟନ ଆରମ୍ଭ ହୋଇଛି। ମଙ୍ଗଳବାରଠାରୁ ଭଡ଼ାଟିଆମାନେ ଟୋକନ୍ ନେଇ ଶ୍ରୀମନ୍ଦିର ପ୍ରବେଶ କରିଛନ୍ତି। କର୍ମଜୀବୀମାନେ ୩୦ ଓ ୩୧ ତାରିଖରେ ଦର୍ଶନ କରିବେ। ଟୋକନ୍ ବ୍ୟବସ୍ଥା ନେଇ ପୁରୀ ପୌରପରିଷଦ ନିର୍ବାହୀ ଅଧିକାରୀ ବିଜୟ କୁମାର ଦାସ କହିଛନ୍ତି ଯେ, ପ୍ରଶାସନର ଘୋଷଣା ପରେ ଭଡ଼ାଟିଆ ଓ କର୍ମଜୀବୀଙ୍କ ପାଖରେ ଟୋକନ୍ ପହଞ୍ଚାଇବା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିଛୁ। ସ୍ୱଚ୍ଛସାଥୀମାନେ ପ୍ରତିଦିନ ସକାଳୁ ଅଳିଆ ସଂଗ୍ରହ କରିବା ପାଇଁ ଯାଉଛନ୍ତି। ସେମାନଙ୍କ ପାଖରେ ଏହି ସମ୍ବନ୍ଧୀୟ ଅନୁମତିପତ୍ର ମହଜୁଦ ରହିଛି। ସହରରେ ଭଡ଼ା ରହୁଥିବା ଯେ କୌଣସି ବ୍ୟକ୍ତି ଏମାନଙ୍କ ସହ ଯୋଗାଯୋଗ କରି ନିର୍ଦ୍ଧାରିତ ଫର୍ମରେ ନିଜ ପରିବାରର ଓ ଘରମାଲିକଙ୍କ ଦସ୍ତଖତ କରାଇନେବେ। ଏହାପରେ ସ୍ୱଚ୍ଛ ସାଥୀମାନେ ତୁରନ୍ତ ଟୋକନ୍ ପ୍ରଦାନ କରିବେ। ଉକ୍ତ ଟୋକନ୍ ଦେଖାଇ ଶ୍ରୀମନ୍ଦିରରେ ଭଡ଼ାଟିଆମାନେ ଦର୍ଶନ କରିପାରିବେ। ତେବେ କର୍ମଜୀବୀମାନଙ୍କ କ୍ଷେତ୍ରରେ ଦର୍ଶନ ସୁବିଧା ପାଇଁ ସମ୍ପୃକ୍ତ ସଂସ୍ଥାର କର୍ତ୍ତୃପକ୍ଷଙ୍କୁ ପୌରପରିଷଦ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିବାକୁ ପଡ଼ିବ। ପୌର ସଂସ୍ଥାର ଅନୁମତି ପରେ କର୍ମଜୀବୀମାନେ ଜଗନ୍ନାଥ ଦର୍ଶନ କରିପାରିବେ ବୋଲି ଦାସ କହିଛନ୍ତି। ପୁରୀ ସହରବାସୀଙ୍କ ୪ର୍ଥ ଦିନର ଦର୍ଶନ ଶେଷ ହୋଇଛି। ପ୍ରଶାସନର ଏସ୍‌ଓପି ଜରିଆରେ ଦର୍ଶନ ଚାଲୁଥିବା ବେଳେ ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଶ୍ରୀମନ୍ଦିରରେ ଅନଧିକାର ପ୍ରବେଶ ଅଭିଯୋଗରେ ୪ ଜଣ ଏଏନ୍‌ଏମ୍‌ଙ୍କୁ ଦାୟିତ୍ୱରୁ ହଟାଇ ଦିଆଯାଇଛି।

### ବଢୁଛି ଶ୍ରୀମନ୍ଦିର ହୁଣ୍ଡି ଆୟ

କରୋନା ସମୟରେ ବଡ଼ଦେଉଳ ବନ୍ଦ ଥିଲା। ଏଥିପାଇଁ ଶ୍ରୀମନ୍ଦିର ହୁଣ୍ଡିର ଆୟ ହେଉ ନ ଥିଲା। ମାତ୍ର ଏବେ ପ୍ରଥମେ ସେବାୟତ ଓ ପରେ ପୁରୀ ସହରବାସୀଙ୍କ ଦର୍ଶନ ଆରମ୍ଭ ହେବା ପରେ ହୁଣ୍ଡି ଆୟ ବଢ଼ିଛି। ଗତ ୨୬ ତାରିଖରେ ୪୫ ହଜାର ୧୮୪, ୨୭ରେ ୫୭ ହଜାର ୫୧ ଟଙ୍କା ଏବଂ ୨୮ ତାରିଖରେ ୧ ଲକ୍ଷ ୪୮ ହଜାର ୮୬୬ ଟଙ୍କା ଆଦାୟ ହୋଇଥିଲା। ସେହିପରି ୨୯ ତାରିଖରେ ୧ଲକ୍ଷ ୧୧ ହଜାର ୩୭୦ ଟଙ୍କା ସମେତ ୨ ଗ୍ରାମ ୭୫୦ ମିଲିଗ୍ରାମ ସୁନା ଓ ୧ ଗ୍ରାମ ୯୫୦ ମିଲିଗ୍ରାମ ରୁପା ଆଦାୟ ହୋଇଛି।




ପୁରୀର ଶିଳ୍ପୀ ବିଶ୍ୱଜିତ୍ ନାୟକଙ୍କ ଦ୍ୱାରା ଦିଆସିଲି କାଠିରେ ନିର୍ମିତ ଶ୍ରୀଜଗନ୍ନାଥ ମୂର୍ତ୍ତି।



ପୁରୀ ଅଠରନଳା ସହ ଏହା ନିକଟରେ ଥିବା ଗରୁଡ଼ ମୂର୍ତ୍ତିକୁ ମଙ୍ଗଳବାର ଆଲୋକମାଳାରେ ସଜାଯାଇଛି।

### ରୟାଲ ଟାଇଗର, ବୁଲ ରାଇଡର ବିଜୟୀ

**ଡେଲାଙ୍ଗ,୨୯।୧୨(ଡି.ଏନ୍.ଏ.):** କଲ୍ୟାଣପୁର ପଞ୍ଚାୟତ ପ୍ରିମିୟମ ଲିଗ ମଙ୍ଗଳବାରର ପ୍ରଥମ ମ୍ୟାଚଟି ଫ୍ଲାଇଙ୍ଗ ଡଲଫିନ ଓ ରୟାଲ ଟାଇଗର ମଧ୍ୟରେ ହୋଇଥିଲା। ଏଥିରେ ରୟାଲ ଟାଇଗର ବିଜୟୀ ହୋଇଥିଲା। ୨ୟ ମ୍ୟାଚଟି କିଙ୍ଗକୋବ୍ରା ଓ ବୁଲ୍ ରାଇଡର ମଧ୍ୟରେ ହୋଇଥିଲା। ଏଥିରେ ବୁଲ ରାଇଡର ବିଜୟୀ ହୋଇଥିଲା। ମ୍ୟାନ ଅଫ ଦି ମ୍ୟାଚ ସୁନୀଲ ଦଳାଇ ଓ ବିଶ୍ୱଜିତ ବେହେରା ବିବେଚିତ ହୋଇଥିଲେ।

### ସିଂହବ୍ରହ୍ମପୁରରେ ଧାନମଣ୍ଡି ଖୋଲିଲା

**ଡେଲାଙ୍ଗ,୨୯।୧୨(ଡି.ଏନ୍.ଏ.):** ଡେଲାଙ୍ଗ ବ୍ଲକ ସିଂହବ୍ରହ୍ମପୁର ସେବା ସମବାୟ ସମିତି ପକ୍ଷରୁ ମଙ୍ଗଳବାର ଧାନକ୍ରୟ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଆତ୍ମା ସଭାପତି ସୁଧାକର ମାର୍ଥା, ଶୁଭ୍ରକାନ୍ତ ତୁଙ୍ଗ, ପ୍ରକାଶଚନ୍ଦ୍ର ସେଠୀ, ସମିତି ସମ୍ପାଦକ ଧନେଶ୍ୱର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଜାଗୁଲେଇପଦର- ନଈକୂଳପାଟଣାର ବିବାଦ ସମାଧାନ କଲେ ବିଧାୟକ

**କଣାସ,୨୯।୧୨(ସ୍ୱ.ପ୍ର.)**

କଣାସ ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ପଞ୍ଚାୟତର ଜାଗୁଲେଇପଦର ଏବଂ ଗଡ଼ିଶାଗୋଦା ପଞ୍ଚାୟତର ନଈକୂଳପାଟଣା ଗ୍ରାମ ମଧ୍ୟରେ ଦୟାନଦୀରୁ ମାଛଧରାକୁ ନେଇ ଦୀର୍ଘଦିନ ଧରି ଲାଗିଥିବା ବିବାଦ ମଙ୍ଗଳବାର ବିଧାୟକଙ୍କ ଦ୍ୱାରା ହୋଇଥିବା ବୈଠକ ମାଧ୍ୟମରେ ସମାଧାନ ହୋଇଛି। ବୈଠକରେ ଜାଗୁଲେଇପଦର ଗ୍ରାମର ୬ଜଣ ଓ ନଈକୂଳପାଟଣାର ୪ଜଣଙ୍କୁ ନେଇ ଏକ ସବ୍ କମିଟି କରାଯାଇଥିଲା। ଏହି କମିଟିର ସଭ୍ୟମାନେ ଦୀର୍ଘ ୩ମାସ ଧରି କିପରି ଶାନ୍ତିଶୃଙ୍ଖଳା ରକ୍ଷା କରାଯିବ ଏବଂ ଉଭୟ ଗ୍ରାମବାସୀ ସବ୍‌କମିଟିର ମତାମତ ନେଇ ମାଛ ଧରିବାପାଇଁ ସଭାରେ ନିଷ୍ପତ୍ତି କରାଯାଇଥିଲା।

ସୂଚନାଯୋଗ୍ୟ, ଗତ ଶନିବାର ଓ ରବିବାର ଏହି ବିବାଦ ଉଗ୍ରରୂପ ଧାରଣକରି ୨ ଗ୍ରାମବାସୀଙ୍କ ମଧ୍ୟରେ ଗୁଳି ଓ ବୋମାମାଡ ହେବାରୁ ନଈକୂଳପାଟଣାର ୨ଜଣ ଆହତ ହୋଇଥିଲେ। ଖବରପାଇ ତହସିଲଦାର ଲକ୍ଷ୍ମୀଧର ମହାରଣା, ଅତିରିକ୍ତ ତହସିଲଦାର ସହଦେବ ସାହୁ, ଗଡିଶାଗୋଦା ଥାନା ଆଇଆଇସି ଦେବାଶିଷ ମିଶ୍ର ୨ ଗ୍ରାମକୁ ଯାଇ ଉଭୟ ଗ୍ରାମବାସୀଙ୍କ ସହ ଆଲୋଚନା କରି ବିବାଦର ସମାଧାନ ପାଇଁ ରାଜି କରାଇଥିଲେ। ମଙ୍ଗଳବାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ପରିସରରେ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ସଭାପତିତ୍ୱରେ ବିବାଦର ସମାଧାନ ପାଇଁ ବୈଠକ ବସିଥିଲା। ଏଥିରେ ତହସିଲଦାର, ଅତିରିକ୍ତ ତହସିଲଦାର, ଗଡିଶାଗୋଦା ଥାନାଧିକାରୀ, ଜାଗୁଲେଇପଦର ଗ୍ରାମର ୧୫ଜଣ ମୁଖିଆ ଏବଂ ନଈକୂଳପାଟଣାର ୧୦ଜଣ ମୁଖିଆ ଉପସ୍ଥିତ ରହି ବିବାଦ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ୨୦୨୦-୨୧ମସିହା ବର୍ଷର ଲିଜ୍ ପୂରଣ ମିଆଦ ଶେଷ ହେବାକୁ ଆଉ ୩ମାସ ଥିବାରୁ ଉଭୟ ଗ୍ରାମବାସୀ ଯେପରି ପୂର୍ବରୁ ଚଳୁଥିଲେ ଓ ମାଛ ଧରୁଥିଲେ ସେହିପରି ମାଛ ଧରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା।

## ସବନମ୍‌ଙ୍କ ଚିକିତ୍ସାରେ ଅର୍ଥ ବାଧକ

**ପିପିଲି,୨୯।୧୨(ଡି.ଏନ୍.ଏ.)**

ପିପିଲି ଭବାନୀପୁର ୮ ନମ୍ବର ୱାର୍ଡର ରହେମା ଖାଁଙ୍କ ଝିଅ ସବନମ୍(୨୬) ତିନି ବର୍ଷ ଧରି କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ହେଲେ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଥିବାରୁ ସହାୟତା ଆଶାରେ ସବନମ ଚାହିଁରହିଛନ୍ତି। ରହେମା ଅବସରପ୍ରାପ୍ତ କର୍ମଚାରୀ ଥିବାରୁ ଯାହା ପେନସନ ଆସେ ଝିଅର ଔଷଧ ଖର୍ଚ୍ଚରେ ଅଧା ଚାଲିଯାଏ। ତେଣୁ ପରିବାର ଚଳାଇବା ସହ ଓଳିଏ ଖାଇବା ପାଇଁ ଅର୍ଥ ଯୋଗାଡ଼ କରିବା ଅସମ୍ଭବ ହୋଇପଡୁଛି। ସୂଚନାଯୋଗ୍ୟ, ସବନମ୍ ୨୦୧୫ ମସିହାରେ କଟକ ଅଞ୍ଚଳରେ ବିବାହ କରିଥିଲେ। ପ୍ରଥମ ଗର୍ଭବତୀ ହେବା ସମୟରେ ସେ ପଡ଼ିଯାଇଥିଲେ। ପିଲାଟିକୁ ସମୟ ପୂର୍ବରୁ ଅପରେଶନ କରି ବାହାର କରିଥିଲେ ଡାକ୍ତର। ସେହିଦିନଠାରୁ ସବନମ୍‌ଙ୍କର କିଡ୍‌ନୀ କ୍ଷତିଗ୍ରସ୍ତ ବୋଲି ଜଣାପଡିଥିଲା। ଶାଶୁଘର କିଛି ଦିନ ଚିକିତ୍ସା କରିଥିଲେ। ପରେ ପୁଣି ଚିକିତ୍ସା କରିବାରୁ ଦୁଇଟିଯାକ କିଡ୍‌ନୀ ଖରାପ ହୋଇଯାଇଥିବା ଜାଣିବା ପରେ ବୋହୂକୁ ବାପଘର ପଠାଇ ଦେଇଥିଲେ। ତେବେ ୨୦୧୭ରୁ ସବନମଙ୍କ ବାପା ମା ତାଙ୍କୁ ଚିକିତ୍ସା କରାଇ ଆସୁଛନ୍ତି। ବାପା ସବୁ ବିକ୍ରି କରି ଚିକିତ୍ସା କରୁଥିଲେ ମଧ୍ୟ ଚିକିତ୍ସାରେ ଉନ୍ନତି ହୋଇପାରୁ ନାହିଁ। ଘରେ ସ୍ତ୍ରୀ, ଝିଅ, ନାତି ଥିବାବେଳେ ଘରୋଇ ଖର୍ଚ୍ଚ ଏକା ଉଠାଇବା ସମ୍ଭବପର ହୋଇପାରୁ ନାହିଁ ବୋଲି ରହେମା ଦୁଃଖ ପ୍ରକାଶ କରି କହିଛନ୍ତି। ଯଦି କୌଣସି ସରକାରୀ ସହାୟତା ଅବା ସହୃଦୟ ବ୍ୟକ୍ତି ସହାୟତା କଲେ ଝିଅଟିର ଚିକିତ୍ସା ଠିକ ହୋଇପାରନ୍ତା ବୋଲି ପରିବାର ଆଶା ରଖିଛନ୍ତି।

## ବ୍ଲକ ଆଗରେ ଭାଜପାର ବିକ୍ଷୋଭ

**ଗୋପ,୨୯।୧୨(ଡି.ଏନ୍.ଏ.)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ବିଜୁପକ୍କା ଯୋଜନାର ଷ୍ଟିକର ଲଗା ଯାଉଥିବା ଅଭିଯୋଗ ଆଣି ଗୋପ ଭାଜପା ପକ୍ଷରୁ ବ୍ଲକ ଆଗରେ ବିକ୍ଷୋଭ କରାଯାଇଛି। ଏହାସହ ଥାନାରେ ମୁଖ୍ୟମନ୍ତ୍ରୀଙ୍କ ନାମରେ ଏତଲା ଦିଆଯାଇଛି। ଗୋପ ଭାଜପା ପକ୍ଷରୁ ମଙ୍ଗଳବାର ନିରଞ୍ଜନ ମହାପାତ୍ର, ସରପଞ୍ଚ ସୁଶାନ୍ତ ସ୍ୱାଇଁଙ୍କ ନେତୃତ୍ୱରେ ୫୦ରୁ ଉର୍ଦ୍ଧ୍ୱ କର୍ମୀ ଗୋପ ଆଖଣ୍ଡଳେଶ୍ୱର ମନ୍ଦିରରୁ ଏକ ଶୋଭାଯାତ୍ରାରେ ସରକାରୀ ବିରୋଧୀ ସ୍ଲୋଗାନ ଦେଇ ବ୍ଲକ ସମ୍ମୁଖରେ ପହଞ୍ଚି ଥିଲେ। ପରେ ନେତା ରାଜକିଶୋର ନାୟକ, ଗୋବିନ୍ଦ ଚନ୍ଦ୍ର ପାଢ଼ୀ, ନିରଞ୍ଜନ ମହାପାତ୍ର, ସୌଦାମିନି ସେନାପତି ପ୍ରମୁଖ ସାମିଲ ଥିଲେ। ପରେ ଭାଜପା ନେତୃ ମଣ୍ଡଳି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା।

## ଶ୍ରୀମନ୍ଦିରରେ ପାଣ୍ଡୁନୃସିଂହ ବିଜେ ନୀତି

**ପୁରୀ ଅଫିସ,୨୯।୧୨**

ଶ୍ରୀମନ୍ଦିରରେ ମଙ୍ଗଳବାର ଶୁକ୍ଳ ଚତୁର୍ଦ୍ଦଶୀ ତିଥି ଅନୁଯାୟୀ ପାଣ୍ଡୁନୃସିଂହ ବିଜେ ନୀତି ପାଳିତ ହୋଇଛି। ନିତିଦିନ ଭଳି ଭୋର ୪ଟା ୩୦ ମିନିଟରେ ଦ୍ୱାର ଫିଟା ନୀତି ସମ୍ପନ୍ନ ହୋଇଥିବା ବେଳେ ୫ଟା ୫ରେ ମଙ୍ଗଳ ଆଳତି ହୋଇଛି। ଏହାପରେ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇ ସକାଳ ଧୂପ ୯ଟା ୨୫ରେ ଶେଷ ହୋଇଛି। ପରେ ୧୦ଟା ୪୫ରେ ବେଶ ଶେଷ ହୋଇଛି। ବେଶ ସମୟରେ ପାଣ୍ଡୁନୃସିଂହ ଦେବଙ୍କ ଆଶ୍ରମ ବିଜେ ପାଇଁ ଆଜ୍ଞାମାଳ ମହାପ୍ରଭୁଙ୍କ ବାଡ଼ରେ ଲାଗିଥିଲା। ମହାଜନ ସେବକମାନେ ପାଣ୍ଡୁନୃସିଂହ ଦେବଙ୍କୁ ୧ଟା ୪୫ରେ ଦକ୍ଷିଣ ଘରୁ ରତ୍ନ ସିଂହାସନକୁ ବିଜେ କରାଇ ଆଣିଥିଲେ। ପୂଜାପଣ୍ଡା ସାମନ୍ତେ ପାଣ୍ଡୁନୃସିଂହ ଦେବଙ୍କୁ ଆଜ୍ଞାମାଳ ଲଗାଇବା ପରେ ମୁକ୍ତି ମଣ୍ଡପ ତଳେ ଥିବା ବିମାନକୁ ବିଜେ କରାଇଥିଲେ।



ଶ୍ରୀମନ୍ଦିରରୁ ସେବାୟତମାନେ ପାଣ୍ଡୁ ନୃସିଂହକୁ ଚାରି ଆଶ୍ରମକୁ ବିଜେ କରୁଛନ୍ତି।

ଏହାପରେ ଅପରାହ୍ନ ୨ଟା ୧୦ରେ ବିମାନ ଉଠାଇ ଶ୍ରୀମନ୍ଦିରରୁ ୪ ଆଶ୍ରମ ଭ୍ରମଣରେ ବାହାରିଥିଲେ। ଆଶ୍ରମ ଭ୍ରମଣ ସାରି ଅପରାହ୍ନ ୫ଟା ୫ରେ ପାଣ୍ଡୁନୃସିଂହ ଦେବ ଶ୍ରୀମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ। ଶେଷରେ ମହାଜନ ସେବକମାନେ ମହାପ୍ରଭୁ ନୃସିଂହଦେବଙ୍କର ରୁନ୍ଧା ଫିଟାଇ ଦକ୍ଷିଣୀ ଘରକୁ ବିଜେ କରାଇଥିଲେ।

## ରାସ୍ତା ନିର୍ମାଣ କାର୍ଯ୍ୟକୁ ବିରୋଧକରି ଧାରଣା

**ପୁରୀ ଅଫିସ,୨୯।୧୨**

ଅବଢ଼ା ଯୋଜନା ଅଧୀନରେ ଶ୍ରୀକାକୁଲମ୍ ପ୍ରକଳ୍ପ କାର୍ଯ୍ୟ ମାଟିତୋଟା ଅଞ୍ଚଳରେ ଚାଲୁଥିବାବେଳେ ମଙ୍ଗଳବାର ସ୍ଥାନୀୟ ଲୋକେ କାର୍ଯ୍ୟକୁ ବିରୋଧ କରିଛନ୍ତି। ରାସ୍ତା ନିର୍ମାଣ କାର୍ଯ୍ୟକୁ ରୋକିବା ପାଇଁ ସ୍ଥାନୀୟ ପ୍ରଧାନସାହି ଲୋକେ ରାସ୍ତାରେ ବସି ଧାରଣା ଦେଇଛନ୍ତି। ଖବରପାଇ ବାସେଳିସାହି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୁ ହଟିଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଦୀର୍ଘ ସମୟ ଧରି ସେମାନେ ଏହି ଜମିରେ ରହିଆସୁଛନ୍ତି। ତେଣୁ ଉଚ୍ଛେଦ ପୂର୍ବରୁ ତାଙ୍କ ସହ ଆଲୋଚନା କରାଯିବାର ଥିଲା। କିନ୍ତୁ ସେମାନେ ଜୋର ଜବରଦସ୍ତ ଭାବେ ଏହି କାର୍ଯ୍ୟ କରାଯାଉଛି। ଏହା ବିରୋଧରେ ସେମାନେ ଖୁବ୍‌ଶୀଘ୍ର ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିବେ। ଅନ୍ୟପକ୍ଷେ ଉପଜିଲାପାଳ ଭବତରଣ ସାହୁ ଏ ନେଇ କୌଣସି ସୂଚନା ତାଙ୍କ ପାଖରେ ନ ଥିବା କହିଛନ୍ତି। ସରକାରୀ ସ୍ତରରେ ଏହି ଜମିକୁ ନେଇ କୌଣସି ବିବାଦ ନ ଥିବା ଜଣାପଡ଼ିଛି। ପ୍ରଧାନସାହି ଲୋକେ ଦୀର୍ଘଦିନ ଏହାକୁ ଜବର ଦଖଲରେ ରଖିଥିଲେ। ଏବେ ଉଚ୍ଛେଦ ସମୟରେ ସେମାନେ ସରକାରୀ କାର୍ଯ୍ୟରେ ବାଧା ଉପୁଜାଉଥିବା ଦେଖିବାକୁ ମିଳିଛି।



ମାଟିତୋଟା ଅଞ୍ଚଳବାସୀ ରାସ୍ତା ନିର୍ମାଣକୁ ବିରୋଧ କରି ଧାରଣାରେ ବସିଛନ୍ତି।

## ୪ ସପ୍ତାହରେ କାର୍ଯ୍ୟ କରିବ ୪ ଏମ୍‌ସିସି

**ପୁରୀ ଅଫିସ,୨୯।୧୨**

- ୨୬ରେ ଖୋଲିବ ବଲିଆପଣ୍ଡା ପାର୍କ
- ଜୁନ୍ ସୁଦ୍ଧା ଅତ୍ୟାଧୁନିକ ମାଛବଜାର

ପୁରୀ ସହରରେ ଆବର୍ଜନା ସଂଗ୍ରହ, ପୃଥକୀକରଣ ବ୍ୟବସ୍ଥା ଓ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟରକୁ ମଙ୍ଗଳବାର ପୁରୀ ଜିଲାପାଳ ବଲୱନ୍ତ ସିଂ ପରିଦର୍ଶନ କରିଛନ୍ତି। ସେହିଭଳି ମ୍ୟାଟେରିଆଲ ରିକଭରି ଫ୍ୟାସିଲିଟି ବ୍ୟବସ୍ଥାର ମଧ୍ୟ ସମୀକ୍ଷା କରିଛନ୍ତି। ତାଳବଣିଆ, ମଶାଣିଚଣ୍ଡୀ, ବଳିଆପଣ୍ଡା ଏମ୍‌ସିସି ଓ ଏମ୍‌ଆର୍‌ଏଫ୍ ସେଣ୍ଟରରେ ପହଞ୍ଚି ଆସନ୍ତା ୨୬ ତାରିଖ ସୁଦ୍ଧା ଏହାର ପାଚେରି କାର୍ଯ୍ୟ ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପାଚେରି ନିର୍ମାଣ ନେଇ କୌଣସି ବିବାଦ ଥିଲେ ଏହାର ତ୍ୱରିତ ସମାଧାନ ଦିଗରେ ଧ୍ୟାନ ଦେବା ପାଇଁ ତହସିଲଦାରଙ୍କୁ କହିଛନ୍ତି। ପୌରସଂସ୍ଥା ଅନ୍ତର୍ଗତ ୧୧ଟି ଏମ୍‌ସିସି ମଧ୍ୟରୁ ଏବେ ୬ଟି କାର୍ଯ୍ୟକ୍ଷମ ଥିବାବେଳେ ଆହୁରି ୪ଟି ଆସନ୍ତା ୪ ସପ୍ତାହ ମଧ୍ୟରେ କାର୍ଯ୍ୟକାରୀ ହେବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଏମସିସିରୁ ବାହାରୁ ଥିବା ଖତକୁ କିଲୋ ପିଛା ୨୦ ଟଙ୍କା ଦରରେ ଚାଷୀ ଓ ବେପାରୀଙ୍କୁ ବିକ୍ରି କରାଯାଉଛି। ଆଗକୁ ଏହାକୁ ପ୍ୟାକିଂ କରି ଅଧିକ ବ୍ୟବସ୍ଥିତ ଭାବେ ବିକ୍ରି କରାଯିବ। ସେହିଭଳି ତାଳବଣିଆ ଅଞ୍ଚଳରେ ନିର୍ମାଣାଧୀନ କିମ୍ବା ଭଙ୍ଗାଯାଉଥିବା ଗୃହର ଅଂଶବିଶେଷକୁ ଲୋକେ ଏମସିସିରେ ପକାଯାଉଥିବା ନେଇ ଅଭିଯୋଗ ହେଉଛି। ଏଭଳି କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ରାତିରେ ପାଟ୍ରୋଲିଂ ସହ ସିସିଟିଭି କ୍ୟାମେରା ଲଗାଯିବ ବୋଲି ଜିଲାପାଳ ସିଂ କହିଛନ୍ତି। ଏହାପରେ ସେ ବଳିଆପଣ୍ଡାର ନିର୍ମାଣାଧୀନ ପାର୍କ ବୁଲି ଦେଖିବା ସହ ଆସନ୍ତା ୨୬ ତାରିଖରେ ଏହାକୁ ସର୍ବସାଧାରଣଙ୍କ ପାଇଁ ଖୋଲିବା ନେଇ ନିର୍ଦ୍ଦେଶ ଦେଇଛନ୍ତି। ସମୀକ୍ଷା ବେଳେ ପୌରସଂସ୍ଥା ନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ ଓ ଓଏସ୍‌ଡି ପ୍ରଶାନ୍ତ ପଟ୍ଟନାୟକ ଉପସ୍ଥିତ ଥିଲେ।



ଜିଲାପାଳ ବଲୱନ୍ତ ସିଂ ଏକ ଏମ୍‌ସିସି ସେଣ୍ଟରକୁ ବୁଲି ସମୀକ୍ଷା କରୁଛନ୍ତି।

ସେହିଭଳି ତାଳବଣିଆଠାରେ ହେଉଥିବା ଅତ୍ୟାଧୁନିକ ମାଛବଜାର ନିର୍ମାଣ କାର୍ଯ୍ୟକୁ ଜିଲାପାଳ ବୁଲି ସମୀକ୍ଷା କରିଛନ୍ତି। ପ୍ରାୟ ୬ଶହ କୋଟି ଟଙ୍କା ବ୍ୟୟରେ ଏହି ନିର୍ମାଣ କାର୍ଯ୍ୟ ହେଉଛି। ଏଠାରେ ପାଖାପାଖି ୨ଶହ ବେପାରୀ ମାଛ ବିକ୍ରି କରିବେ। ଆସନ୍ତା ଜୁନ ସୁଦ୍ଧା ନିର୍ମାଣ କାର୍ଯ୍ୟ ଶେଷ ହେବ। ପ୍ରାଥମିକ ପର୍ଯ୍ୟାୟରେ ଏହି ବଜାରକୁ ୨ମହଲା ବିଶିଷ୍ଟ ରଖାଯିବ, ପରେ ଆବଶ୍ୟକ ହେଲେ ଆଉ ଏକ ମହଲା ନିର୍ମାଣ କରାଯିବ। ଏହି ମାଛବଜାର ପାଖକୁ ଲାଗି ପରିବା ବଜାର ରହିବ। ପୂର୍ବରୁ ଏହି ବଜାର ପାଖରେ ଏକ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର ରହିଛି। ମାଛ ଓ ପରିବା ବଜାରରୁ ନିର୍ଗତ ଆବର୍ଜନା ସହଜରେ ଏହି ଏମ୍‌ସିସିକୁ ନେଇ ହେବ। ସାଧାରଣ ଲୋକଙ୍କ କିଣାବିକା ପାଇଁ ସୁବିଧା ହେବା ସହ ଆବର୍ଜନାକୁ ସଂଗ୍ରହ କରିବା ସହଜ ହେବ ବୋଲି ଜିଲାପାଳ କହିଛନ୍ତି। ଏହି ଗସ୍ତରେ ପୌରସଂସ୍ଥା ନିର୍ବାହୀ ବିଜୟ କୁମାର ଦାଶ ଓ ଜିଲା ମତ୍ସ୍ୟ ଅଧିକାରୀ ଦେବେନ୍ଦ୍ର ବେହେରା ଉପସ୍ଥିତ ଥିଲେ।